# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ମାର୍ଚ୍ଚ ୧୪/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, March 14 / 2020 ★★

୧୬ଶ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ବିଶ୍ୱକୁ 'ନମସ୍କାର'ର ବାର୍ତ୍ତା ଦେଲେ ପ୍ରିୟଙ୍କା**

କରୋନା ଲାଗି ପ୍ରିୟଙ୍କା ଚୋପ୍ରା ପ୍ରଶଂସକଙ୍କୁ ଭାରତୀୟ ଶୈଳୀ ଆପଣାଇ ନମସ୍କାର କରିବାକୁ ଉପଦେଶ ଦେଉଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

୦୯

୧୪

**ଭାସବଦା ପ୍ଲେୟର ଅଫ୍ ଦି ମ୍ୟାଚ୍**

ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ସୌରାଷ୍ଟ୍ର ବ୍ୟାଟ୍ସମ୍ୟାନ ଅର୍ପିତ ଭାସବଦା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



**ଆଜିର ସମ୍ପାଦକୀୟ** ଭିଆଇପିଙ୍କ ଜବରଦଖଲ

**ଆଜିର ମନ୍ତବ୍ୟ** "ଗୃହବନ୍ଦୀ ଥିବା ସମସ୍ତ ନେତା ମୁକ୍ତ ହେବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।
–ଫାରୁକ୍ ଅବ୍ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

**କିଛି ତଥ୍ୟ** ଗତ ୭ ମାସରେ ପ୍ରଥମ ଥର ଲାଗି ଫେବୃୟାରୀରେ ରପ୍ତାନି ୨.୯୧% ବୃଦ୍ଧି ଘଟି ୨୭.୬୫ ବିଲିୟନ ଡଲାର ରହିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

# 'କରୋନା' ରାଜ୍ୟ ବିପତ୍ତି



ଶୁକ୍ରବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ଛାତ୍ରୀଛାତ୍ରମାନେ ସ୍କୁଲ ଛୁଟି ପରେ ଫେରୁଛନ୍ତି।

ଭୁବନେଶ୍ୱର,୧୩।୩(ବ୍ୟୁରୋ)

କରୋନା ଭୂତାଣୁ ସମଗ୍ର ବିଶ୍ୱ ଗ୍ରାସ କରିବାରେ ଲାଗିଛି। ଭାରତରେ ଏହାର କାୟା ବିସ୍ତାର ହେଲାଣି। ଏହି ମାରତ୍ମକ ରୋଗ ଭୂତାଣୁ ପାଇଁ ଏ ପର୍ଯ୍ୟନ୍ତ କୋଣସି ଔଷଧ ବାହାରି ପାରିନାହିଁ। କେବଳ ସତର୍କତା ହିଁ ରୋଗ ବ୍ୟାପିବାକୁ ରୋକି ପାରିବ। ରାଜ୍ୟ ସରକାର ଏହି ମହାମାରୀକୁ ତ୍ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ଏଥିସହିତ ଜରୁରୀ ଜନସ୍ୱାସ୍ଥ୍ୟ ସେବା ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏହି ଘୋଷଣା କରିଛନ୍ତି। ଶୁକ୍ରବାର ରାଜ୍ୟ ଲୋକସେବା ଭବନଠାରେ ଏକ ଜରୁରୀ ରାଜ୍ୟ କ୍ୟାବିନେଟ ଡକାଯାଇ କରୋନାକୁ ରାଜ୍ୟ ବିପତ୍ତି ଭାବେ ଅନୁମୋଦନ କରାଯାଇଛି ।

ଏହି ରୋଗର ଭୟାବହତାକୁ ଦେଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ମାତ୍ର ପରୀକ୍ଷା ଚାଲୁ ରହିବ । କୌଣସି ପ୍ରକାର ସଭାସମିତି, କର୍ମଶାଳା, ସେମିନାରକୁ ମଧ୍ୟ ବାତିଲ କରାଯାଇଛି। ସିନେମା ହଲ, ସୁଇମିଂ ପୁଲ, ଜିମ୍ ଆଦିକୁ ବନ୍ଦ ଘୋଷଣା କରାଯାଇଛି। ଏହାଛଡା ଧାର୍ମିକ କାର୍ଯ୍ୟକ୍ରମ, ବିବାହ ରିସେପସନ, ପାର୍ଟି ଆଦି କରିବାକୁ ହେଲେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବାକୁ ପଡିବ। ଜରୁରୀ ନ ହେଲେ ଏକାଠି ହେବାରୁ ନିଜକୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବାରମ୍ବାର ହାତକୁ ହ୍ୟାଣ୍ଡ ୱାସରେ ସଫା କରିବା ଏବଂ ସର୍ବଦା ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିବାକୁ ପରାମର୍ଶ ଦିଆଯାଇଛି। କାଶିବା ଓ ଛିଙ୍କିବା ବେଳେ ଟିସୁ ପେପର ବ୍ୟବହାର କରିବା ଏବଂ କୌଣସି ସ୍ଥାନରେ ପାନ ଛେପ ନ ପକାଇବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ବିପତ୍ତି ସମୟରେ ବିଧାନସଭାର ସଦସ୍ୟମାନଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ ସହଯୋଗ ଲୋଡିଛନ୍ତି। ଏଥିସହିତ ନିଜର ଯତ୍ନ ନେବା ସହ ନିର୍ବାଚନ ☞ପୃଷ୍ଠା-୪

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ସ୍କୁଲ, କଲେଜ, ସିନେମା ହଲ୍, ସୁଇମିଂ ପୁଲ୍, ଜିମ୍ ୩୧ ଯାଏ ବନ୍ଦ
- ସେମିନାର, କର୍ମଶାଳା ବାତିଲ
- ଧାର୍ମିକ ସମ୍ମିଳନୀ, ଏକାଠି ମେଳି ନ ହେବାକୁ ପରାମର୍ଶ
- ମିଳିତ ଭାବେ ମୁକାବିଲା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

## ୨୯ ଯାଏ ବିଧାନସଭା ସ୍ଥଗିତ

ଭୁବନେଶ୍ୱର,୧୩।୩ (ବ୍ୟୁରୋ)

କରୋନାର ଭୟାବହତାକୁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଚଳିତ ବଜେଟ ଅଧିବେଶନକୁ ମାର୍ଚ୍ଚ ୨୯ ତାରିଖ ଯାଏ ସ୍ଥଗିତ ରଖାଯାଇଛି। ଏ ନେଇ ଏକ ପ୍ରସ୍ତାବକୁ ଗୃହର ଅନୁମୋଦନ ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାକୁ ସ୍ଥଗିତ ଘୋଷଣା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ସତର୍କତା ସମ୍ପର୍କରେ ☞ପୃଷ୍ଠା-୪








Vencobb Fresh Chicken — 13.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers






## ସିନ୍ଧିଆ ଅନୁଗତ ୬ ମନ୍ତ୍ରୀ ବହିଷ୍କୃତ

ମଧପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସୁପାରିସ କ୍ରମେ ରାଜ୍ୟପାଳ ଲାଲଜୀ ଟଣ୍ଡନ ଶୁକ୍ରବାର ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଅନୁଗତ ୬ ମନ୍ତ୍ରୀଙ୍କୁ ବହିଷ୍କାର କରିଛନ୍ତି। ସିନ୍ଧିଆ କଂଗ୍ରେସ ଛାଡ଼ିବା ପରେ ତାଙ୍କ ସମର୍ଥକ ୬ ମନ୍ତ୍ରୀଙ୍କ ସମେତ ୨୨ ବିଧାୟକ ବିଧାନସଭାରୁ ଇସ୍ତଫା ଦେଇଥିଲେ। ବହିଷ୍କୃତ ମନ୍ତ୍ରୀମାନେ ହେଲେ ଇମାରତି ଦେବୀ, ତୁଲ୍‌ସୀ ସିଲାୱତ୍, ଗୋବିନ୍ଦ ସିଂ ରାଜପୁତ୍, ମହେନ୍ଦ୍ର ସିଂ ସିସୋଡିୟା, ପ୍ରଦ୍ୟୁମ୍ନ ସିଂ ତୋମାର ଏବଂ ପ୍ରଭୁରାମ ଚୌଧୁରୀ।



# କରୋନା ଆଁରେ ବିଶ୍ୱ

ପ୍ୟାରିସ୍/ ତେହେରାନ୍, ୧୩।୩

ବିଶ୍ୱବ୍ୟାପୀ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୫, ୦୪୩ରେ ପହଞ୍ଚିଛି। କେବଳ ଉତ୍ପତ୍ତି ସ୍ଥଳ ଚାଇନାରେ ୩,୧୭୬ ମୁଣ୍ଡ ଏଥିଲାଗି ଗଡ଼ିଲାଣି। ଏହା ବ୍ୟତୀତ ଇଟାଲୀରେ ୧,୦୧୬, ଇରାନ୍‌ରେ ୫୧୪ ବ୍ୟକ୍ତି ଏହି ରୋଗରେ ସଂକ୍ରମିତ ହୋଇ ପ୍ରାଣ ହରାଇଲେଣି। ଗତ ଡିସେମ୍ବରରୁ ଏପର୍ଯ୍ୟନ୍ତ ମୋଟ ୧୨୧ ଦେଶର ୧,୩୪, ୩୦୦ ଲୋକ କରୋନା ସଂକ୍ରମିତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। କ୍ରମଶଃ ଏହା ଅନ୍ୟ ଦେଶଗୁଡ଼ିକୁ ବ୍ୟାପିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)



କାରୋନା ସଂକ୍ରମଣ ରୋକିବା ପାଇଁ ନୂଆଦିଲ୍ଲୀ ରାଜୀବ ଚୌକ ମେଟ୍ରୋ ଷ୍ଟେଶନ ପ୍ରବେଶ ପଥକୁ କର୍ମଚାରୀମାନେ ସଫା କରୁଛନ୍ତି।

- ୫ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି ଭୂତାଣୁ
- ଇଟାଲୀରେ ୧,୦୧୬ ଇରାନରେ ୫୧୪ ମୃତ

ପକ୍ଷରୁ କରୋନା ଭାଇରସ୍‌ଜନିତ ମୃତ୍ୟୁକୁ ମହାମାରୀ ଭାବେ ଘୋଷଣା କରାଯିବା ପରେ ବିଭିନ୍ନ ଦେଶ ପକ୍ଷରୁ ଏହାକୁ ରୋକିବା ଲାଗି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି।

ଇରାନ୍‌ରେ ଗତ ୨୪ ଘଣ୍ଟା ମଧ୍ୟରେ ୮୫ ଜୀବନ ଯାଇଛି। ଏହା ଗୋଟିଏ ଦିନରେ ଦେଶର ସର୍ବାଧିକ ମୃତ୍ୟୁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର କିଆନୋଉସ୍ ଜାହାନ୍‌ପୋର ଦର୍ଶାଇଛନ୍ତି। କରୋନା ଭାଇରସ୍‌ରେ ଏଠାରେ ୫୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧,୩୬୪ ବ୍ୟକ୍ତି ଆକ୍ରାନ୍ତ ଥିବା ଜଣାପଡ଼ିଛି। ଚାଇନା ପରେ ଇରାନ୍‌ରେ ଏହି ଭାଇରସ୍ ସବୁଠାରୁ ମାରାତ୍ମକ ଭାବେ ଉଭା ହୋଇଛି। ଅନେକ ନେତା ଓ ଅଧିକାରୀ ମଧ୍ୟ ଏହାଦ୍ୱାରା ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କ ବୈଦେଶିକ ଉପଦେଷ୍ଟା ଅଲି ଆକବର ବେଲାୟତିଙ୍କୁ କରୋନା ସଂକ୍ରମିତ କରିଥିବା ସନ୍ଦେହ କରାଯାଉଛି। ତାଙ୍କୁ ଏବେ କ୍ୱାରାଣ୍ଟାଇନରେ ରଖାଯାଇ ଚିକିତ୍ସା କରାଯାଉଥିବା ପ୍ରକାଶ।



କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରି ଅହମଦାବାଦ୍‌ରେ ଲୋକେ ଯଜ୍ଞ କରୁଛନ୍ତି।

## ସାର୍କ ଦେଶକୁ ପ୍ରଧାନମନ୍ତ୍ରୀଙ୍କ ଅପିଲ

ନୂଆଦିଲ୍ଲୀ, ୧୩।୩

**କରୋନା ଲାଗି ମିଳିତ ରଣନୀତି ଉପରେ ଗୁରୁତ୍ୱ**



ଚାଇନା ପରେ ଇଟାଲି, ଇରାନ, ଦକ୍ଷିଣ କୋରିଆ ଆଦି ଦେଶଗୁଡ଼ିକରେ କରୋନା ଉଗ୍ରରୂପ ଧାରଣ କରିଥିବା ବେଳେ ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏହା ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ମିଳିତ ରଣନୀତିର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଏଥିଲାଗି ସମସ୍ତ ସାର୍କ (ଦକ୍ଷିଣ ଏସୀୟ ରାଷ୍ଟ୍ର) ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି। ଦକ୍ଷିଣ ଏସିଆ ସବୁଠାରୁ ଜନବହୁଳ ଅଞ୍ଚଳ ହୋଇଥିବାରୁ କରୋନା ମାରାତ୍ମକ ରୂପ ଧାରଣ କରିବାର ଆଶଙ୍କା ରହିଛି। ଅଞ୍ଚଳବାସୀଙ୍କୁ ସୁସ୍ଥ ଓ ନିରୋଗ ରଖିବା ଲାଗି ମିଳିମିଶି ରଣନୀତି ପ୍ରସ୍ତୁତ କରିବା ଉଚିତ ବୋଲି ମୋଦି ଅନୁରୋଧ କରିଛନ୍ତି। ସାର୍କ ଦେଶଗୁଡ଼ିକ ମିଳିତ ଭାବେ ଏହା ଉପରେ ପଦକ୍ଷେପ ଗ୍ରହଣ କଲେ କରୋନା ଡେଣାମେଲାଇବା ସମ୍ଭବ ହେବନାହିଁ ବୋଲି ମୋଦି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ନେପାଳ, ଭୂଟାନ, ଶ୍ରୀଲଙ୍କା,ମାଳଦୀପ ଆଦି ରାଷ୍ଟ୍ରର ନେତାମାନେ ଦୃଢ଼ ସମର୍ଥନ ପ୍ରଦାନ କରିଛନ୍ତି।

# ଅଧିକାଂଶ ରାଜ୍ୟରେ ସ୍କୁଲ, କଲେଜ ବନ୍ଦ

**ନୂଆଦିଲ୍ଲୀ,୧୩।୩(ପି.ଟି.):** ଭାରତରେ ପ୍ରଥମ କରୋନା ମୃତ୍ୟୁ ଗୁରୁବାର ସ୍ପଷ୍ଟ ହୋଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୮୧ରେ ପହଞ୍ଚିଛି। ସଂକ୍ରମଣ ରୋକିବା ଲାଗି ବିଭିନ୍ନ ରାଜ୍ୟ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଅଧିକାଂଶ ରାଜ୍ୟ ସ୍କୁଲ, କଲେଜ, ସିନେମା ହଲ୍, ସାଧାରଣ ଉତ୍ସବ ଆଦି ବନ୍ଦ କରିଦେଇଛନ୍ତି। ଆଇପିଏଲ୍ ମ୍ୟାଚକୁ ମଧ୍ୟ ସ୍ଥଗିତ ରଖାଯାଇଛି। ମାନେସାରରେ ଥିବା ସେନାର କ୍ୱାରାଣ୍ଟାଇନ କେନ୍ଦ୍ରରେ ଇଟାଲୀ ଫେରନ୍ତା ଜଣେ ବ୍ୟକ୍ତିଙ୍କ ଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି। କମ୍ପାନୀଗୁଡ଼ିକ ସେମାନଙ୍କ କର୍ମଚାରୀମାନଙ୍କୁ ଘରେ

- ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୮୧
- ଘରୁ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ରହି କାର୍ଯ୍ୟ କରିବା ନିମନ୍ତେ ଅନୁମତି ଦେବାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଆହ୍ୱାନ ଦେଇଛନ୍ତି। ଅତି ଜରୁରୀ ନ ଥିଲେ ଭ୍ରମଣରେ ନ ଯିବା ଓ ସର୍ବସାଧାରଣ ସ୍ଥାନଠାରୁ ଦୂରେଇ ରହିବା ଲାଗି ପରାମର୍ଶ ଦିଆଯାଇଛି।

କରୋନା ଭୟରେ ପାର୍ଲାମେଣ୍ଟର ବଜେଟ ଅଧିବେଶନ ସଂକ୍ଷିପ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏହାକୁ ଅସ୍ୱୀକାର କରିଛନ୍ତି। ଦିଲ୍ଲୀ, ଓଡିଶା, କର୍ନାଟକ, ମହାରାଷ୍ଟ୍ର, ବିହାର ସରକାର ୩୧ ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ ସିନେମା ହଲ୍ ବନ୍ଦ କରିଦେଇଥିବାବେଳେ ବିସିସିଆଇ ଚଳିତ ବର୍ଷର ଆଇପିଏଲ୍ ମ୍ୟାଚକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। କର୍ନାଟକରେ ସମସ୍ତ ପ୍ରକାର ପ୍ରଦର୍ଶନୀ, ଗ୍ରୀଷ୍ମକାଳୀନ କ୍ୟାମ୍ପ, ସମ୍ମିଳନୀ, ବିବାହ ଓ ଜନ୍ମ ଉତ୍ସବ ବନ୍ଦ ରଖିବାକୁ କୁହାଯାଇଛି। କର୍ନାଟକର କଲାବୁର୍ଗୀରେ ପ୍ରଥମ କରୋନା ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୪୬ ଜଣଙ୍କୁ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି। ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଜାମିଆ ମିଲିଆ ଇସ୍‌ଲାମିଆକୁ ବନ୍ଦ ରଖାଯାଇଛି। ଉତ୍ତରପ୍ରଦେଶ ସରକାର ମଧ୍ୟ ସ୍କୁଲ୍ କଲେଜ ବନ୍ଦ ରଖିଛନ୍ତି। ସଂକ୍ରମଣ ଭୟରେ ଲୋକେ ସେମାନଙ୍କ ଭ୍ରମଣ ଯୋଜନାରେ ପରିବର୍ତ୍ତନ କରିଛନ୍ତି। ବିମାନ ଯାତ୍ରା କରିବାକୁ ଥିବା ଲୋକେ ସେମାନଙ୍କ ଟିକେଟ ବଦଳାଉଥିବା ଦେଖାଯାଇଛି। ବିହାରରେ ସ୍କୁଲ, କଲେଜ ସମେତ ପାର୍କ ଓ ଚିଡିଆଖାନାକୁ ମଧ୍ୟ ବନ୍ଦ କରିଦିଆଯାଇଛି। ହୋଟେଲ ଓ ଶିଳ୍ପସଂସ୍ଥାଗୁଡ଼ିକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗୋଆ ସରକାର ସର୍କୁଲାର ଜାରି କରିଛନ୍ତି। ଏହା ସତ୍ତ୍ୱେ ଭଲ ଖବର ହେଉଛି ଚାଇନାର ଉହାନରୁ ଗତମାସରେ ଫେରି ଦିଲ୍ଲୀର ଆଇଟିବିପି କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିଥିବା ସମସ୍ତ ୧୧୨ ଜଣଙ୍କଠାରେ କରୋନା ସଂକ୍ରମଣ ହୋଇ ନ ଥିବା ଜଣାପଡିଛି।

## ଇରାନରୁ ଫେରିଲେ ୪୪ ଭାରତୀୟ

ମୁମ୍ବାଇ/ନୂଆଦିଲ୍ଲୀ,୧୩।୩(ପି.ଟି.)

କରୋନା ସଂକ୍ରମିତ ଇରାନରୁ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ଭାରତୀୟ ପର୍ଯ୍ୟଟକ ଫେରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଇରାନ ଏୟାରର ଏକ ବିମାନରେ ଆସିଥିବା ଏହି ତୀର୍ଥଯାତ୍ରୀମାନେ ଶୁକ୍ରବାର ମଧ୍ୟାହ୍ନରେ ମୁମ୍ବାଇ ବିମାନବନ୍ଦରରେ ପହଞ୍ଚିଛନ୍ତି। ସେମାନଙ୍କୁ ଜୟସାଲମେରସ୍ଥିତ ସେନା କ୍ୱାରାଣ୍ଟାଇନ କେନ୍ଦ୍ରକୁ ନିଆଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଇରାନରୁ ୫୮ ଭାରତୀୟଙ୍କୁ ଫେରାଇ ଅଣାଯାଇଥିଲା।

## ୭ କରୋନା ସନ୍ଦିଗ୍ଧ ନିଖୋଜ

**ଲୁଧିଆନା,୧୩।୩(ପି.ଟି.):** କରୋନା ସଂକ୍ରମିତ ଦେଶରୁ ଫେରିଥିବା ପଞ୍ଜାବ ଲୁଧିଆନା ଜିଲାର ୭ ଜଣଙ୍କ ପତ୍ତା ମିଳୁନାହିଁ। ଯଦି ସେମାନେ କରୋନା ସଂକ୍ରମିତ ହୋଇଥିବେ ତେବେ ଏହି ଭୂତାଣୁ ଅନ୍ୟମାନଙ୍କୁ ବ୍ୟାପିବା ଆଶଙ୍କା ରହିଛି। ସେମାନେ ଦେଇଥିବା ଠିକଣା ଭୁଲ୍ ବୋଲି ଜଣାପଡିଛି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସର ସହାୟତା ଲୋଡାଯାଇଛି। ପଞ୍ଜାବର ଅମୃତସର ଓ ମୋହାଲି ଅନ୍ତର୍ଜାତୀୟ ବିମାନବନ୍ଦରରେ ୮୫,୦୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଯାଞ୍ଚ କରାଗଲାଣି।

# ସୁପ୍ରିମକୋର୍ଟରେ କେବଳ ଜରୁରୀ ମାମଲାର ଶୁଣାଣି

ନୂଆଦିଲ୍ଲୀ,୧୩।୩(ପି.ଟି.)

**କୋଭିଡ୍-୧୯ ପ୍ରଭାବ: ୧୬ରୁ ଲାଗୁ ହେବ**

ଘାତକ ମହାମାରୀ କରୋନା ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବାବେଳେ ଏହି ସଂକ୍ରମଣକୁ ଏଡାଇବା ଲାଗି ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ୧୬ରୁ ସୁପ୍ରିମକୋର୍ଟରେ କେବଳ ଜ୍ରୁରୀ ମାମଲାଗୁଡ଼ିକର ଶୁଣାଣି ହେବ। ବିଚାର ବେଳେ କୋର୍ଟରୁମ୍‌ରେ କେବଳ ମାମଲା ପରିଚାଳନାକାରୀ ସମ୍ପୃକ୍ତ ଓକିଲ ଉପସ୍ଥିତ ରହିବେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ବାସଭବନରେ ଗୁରୁବାର ଓ ଶୁକ୍ରବାର ଧରି କରୋନା ଭାଇରସ୍‌କୁ ନେଇ ଚାଲିଥିବା ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ଜଷ୍ଟିସ୍ ଅରୁଣ ମିଶ୍ର, ୟୁ.ୟୁ ଲଳିତ, ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ସମ୍ପାଦକ ଆରୋରାଙ୍କ ସମେତ ସ୍ୱାସ୍ଥ୍ୟ ତଥା ଆଇନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଭିଡ୍-୧୯କୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୫ ତାରିଖରେ ଜାରି ଆଡ୍‌ଭାଇଜରି ଜାରି କରାଯାଇଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ବିଶ୍ୱ ମହାମାରୀ ଘୋଷଣା କରିଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ସେକ୍ରେଟାରି ଜେନେରାଲ ସଞ୍ଜୀବ ଏସ୍. କାଲଗାଓଁକର ଜାରି କରିଛନ୍ତି। ଭାରତରେ ଶୁକ୍ରବାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୧ରେ ପହଞ୍ଚିଛି। ଏଥିଲାଗି ସର୍ବୋଚ୍ଚ ଅଦାଲତ ସାଧାରଣ ସ୍ୱାସ୍ଥ୍ୟ ନିରାପତ୍ତା ବଜାୟ ରଖିବା ସକାଶେ ଅନ୍ୟମାନଙ୍କ ସହଯୋଗ ଲୋଡ଼ିଛନ୍ତି।

**[ଇତିହାସର ଆଇନାରେ]**
**ମାର୍ଚ୍ଚ ୧୪ର ପ୍ରମୁଖ ଘଟଣା**

୧୯୬୫ ମାର୍ଚ୍ଚ ୧୪ରେ ବଲିଉଡ୍ ଅଭିନେତା, ନିର୍ଦ୍ଦେଶକ ଆମିର ଖାନ୍ ଜନ୍ମଗ୍ରହଣ କରିଥିଲେ। ୯ ଫିଲ୍ମ ଫେୟାର ଆୱାର୍ଡ, ୪ ଜାତୀୟ ପୁରସ୍କାର ସହ ପଦ୍ମଶ୍ରୀ, ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ଆମିର ୩୦ ବର୍ଷ ଧରି ବିଭିନ୍ନ ସିନେମା କରିଆସିଛନ୍ତି।

୨୦୧୯ ମାର୍ଚ୍ଚ ୧୪ରେ ମହାବାତ୍ୟା ଇଦାଇ ଉତ୍ତର ଓ କେନ୍ଦ୍ରୀୟ ଆଫ୍ରିକାରେ ତାଣ୍ଡବ ରଚିଥିଲା। ପ୍ରାୟ ୧୩ଶହ ଲୋକ ଏହା ଦ୍ୱାରା ମୃତ୍ୟୁବରଣ କରିଥିଲେ।

# ପୁଣି ମୁହାଁମୁହିଁ ଇରାନ-ଆମେରିକା

**ବାଗ୍‌ଦାଦ/ତେହେରାନ,୧୩।୩(ଏଏଫ୍‌ପି):** ପୁଣିଥରେ ମୁହାଁମୁହିଁ ହୋଇଛନ୍ତି ଦୁଇ ପାରମ୍ପରିକ ଶତ୍ରୁରାଷ୍ଟ୍ର ଆମେରିକା ଓ ଇରାନ। ଇରାକରେ ଥିବା ଇରାନ ସପକ୍ଷବାଦୀ ଏକ ସେନା ଶିବିରରେ ଗୁରୁବାର ବିଳମ୍ବିତ ରାତିରେ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ଜଣେ ସାଧାରଣ ନାଗରିକ ଓ ୫ ସୈନ୍ୟ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଇରାକ ସେନାର ୩ ସୈନ୍ୟ ଓ ୨ ପୋଲିସ କର୍ମୀ ଅଛନ୍ତି। ଏହାସହ ଇରାକର ୧୧ ଫାଇଟର ମଧ୍ୟ ଆହତ ହୋଇଛନ୍ତି। କ୍ୟାମ୍ପ ତାଜି ସେନା ଶିବିରରେ ବୁଧବାର ଇରାନ ପକ୍ଷରୁ ରକେଟ ମାଡ଼ କରାଯାଇଥିଲା। ଏଥିରେ

- ଇରାକ ସେନା ଶିବିରରେ ଆମେରିକାର ଏୟାର ଷ୍ଟ୍ରାଇକ୍
- ଟ୍ରମ୍ପଙ୍କୁ ତେହେରାନର ଚେତାବନୀ

ଆମେରିକାର ୨ ଓ ବ୍ରିଟେନର ଜଣେ ସୈନ୍ୟ ନିହତ ହୋଇଥିଲେ। ଆମେରିକା ଏହାର ପ୍ରତିଶୋଧ ନେବାକୁ ଯାଇ ଇରାକର ବାବିଲ ପ୍ରଦେଶସ୍ଥିତ କର୍ବାଲା ସହରରେ ନିର୍ମାଣାଧୀନ ଏକ ବିମାନବନ୍ଦରକୁ ଟାର୍ଗେଟ କରିଛି। ରାତି ଗୋଟାଏରେ ଆକାଶମାର୍ଗରୁ ୫ଟି ମିଶାଇଲ ମାଡ଼ କରାଯିବା ପରେ ୧୮ଟି କାର୍ ଧ୍ୱଂସ ହୋଇଯାଇଛି।

# ଗୃହବନ୍ଦୀରୁ ମୁକୁଳିଲେ ଫାରୁକ୍ ଅବ୍‌ଦୁଲ୍ଲା

ନୂଆଦିଲ୍ଲୀ,୧୩।୩(ପି.ଟି./ଆଇଏଏନ୍‌ଏସ୍)

ସାତମାସ ପରେ ଗୃହବନ୍ଦୀରୁ ମୁକୁଳିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା। ତାଙ୍କର ଆଖି ଅସ୍ତ୍ରୋପଚାର ହୋଇଥିବାରୁ ଆସନ୍ତା ଦୁଇସପ୍ତାହରେ ସେ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ ବୋଲି ଏହି ଅବସରରେ ସେ ପ୍ରତିଶ୍ରୁତି ଦେଇଛନ୍ତି। ଗୃହବନ୍ଦୀରୁ ମୁକ୍ତହେବା ପରେ ଶ୍ରୀନଗର ଏମ୍‌ପି ଫାରୁକ୍ କହିଛନ୍ତି, ମୁଁ ମୁକ୍ତ ହୋଇଛି ବୋଲି ବିଶ୍ୱାସ କରିପାରୁନାହିଁ। ଅନ୍ୟ ସମସ୍ତେ ମଧ୍ୟ ମୁକୁଳିବେ ବୋଲି ଆଶା। ଅନୁମତି ମିଳିଲେ ପାର୍ଲାମେଣ୍ଟକୁ ଯିବି। ଏବେ ଯେହେତୁ ଏଠାରେ ରହିଛି କଶ୍ମୀରୀ ଲୋକଙ୍କ ସମସ୍ୟା କଥା ଉଠାଇବି। ଯେଉଁମାନେ ମୋତେ ସମର୍ଥନ କରି ମୋ ମୁକ୍ତି ପାଇଁ ଦାବି କରିଥିଲେ ସେମାନଙ୍କୁ ଧନ୍ୟବାଦ। ଅନ୍ୟ ନେତାମାନେ ମୁକ୍ତ ହେବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର



ପତ୍ନୀ ମୋଲି ଏବଂ ଝିଅ ସାଫିଆ (ଡାହାଣ)ଙ୍କ ସହ ନ୍ୟାସ୍‌ନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା।

କରାଯିବ। ପ୍ରକାଶ ଯେ, ଗତବର୍ଷ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସମୟରେ ଫାରୁକ୍, ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା ଓ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଫାରୁକ୍‌ଙ୍କ ଶ୍ରୀନଗରସ୍ଥିତ ଗୁପ୍‌କାର ରୋଡ୍ ବାସଭବନକୁ ଏକ ସବ୍‌ଜେଲରେ ପରିଣତ କରାଯାଇ ସେଠାରେ ରଖାଯାଇଥିଲା। ସେପ୍ଟେମ୍ବର ୧୫ରେ ଫାରୁକ୍‌ଙ୍କ ବିରୋଧରେ ଲଗାଯାଇଥିବା ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)କୁ ଶୁକ୍ରବାର ଅପରାହ୍ନରେ ହଟାଇଦିଆଯାଇଛି। ସେଠାରେ ଗଣମାଧ୍ୟମକୁ ସମ୍ବୋଧନ ବେଳେ ତାଙ୍କ ସହ ସ୍ତ୍ରୀ ମୋଲି ଅବ୍‌ଦୁଲ୍ଲା ଓ ଝିଅ ସାରା ଅବ୍‌ଦୁଲ୍ଲା ପାଇଲଟ ଉପସ୍ଥିତ ଥିଲେ। ଫାରୁକ୍‌ଙ୍କ ମୁକ୍ତି ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ମୋଦି ସରକାର ଉପରେ ବର୍ଷିଛନ୍ତି। ସେ କହିଛନ୍ତି, କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ଏକଛତ୍ରବାଦ ଚାଲିଛି। ଡକ୍ଟର ଅବ୍‌ଦୁଲ୍ଲାଙ୍କୁ ବିନା କୌଣସି ଅଭିଯୋଗରେ ୭ ମାସ ଧରି ବନ୍ଦୀ କରାଯିବାର ଯଥାର୍ଥତା କ'ଣ ? ଯଦି ଯଥାର୍ଥତା ଅଛି ତେବେ ଆଜି ତାଙ୍କୁ କାହିଁକି ମୁକ୍ତ କରାଗଲା ବୋଲି ଚିଦାମ୍ବରମ୍ ପ୍ରଶ୍ନ ଉଠାଇବା ସହ ଫାରୁକ୍‌ଙ୍କୁ ସ୍ୱାଗତ କରିଛନ୍ତି।






# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବଢ଼ିଲା

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ପେନ୍‌ସନଧାରୀଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରାଯାଇଛି। ଗତ ଜାନୁୟାରୀ ୧ରୁ ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ପିଛିଲା ଭାବେ ଲାଗୁ ହେବ। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ମହଙ୍ଗାଭତ୍ତା ମୂଳ ବେତନର ୧୭ ପ୍ରତିଶତ ଥିବାବେଳେ ଏହା ୨୧ ପ୍ରତିଶତକୁ ବୃଦ୍ଧିପାଇଛି। ଏହାଦ୍ୱାରା ୪୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୫ ଲକ୍ଷ ପେନ୍‌ସନଧାରୀ ଉପକୃତ ହେବେ। ଏଥିପାଇଁ ସରକାରଙ୍କ ଉପରେ ୧୪,୫୯୫ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ କହିଛନ୍ତି।




# କଦଳୀ ଚାଷ କରି ପଢ଼ାଖର୍ଚ୍ଚ ଉଠାଉଛନ୍ତି ଆଇଟିଆଇ ଛାତ୍ର

**ଗୋବିନ୍ଦପାଲି, ୧୩।୩ (ଡି.ଏନ.ଏ.):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଟାଣିଗୁଡାର ପାଲସୁ ପାଙ୍ଗିଙ୍କୁ ପରିଶ୍ରମ ଦେଇଛି ସଫଳତା। ଜଣେ ସଫଳ କଦଳୀ ଚାଷୀ ରୂପେ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ପାଠ ପଢିବା ସହ କଠିନ ପରିଶ୍ରମ କରି ନିଜ ଚାଷଜମିରେ କରିଛନ୍ତି ଏହି ଚାଷ। ଯାହା ଅନ୍ୟମାନଙ୍କ ପାଇଁ ଏବେ ପାଲଟିଛି ଉଦାହରଣ। ମାଆବାପା ଭଉଣୀଭାଇଙ୍କୁ ନେଇ ତାଙ୍କ ପରିବାର। ତାଙ୍କ ଗ୍ରାମରେ ବସବାସ କରନ୍ତି ମାତ୍ର ୧୨ଟି ପରିବାର। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର କି



ବିଦ୍ୟାଳୟ କିଛି ନାହିଁ। ତେବେ ନିଜ ଅଧ୍ୟବସାୟ ଓ ଆଗ୍ରହ ଯୋଗୁ ବିଦ୍ୟାଳୟ ଅଧ୍ୟୟନ ସାରି ଏବେ ମାଥିଲି ଆଇଟିଆଇରେ ପାଠ ପଢୁଛନ୍ତି। ପଢାସହ ନିଜ ଘର ପଛ କିଆରିରେ କଦଳୀ ଚାଷ କରିଛନ୍ତି ପାଲସୁ। ସାଇକେଲରେ କଦଳୀ ବଜାରକୁ ନେଇ ବିକ୍ରି କରନ୍ତି। ଏଥିରୁ ସେ ନିଜର ପଢା ଖର୍ଚ୍ଚ ଉଠାଇବା ସହ ପରିବାର ଚଳାଇବାରେ ସହାୟତା କରିଥାନ୍ତି। ଆଜି ନିଜେ କଷ୍ଟ କରି ମୁଣ୍ଡର ଝାଳ ତୁଣ୍ଡରେ ମାରି ସେ ନିଜ ଗୋଡରେ ଛିଡା ହୋଇ ସମାଜରେ ଜଣେ ସଫଳ ଚାଷୀ ରୂପେ ପରିଗଣିତ ହୋଇପାରିଛନ୍ତି।

# ୨୯ ତାରିଖ ମଧ୍ୟରେ ବାତିଲ ହେବ ଏକାଧିକ ଟ୍ରେନ୍

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ):** ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି ଛଅ ପାସେଞ୍ଜର ଟ୍ରେନ ଓ ଦୁଇ ଏକ୍ସପ୍ରେସ ଟ୍ରେନ୍ ମାର୍ଚ୍ଚ ୨୯ ତାରିଖ ମଧ୍ୟରେ ସପ୍ତାହକୁ ଦିନେ ଲେଖା ୩ଦିନ ପାଇଁ ବାତିଲ ରହିବ। ମାର୍ଚ୍ଚ ୧୩, ୨୦ ଓ ୨୭ ତାରିଖରେ ବିଶାଖାପାଟଣା-ଦୁର୍ଗ ପାସେଞ୍ଜର ବିଶାଖାପାଟଣାଠାରୁ ବାତିଲ ହେବ। ସେହିପରି ମାର୍ଚ୍ଚ ୧୪, ୨୧ ଓ ୨୮ ତାରିଖରେ ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ଦୁର୍ଗ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଦୁର୍ଗଠାରୁ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ଏକ୍ସପ୍ରେସ ଭୁବନେଶ୍ୱରଠାରୁ ବାତିଲ ହେବ। ମାର୍ଚ୍ଚ ୧୫, ୨୨ ଓ ୨୯ ତାରିଖରେ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜର ଉଭୟ ପାର୍ଶ୍ୱରୁ, ପଲାସା-ଗୁଣୁପୁର-ପଲାସା ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଉଭୟ ପାର୍ଶ୍ୱରୁ, ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ଏବଂ ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ ନୟାଗଡ଼ ଟାଉନଠାରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।




# ଚିନିକଳର ୮ କର୍ମଚାରୀଙ୍କ ବିରୋଧରେ ମାମଲା



ପୋଲିସ ଅଧିକାରୀ ତଦନ୍ତ କରୁଛନ୍ତି।

**ଆସିକା, ୧୩।୩ (ଡି.ଏନ୍.ଏ.)**

## ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ଅଭିଯୋଗ

ଗଞ୍ଜାମ ଜିଲା ଆସିକା ସମବାୟ ଚିନିକଳରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ୮ଜଣ କର୍ମଚାରୀଙ୍କ ବିରୋଧରେ ଶୁକ୍ରବାର ଆସିକା ଥାନାରେ ମାମଲା ରୁଜୁ ହୋଇଛି। ଚିନିଶିଳ୍ପର ସମ୍ପାଦକ ଆର୍. ଚନ୍ଦ୍ରଶେଖର ରେଡ୍ଡୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଶୁକ୍ରବାର ଆସିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୮୯/୨୦ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଅପରପକ୍ଷେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତ କର୍ମଚାରୀଙ୍କ ବିଭିନ୍ନ କାଗଜପତ୍ର ଓ ସାର୍ଟିଫିକେଟ୍ ଯାଞ୍ଚ ଜାରି ରହିଛି। ଏ ସମ୍ପର୍କରେ ଚିନିଶିଳ୍ପ ସମ୍ପାଦକଙ୍କୁ ପଚାରିବାରୁ ସମ୍ପୃକ୍ତ ୮ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣେ ଇତିମଧ୍ୟରେ ଅବସର ଗ୍ରହଣ କରିଥିବାବେଳେ ଅନ୍ୟ ୭ଜଣଙ୍କୁ କାରକାନା ପକ୍ଷରୁ ଚାକିରୀରୁ ବରଖାସ୍ତ କରାଯାଇଛି ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଚିନିଶିଳ୍ପରେ ବହୁ କର୍ମଚାରୀ ଅବସର ବୟସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଜାଲ୍ ସାର୍ଟିଫିକେଟ୍ ଦାଖଲ କରି ଚାକିରୀ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ଏହି ଘଟଣାର ତଦନ୍ତ ଭାର ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ହାତକୁ ନେଇଥିଲେ। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ତଦନ୍ତ ପରେ ୮ଜଣ କର୍ମଚାରୀଙ୍କ ଜାଲ୍ ସାର୍ଟିଫିକେଟ୍ ରହିଥିବା ଜଣାପଡିବା ପରେ ଚିନିଶିଳ୍ପ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆସିକା ଥାନାରେ ଏତଲା ହୋଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମନୀଷା
ପରିବାରବର୍ଗ


ପ୍ରନୀଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୭ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

## ଝଡ଼, ବଜ୍ରପାତ ନେଇ ଆଜି ୯ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଶୁକ୍ରବାର ଫୁଲବାଣୀରେ ସର୍ବାଧିକ ୧୧.୬ ମି.ମି. ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ। ଶନିବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର କିଛି ସ୍ଥାନରେ ଏବଂ ନୂଆପଡ଼ା, ସୋନପୁର, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ୯ଟି ଜିଲାକୁ ଝଡ଼ ତୋଫାନ ଓ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେଣୁ ଏହି ୯ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ। ଏସବୁ ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିପରି ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ଢେଙ୍କାନାଳ ଓ ସମ୍ବଲପୁରରେ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ନୟାଗଡ଼ରେ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅନ୍ୟପଟେ ଦିନରେ ଖରା ଲୋକଙ୍କୁ ହନ୍ତସନ୍ତ କରୁଛି। ଶୁକ୍ରବାର ୧୦ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଟପିଥିଲା। ଭବାନୀପାଟଣା ଓ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରହିଥିବାବେଳେ ଟିଟିଲାଗଡ଼ରେ ୩୬.୨, ବଲାଙ୍ଗୀର ଓ ନୟାଗଡ଼ରେ ୩୬, ମାଲକାନଗିରିରେ ୩୫.୮, ବୌଦ୍ଧରେ ୩୫.୫, ଭୁବନେଶ୍ୱରରେ ୩୫.୪, ରାୟଗଡ଼ା ଏବଂ ସୋନପୁରରେ ୩୫ ଡିଗ୍ରୀ ସେଲସିୟସ ତାପମାତ୍ରା ଥିବା ରେକର୍ଡ କରାଯାଇଛି।

# କୋରୁଆ ହାଇସ୍କୁଲ ନିକଟରୁ ହରିଣ ଉଦ୍ଧାର

**ପାଟକୁରା, ୧୩।୩ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ସାନଅଡଙ୍ଗା ଗ୍ରାମ ପଞ୍ଚାୟତର କୋରୁଆ ହାଇସ୍କୁଲ ନିକଟରୁ ଶୁକ୍ରବାର ଅପରାହ୍ନରେ ଗୋଟିଏ ହରିଣ ଉଦ୍ଧାର କରାଯାଇଛି। ଜଙ୍ଗଲ ନ ଥିବା ଅଞ୍ଚଳରେ ହଠାତ୍ ହରିଣକୁ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ବଢି ଯାଇଥିଲା। ସେମାନେ ପିଛା କରିବାରୁ ହରିଣ ଏପଟ ସେପଟ କୁଦା ମାରିଥିଲା। ଶେଷରେ ଲୋକେ ହରିଣକୁ ଧରିଥିଲେ। ଖବର ପାଇ ଗରଦପୁର ପ୍ରାଣୀଧନ ବିଭାଗର ଚିକିତ୍ସକ ଡ. ସଞ୍ଜୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ହରିଣର ଚିକିତ୍ସା କରିଥିଲେ। ପରେ କେନ୍ଦ୍ରାପଡା ବନବିଭାଗର କର୍ମଚାରୀମାନେ ଆସି ହରିଣକୁ ନିଜ ହେପାଜତକୁ ନେଇ ଯାଇଥିଲେ। ପରିବେଶରେ ଅସନ୍ତୁଳନ ଓ ଅବାଧ ଗଛକଟା ଯୋଗୁ ହରିଣମାନେ ଜଙ୍ଗଲ ଛାଡି ଗାଁ ଆଡ଼କୁ ମୁହାଁଉଛନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।


ଉଦ୍ଧାର ହୋଇଥିବା ହରିଣ।

# ନାବାଳିକାଙ୍କୁ ଗଣବଳାତ୍କାର

**ଜୟପୁର, ୧୩।୩(ନି.ପ୍ର.)**

କୋରାପୁଟ ଜିଲା ଜୟପୁର ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଅନ୍ୟ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର କୁମ୍ଭାରସାହିର ଆକାଶ ନାୟକ (୨୦), କୁସୁମପୁଟର ତୁଷାର ହରିଜନ (୧୮)।

ପୋଲିସ ସୂତ୍ର ଅନୁଯାୟୀ, ଗତ ୧୦ ତାରିଖ ହୋଲି ଦିନ ଜୟପୁର ସଦର ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ୩ ଜଣ ଅଭିଯୁକ୍ତ କୁସୁମପୁଟ ନିକଟରୁ ବଳପୂର୍ବକ ଉଠାଇନେଇ ଗଣବଳାତ୍କାର କରିଥିଲେ। ଘଟଣା ପ୍ରଘଟ କଲେ ପରିଣାମ ଭୟାବହ ହେବ ବୋଲି ସେମାନେ ଧମକ ଦେଇଥିଲେ। ଏନେଇ ଗତ ୧୨ ତାରିଖରେ ଥାନାରେ ଏତଲା ଦିଆଯିବା ପରେ ଅଭିଯୋଗ ପାଇ ପୋଲିସ କେସ୍ ନଂ ୪୯/୨୦ରେ ମାମଲା ରୁଜୁ କରିଛି। କୋର୍ଟରେ ପୀଡ଼ିତା ନାବାଳିକାଙ୍କ ୧୬୪ ବୟାନ ରେକର୍ଡ଼ କରାଯାଇଛି। ନାବାଳିକା ଓ ୩ ଜଣ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିବା ସଦର ଥାନା ଅଧିକାରୀ ଶିବଶଙ୍କର ସାହୁ ପ୍ରକାଶ କରିଛନ୍ତି।

# ବିପିୟୁଟି ସମାବର୍ତ୍ତନ ଉତ୍ସବ ସ୍ଥଗିତ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ୧୦ମ ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖାଯାଇଛି। କରୋନା ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ କରିବା ସହିତ କୌଣସି ସମ୍ମିଳନୀ ନ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିପିୟୁଟି ଅଧୀନରେ ଥିବା ସମସ୍ତ କଲେଜର ପ୍ରିନ୍ସପାଲଙ୍କୁ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆସନ୍ତା ୧୭ତାରିଖରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### 'କରୋନା' ରାଜ୍ୟ...

ମଣ୍ଡଳୀରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। ଅପପ୍ରଚାରକାରୀ, ଭୁଲ ଖବର ଦେଉଥିବା ଏବଂ ଦାୟିତ୍ୱ ହୀନ ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। କରୋନାର ଭୟାବହତାକୁ ନେଇ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ମୁକାବିଲା ପାଇଁ ସମସ୍ତେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ଇତିହାସରେ ବହୁ କମ ସମୟରେ ମାନବ ସମାଜ ଏଭଳି ଅପ୍ରତ୍ୟାସିତ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇଛି। ବିଜ୍ଞାନର ବିକାଶ ସମୟରେ ଏହି ରୋଗ ଅତ୍ୟନ୍ତ ବିରଳ ଭାବେ ଦେଖା ଦେଇଛି। ଗତ ୪୫ ଦିନ ଧରି ସମଗ୍ର ମାନବ ସମାଜ ଚଳିତ ଶତାବ୍ଦୀର ସବୁଠାରୁ ବଡ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେଉଛି। ଏହି ରୋଗ ବିକଶିତ, ଅଣ ବିକଶିତ, ଗଣତନ୍ତ୍ର କିମ୍ବା ଅଗଣତାନ୍ତ୍ରିକ ରାଷ୍ଟ୍ର ଦେଖେ ନାହିଁ। ଧନୀ କିମ୍ବା ଗରିବ ମଧ୍ୟରେ ପ୍ରଭେଦ କରେ ନାହିଁ। ସମସ୍ତେ ଏହି ରୋଗର ଶିକାର ହେଉଛନ୍ତି। ୟୁ.କେ. ସ୍ୱାସ୍ଥ୍ୟମନ୍ତ୍ରୀ, କାନାଡାର ପ୍ରଥମ ପରିବାର, ୟୁ.ଏସ, ସିନେଟର, ଇରାନ କ୍ୟାବିନେଟର ଅଧା ସଦସ୍ୟ, ବହୁ ସନେ ତାରକା, କ୍ରୀଡାବିତ୍‌ଙ୍କୁ ମଧ ଏହି ଭୂତାଣୁ ଆକ୍ରାନ୍ତ କଲାଣି। ଏହି ଅସାଧାରଣ ପରିସ୍ଥିତିକୁ ଅସାଧାରଣ ଭାବେ ମୁକାବିଲା କରିବାର ସମୟ ଆସିଛି। କେବଳ ସରକାର, ବ୍ୟକ୍ତି ବିଶେଷ ଦ୍ୱାରା ଏହାର ମୁକାବିଲା କରାଯାଇ ପାରିବ ନାହିଁ। କୌଣସି ଔଷଧ ନ ଥିବାରୁ ଏହି ମହାମାରୀ ବ୍ୟାପିବାକୁ ନ ଦେବା ଲାଗି ଆମେ ରାଜ୍ୟବାସୀ ମିଳିତ ଭାବେ ଜରୁରୀକାଳୀନ ପରିସ୍ଥିତି ଭାବେ କାର୍ଯ୍ୟ କରିବାକୁ ପଡିବ। ସ୍ୱାସ୍ଥ୍ୟ ବିଭାଗ, ଜିଲାପାଳ ଏବଂ ମହାନଗର ନିଗମ କମିଶନରମାନେ ଏଥିପାଇଁ ଆବଶ୍ୟକ ଜାରୁରୀ ଔଷଧ କ୍ରୟ କରିବା ସହ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ନେବାକୁ ଅନୁମତି ଦିଆଯାଇଛି। ରୋଗର ପ୍ରତିକାର ସ୍ୱରୂପ ବିଭିନ୍ନ ସଭାସମିତି, ମେଳା ମହୋତ୍ସବ ଆଦିକୁ ରୋକିବା ପାଇଁ କେତେକ ଅଧିକାରୀଙ୍କୁ ଏପିଡେମିକ ଡିଜଜ ଆକ୍ଟ ୧୮୫୭ ଏବଂ ଭାରତୀୟ ପିଙ୍ଗଳ କୋର୍ଡ ୧୯୭୩ ଅନୁଯାୟୀ ଦାୟିତ୍ୱ ଦିଆଯାଇଛି। ଏହାଛଡା ମନ୍ତ୍ରୀମାନଙ୍କୁ ନେଇ ଏକ ଦଳ ଗଠନ କରାଯିବା ସହ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। କୋଭିଡ-୧୯ ଓଡିଶା ରେଗୁଲେଶନ-୨୦୨୦କୁ ମଧ ରାଜ୍ୟକ୍ୟାବିନେଟରେ ଅନୁମୋଦନ କରାଯାଇଛି। ଏହି ରୋଗର ପ୍ରତିକାର ପାଇଁ କଣ କରିବାକୁ ପଡିବ ଓ କଣ ନ କରିବାକୁ ପଡିବ ସେ କଥା ଚାଇନା, ସିଙ୍ଗାପୁର ଏବଂ ଇଟାଲିରୁ ଆମକୁ ଅନୁଭୂତି ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମଗ୍ର ବିଶ୍ୱ ଏହି ମହାମାରୀ ସହିତ ଲଢୁଛନ୍ତି। ଏହି ମହାବିପତ୍ତି ବେଳେ ରାଜ୍ୟର ସାଢେ ଚାରିକୋଟି ଲୋକଙ୍କୁ ମିଳିତ ଭାବେ କାମ କରିବାକୁ ପଡିବ। ଏହି ରୋଗର ପ୍ରଭାବକୁ କମ କରିବାକୁ ଆମ ସମସ୍ତଙ୍କୁ ଦୂରେଇ ରହିବାକୁ ହେବ। ଆମ ପରିବାର ଏବଂ ଆମ ଗୋଷ୍ଠୀ ପାଇଁ କାମ କରିବା ପ୍ରତ୍ୟେକଙ୍କର ଦାୟିତ୍ୱ ହେବା ଉଚିତ। ସମସ୍ତଙ୍କ ସହଯୋଗରେ ଏହି ମହାମାରୀକୁ ମୁକାବିଲା କରିବାରେ ଓଡିଶା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୨୯ ଯାଏ ବିଧାନସଭା...

ଗୃହରେ ସୂଚନା ଦେବା ପରେ ବିଧାନସଭା ସ୍ଥଗିତ ନେଇ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହକୁ ସ୍ଥଗିତ କରିବା ନେଇ ଏକ ପ୍ରସ୍ତାବ ଆଗତ କରିଥିଲେ। ସେ କହିଥିଲେ ଯେ, କରୋନା ବ୍ୟାପୁଥିବାରୁ ବିଧାନସଭାକୁ ଆସନ୍ତା ୨୯ ଯାଏ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ। ବଜେଟ ଅଧିବେଶନ ଥିବାରୁ ସମସ୍ତ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ନ କରି ଆସନ୍ତା ୩୦ ତାରିଖରେ ଗିଲୋଟିନ୍‌ରେ ପାରିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଧିବେଶନ ସ୍ଥଗିତ ପ୍ରସ୍ତାବକୁ ଭାଜପା ବିରୋଧ କରିଥିବା ବେଳେ କଂଗ୍ରେସ ସମର୍ଥନ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବିଶାଖା ନକ୍ଷତ୍ରସ୍ଥ ଚନ୍ଦ୍ର ସ୍ୱାସ୍ଥ୍ୟସମସ୍ୟା ଓ ପଡ଼ୋଶୀ ସହ ବିବାଦର କାରଣ ହେବ। କର୍ମକ୍ଷେତ୍ରରେ ବହୁଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହୋଇଯିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବା ସୂଚନା ରହିଛି।

**ବୃଷ**
ମଙ୍ଗଳଙ୍କ ଦ୍ୱାରା ବିପରୀତ ରାଜଯୋଗ ଜମିଜମା ବିବାଦର ଅବସାନ ଘଟାଇବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟାକରି ମଧ ଅସଫଳତା ହେତୁ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ମତପାର୍ଥକ୍ୟ ଓ କଳହ ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ଲାଭ ସ୍ଥାନରେ ଶୁକ୍ର ବିଳାସ ଉପକରଣ ପ୍ରଦାନ କରିବ। କିନ୍ତୁ ଆରଦ୍ରା ନକ୍ଷତ୍ରର ସାଧାରଣ ଘଟଣାରେ ଝଗଡ଼ା ଲାଗି ମାନସିକ ସ୍ଥିତି ବିଗିଡ଼ିଯାଇପାରେ। ବାରମ୍ବାର କ୍ଷତିଗ୍ରସ୍ତ ହୋଇ ବ୍ୟବସାୟରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ବୃହସ୍ପତି ଦୃଷ୍ଟ ଶୁକ୍ର କର୍ମାରମ୍ଭରେ ଆନନ୍ଦ ଓ ଶେଷ ପର୍ଯ୍ୟାୟରେ କଳହର କାରଣ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ଦୂରଯାତ୍ରା ଓ ବନ୍ଧୁମିଳନରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**
ଭାଗ୍ୟଭାବରେ ଶୁକ୍ର ଓ ଚନ୍ଦ୍ରଙ୍କ ଦୃଷ୍ଟି ବିନିମୟ ବନ୍ଧୁ ଓ ଆତ୍ମୀୟମାନଙ୍କ ସାହାଯ୍ୟ, ସହଯୋଗ ପାଇଁ ବାଟ ଫିଟାଇବ। ଫଳତଃ ଦୀର୍ଘଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟାକରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ କାମ ଅଟକିବ ନାହିଁ। କିନ୍ତୁ ବନ୍ଧୁଗହଣରେ ବିରୋଧୀ ହୋଇପାରନ୍ତି।

**କନ୍ୟା**
ଦ୍ୱିତୀୟରେ ଚନ୍ଦ୍ର ଥିବାରୁ ଆକର୍ଷଣୀୟ, ମନଲୋଭା କଥା କହି ବନ୍ଧୁଙ୍କ ମନ ଜିଣିପାରନ୍ତି। ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି, ହିତୈଷୀଙ୍କ ସହଯୋଗରୁ ସମସ୍ୟାମୁକ୍ତ ରହିବ। କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟ,ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମକଲେ ସଫଳତା ପାଇପାରନ୍ତି।

**ତୁଳା**
ରାଶି ପ୍ରତି ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ସାମୟିକ ଖୁସି ଅନୁଭବ କରିବେ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସାହାଯ୍ୟ, ସହଯୋଗରେ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଚିତ୍ରା ନକ୍ଷତ୍ର ପରକଥାରେ ପଡ଼ି କିମ୍ବା ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**
ପାପଯୁକ୍ତ ବୃହସ୍ପତି ଯୋଗୁ ବାରମ୍ବାର ନିଷ୍ପତ୍ତି ବଦଳାଇ ହରଡ଼ଘଣାରେ ପଡ଼ିପାରନ୍ତି। ସ୍ୱାସ୍ଥ୍ୟହାନି କାରଣରୁ କୌଣସି କାମକୁ ଦୃଢ଼ତାର ସହ କରିବାକୁ ପଶ୍ଚାତ୍‌ପଦ ହେବା ସୂଚନା ରହିଛି। ବିବାଦୀୟ ସ୍ଥିତିର ସମସ୍ୟା ସମାଧାନ ହେତୁକ ଆଶ୍ୱସ୍ତି ଅନୁଭବ କରିବେ। ଗସ୍ତ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ**
ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭସଂସ୍ଥାନରୁ ଆପଣଙ୍କୁ କୌଣସି କାମରେ ନିରାଶ ହେବାକୁ ପଡ଼ିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ପରିବହନକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇଯିବାରେ ସ୍ଥାନୀୟ ଲୋକେ ସହଯୋଗ କରିବେ।

**ମକର**
ଆଜିର ଗ୍ରହ ସ୍ଥିତି ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣ କରିବାରେ ସହାୟକ ହେବ। ଧନିଷ୍ଠା ନକ୍ଷତ୍ର ସକାଶେ ଆକସ୍ମିକ ଭାବରେ ବିଭିନ୍ନ ପ୍ରକାର ମିଥ୍ୟା ଅଭିଯୋଗ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ଅଳ୍ପ ସମୟ ପରେ ଦୂରୀଭୂତ ହୋଇଯିବ। ପରୋପକାର ମନୋଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**କୁମ୍ଭ**
ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହାୟତାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ କରିପାରିବେ। ଶତଭିଷା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ,ଯଦ୍ୱାରା କେତେକ କଟୂକ୍ତି ଶୁଣିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଭ୍ରମଣ ସୁଯୋଗ ଜୁଟିପାରେ।

**ମୀନ**
ଧନଭାବରେ ଶୁକ୍ର ଓ ଏକାଦଶରେ ଶନି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦାନ ସହ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ।

ଆଜି ମୀନ ସଂକ୍ରାନ୍ତି, ଚୈତ୍ର କୃଷ୍ଣପକ୍ଷର ସ୍କନ୍ଦଷଷ୍ଠୀ ଶନିବାର, ମାର୍ଚ୍ଚ ୧୪ ତାରିଖ, ରାଶି ନକ୍ଷତ୍ର-ବିଶାଖା/ବିଛା, ଦିବା ଘ୧।୨୪ମି. ପରେ ଅନୁରାଧା ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୯।୫୭ମି. ଗତେ ଘ୧।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୭ମି. ଗତେ ଘ୮।୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୫୭ମି. ଗତେ ଘ୧୦।୨୬ମି. ମଧ୍ୟେ ରାହୁକାଳ।

## classifieds Everyday 0674-2580101, 2549302




**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




**SALE**

A double storeyd EB-house for sale in Badagada Brit Colony. Contact: 9348133423, 8637253857. D-59946

ଘରବାରି ପ୍ଲଟ ବିକ୍ରି ପାଇଁ ଜଗନ୍ନାଥ ମନ୍ଦିର ପୁରୀ ପାଖରେ ପଜେସନ୍ ସହିତ ମାତ୍ର ୬୫୦/ sqft. ମେଗା ସ୍କିମ୍‌ରେ ଆଉଟ୍‌ରେଟ୍/ଇନ୍‌ଷ୍ଟାଲମେଣ୍ଟ ସହିତ। ଯୋଗାଯୋଗ: 9090251001, 9778422710. D-17120

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17117

**2 Acres land for sale at Puri near Gundicha Temple at very low cost own land for sale. Contact: 9040085851, 9090251001.** D-17121

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

ଭୁବନେଶ୍ୱର **Tamando**ରେ **30'**ରାସ୍ତା ଥାଇ/ **C.V Raman NH**କୁ ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

Booking 2BHK simplex Eastfacing Tankapani Road Sai temple 1200sqft. land, furnished house cost 31,50,000/- Finance available. 7735738102. D-17104

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Ready to move 2BHK/ 3BHK flats for sales Damana Square/ Patia/ Raghunathpur/ Patharagadia. 7008346486. D-69250

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

BDA/Bank approved two/ three BHK flat for sale near Sanimandir patrapada Bhubaneswar 500 mtr from NH final finishing stage. One under roof parking free for booking on Holi festival. 9238326233, 9040072544. D-38569

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

SC house 23,00,000/- finishing Hanspal, Plots Atala, Bhingarpur- 8093465134, 9668194157. D-68679

ଭୁବନେଶ୍ୱର ପାତ୍ରପଡା **Amber** ପଛପଟେ **30'Road** ଘରବାରି ପ୍ଲଟ୍ ମିଳୁଅଛି। **Direct owner. 6370292040.** D-69106

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

Contact for complete Interior Design and Simplex/Duplex/ Apartment House Construction from the experts. Call- 7008550473. D-17133

Gharabari plot sale Sundarpada near Hi-Tec Plaza sqft- 920/.9337766961, 9439364818. D-17132

**Gharabari plot immediately sale Saheed Nagar & Jharpada (near Puri bypass) Bhubaneswar. Contact: Deepak- 9937329999.** D-68075

Plot for sale near 2nd Infosys Road, Janla, Bhubaneswar. 3900 sqft. gharabari with boundary. Contact Owner. 9238699541. D-53650

**Booking 3 bedroom (apartment) well furnished Vastu based infront of SUM Hospital, Bhubaneswar, Contact: Deepak- 9937329999.** D-68074

**Ready to move house sale at Patia 1.20 Cr. and 2BHK flat at Sundarpada- 7504948142.** D-17131

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ହାଉସିଂବୋର୍ଡ କଲୋନୀ, ବଳିଆପଣ୍ଡା, ପୁରୀ (ପ୍ରାଚୀ ଛକ) ନିକଟରେ ଗ୍ରାଉଣ୍ଡ ଫ୍ଲୋର ଗୋଟିଏ ବେଡ୍‌ରୁମ୍, ବଡ ହଲ୍ ଥାଇ ଘର ଭଡ଼ା ଦିଆଯିବ। ଯୋଗାଯୋଗ: ୯୪୩୭୦୪୨୮୮୯ ଧ-୧୭୧୩୭

2BHK at Jagannath Vihar near Baramunda Housing Board Colony, Bhubaneswar. Rent- 11,000/-. Contact: 9861251257. D-67752




Relaxing body massage by trend lady, gents therapist. 8018656899. D-60880

Full body herbal massage with refreshment expert therapist. 7381239385, 06742540855. D-69243

Monalisa International Massage Club: All types full body massage with hiprofile smart lady therapist. 9708545108. D-17115

Experience full body massage with us (expert). Call: 7377048581, 06742597822. D-69244

Relaxing body massage by trend lady, gents therapist. 9861193818. D-60879

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Ayurvedic refreshment massage therapy refresh mind and body. Appointment: 7894855541. D-69301

Golden SPA full body massage- Tarinigada, near Apolo Tyre, Paradeep. 7326978586, 7326975517. D-69251

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜଳିଗଲା ଡିଜେଲ ଟ୍ୟାଙ୍କର

**ରାଇସୁଆଁ/କେନ୍ଦୁଝର,୧୩।୩ (ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ରାଇସୁଆଁ ହାଇସ୍କୁଲ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଡିଜେଲ ଟ୍ୟାଙ୍କର ନିଆଁ ଲାଗି ଜଳିଯାଇଛି। ସ୍ଥାନୀୟ ଲୋକେ ଟ୍ୟାଙ୍କର ଚାଳକଙ୍କୁ ଉଦ୍ଧାର କରି ଏ ନେଇ ସଦର ଥାନାକୁ ଜଣାଇଥିଲେ। ପୋଲିସଠାରୁ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ୟାଙ୍କରରେ ୨୦୦ ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ଥିଲା ବୋଲି ସୂଚନା ମିଳିଛି। ଟ୍ୟାଙ୍କରରେ କିଭଳି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

### ଗଛଡାଳ ପଡ଼ି ମହିଳାଙ୍କ ମୃତ୍ୟୁ

**ପାଟଣା,୧୩।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ବଣ ପାହାଡ଼ ଘେରା ଉପାନ୍ତ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳ ବୈଶାଖି ତାଣ୍ଡବ ରଚିଛି। ଘୂର୍ଣ୍ଣିଝଡ଼ ଯୋଗୁ ମାଛଗଡ଼ ଗ୍ରାମରେ ଏକ ସଜନା ଗଛ ଡାଳ ଭାଙ୍ଗି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ଡମ୍ବରୁ ମହାନ୍ତଙ୍କ ସ୍ତ୍ରୀ ଲଳିତା। ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ଲଳିତା ଘର ପାଖରେ ଠିଆହୋଇଥିବା ବେଳେ ନିକଟରେ ଥିବା ସଜନା ଗଛର ଡାଳ ଭାଙ୍ଗି ତାଙ୍କ ଉପରେ ପଡିଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଆଖପାଖରେ କ'ଣ କ୍ଷୟକ୍ଷତି ଘଟିଛି, ତାହାର ସୂଚନା ମିଳି ନାହିଁ।

# ବିଧାନସଭାରେ ହାତ ଧୋଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଧାନସଭା ପରିସରରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ବୈଠକରେ ବାଚସ୍ପତି ପାତ୍ର କହିଥିଲେ ଯେ, ବର୍ତ୍ତମାନ ସାରା ପୃଥିବୀ କରୋନା ଭୂତାଣୁ(କୋଭିଡ-୧୯) ସଂକ୍ରମଣରେ କବଳିତ। ତେଣୁ ଏହାର ପ୍ରତିଷେଧକ ଆପଣାଇବା ନିହାତି ଜରୁରୀ। ପଡ଼ୋଶୀ ଚାଇନାରେ ମହାମାରୀରେ ପରିଣତ ହୋଇଥିବା ଏହି ଭୂତାଣୁ ଭାରତରେ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରାମର୍ଶକ୍ରମେ ଏହା ଯେପରି ନ ବ୍ୟାପେ, ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହି କ୍ରମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ବାଚସ୍ପତି କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଥିଲେ ଯେ, ପୃଥିବୀର ଅନେକ ଦେଶର ଜନତା କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ। ଅଦ୍ୟାବଧି ରାଜ୍ୟରେ କୌଣସି ସଂକ୍ରମଣ ଦେଖାଦେଇନାହିଁ। ରାଜ୍ୟ ସରକାର ଏହାର ପ୍ରତିରୋଧ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିବା ନବ କହିଥିଲେ। ସେହିଭଳି ସଭାରେ ଉପସ୍ଥିତ ଥିବା ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, କରୋନାକୁ ବିଶ୍ୱବ୍ୟାପୀ ସଂକ୍ରମଣ ଘୋଷଣା କରାଯାଇଛି। ବିଭିନ୍ନ ଦେଶରେ ପ୍ରତିଦିନ ନୂଆ ନୂଆ ବ୍ୟକ୍ତିବିଶେଷ ସଂକ୍ରମିତ ହେଉଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ଗୁଣୋତ୍ତର ପ୍ରଗତିରେ ବୃଦ୍ଧି ଘଟୁଛି। ଏହି ସଂକ୍ରମଣର କୌଣସି ଔଷଧ ନ ଥିବାରୁ କେବଳ ସତର୍କତା ଅବଲମ୍ବନ ହିଁ ଏକମାତ୍ର ଉପାୟ ବୋଲି ତ୍ରିପାଠୀ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ କରୋନା ଭୂତାଣୁ ସମ୍ପର୍କିତ ଏକ ପାୱାରପଏଣ୍ଟ ଉପସ୍ଥାପନ କରିଥିଲେ। ନିକୁଞ୍ଜ କହିଥିଲେ ଯେ, ସାରା ପୃଥିବୀର ୧୨୦ ଦେଶ ଏ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛି। ଭାରତର କିଛି ବ୍ୟକ୍ତି ମଧ୍ୟ ସଂକ୍ରମିତ ହୋଇଛନ୍ତି। ତେଣୁ ଓଡ଼ିଶା ସରକାର ବୈଦ୍ୟୁତିକ, ମୁଦ୍ରିତ ଓ ସାମାଜିକ ଗଣମାଧ୍ୟମ ଦ୍ୱାରା ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ଓ ପ୍ରତିଷେଧମୂଳକ ପଦକ୍ଷେପ ଦ୍ୱାରା ଏହି ସଂକ୍ରମଣକୁ ପ୍ରତିହତ କରାଯାଇପାରିବ ବୋଲି ଧଳ କହିଥିଲେ। ଏହି ସଭାରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଅନ୍ୟ ବିଧାୟିକା/ବିଧାୟକଗଣ, ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର.ବାଲ୍‌କ୍ରିଷ୍ଣନ, ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସଚେତନତା ପରେ ବିଧାନସଭା ପରିସର ମଧ୍ୟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସାମୂହିକ ହସ୍ତ ପ୍ରକ୍ଷାଳନ କରିଥିଲେ। ସଚେତନତା ସଭାରେ ଭାଜପା ବିଧାୟକମାନେ ଅନୁପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତ ଧୋଇ କରୋନା ସଂକ୍ରମଣ ପ୍ରତିଷେଧକ ସଚେତନତା ବାର୍ତ୍ତା ଦେଉଛନ୍ତି।

- କରୋନା ସଚେତନତା
- ପ୍ରତିଷେଧକ ବ୍ୟବସ୍ଥାକୁ ଗୁରୁତ୍ୱ

# ବିରୋଧୀଙ୍କ ଟାର୍ଗେଟ ଭୟରେ କରୋନା ବାହାନା: ପ୍ରଦୀପ୍ତ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

କରୋନା ଭୂତାଣୁ ସଂକ୍ରମଣଜନିତ ବିପର୍ଯ୍ୟୟକୁ ରାଜ୍ୟ ବିପର୍ଯ୍ୟୟ ଭାବେ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ। ଏହା ନିଶ୍ଚିତ ଭାବେ କରୋନାଜନିତ ସଚେତନତା ବୃଦ୍ଧିରେ ସହାୟକ ହେବ। ହେଲେ ଶାସକ ଦଳ ମୁଖ୍ୟ ସଚେତକ ବିଧାନସଭା ଅଧିବେଶନକୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ନିନ୍ଦନୀୟ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଛନ୍ତି। ଏକ ଚିଠି ଜରିଆରେ ସେ କହିଛନ୍ତି ଯେ, ୟେସ୍ ବ୍ୟାଙ୍କ କେଲେଙ୍କାରୀ ପ୍ରସଙ୍ଗରେ ବିରୋଧୀ ଯେପରି ସରକାରଙ୍କୁ ଘେରିଲେ ସେଥିରେ ସରକାର ଅଣନିଃଶ୍ୱାସୀ ହୋଇପଡିଛନ୍ତି। ଆସନ୍ତା ୧୯ରେ ୟେସ୍ ବ୍ୟାଙ୍କରୁ ଜମା ରାଶି ଉଠାଣ ତାରିଖ ରହିଛି, ଯଦି ସେଥିରେ ସରକାର ବିଫଳ ହୁଅନ୍ତି, ତେବେ ଜଗନ୍ନାଥ ପ୍ରେମୀଙ୍କ ରୋଷର ଶିକାର ହେବାକୁ ପଡିବ। ଏଥିଲାଗି ବିଧାନସଭାରେ କାଳେ ଅଧିକ ଅକଳରେ ପଡିବେ ସରକାର ସେଥିପାଇଁ କରୋନା ବାହାନା ଆରମ୍ଭ କରିଛନ୍ତି। ଏମିତି କରି ଜନସାଧାରଣଙ୍କ ଆଶା ଓ ଭରସାକୁ ବଳି ଦିଆଯାଇଛି। ଫଳରେ କରୋନା ସରକାରଙ୍କୁ ଫାଇଦା ଦେଇଛି ନା ଆକ୍ରାନ୍ତ କରିଛି ତାକୁ ନେଇ ପ୍ରଶ୍ନ ଉଠିବା ସାଙ୍ଗକୁ ସନ୍ଦେହ ସୃଷ୍ଟି କରୁଥିବା ପ୍ରଦୀପ୍ତ କହିଛନ୍ତି।

ପ୍ରଦୀପ୍ତ ଆହୁରି କରିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୧୪ଟି ରାଜ୍ୟରେ କରୋନା ଭୂତାଣୁ ପଜିଟିଭ ରୋଗୀ ଥିବା କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ସେହି ରାଜ୍ୟଗୁଡିକ ମଧ୍ୟରେ ଓଡିଶା ନାହିଁ। ଏପରି ସ୍ଥିତିରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଦିବସଗୁଡିକ ବନ୍ଦ କରିବା ପଛରେ ଷଡଯନ୍ତ୍ର ରହିଛି। ବର୍ତ୍ତମାନ ପାର୍ଲାମେଣ୍ଟ ଏବଂ ଅଧିକାଂଶ ରାଜ୍ୟରେ ବିଧାନସଭା ବଜେଟ ଅଧିବେଶନ ଚାଲିଛି। କେଉଁଠାରେ ମଧ କରୋନା ସକାଶେ ବଜେଟ ଅଧିବେଶନ ବନ୍ଦ କରାଯାଇନାହିଁ। କେରଳ, କର୍ନାଟକ ଏବଂ ଦିଲ୍ଲୀଠାରୁ ଓଡିଶାରେ କରୋନା ସ୍ଥିତି ଅସମ୍ଭାଳ ନୁହେଁ। ଏହି କ୍ରମରେ ଲୋକସେବା ଭବନକୁ ସାଧାରଣ ଲୋକଙ୍କ ପ୍ରବେଶକୁ ବନ୍ଦ କରିବାକୁ ହେବ। ବସଷ୍ଟାଣ୍ଡ, ରେଳ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଅଧିକ ଲୋକଙ୍କ ଯାତାୟାତ ହେଉଛି, ତାହା କ'ଣ ସରକାର ବନ୍ଦ କରିବେ କି ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

କରୋନା ସଂକ୍ରମଣର ପ୍ରତିଷେଧକ ସ୍ୱରୂପ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଚଳିତ ମାସ ୩୧ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଶୁକ୍ରବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ହେଲେ ସାଧାରଣ ଜନତା ଅନ୍‌ଲାଇନ ଜରିଆରେ ନିଜ ନିଜର ଅଭିଯୋଗ ଦାଖଲ କରିପାରିବେ ବୋଲି କୁହାଯାଇଛି।

# ବିଜେଡିର ଦଳୀୟ କାର୍ଯ୍ୟକ୍ରମ ସ୍ଥଗିତ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ବିଜେଡି ପକ୍ଷରୁ ୧୦ ଦିନ ବ୍ୟାପୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ହେଲେ ଇତିମଧ୍ୟରେ ସାରା ବିଶ୍ୱକୁ କରୋନାରୂପୀ ମହାମାରୀ କବଳିତ କରିବାରେ ଲାଗିଛି। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରତିଷେଧକ ଏବଂ ସଚେତନତା କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସାରା ବିଶ୍ୱରେ ସୃଷ୍ଟି ହୋଇଥିବା ଭୟାବହତାକୁ ନଜରରେ ରଖି ବିଜେଡି ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ନିଜର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଛି। ଏହି ସମୟ ମଧ୍ୟରେ ଦଳ ପକ୍ଷରୁ ହେବାକୁ ଥିବା ଜୀବନ ବିନ୍ଦୁ ଏବଂ ବିଜେଡି ମହିଳା ସମାବେଶକୁ ବାତିଲ କରାଯାଇଛି। ଦଳର ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଶୁକ୍ରବାର ଏହି ସୂଚନା ଦେଇଛନ୍ତି।

## ଜିଲା ଚିଠି — ସୁବର୍ଣ୍ଣପୁର



### ଦ୍ୱନ୍ଦ୍ୱରେ ଚାଷୀ

ଧାନ ଉତ୍ପାଦନରେ ବଳକା ଜିଲା ସୁବର୍ଣ୍ଣପୁର। ଆଧୁନିକ ଉପାୟରେ ଚାଷ କରି ସ୍ଥାନୀୟ କୁଶଳୀ ଚାଷୀ ଅଧିକ ଉତ୍ପାଦନ କରୁଛନ୍ତି। ବାହାର ଜିଲା ଓ ରାଜ୍ୟକୁ ଏଠାରୁ ଚାଉଳ ଯୋଗାଣ ହେଉଛି। ଧାନ ଚାଷରେ ସୁନାମ ମିଳିଛି। ଜିଲାର ଦୁଇ ମହିଳା ଚାଷୀ କୃଷିକର୍ମଣ ପୁରସ୍କାର ପାଇଛନ୍ତି। କିନ୍ତୁ ସରକାର ସ୍ଥାନୀୟ ଚାଷୀଙ୍କ ପାଇଁ ସମ୍ବେଦନଶୀଳ ନୁହନ୍ତି। ଧାନ ବିକ୍ରି କ୍ଷେତ୍ରରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚାଷୀମାନେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀ ଧାନ ବିକି ପାରୁନି। ଚଳିତ ଖରିଫ୍ ଧାନକ୍ରୟରେ ନାନା ବିଶୃଙ୍ଖଳା ସୃଷ୍ଟି ହୋଇଛି। ଭଲ ବର୍ଷା ଓ ଅନୁକୂଳ ପାଗ ଯୋଗୁ ଅମଳ ଭଲ ହୋଇଥିଲା। ତେବେ ମିଲର୍ସଙ୍କ ମନମାନି ସାଙ୍ଗକୁ ସରକାରଙ୍କ ଅନ୍‌ଲାଇନ ଟୋକନ ପ୍ରଦାନରେ ଅହେତୁକ ବିଳମ୍ବ ଚାଷୀଙ୍କୁ କ୍ଷତି ସହିବାକୁ ବାଧ କରିଛି। ହଜାରହଜାର ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମିଳି ନ ଥିବା ବେଳେ ସରକାର ଧାନକ୍ରୟ ବନ୍ଦ କରି ଦେଇଛନ୍ତି। ଟୋକନ ପାଇ ନ ଥିବା ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦେବାକୁ ଜିଲାସ୍ତରୀୟ ଧାନକ୍ରୟ କମିଟିର ସ୍ୱତନ୍ତ୍ର ବୈଠକ ବସିଥିଲା। ନିର୍ବାଚିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଚିଠି ଲେଖାଗଲା। କିନ୍ତୁ ଧାନକିଣା ଆରମ୍ଭ ହେଉନି। ଚାଷୀ ଦ୍ୱନ୍ଦ୍ୱରେ ଅଛନ୍ତି। କମ୍‌ଦରରେ ବ୍ୟବସାୟୀଙ୍କୁ ଚାଷୀ ଧାନ ବିକ୍ରି କରୁଛନ୍ତି। ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଥିଲା। ୪୭ ହଜାର ୯୯୦ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଥିଲେ। ଜିଲାରୁ ୩୪ଲକ୍ଷ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ୍ ମିଳିଥିଲା। ୬୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୪୪ହଜାର ୭୪୦ଜଣ ଚାଷୀଙ୍କଠାରୁ ୩୨ଲକ୍ଷ ୯୦ହଜାର ୧୧୫କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଟୋକନ ପାଇ ନ ଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ଘଟଣାରେ ଚାଷୀ ସଂଗଠନଗୁଡିକ ପକ୍ଷରୁ ସରକାରଙ୍କୁ ଦାୟୀ କରାଯାଉଛି। ସୁବର୍ଣ୍ଣପୁର ଜିଲାର ୪୧ ମିଲର୍ସ ସମସ୍ତ ଧାନ ସଂଗ୍ରହ କରିବାକୁ ଅକ୍ଷମ ଥିବାରୁ ବାହାର ଜିଲାର ମିଲର୍ସଙ୍କୁ ସାମିଲ କରିବା ପାଇଁ ପ୍ରଶାସନ ଚିଠି ଲେଖିଥିଲା। ହେଲେ ରାଜ୍ୟ ଯୋଗାଣ ନିଗମ ଦେଢ ମାସ ବିଳମ୍ବରେ ବରଗଡ ଓ ସମ୍ବଲପୁର ଜିଲାର ୧୩ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିଥିଲେ। ଅନ୍‌ଲାଇନ ଟୋକନ ଇସ୍ୟୁ ଓ କ୍ୟାନସେଲ ସମ୍ପର୍କରେ ଚାଷୀ ବୁଝି ପାରିଲେନି। ଅଦିନିଆ ବର୍ଷା ମଧ ଦାଉ ସାଧିଲା। ତେଣୁ ଟୋକନ ଇସ୍ୟୁ କରିବା ସହ ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ଚାଷୀମାନେ ଦାବି କରିଛନ୍ତି।

– ମୃତ୍ୟୁଞ୍ଜୟ ଶତପଥୀ

# ସରକାରୀ, ଘରୋଇ କାର୍ଯ୍ୟକ୍ରମରେ ଲାଗିଲା ଅଙ୍କୁଶ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

କରୋନା ଭାଇରସ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଉତ୍ସବ, ମହୋତ୍ସବ ଉପରେ ଅଙ୍କୁଶ ଲଗାଯାଇଛି। ଶୁକ୍ରବାରଠାରୁ ବିଭାଗ ଦ୍ୱାରା ଆୟୋଜନ ହେବାକୁ ଥିବା ସମସ୍ତ ସରକାରୀ ସେମିନାର, କର୍ମଶାଳା ଏବଂ ସମ୍ମିଳନୀକୁ ରଦ୍ଦ କରାଯାଇଛି। ଏହିକ୍ରମରେ ଶୁକ୍ରବାର ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପୁରସ୍କାର ଉତ୍ସବକୁ ବାତିଲ କରାଯାଇଛି। ଗ୍ୟାଲେରି ପରିବର୍ତ୍ତେ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

ଗୋଟିଏ ପଟେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ସହ ସନ୍ତରଣାଗାରଗୁଡ଼ିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଏପଟେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ସମସ୍ତ ମଣ୍ଡପକୁ ମଧ୍ୟ ବନ୍ଦ ରଖାଯାଇଛି। ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ, ଉତ୍କଳ ମଣ୍ଡପ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟକ୍ରମକୁ ତତ୍‌କ୍ଷଣାତ୍ ବନ୍ଦ କରାଯାଇଛି। ବୁକିଂ କରିଥିବା ଅନୁଷ୍ଠାନ ଏବଂ ସଂସ୍ଥା ସେମାନଙ୍କ ଅର୍ଥ ଫେରିପାଇବା ସହ ଚାହିଁଲେ କାର୍ଯ୍ୟକ୍ରମ ଘୁଞ୍ଚାଇପାରିବେ ବୋଲି ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର, କଟକସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ ଏବଂ ଅନ୍ୟ ସମସ୍ତ ଜିଲାସ୍ତରୀୟ ସଂଗ୍ରହାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି। ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ଏବଂ ସଂସ୍କୃତି ବିଭାଗର ସମସ୍ତ ଜିଲା ପାଠାଗାରକୁ ଆଂଶିକ ଭାବେ ବନ୍ଦ କରାଯାଇଥିବାବେଳେ ପାଠାଗାରଗୁଡ଼ିକରେ ଜନସାଧାରଣ, ଛାତ୍ରୀଛାତ୍ରଙ୍କୁ ପ୍ରବେଶ ନିଷେଧ କରାଯାଇଛି। ବିଶେଷ କରି ପାଠାଗାରଗୁଡ଼ିକର ପଠନ କକ୍ଷକୁ ବନ୍ଦ ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ବିବାହ, ବ୍ରତ, ଭୋଜି ଭଳି ସାମାଜିକ କାର୍ଯ୍ୟକ୍ରମ ଓ ଧାର୍ମିକ ଉତ୍ସବର ଆୟୋଜନ ପାଇଁ ସମୁଚିତ ଆଦେଶ ଦେବା ପାଇଁ ସ୍ଥାନୀୟ ଜିଲାପାଳମାନଙ୍କୁ ଅବଗତ କରାଯାଇଛି।

### କରୋନା ମୁକାବିଲା ଚିନ୍ତା

- ମଣ୍ଡପ, ପ୍ରେକ୍ଷାଳୟ ବୁକିଂ ବାତିଲ୍
- ପାଠାଗାରରେ ଏକାଠି ବସି ପଢ଼ିବା ଉପରେ ରୋକ
- ସମସ୍ତ ସଂଗ୍ରହାଳୟ, ଅଭିଲେଖାଗାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

### ରାଜ୍ୟ ବାହାରକୁ ଯିବେନି କଳାକାର

ରାଜ୍ୟ ବାହାରେ ଆୟୋଜିତ ହେଉଥିବା ସାଂସ୍କୃତିକ ଉତ୍ସବ, ମହୋତ୍ସବ ଆଦିକୁ କଳାକାର ଦଳ ପଠାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏପ୍ରିଲ ୧ରେ ଓଡ଼ିଶା ଏବଂ ଓଡ଼ିଶା ବାହାରେ ହେବାକୁ ଥିବା ଉତ୍କଳ ଦିବସ କାର୍ଯ୍ୟକ୍ରମକୁ କଳାକାର ନ ପଠାଇବାକୁ ବିଭାଗ ମନାକରିଛି। ଏଥିସହିତ ନିକଟରେ ହେବାକୁ ଥିବା ୧୦ମ ରାଜ୍ୟସ୍ତରୀୟ ଲୋକନୃତ୍ୟ ମହୋତ୍ସବ, ଗାନ୍ଧୀ ମହୋତ୍ସବ ଏବଂ ବିଭାଗ ତରଫରୁ କଳାକାର ମହାସଂଘ ଦ୍ୱାରା କରାଯାଉଥିବା ସଚେତନତାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ପରବର୍ତ୍ତୀ ଆଦେଶ ଯାଏଁ ଘୁଞ୍ଚାଇ ଦିଆଯାଇଛି। ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱୀକୃତପ୍ରାପ୍ତ ଘରୋଇ କଳା ଅନୁଷ୍ଠାନଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଏହା ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପଭାବେ ପର୍ଯ୍ୟଟନ ବିଭାଗ ତରଫରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ହେଉଥିବା ଜନଗହଳିକୁ ରୋକିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

### ବନ୍ଦ ରହିବ ପ୍ଲାନେଟାରିୟମ୍ ଶୋ'

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ପ୍ଲାନେଟାରିୟମ୍‌ର ଶୋ'ଗୁଡ଼ିକୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍, ସମ୍ବଲପୁର ବୁର୍ଲାସ୍ଥିତ ଡ. ଏପିଜେ ଅବ୍ଦୁଲ କଲାମ ପ୍ଲାନେଟାରିୟମ୍‌ର ଶୋ'ଗୁଡ଼ିକୁ ଶନିବାରଠାରୁ ବାତିଲ୍ କରାଯାଇଛି। ଏହାବ୍ୟତୀତ ଖଣ୍ଡପଡ଼ାରେ ଥିବା ପଠାଣି ସାମନ୍ତ ମ୍ୟୁଜିୟମ୍‌କୁ ମଧ୍ୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ବନ୍ଦ କରାଯାଇଛି। ଏନେଇ ପ୍ଲାନେଟାରିୟମ୍ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ଯୋଗେ ଅବଗତ କରାଯାଇଛି।

# ଦିବ୍ୟାଙ୍ଗ ବାପାଙ୍କୁ ଦୃଷ୍ଟିବାଧିତ ଝିଅର ଚିକିତ୍ସା ଚିନ୍ତା

**ବରଗଡ଼ ଅଫିସ୍,୧୩।୩**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କାଇଁଶିର ଗ୍ରାମର ଗୋପାଳ ପଟେଲ। ପୋଲିଓ ଯୋଗୁ ପିଲାବେଳୁ ସେ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ତାଙ୍କ ଡାହାଣ ଗୋଡ଼ କାମ କରୁନାହିଁ। ଫଳରେ ସେ ଚଲାବୁଲା କି ରୋଜଗାର କରିପାରୁନାହାନ୍ତି। ଅନ୍ୟପଟେ ତାଙ୍କ ଦେଢ଼ବର୍ଷର ସାନଝିଅ ଏପର୍ଯ୍ୟନ୍ତ ନିଜ ଆଖିରେ ଦୁନିଆକୁ ଦେଖିପାରି ନ ଥିବାରୁ ଗୋପାଳ ଚିନ୍ତିତ ହୋଇ ପଡ଼ିଛନ୍ତି।

ଗୋପାଳଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ଜୟନ୍ତୀ, ବଡ଼ଝିଅ ରୀୟା(୪ବର୍ଷ) ଏବଂ ସାନଝିଅ ଲିଜା(ଦେଢ଼ବର୍ଷ)। ସେମାନେ ନିହାତି ଗରିବ ଶ୍ରେଣୀର। ଘରଡ଼ିହ ଛାଡ଼ିଦେଲେ ଜମିବାଡ଼ି କିଛି ନାହିଁ। ଜୟନ୍ତୀ କୁଲି ମଜୁରୀ କରି ଯେଉଁ ଦି ପଇସା ରୋଜଗାର କରନ୍ତି, ସେଥିରେ ପରିବାର ଚଳେ। ସେହିପରି ଭିନ୍ନକ୍ଷମ ଭତ୍ତା ବାବଦକୁ ମାସିକ ମିଳୁଥିବା ୭ଶହ ଟଙ୍କା କିଛି ସହାୟକ ହୋଇଥାଏ।

୨ଟି ଝିଅ ହୋଇଥିଲେ ମଧ୍ୟ ଗୋପାଳଙ୍କ ମନରେ ଦୁଃଖ ନ ଥିଲା। ଝିଅମାନେ ବଡ଼ ହେଲେ ପରିବାର ସମ୍ଭାଳିବେ ତାଙ୍କ ମନରେ ଏଭଳି ଆତ୍ମବିଶ୍ୱାସ ରହିଥିଲା। ମାତ୍ର ସାନଝିଅ ଲିଜା ଦୃଷ୍ଟିବାଧିତ ଥିବାରୁ ଏହି ପରିବାର ଉପରେ ଚଡ଼କ ପଡ଼ିଛି। ଚିକିତ୍ସା ହେଲେ ବଡ଼ଝିଅ ଭଳି ସାନଝିଅ ମଧ୍ୟ ଦୁନିଆକୁ ଦେଖିପାରିବ, ଏଭଳି ଆଶା ରଖିଛନ୍ତି ଏହି ଦମ୍ପତି। ମାତ୍ର ଅଧିକ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି।

ସେମାନେ ବରଗଡ଼ ଓ ବୁର୍ଲା ଡାକ୍ତରଖାନାକୁ ନେଇ ସାନଝିଅର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ତାଙ୍କୁ ଉଚ୍ଚତର ଚିକିତ୍ସା କରାଗଲେ ହୁଏତ ସେ ଦେଖିପାରିବେ ବୋଲି କେତେକ କହୁଛନ୍ତି। ଫଳରେ ଉପଯୁକ୍ତ ଚିକିତ୍ସା ପାଇଲେ ରୀୟା ଭଳି ଲିଜା ମଧ୍ୟ ଦୁନିଆକୁ ଦେଖି ପାରିବ ବୋଲି ଏହି ଦମ୍ପତି ଆଶାବ୍ୟକ୍ତ କରିଛନ୍ତି। ମାତ୍ର ଚିକିତ୍ସା ପାଇଁ ହାତରେ ଅର୍ଥ ନ ଥିବା ଯୋଗୁ ସେମାନେ ଲିଜାର ଅଧିକ ଚିକିତ୍ସା କରାଇ ପାରୁ ନ ଥିବା କହିଛନ୍ତି।



ଦିବ୍ୟାଙ୍ଗ ଗୋପାଳ ପଟେଲଙ୍କ ପରିବାର।

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

### ଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯିବା ପ୍ରସଙ୍ଗ

ୟେସ୍ ବ୍ୟାଙ୍କରେ ଜମା ହୋଇଥିବା ଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ତୁରନ୍ତ ସରକାର ଫେରାଇ ଆଣିବା ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ ନେତା ୟାସିର ନୱାଜଙ୍କ ନେତୃତ୍ୱରେ ଏହାର କର୍ମକର୍ତ୍ତାମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୱାଜ କହିଛନ୍ତି ଯେ, ଓଡିଶା ଜନସାଧାରଣଙ୍କର ନବୀନ ପଟ୍ଟନାୟକଙ୍କ ସରକାର ଉପରେ ଭରସା ନାହିଁ। କାରଣ ନବୀନ ସରକାର ସାଧାରଣ ଲୋକଙ୍କୁ ଚିଟ୍‌ଫଣ୍ଡ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଏ ପର୍ଯ୍ୟନ୍ତ ତାହା କଲେନାହିଁ ବରଂ ଏଥିପାଇଁ ହୋଇଥିବା କମିଶନଙ୍କ କାର୍ଯ୍ୟକାଳକୁ ବନ୍ଦ କରି ଦେଇଛନ୍ତି। ତେଣୁ ଯେ ପର୍ଯ୍ୟନ୍ତ ଟଙ୍କା ଫେରି ନ ଆସିଛି ସେ ପର୍ଯ୍ୟନ୍ତ ଓଡିଶାବାସୀ ଆଶ୍ୱସ୍ତ ହେବେନାହିଁ। ସରକାର ଜାଣିଶୁଣି ଏକ ଘରୋଇ ବ୍ୟାଙ୍କରେ କ'ଣ ପାଇଁ ଜଗନ୍ନାଥଙ୍କ ଟଙ୍କା ରଖିଥିଲେ। ତିରୁପତି ମନ୍ଦିର ଟ୍ରଷ୍ଟ ୟେସ୍ ବ୍ୟାଙ୍କ ଦେବାଳିଆ ହୋଇଯାଉଥିବା ଜାଣି ନିଜ ଟଙ୍କା ଉଠାଇ ନେଇଥିବାବେଳେ ରାଜ୍ୟ ସରକାର କାହିଁକି ଚୁପ୍ ରହିଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି, ଏହି ବ୍ୟାଙ୍କରେ ଟଙ୍କା ରଖିବା ପାଇଁ ପିସି କାରବାର ହୋଇଛି। ଚାର୍ଟାର୍ଡ ଆକାଉଟାଣ୍ଟ ତଥା ଶ୍ରୀମନ୍ଦିର ଅର୍ଥ ସବ୍‌କମିଟି ମୁଖ୍ୟ ବିଜୟ କୁମାର ସାହୁ ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଟଙ୍କାର କମିଶନରେ ମଉଜ କରିଛନ୍ତି। ବିଜୟ ଜଣେ ଶିକ୍ଷା ବ୍ୟବସାୟୀ ହୋଇଥିବା ବେଳେ ଏଭଳି ଜଣେ ବ୍ୟକ୍ତିଙ୍କୁ ଅର୍ଥ ସବ୍‌କମିଟିର ମୁଖ୍ୟ ଭାବେ କାହିଁକି ନିଯୁକ୍ତି ଦିଆଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ଘଟଣାର ପ୍ରତିବାଦରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଜୟ ସାହୁ ଏବଂ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ୫ ନାବାଳକ ବାଇକ୍ ଚାଳକଙ୍କୁ ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା

**ଝାରସୁଗୁଡ଼ା ଅଫିସ୍ ୧୩।୩:** ଝାରସୁଗୁଡ଼ା ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚ ବେଳେ ୧ଲକ୍ଷ ୭୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ମିଳିଥିବା ସୂଚନା ମୁତାବକ, ଝାରସୁଗୁଡ଼ା ସହର କକ୍ଷ କଲୋନୀ ନିକଟରେ ପୋଲିସ ଗାଡ଼ି ଯାଞ୍ଚ କରୁଥିଲା। ସେତିକିବେଳେ ୫ଜଣ ନାବାଳକ ବାଇକ୍ ଚାଳକଙ୍କୁ ଧରିଥିଲା। ସେମାନଙ୍କ କୌଣସି କାଗଜପତ୍ର ନ ଥିବାରୁ ପୋଲିସ ତାଙ୍କଠାରୁ ୧ଲକ୍ଷ ୩୫ ହଜାର ଟଙ୍କା ଫାଇନ କାଟିଥିଲା। ସେହିପରି ପୋଲିସ ସହରର ବସ୍ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରୁ ଗାଡ଼ି ଚାଳନା ବେଳେ ମୋବାଇଲ ଫୋନରେ କଥା ହେଉଥିବା ୪୦ଜଣ ବାଇକ୍ ଚାଳକଙ୍କଠାରୁ ୪୦ ହଜାର ଟଙ୍କା ଫାଇନ କଟାଯାଇଥିବା ଆଇଆଇସି ସାବେତ୍ରୀ ବଳ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଅଫିସରେ ଭୋଜି

**ଝାରସୁଗୁଡ଼ା ଅଫିସ,୧୩।୩**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟର ପ୍ରଥମ ମହଲା ପରିସରରେ ଏକାଧିକ ମହିଳା ଓ ପୁରୁଷ ହାତରେ ପ୍ଲେଟ ଧରି ଭିଡ ଜମାଇଥିଲେ। ସେମାନଙ୍କୁ ଦେଖି ବିଭିନ୍ନ କାମରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକେ ମଧ୍ୟ ସେଠାରେ ଭିଡ ଜମାଇଥିଲେ। କିଏ କିଏ ଜିଲାପାଳଙ୍କ ଅଫିସ ପରିସରରେ ଆହାର କେନ୍ଦ୍ର ଖୋଲିଛି ବୋଲି କହିଥିଲେ । ହେଲେ କିଛି ସମୟ ଭିତରେ ସବୁ ଆଲୋଚନା ମିଛ ପ୍ରମାଣିତ ହୋଇଥିଲା। ସେଠାରେ ଖାଦ୍ୟ ପରଷୁଥିବା ବ୍ୟକ୍ତିମାନେ ଏହି ଖାଇବା କେବଳ ସରକାରୀ ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ପରେ ଏ ନେଇ ବୁଝିବାରୁ ଜଣାପଡିଲା ଯେ, ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ତାଲିମ କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ଆସିଥିବା ଅଧିକାରୀମାନଙ୍କ ପାଇଁ ଏହି ଆମିଷ ଭୋଜିର ବ୍ୟବସ୍ଥା ହୋଇଥିଲା। ଆସନ୍ତା ମାସରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ । ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ଏଥିପାଇଁ ତାଲିମ ଦିଆଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଛି। ତେବେ ସେହି ସମ୍ମିଳନୀ କକ୍ଷରେ ଭୋଜି ବ୍ୟବସ୍ଥା କରିବା ପରିବର୍ତ୍ତେ କାର୍ଯ୍ୟାଳୟର ପ୍ରଥମ ମହଲାରେ ଏହି ବ୍ୟବସ୍ଥା କରାଯାଇଥିଲା। ସେହି ରାସ୍ତା ଦେଇ ସାଧାରଣ ଲୋକେ ଯାତାୟାତ କରୁଥିବା ବେଳେ ସମସ୍ତେ ଏପରି ଭୋଜି ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏପରି କି ଜିଲାପାଳଙ୍କ ଅଫିସକୁ ଆସିଥିବା ବିକାଶ ନାଏକ ଏହି କାର୍ଯ୍ୟାଳୟ ପରିସରରେ ଆହାର କେନ୍ଦ୍ର ଖୋଲିଲା ବୋଲି ଭାବି ଖାଦ୍ୟ ପରଷୁଥିବା ବ୍ୟକ୍ତିଙ୍କ ପାଖକୁ ଯାଇ ୫ ଟଙ୍କା ଦେଇ ଖାଦ୍ୟ ମାଗିଥିଲେ। ହେଲେ ସେ ପ୍ରକୃତ କଥା ଜାଣିବା ପରେ ସେଠାରୁ ଫେରିଆସିଥିଲେ। ତେବେ ସରକାରୀ କାର୍ଯ୍ୟାଳୟରେ ଏଭଳି ଭୋଜିକୁ ଜନସାଧାରଣ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ମତାମତ ଲୋଡାଯାଇଥିଲା । ହେଲେ ସେମାନେ କିଛି କହିବାକୁ ସିଧାସଳଖ ମନା କରିଦେଇଥିଲେ।



ସରକାରୀ ଅଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖାଉଛନ୍ତି ।

# ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

**ସମ୍ବଲପୁର,୧୩।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ମହାନଦୀ ଦ୍ୱିତୀୟସେତୁ ତଳୁ ଗୁରୁତର ଅବସ୍ଥାରେ ଜଣେ ଯୁବକଙ୍କୁ ଅଗ୍ନିଶ୍ରମ ବିଭାଗ ଉଦ୍ଧାର କରିଛି। ସେ ଧମା ଥାନା ସର୍ଗିପାଲି ଗ୍ରାମର ସରୋଜ ଭୋଇ। ସେ ବାଇକ ଚୋରି କରି ନେଉଥିବା ସମୟରେ ୩ ଯୁବକ ତାଙ୍କୁ ଗୋଡ଼ାଇଥିଲେ। ସେ ପୋଲ ତଳକୁ ଡେଇଁ ପଡିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏନେଇ ଟାଉନଥାନା ଅଧିକାରୀ ରମେଶଚନ୍ଦ୍ର ଦୋରା କହିଛନ୍ତି ଯେ, ବାଇକ ଚୋରି ନେଇ କୌଣସି ଅଭିଯୋଗ ହୋଇ ନାହିଁ। ପ୍ରାୟ ୫ ଟା ସମୟରେ ବ୍ରିଜ ଉପରେ ୩ ଜଣ ଯୁବକ ସରୋଜଙ୍କ ପିଛା କରୁଥିଲେ। ସେମାନେ ଚୋର ଚୋର ବୋଲି ପାଟି କରିଥିଲେ। କିଛି ସମୟ ବ୍ରିଜ ଉପରେ ଦଉଡିବା ପରେ ସରୋଜ ବିଜ୍ର ତଳକୁ ଡେଇଁ ପଡିଥିଲେ।

# ମଙ୍ଗଳ ବଜାର ହସ୍ପିଟାଲକୁ ଅର୍ବାନ ସିଏଚ୍ସି ଘୋଷଣା କର

**ଝାରସୁଗୁଡ଼ା ଅଫିସ,୧୩।୩**

ଝାରସୁଗୁଡ଼ା ସହର ମଙ୍ଗଳ ବଜାରସ୍ଥିତ ପୁରୁଣା ହସ୍ପିଟାଲକୁ ଅର୍ବାନ ସିଏଚ୍ସି ଘୋଷଣା ଦାବି ନେଇ ଜିଲା ଭାଜପା ପକ୍ଷରୁ ଶୁକ୍ରବାରଠାରୁ ଏହି ହସ୍ପିଟାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି

## ଭାଜପା ପକ୍ଷରୁ ଧାରଣା

ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଧାରଣା ଆରମ୍ଭ ହୋଇଛି । ଉକ୍ତ ହସ୍ପିଟାଲରେ ୫୦ ଶର୍ଯ୍ୟା ବ୍ୟବସ୍ଥା, ଅତିରିକ୍ତ ରୋଗୀ ସେବା ଏବଂ ରୋଗୀମାନଙ୍କ ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି।

# ପୋଲିସ ଲଗାଇ ଋଣ ଅସୁଲ ଅଭିଯୋଗ



ସମ୍ବଲପୁର ଏସପି ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ମହିଳମାନେ।

**ସମ୍ବଲପୁର,୧୩।୩ (ବ୍ୟୁରୋ)**

ସମ୍ବଲପୁର ଏସ୍ପି ଅଫିସରେ ଘୁନଘୁଟି ପଡାର ମହିଳମାନେ ଶକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ବିଶ୍ୱ ସଂସ୍ଥା ପୋଲିସ ଲଗାଇ ମହିଳାମାନଙ୍କ ଉପରେ ଜୁଲମ କରୁଛି। କୌଣସି ହିସାବ ନ ଦେଇ ଋଣ ପରିଷଦ କରିବା ପାଇଁ ବାଧ୍ୟ କରାଯାଉଛି। ଏଥିରେ ଅଇଁଠାପାଲି ଥାନା ପୋଲିସ ଉକ୍ତ ସଂସ୍ଥାକୁ ସହଯୋଗ କରୁଛନ୍ତି। ମହିଳାମାନଙ୍କୁ ଥାନାକୁ ନେଇ ଧମକ ଚମକ ଦେଉଛନ୍ତି। ଟଙ୍କା ନ ଦେଲେ ଥାନାରେ ମାମଲା କରାଯିବ ଓ ଜେଲ ପଠାଇ ଦିଆଯିବ ବୋଲି ପୋଲିସ କହୁଛି। ହେଲେ ଆମେ ଟଙ୍କା ଦେବାକୁ ରାଜି ଅଛୁ । ଆମେ ପୂର୍ବରୁ ଦେଇଥିବା ଟଙ୍କା ହିସାବ ଦିଅନ୍ତୁ । ସୁଧ ଉପରେ ସୁଧ ନିଆଯାଉଛି ତାହା କୋହଲ କରାଯାଉ। ଗରିବ ଶ୍ରେଣୀର ପରିବାର ତେଣୁ ଏତେ ଟଙ୍କା ଦେବା କଷ୍ଟକର ଅଟେ ବୋଲି କହିଥିଲେ। ଏ ସମ୍ପର୍କରେ ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତିଯେ, ପୂର୍ବରୁ ସେମାନେ ଋଣ ନେଇଛନ୍ତି। ଋଣ ଅସୁଲି କରିବାରେ ସହଯୋଗ କରିବାକୁ ହାଇକୋର୍ଟର ନିର୍ଦ୍ଦେଶ ରହିଛି। ଯଦି ସେମାନ ଖୀଲାପି କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ରହିଛି ତେଣୁ ପୋଲିସ ନିର୍ଦ୍ଦେଶ ପାଳନ କରୁଛି ବୋଲି କହିଥିଲେ। ସୁଚନାଯୋଗ୍ୟ ଯେ, ବିଶ୍ୱ ସଂସ୍ଥା ପକ୍ଷରୁ ମହିଳା ସଂଘ ସହାୟକ ମାଧ୍ୟମରେ ଋଣ ପ୍ରଦାନ କରୁଥିଲେ । ଏହି ପଡାରେ ପ୍ରାୟ ୧୯ ଏସଏଚ୍ଜି ମହିଳା ଲକ୍ଷାଧିକ ଟଙ୍କା ଋଣ ନେଇଥିଲେ। ସେ ସମୟରେ କିଛି ଋଣ ଟଙ୍କା ପରିଷଦ କରିଥିବା ବେଳେ ଆଉ ଟଙ୍କା ବାକି ରହିଛି।

# ସିଜିଏମ୍ ଅଫିସ୍ ସମ୍ମୁଖରେ ଶ୍ରମିକଙ୍କ ଆନ୍ଦୋଳନ

**ଲଖନପୁର,୧୩।୩(ଡି.ଏନ୍.ଏ.)**

ମହାନଦୀ କୋଲ୍ଫିଲ୍ଡ ଲିମିଟେଡ୍ (ଏମ୍ସିଏଲ୍) ଲଖନପୁର କ୍ଷେତ୍ରରେ କୋଇଲା ଉତ୍ପାଦନ ପାଇଁ ନିୟୋଜିତ ହୋଇଛି ଭିଏଫ୍ପିଏଲ୍ ଜେଭି କମ୍ପାନୀ ନାମକ ଠିକାସଂସ୍ଥା । ଏହି ଠିକାସଂସ୍ଥା କେନ୍ଦ୍ର ସରକାରଙ୍କ ହାଇପାୱାର୍ କମିଟି ଏଗ୍ରୀମେଣ୍ଟ(ଏଚ୍ପିସି)ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଶ୍ରମିକଙ୍କୁ

## ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଶୋଷଣ କରି ଚାଲିଛି। ଏନେଇ ଶ୍ରମିକମାନେ ନିଜର ହକ୍ପାଇଁ ମୁହଁ ଖୋଲିଲେ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇ ବିଭିନ୍ନ ନିର୍ଯାତନା ଦିଆଯାଉଛି। ଏଭଳି ଅଭିଯୋଗ ଆଣିଛନ୍ତି ଠିକାସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନେ। ଅସନ୍ତୋଷ ଶ୍ରମିକ ଏକତ୍ରିତ ହୋଇ ଠିକା ସଂସ୍ଥା ବିରୋଧରେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଲଖନପୁର ସିଜିଏମ୍ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଏଥିରେ ଶ୍ରମିକନେତା ଅନିତ ଚକ୍ରବର୍ତ୍ତୀ,ରମେଶ ତ୍ରିପାଠୀ, ସଞ୍ଜୟ ମିଶ୍ର, ଜିତେନ୍ଦ୍ର ମହାକୁଡ, ଦେବେନ୍ଦ୍ର ଭୋଇ, ଚିତ୍ରସେନ୍ ଭୋଇ ପ୍ରମୁଖ ଏମ୍ସିଏଲ୍ ଓ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ବର୍ଷିଥିଲେ। ଶେଷରେ ପୋଲିସ ଉପସ୍ଥିତିରେ ଏମ୍ସିଏଲ୍ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କୁ ନେଇ ସିଜିଏମ୍ଙ୍କ ଅଫିସ୍ରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଆସନ୍ତା ୨୦ତାରିଖ ମଧ୍ୟରେ ଏହି ବିବାଦର ସମାଧାନ କରାଯିବ ବୋଲି ସିଜିଏମ୍ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ସିଜିଏମ୍ଙ୍କ ଅଫିସ୍ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ସରକାରୀ ଯୋଜନା,ଦଳୀୟ ସଙ୍ଗଠନକୁ ଗୁରୁତ୍ୱ

## ରେଙ୍ଗାଲିରେ ବିଜୁ ଜୟନ୍ତୀ ପାଳିତ

**ରେଙ୍ଗାଲି/ସମ୍ବଲପୁର,୧୩।୩ (ଡି.ଏନ.ଏ./ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ରହିଛି। ସମସ୍ତ ଯୋଜନାର ଲାଭ ଯେଭଳି ଉଚିତ ଲୋକମାନେ ଉଠାଇ ପାରିବେ ସେନେଇ ଦଳୀୟ କର୍ମକର୍ତ୍ତାମାନେ କାମ କରିବାକୁ ହେବ ବୋଲି ଦେବଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନିକାନ୍ତ ପ୍ରଧାନ କହିଛନ୍ତି। ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଶୁକ୍ରବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ରେଙ୍ଗାଲି ଖେଳପଡିଆରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ରମେଶ ପଟୁଆ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଯୁବନେତା ଶୈଳେଶ ଦାନୀ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଭାପତି ଦାସ କହିଥିଲେ, କର୍ମକର୍ତ୍ତାମାନଙ୍କ ମନରେ ଦଳୀୟ ବିରୋଧ ନାହିଁ। କିଛି ଭୁଲ ବୁଝାମଣା ଥାଇ ପାରେ ଯାହା ଏବେ ଦୂର ହୋଇଯାଇଛି। ଯଦି ଆମେ ଏବେଠୁ 'ମୋ ସରକାର' ଭଳି 'ମୋ ଦଳ' ଭାବେ କାମ କରିବା ସଙ୍ଗଠନ ଆହୁରି ମଜଭୁତ ହେବ। ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନକଉଡା ବ୍ଲକ ସଭାପତି ରଜନୀ ସାହୁ, ଗାନ୍ଧୀ ବେହେରା, ଫଣୀନ୍ଦ୍ର ପଟ୍ଟନାୟକ, ପ୍ରକାଶ ପୋଦ୍ଦାର, ଗୋପାଳ ଅଗ୍ରୱାଲ, ଶଶିଭୂଷଣ ସାହୁ, କବିରାଜ ବଢେଇ, ରେଙ୍ଗାଲି ବ୍ଲକ ମହିଳା ବିଜେଡି ସଭାପତି ସନ୍ତୋଷିନୀ ନାଏକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଜୁ ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥିମାନେ।

**DECLARATION**

Due to death of Swapneswar Mishra & retirement of Shyam Sundar Mishra & Tukunu Mishra, The new Partners of Siddhi Binayak Rice Mill At- Apamara, Dist- Bolangir, Odisha - 767029 are

1. Anita Mishra, W/o- Swapneswar Mishra
2. Sitaram Mishra, S/o- Chhala Mishra
3. Sanjay Kumar Mishra, S/o- Lingaraj Mishra

# ଭିସୁଟ୍ରେ ତେଜସ୍ ୨.୦ ଉଦ୍ଯାପିତ



ଜିଲାପାଳ ଶୁଭମ ସକସେନା ଭିସୁଟରେ ତେଜସ ୨.୦ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରୁଛନ୍ତି।

**ସମ୍ବଲପୁର,୧୩।୩ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ବାର୍ଷିକ ଟେକନିକାଲ ଫେଷ୍ଟ ସମାବେଶ ଓ ଆର୍କିଟେକ୍ଚରାଲ ଏକ୍ସପୋଜନ ତେଜସ୍ ୨.୦ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଶୁଭମ ସକସେନା ଉଦ୍ଘାଟନ କରିଥିଲେ। ସମ୍ମାନିୟ ଅତିଥିଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ଯୋଗଦେଇଥିଲେ। ଆର୍କିଟେକଚର୍ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ଘର ଏହି ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଛାତ୍ର କଲ୍ୟାଣ ପ୍ରଫେସର ସୁଧାଂଶୁ ଶେଖର ଦାଶ, ଆର୍କିଟେକ୍ଚର୍ ବିଭାଗ ମୁଖ୍ୟ ଡ. ଭାରତୀ ପଣ୍ଡା ଓ ଟେକ୍ନିକାଲ ସୋସାଇଟି ଉପସଭାପତି ଡ. ହରିଶ ସାହୁ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବେଙ୍ଗାଲୁରର ପ୍ରସିଦ୍ଧ ଆର୍କିଟେକ୍ଟ କ୍ରିଷ୍ଣାରାଓ ଜୈସିମ୍ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଳା ଓ କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ଛାତ୍ରୀଛାତ୍ର ଡାଲମିଆ ସିମେଣ୍ଟ ଫ୍ୟୁଚର ଗୁଡେ ଆୱାର୍ଡରେ ଏହି ଗ୍ରୀନ୍ କୋଠାର କୌଶଳଙ୍କୁ ଛାତ୍ରୀଛାତ୍ର ପ୍ରଦର୍ଶିତ କରିଥିଲେ। ମହାନଦୀ କୋଲଫିଲ୍ଡସ ଲିମିଟେଡ ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ରହିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୪୯ ନମ୍ବର ଜାତୀୟ ରାଜପଥ ଶୋଚନୀୟ

## ନିର୍ମାଣକାରୀ ସଂସ୍ଥା ବିରୋଧରେ କଂଗ୍ରେସର ଏତଲା

**ଦେବଗଡ଼,୧୩।୩(ଡି.ଏନ.ଏ)**

ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ୪୯ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଦେବଗଡ଼ ଥାନାରେ ଶୁକ୍ରବାର ଏକ ଏତଲା ଦିଆଯାଇଛି। ଅଭିଯୋଗ ମୁତାବକ, ଏନ୍ଏଚ୍ଏଆଇ ବିଭାଗର ଅବହେଳା ଏବଂ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଦେବଗଡ଼ ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇଛି। ଫଳରେ ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ୪୯ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟରେ ନିୟୋଜିତ ନିର୍ମାଣକାରୀ ସଂସ୍ଥା ନିମ୍ନମାନର କାର୍ଯ୍ୟ କରିବା ସହ ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥର ସଦ୍ବିନିଯୋଗ କରି ନ ଥିବା ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ମହିଳା ସଭାନେତ୍ରୀ ମଞ୍ଜୁଲତା ନାୟକ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ସୁଶୀଲ କୁମାର ନାୟକ, ସୁବାସ ଚନ୍ଦ୍ର ଭୋଇ, କ୍ଷୀତିଶ କୁମାର ପ୍ରଧାନ, ବିକାଶ ଖଡିରତ୍ନ, ପଞ୍ଚୁ ବରାଇ, ଶମ୍ଭୁ ଶେଖର ପ୍ରଧାନ, ଯିଶୁ କ୍ରିଷ୍ଣ ସାହୁ, ରାକେଶ ବେହେରା, ଦୀପକ କୁମାର ଦାସ, ଗୀତାଞ୍ଜଳି ସାହୁ, ସବିତା ନାୟକ, ପୁଷ୍ପା ବେହେରା, ଜ୍ୟୋତି ଦେହୁରୀ ପ୍ରମୁଖ ଦେବଗଡ଼ ଥାନାରେ ପହଞ୍ଚି ନିର୍ମାଣକାରୀ ସଂସ୍ଥା ବିରୋଧରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗ ପତ୍ରରେ ନିର୍ମାଣକାରୀ ସଂସ୍ଥା ଉଦ୍ଦେଶ୍ୟମୂଳକ ଭାବେ ରାସ୍ତା ମରାମତି କରୁ ନ ଥିବା ଦର୍ଶାଯାଇଛି। ଦଳ ପକ୍ଷରୁ ଗତ ଡିସେମ୍ବର ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ୭ଦିନ ମଧ୍ୟରେ ଜାତୀୟ ରାଜପଥ ମରାମତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘଟଣାର ୩ ମାସ ପରେ ମଧ୍ୟ ରାସ୍ତା ମରାମତି କାର୍ଯ୍ୟ କରାଯାଇନାହିଁ। ଏଭଳି ସ୍ଥିତିରେ ରାସ୍ତାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଅନ୍ୟପକ୍ଷେ ଗୁରୁବାର ସନ୍ଧ୍ୟାରେ ଉକ୍ତ ରାସ୍ତାରେ ଏକ ଟ୍ରକ ଚାପାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।



ଜିଲା କଂଗ୍ରେସ ପକ୍ଷରୁ ଏତଲା ପ୍ରଦାନ କରିବାକୁ ଆସିଥିବା ନେତା ଓ କର୍ମୀ।

**OFFICE OF THE DISTRICT PROJECT COORDINATOR**
**RTE-SS, SUBARNAPUR**
E-mail : dpcsonepurssa.opepa@nic.in, Ph.- 06654-220551, 06654-220514 (Fax)
ଶିକ୍ଷା ଅଧିକାର
No.537 Date: 12.03.2020

**"TENDER CALL NOTICE FOR PRINTING OF TEACHER'S IDENTITY CARD FOR ALL GOVT. ELEMENTARY TEACHERS OF SUBARNAPUR DISTRICT"**

Sealed tenders are invited in prescribed format from the registered firms having GST and IT clearance certificate for printing and supply of approximately 2827 numbers of teachers identity card for Subarnapur District. Interested printers/traders will be submitted their paper by Registered Post or Speed Post only to District Project Coordinator, RTE-SS, Subarnapur on or before 30.03.2020 by 5.00 P.M. Details terms and conditions can be downloaded from the official website www.subarnapur.nic.in and www.opepa.nic.in

By Order of Collector and Chairman, RTE-SS, Subarnapur
Sd./- District Project Coordinator, RTE-SS, Subarnapur

ନଂ.: ଆଇଟିବିପି/୩୩ତମ ବିଏନ୍/ଇଏସ୍ଟିଟି-୨/ସିଟି(ଜିଡି) ବାଲ ଗୋପାଳ ଶବର/୧୯-
**କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ**
**୩୩ତମ ବାଟାଲିୟନ୍, ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ**
**ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)**
ବ୍ଲକ୍-ଏ/୧୪, ୬ଷ୍ଠ ମହଲା, ଗେମ୍ ଭିଲେଜ୍ ଗୁଆହାଟୀ (ଆସାମ)
ଇମେଲ୍-itcell33rdbnitbp.gov.in, ଫାକ୍ସ ନଂ.: ୦୩୬୧୨୩୧୧୩୨୨

**"ନୋଟିସ"**

ଯେହେତୁ, ଆପଣ, ୩୩ତମ ବାଟାଲିୟନ୍ ଆଇଟିବି ପୋଲିସର ନଂ.୧୩୦୫୦୨୦୨୨ ସିଟି(ଜିଡି) ବାଲ ଗୋପାଳ ଶବର, ପିତା ଶ୍ରୀ ସାକିନ ଶବର, ଗ୍ରାମ/ପୋଷ୍ଟ- ସିଲଭା, ତହସିଲ- କୋମନା, ଜିଲ୍ଲା- ନୂଆପଡ଼ା, ରାଜ୍ୟ- ଓଡ଼ିଶା, ପିନ୍-୭୬୬୧୦୫ଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଆପଣ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ବିନା ତା୨୭।୦୯।୧୯ରିଖ (ଅପରାହ୍ନ)ଠାରୁ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଛନ୍ତି । ତାଙ୍କୁ ତା୨୮।୦୯।୧୯ରିଖଠାରୁ ବଳରୁ "ପଳାତକ" ଭାବେ ଘୋଷଣା କରାଯାଇଛି। ତାଙ୍କ ଅଣ ଅଧିକୃତ ଅନୁପସ୍ଥିତି ତାରିଖ ହେଉଛି ତା୨୭।୦୯।୧୯ରିଖ (ଅପରାହ୍ନ)। ଏହି କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୮୨୩ ତାରିଖ ୨୮।୦୨।୨୦୨୦ ଜରିଆରେ ଏବେ ତାଙ୍କୁ ସେବାରୁ ବହିଷ୍କାର କରାଯିବାର ପ୍ରସ୍ତାବ ରହିଛି ।

୨. ତେଣୁ, ନଂ. ୧୩୦୫୦୨୦୨୨ ସିଟି(ଜିଡି) ବାଲ ଗୋପାଳ ଶବର, ପିତା ଶ୍ରୀ ସାକିନ ଶବରଙ୍କୁ ଏହି ନୋଟିସ ମାଧ୍ୟମରେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ବ୍ୟକ୍ତିଗତ ଭାବେ କମାଣ୍ଡାଣ୍ଟ, ୩୩ତମ ବାଟାଲିୟନ୍, ଆଇଟିବି ପୋଲିସଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି ଅନ୍ୟଥା ଏହା ବିବେଚନା କରାଯିବ ଯେ ସେ ଆଇଟିବି ପୋଲିସ ବଳରେ ସେବା କରିବା ଲାଗି ଇଚ୍ଛୁକ ନୁହନ୍ତି ଏବଂ ସେହି ଅନୁଯାୟୀ ଏହି ୟୁନିଟ୍ ଦ୍ୱାରା ତାଙ୍କୁ ସେବାରୁ "ବହିଷ୍କାର" କରାଯିବା ପାଇଁ ଆଦେଶ ଜାରି କରାଯିବ।

davp 19112/11/0472/1920 ସ୍ୱା./- କମାଣ୍ଡାଣ୍ଟ, ୩୩ତମ ବିଏନ୍, ଆଇଟିବି ପୋଲିସ



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/category/selfie



ମନୋରଞ୍ଜନ



ଅଙ୍କିତ୍



ଲିପୁନ୍



ତରୁଣ



ଚନ୍ଦନ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# 'ସତର୍କ ରହିଲେ କରୋନା ମୁକାବିଲା କରିହେବ'



ଭିଡିଓ କନଫରେନ୍ସିଂରେ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

- ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂରେ ଆଲୋଚନା
- ପରିମଳକୁ ଗୁରୁତ୍ୱ
- ଫୋକସ୍‌ରେ ବାରାକ୍ସ, ପ୍ରତିଷ୍ଠାନ ଓ ବାଟାଲିୟନ

**କଟକ ଅଫିସ, ୧୩।୩**

ରାଜ୍ୟରେ କରୋନା ଭୂତାଣୁର ମୁକାବିଲା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ବାଟାଲିୟନ୍, ବାରାକ୍ସ ଓ ବିଭିନ୍ନ ପୋଲିସ ପ୍ରତିଷ୍ଠାନକୁ କରୋନା ଭୟ ରହିଥିବାରୁ ଏଥିପାଇଁ ସତର୍କ ହୋଇପଡ଼ିଛି ପୋଲିସ ବିଭାଗ। ଶୁକ୍ରବାର ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଡିଜିପି ଅଭୟ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ଆଇଜି, ଡିଆଇଜି, ଡିସିପି, ଏସ୍‌ପି ଏବଂ ବାଟାଲିୟନ୍‌ଗୁଡ଼ିକର କମାଣ୍ଡାଣ୍ଟଙ୍କ ସହ ଆଲୋଚନା କରିଥିଲେ। ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ରହୁଥିବା ସ୍ଥାନରେ କିଭଳି କରୋନା ବ୍ୟାପିବ ନାହିଁ, ସେଥିପ୍ରତି ଗୁରୁତ୍ୱ ଦେବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ପରାମର୍ଶ ଦେଇଛନ୍ତି। ନିୟମିତ ସଫା ରଖିବା ସହ ଭୂତାଣୁ ନ ବ୍ୟାପିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ସତର୍କ ରହିବା ଦ୍ୱାରା ହିଁ କରୋନାର ମୁକାବିଲା କରାଯାଇପାରିବ ବୋଲି ଡିଜିପି କହିଛନ୍ତି।

ଗତ ୬ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା ପୋଲିସ କର୍ମଶାଳାରେ ଯେଉଁସବୁ ପ୍ରସ୍ତାବ ଦିଆଯାଇଥିଲା, ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ଏହି ଆଲୋଚନାବେଳେ ବରିଷ୍ଠ ଅଧିକାରୀଙ୍କ ମତାମତ ଲୋଡ଼ାଯାଇଥିଲା। ଗତ ଦିନରେ ଘଟିଥିବା ଆପରାଧିକ ଘଟଣାଗୁଡ଼ିକର ସଫଳତା ତଦନ୍ତ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମେଡାଲ୍ ପ୍ରଦାନ କରାଯିବ। ଏଥିପାଇଁ ଯଥାଶୀଘ୍ର ଅଧିକାରୀଙ୍କ ତାଲିକା ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସରେ ପ୍ରଦାନ କରାଯିବାକୁ ଥିବା ଡିଜିପି ପୁରସ୍କାର ପାଇଁ ଅଧିକାରୀଙ୍କ ନାମ ପଠାଇବାକୁ କୁହାଯାଇଛି। ରାଜ୍ୟର କେଉଁ ସ୍ଥାନରେ ଗଞ୍ଜେଇ ଚାଷ ଚାଲିଛି, ତାହାର ଭୌଗୋଳିକ ସ୍ଥିତିକୁ ଦେଖି ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ବିଭିନ୍ନ ଆପରାଧିକ ମାମଲାର ଯୁଗ୍ମ ତଦନ୍ତ, ଜିଲା ଏବଂ ବାଟାଲିୟନ୍‌ଗୁଡ଼ିକରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଜନିତ ମାମଲାଗୁଡ଼ିକର ନିରୀକ୍ଷଣ, ବାଟାଲିୟନ୍ ସ୍ତରରେ ପଦୋନ୍ନତି ବୋର୍ଡର ବୈଠକ, ବାଟାଲିୟନ୍‌ର ବାର୍ଷିକ ତାଲିମ୍ କାର୍ଯ୍ୟକ୍ରମ ଆଦି ବିଷୟରେ ବରିଷ୍ଠ ଅଧିକାରୀଙ୍କ ସହ ଡିଜିପି ଆଲୋଚନା କରିଥିଲେ। ଏହି ଆଲୋଚନାବେଳେ ସ୍ୱତନ୍ତ୍ର ଡିଜିପି(ଏସ୍‌ଏପି) ମନୋଜ ଛାବ୍ରା, ଏଡିଜି(ମୁଖ୍ୟାଳୟ) ଭି.ଟି. ମିଶ୍ର, ଏଡିଜି(ଆଇନଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି(ଆଧୁନିକୀକରଣ) ରେଖା ଲୋହାନୀ, ଆଇଜି(ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ) ରାଜେଶ କୁମାର ଏବଂ ଆଇଜି(ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଆକ୍ରମଣ କରି ଲୁଟି ନେଲେ ୧.୭୦ ଲକ୍ଷ

**ରୂପ୍‌ସା, ୧୩।୩(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ନିଧିପଣ୍ଡା ଛକ ନିକଟରେ ଶୁକ୍ରବାର ଜଣେ ଗୋରୁ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ କରି ତାଙ୍କ ବାଇକ୍ ସହ ୧ଲକ୍ଷ ୭୦ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ରୂପ୍‌ସା ଥାନା ଆଗମୌଦା ଗ୍ରାମର ଗୋରୁ ବ୍ୟବସାୟୀ ଭିକାରୀ ଚରଣ ପ୍ରଧାନ ବାରିକପୁର ହାଟରୁ ବ୍ୟବସାୟ କରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବାଇକ୍ ଡିକିରେ ୧ଲକ୍ଷ ୭୦ହଜାର ଟଙ୍କା ଥିଲା ବୋଲି ସେ କହିଛନ୍ତି। ନିଧିପଣ୍ଡା ଛକ ନିକଟରେ ଏକ ପଲସରରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମୁଣ୍ଡକୁ ଭୁଜାଲି ମାଡ଼ କରିଥିଲେ। ଭୟଭୀତ କରାଇ ଭିକାରୀଙ୍କ ବାଇକ୍ ସହ ଟଙ୍କା ନେଇ ଆଖି ପିଛୁଳାକେ ଚମ୍ପଟ ମାରିଥିଲେ। ଆହତ ଭିକାରୀ ମୋବାଇଲ ଯୋଗେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି, ବୁଧ ପାହାନ୍ତି;**
**ଯେଣେ ଗଲେ ତେଣେ ଯଶ ପାଆନ୍ତି ।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ । ଏହି ବେଳାରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋହିଲି ମୁଁ ସଜ ଦହି,**
**ହାତ ବାଜୁବନ୍ଧ ଗୁନ୍ଥେଇବି ବୋଲି;**
**ପାଟରାଣୀ ସାଙ୍ଗେ ସହି ।**

ସାଧାରଣତଃ ଯାହାଠାରୁ କିଛି ଲାଭ ବା ଫାଇଦା ପାଇବାର ଆଶା ଥାଏ ତାକୁ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରାଯାଇଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଯାଇଥାଏ। ବାଜୁବନ୍ଧ ପାଇବା ଆଶାରେ ପାଟରାଣୀ ସଙ୍ଗେ ଭାବପ୍ରୀତି ରଖାଯିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ

-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁଣି ବନ୍ଦ ହେବ ୨୧୯ ସରକାରୀ ସ୍କୁଲ

**ସୋନପୁର,୧୩।୩(ନି.ପ୍ର.):** ରାଜ୍ୟ ସରକାର ୨୦୧୫ ମସିହାରୁ ବିଭିନ୍ନ ଜିଲାରେ ବହୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକୁ ବନ୍ଦ କରି ଚାଲିଛନ୍ତି। ଏହିକ୍ରମରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ସମନ୍ୱିତ ଶିକ୍ଷା ଯୋଜନା କରିବା ନାଁରେ ୨୦୨୦-୨୧ ଶିକ୍ଷା ବର୍ଷରେ ସୁବର୍ଣ୍ଣପୁର ଜିଲାର ୨୧୯ ସରକାରୀ ସ୍କୁଲ ବନ୍ଦ କରିବା ବା ଅନ୍ୟ ସ୍କୁଲ ସହ ସଞ୍ଜୁକ୍ତ କରିବାର ଯୋଜନା କରୁଛନ୍ତି। ଏହି ଯୋଜନା ଅନୁଯାୟୀ ଜିଲାର ୨୧୯ଟି ପ୍ରାଥମିକ ସ୍କୁଲ ଚିହ୍ନଟ କରାଯାଇଛି। ବିଭିନ୍ନ ବର୍ଗୀକରଣ ମଧ୍ୟରୁ ୨୦ କିମ୍ବା ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ୧୩୭ ସ୍କୁଲ ଓ ୪୦କିମ୍ବା ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ୮୨ ସ୍କୁଲକୁ ବନ୍ଦ କରି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଜିଲାର ଏତେ ସଂଖ୍ୟକ ସ୍କୁଲ ବନ୍ଦ ହୋଇଗଲେ ଶିକ୍ଷା କ୍ଷେତ୍ରରେ ଏବେ ବି ପଛରେ ପଡିଥିବା ଏହି ଜିଲାର ଗରିବ ଛାତ୍ରୀଛାତ୍ର ଅସୁବିଧା ଭୋଗିବେ। ବିଶେଷ କରି ଗ୍ରାମାଞ୍ଚଳରେ ଥିବା ଏହି ସ୍କୁଲର ଛାତ୍ରୀଛାତ୍ରମାନେ କିଭଳି ଶିକ୍ଷାଲାଭ କରିବେ ସେ ନେଇ ଅଭିଭାବକ ମହଲରେ ସଂଶୟ ଦେଖାଦେଇଛି। ଜିଲାର ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ବିନିକା, ତରଭା ଏନଏସି, ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଏହି ସବୁ ସ୍କୁଲ ବନ୍ଦ କରାଯିବ ବୋଲି ଚିହ୍ନଟ ହୋଇଛି । ଏ ନେଇ ଡିଇଓ ପୁଷ୍ପା ମିଞ୍ଜଙ୍କୁ ପଚାରିବାରୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ ୫୪୬୫/ତା୧୧।୦୩।୨୦୨୦ ରିଖ ଅନୁଯାୟୀ ୨୦ ଓ ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲର ତାଲିକା ଆସିଛି। ସମ୍ପୃକ୍ତ ସିଆରସିସିଙ୍କ ଦ୍ୱାରା ଏହା ଅନୁଧ୍ୟାନ କରାଯାଉଛି ବୋଲି କହିଥିଲେ। ପ୍ରକାଶ ଯେ, ପୂର୍ବରୁ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ସରକାର ଏହି ଜିଲାର ଶତାଧିକ ସ୍କୁଲକୁ ବନ୍ଦ କରି ସାରିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ବେସରକାରୀ ସ୍କୁଲଗୁଡିକୁ ପ୍ରୋତ୍ସାହନ ଯୋଗାଇବ ବୋଲି ଶିକ୍ଷାବିତ୍‌ମାନେ ଅଭିଯୋଗ କରିଛନ୍ତି।

**ସୁବର୍ଣ୍ଣପୁର ଜିଲା**


## ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

ନୋଟିସ୍ ସଂଖ୍ୟା: ୧୨୫୨

**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**

ତାରିଖ: ୧୩।୦୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ ନୀଳଗିରି ତହସିଲ ଅନ୍ତର୍ଗତ ପୁନ୍ଦାଳ ଓ ଡୁମଗଣ୍ଡିରା ବାଲି (ଖାଦାନ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡ଼ିକୁ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଆବେଦନକାରୀ ଫର୍ମ 'M' ପୂରଣ କରି ୩ କପି ସହ ଏହି ତହସିଲର ପତ୍ରସଂଖ୍ୟା- ୧୨୫୧, ତା୧୩।୦୩।୨୦୨୦ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୩୦।୦୩।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ବାଲେଶ୍ୱର ଜିଲ୍ଲା Website **baleswar.nic.in**ରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରୁ ଜାଣିପାରିବେ।

**ନୀଳଗିରି ତହସିଲ ଅନ୍ତର୍ଗତ ସୈରାତ ଉତ୍ସର ତାଲିକା**

| କ୍ର. ନଂ. | ସୈରାତ ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ଜମି ମାଲିକ | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ବାଲି ଉଠାଇବାର ପରିମାଣ |
|---|---|---|---|---|---|---|---|---|---|---|
| 1 | 1 | ପୁନ୍ଦାଳ | ପୁନ୍ଦାଳ ବାଲିଖାଦାନ-1 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 Cum |
| 2 | 2 | ପୁନ୍ଦାଳ | ପୁନ୍ଦାଳ ବାଲିଖାଦାନ-2 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 cum |
| 3 | 3 | ଡୁମଗଣ୍ଡିରା | ଡୁମଗଣ୍ଡିରା ବାଲିଖାଦାନ | 157 | 385 | ନଦୀ | A2.75 | Govt. | 35.00 + 5.00 | 20000 Cum |
| | | | | 155 | 36 | ନଦୀ | A9.60 | Govt. | | |
| | | | | | | Total clubbed Area | A12.35 | | | |

ସ୍ୱା./- ତହସିଲଦାର, ନୀଳଗିରି


# ଆନ୍ତଃ ଜିଲା ପିକଅପ୍ ଭ୍ୟାନ୍ ଡକାୟତି: ୩ ଗିରଫ, ୨ ଫେରାର

**ବାଲେଶ୍ୱର ଅଫିସ,୧୩।୩:** ଆନ୍ତଃ ଜିଲା ପିକଅପ୍ ଭ୍ୟାନ ଡକାୟତି ମାମଲାର ପର୍ଦ୍ଦାଫାଶ ହୋଇଛି। ବାଲେଶ୍ୱର ଶିଳ୍ପାଞ୍ଚଳ ପୋଲିସ ଏସ୍‌କେ ହସିମ୍, ସୁରଜ ଖାନ ଓ ଶଶାଙ୍କ ଶେଖର ମହନ୍ତଙ୍କୁ ପୋଲିସ ଗିରଫ କରିଛି। ଆଉ ୨ଜଣ ଫେରାର ଅଛନ୍ତି। ଉକ୍ତ ପିକଅପ୍ ଭ୍ୟାନ୍‌ଗୁଡ଼ିକୁ ଚୋରି କରି ଦୁର୍ବୃତ୍ତମାନେ କାଠ ବ୍ୟବସାୟରେ ଲଗାଉଥିବା ଶିଳ୍ପାଞ୍ଚଳ ଥାନାଧିକାରୀ ପରେଶ ରାଉତ ଶୁକ୍ରବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ସିଦ୍ଧେଶ୍ୱର କଲୋନୀ ଦିଲୀପ ସାହୁଙ୍କ ଏକ ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ବି-୬୦୨୮) ଚୋରି ହୋଇଥିବା ଗତ ୨ତାରିଖରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ଶିଳ୍ପାଞ୍ଚଳ ଥାନାରେ ମାମଲା (ନଂ. ୩୬/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମୟୂରଭଞ୍ଜ ଜିଲା ବେତନଟୀ ନିକଟସ୍ଥ ବଡ଼ସାହିର ଏକ ଗ୍ୟାରେଜ୍‌ରେ ନମ୍ବର ବିହୀନ ପିକଅପ୍ ଭ୍ୟାନ୍ କଲର କରାଯାଉଥିବା ଖବରପାଇ ଶିଳ୍ପାଞ୍ଚଳ ଥାନାଧିକାରୀ ରାଉତ ଏକ ଟିମ୍ ସହ ଗୁରୁବାର ମଧ୍ୟରାତିରେ ଚଢ଼ାଉ କରିଥିଲେ। ଗ୍ୟାରେଜ୍‌କୁ ଉକ୍ତ ପିକଅପ୍ ଭ୍ୟାନ୍ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା କଉଡ଼ିଖିଣି ଗ୍ରାମର ଏସ୍. କେ ହସିମ୍ କାମ କରିବାକୁ ଦେଇଥିବା ଗ୍ୟାରେଜ୍ ମାଲିକ କହିଥିଲେ। ପରେ ଏସ୍‌କେ ହସିମ୍‌ଙ୍କୁ ଅଟକ ରଖି ପଚରାଉଚରା କରିବାରୁ ରେମୁଣା ଗୋଲେଇସ୍ଥିତ ରେମୁଣା ଥାନା ହରିପୁର ଗ୍ରାମର ସୁରଜ ଖାନଙ୍କ ଠାରୁ ଉକ୍ତ ପିକଅପ୍ ଭ୍ୟାନ୍‌କୁ କିଣାଯାଇଥିବା ପ୍ରକାଶ କରିଥିଲେ। ପରେ ଏସ୍‌କେ ହସିମ୍‌ଙ୍କ କହିବାନୁସାରେ ପୋଲିସ ବେତନଟୀ ଥାନା ଏସ୍.ଏସ୍.ମହୁଲିଆ ଗ୍ରାମର ଶଶାଙ୍କ ଶେଖର ମହନ୍ତଙ୍କ ଠାରୁ ୨ଟି ଚୋରା ପିକଅପ୍ ଭ୍ୟାନ୍ ଏବଂ ତେନ୍ତୋଳ ଗ୍ରାମର ମିତ୍ରଭାନୁ ପଣ୍ଡାଙ୍କ ଘରୁ ଗୋଟିଏ ପିକଅପ୍ ଭ୍ୟାନ୍ ଜବତ କରିଥିଲା।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
୨% ସୁଧ - ୫୦% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
୧% ସୁଧ ୫୦% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT 90783-45815
gmail-fusionmicrofinance2020@gmail.com

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

GANPATI FINANCE
GANPATI ଋଣ ୨%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

BUSINESS BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday

**ଘରେ ରହି କାମ କରିବାକୁ କହିଲା ଟୁଇଟର**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଟୁଇଟର ଏହାର କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦେଇଛି। ପୃଥିବୀ ସାରା କାମ କରୁଥିବା କର୍ମଚାରୀଙ୍କୁ ଏନେଇ ଟୁଇଟର ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସମ୍ପ୍ରତି ଟୁଇଟରରେ ପ୍ରାୟ ୫,୦୦୦ କର୍ମଚାରୀ କାମ କରୁଛନ୍ତି। ସଂକ୍ରମଣ ଯେଭଳି ନ ହେବ ସେଥିପାଇଁ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ନ ଆସିବାକୁ କୁହାଯାଇଛି। ତେବେ ଘରେ କାମ କଲେ ମଧ ଦରମା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଟୁଇଟର ପକ୍ଷରୁ କର୍ମଚାରୀଙ୍କୁ କମ୍ପାନୀର ନିଜସ୍ୱ ବ୍ଲଗ୍‌ରେ ସୂଚନା ଦିଆଯାଇଛି।

# ମହାକାଶରେ ବନ୍ଧାକୋବି ଚାଷ

**ୱାଶିଂଟନ:** ମହାକାଶ ଗବେଷଣା ସଂସ୍ଥା 'ନାସା' ଏକ ନୂଆ ଅଧ୍ୟୟନ କରିଛି। ମହାକାଶରେ ଏହାର ବୈଜ୍ଞାନିକମାନେ ସାଲାଡରେ ବ୍ୟବହାର କରାଯାଉଥିବା ବନ୍ଧାକୋବି ଚାଷ କରିବାକୁ ସକ୍ଷମ ହୋଇଛନ୍ତି। ମହାକାଶରେ ଚାଷ କରାଯାଇଥିବା ଏହି ବନ୍ଧା କୋବି ପୃଥିବୀରେ ଚାଷ ହେଉଥିବା କୋବି ଭଳି ପୋଷକ ତତ୍ତ୍ୱରେ ଭରପୁର ବୋଲି ନାସା କହିଛି। ଅନ୍ତର୍ଜାତୀୟ ମହାକାଶ ଗବେଷଣା କେନ୍ଦ୍ରରେ ଏହାକୁ ଚାଷ କରାଯାଇଥିଲା। ଏହାଦ୍ୱାରା ମହାକାଶ ଯାତ୍ରୀଙ୍କ ଖାଦ୍ୟ ସମସ୍ୟା ଅଗାମୀ ଦିନରେ ଦୂର ହେବା ସହିତ ମାନବ ମିଶନକୁ ସହାୟତା ମିଳିପାରିବ ବୋଲି କେନେଡ଼ି ସ୍ପେସ୍ ଷ୍ଟେଶନର ମହାକାଶ ବିଜ୍ଞାନୀ କ୍ରିଷ୍ଟିନା ଖୋଦାଦାଦ୍ ସୂଚନା ଦେଇଛନ୍ତି। ଚାଷ କରିବା ଲାଗି ଚିକ୍କଣ ମାଟିକୁ ଏକ ବାକ୍ସରେ ରଖାଯାଇ ଏହା ଉପରେ ଲାଲ୍ ରଙ୍ଗର ଆଲୋକ ରଶ୍ମୀ ପକାଯାଇଥିଲା। ଇଞ୍ଜେକ୍ସନ ଦ୍ୱାରା ଏଥିରେ ଆବଶ୍ୟକତା ଅନୁସାରେ ପାଣି ଦିଆଯାଇଥିବା କ୍ରିଷ୍ଟିନା କହିଛନ୍ତି। ଚାଷ ସମ୍ପୂର୍ଣ୍ଣ ହେବା ପାଇଁ ୫୬ ଦିନ ସମୟ ଲାଗିଥିଲା। ଅଗାମୀ ଦିନରେ ଏଠାରେ ଟମାଟୋ ସହିତ ଅନ୍ୟ ପରିବା ମଧ୍ୟ ଚାଷ କରାଯିବାର ଯୋଜନା ରହିଛି।






**ମିଆମି:** ପ୍ରେମ ପାଇଁ ପ୍ରେମିକା ପ୍ରେମିକ ନାନା ପ୍ରକାର କାମ କରିବାକୁ ପଛାଇ ନ ଥାନ୍ତି। ଏବେ ଜଣେ ଯୁବକ ଗର୍ଲଫ୍ରେଣ୍ଡଙ୍କୁ ନିଆରା ଢ଼ଙ୍ଗରେ ପ୍ରପୋଜ୍ କରିଛନ୍ତି। ତାଙ୍କ ପ୍ରପୋଜ୍ କରିବା ଶୈଳୀ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଫ୍ଲୋରିଡ଼ାରେ ବାସ କରୁଥିବା ଯୁବକ ବ୍ଲେକ୍ ମିଲର ତାଙ୍କ ଗର୍ଲଫ୍ରେଣ୍ଡ ଲୋଂରାଙ୍କୁ ପ୍ରପୋଜ୍ କରିବା ପାଇଁ ବିମାନରୁ ଡେଇଁ ପଡ଼ିଥିଲେ। ପ୍ରକୃତ କଥା ହେଉଛି ଉଭୟେ ସ୍କାଏ ଡାଇଭର। ସେମାନଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଭଲପାଇବା ରହିଥିଲା। ଶେଷରେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ପ୍ରପୋଜ୍‌କୁ ସ୍ମୃତି ବହୁଳ କରିବା ଲାଗି ଉଭୟେ ବିମାନରୁ ଡେଇଁ ମଝି ଆକାଶରେ ପହଞ୍ଚିଥିଲେ। ମିଲର ଲୋଂରାଙ୍କୁ ମତେ ବିବାହ କରିବ କି ବୋଲି ପ୍ରଶ୍ନ କରିଥିଲେ। ଲୋଂରା ଏଥିରେ ନିଜର ସମ୍ମତି ପ୍ରକାଶ କରିଥିଲେ।

# ବିମାନରୁ ଡେଇଁ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ୍

# ସଚେତନ କରୁଛି ରୋବୋ




କରୋନା ପାଇଁ ଏବେ ସବୁଆଡେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ଏହି ଉଦ୍ଦେଶ୍ୟରେ ଏବେ କେରଳ ଷ୍ଟାର୍ଟଅପ୍ ମିଶନ୍ (କେଏସ୍ଏମ୍) ଦୁଇଟି ରୋବୋକୁ ଏଇ ସଚେତନତା କାର୍ଯ୍ୟକ୍ରମରେ ଲଗାଇଛି। ରୋବୋ ଦୁଇଟି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେବା ସହିତ ମାସ୍କ ଏବଂ ସାନିଟାଇଜର ମଧ୍ୟ ବାଣ୍ଟୁଛନ୍ତି। କେରଳରେ ଅସିମୋବ ରୋବୋଟିକ୍ସ ଦ୍ୱାରା ଏହି ରୋବୋ ବିକଶିତ କରାଯାଇଛି।

ଦୁଇଟିଯାକ ରୋବୋ ଅଲଗା ଅଲଗା କାମରେ ନିୟୋଜିତ ହୋଇଛନ୍ତି। ଗୋଟିଏ ରୋବୋ ଲୋକଙ୍କୁ ସଚେତନ କରିବା ନିମନ୍ତେ କରୋନା ଭାଇରସରୁ ରକ୍ଷା ପାଇବା ପାଇଁ କଣ କରିବାକୁ ହେବ ସେବିଷୟରେ କହୁଥିବାବେଳେ ଅନ୍ୟଟି ସାନିଟାଇଜର୍ ତଥା ମାସ୍କ ବାଣ୍ଟୁଛି। ଅସିମୋବ ରୋବଟିକ୍ସର ସିଇଓଙ୍କ କହିବା ଅନୁସାରେ ରୋବୋ ମାଧ୍ୟମରେ ସଚେତନ କରିବା ଦ୍ୱାରା ଲୋକଙ୍କର ଆକର୍ଷଣ ଅଧିକ ହେବା ସହିତ ସେମାନେ ଶୀଘ୍ର ସଚେତନ ହୋଇପାରିବେ। ତେବେ ଏଭଳି ରୋବୋକୁ ଏୟାରପୋର୍ଟରେ ଲଗାଇବା ନିମନ୍ତେ ପ୍ରୟାସ କରାଯାଉଛି।




# ଧନୀ ଲୋକେ ଘରୋଇ ଜେଟ୍, ବଙ୍କର ବୁକ୍ କରୁଛନ୍ତି

## କରୋନା ଭୟ

**ନ୍ୟୁୟର୍କ:** କରୋନା ଭାଇରସ୍ ମହାମାରୀ ୧୨୦ ଦେଶରେ ଆତଙ୍କ ଖେଳାଇ ଚାଲିଛି। ଏହାର ପ୍ରଭାବ ସମଗ୍ର ବିଶ୍ୱବାସୀଙ୍କ ଉପରେ ପଡ଼ିଛି। ଏହି ସଂକଟଜନକ ସ୍ଥିତିରେ ଆମେରିକା, ୟୁରୋପର ଧନୀ ଶ୍ରେଣୀର ଲୋକେ ନିଜକୁ କରୋନା ଭାଇରସ୍‌ରୁ ବଞ୍ଚାଇବା ପାଇଁ ବ୍ୟକ୍ତିଗତ ଜେଟ୍, ବଙ୍କର ଏବଂ ଅଣ୍ଡରଗ୍ରାଉଣ୍ଡ ଗୃହ ବୁକ୍ କରୁଛନ୍ତି। ଏଥିସହ ବ୍ୟକ୍ତିଗତ ଭାବେ ଡାକ୍ତର ଏବଂ ନର୍ସଙ୍କୁ ମଧ୍ୟ ନିଯୁକ୍ତି ଦେଉଛନ୍ତି। ଯାହାକି ପରିବାର ସଦସ୍ୟଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିପାରିବ। ଏଥିପାଇଁ ବିଶ୍ୱର ନାମୀଦାମୀ ଡାକ୍ତରଙ୍କ ସହ ଯୋଗାଯୋଗ ମଧ୍ୟ ଜାରି ରଖିଛନ୍ତି। ଆମେରିକାର ବେସରକାରୀ ଜେଟ୍ ବୁକିଂ ସେବା ପ୍ରାଇଭେଟ୍ ଫ୍ଲାଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଡାମ ଟ୍ୱିଡେଲ କୁହନ୍ତି, କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକର କୋଟିପତିମାନେ ଜରୁରିକାଳୀନ ପରିସ୍ଥିତିରେ ଘରୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ଘରୋଇ ଜେଟ୍ ବୁକ୍ କରୁଛନ୍ତି। କାରଣ ଏପରି କଲେ କରୋନା ଭାଇରସ୍ ପରୀକ୍ଷା ଅନ୍ୟ ଦେଶରୁ କରାଯାଇପାରିବ କିମ୍ବା ସେମାନଙ୍କ ନମୁନା ପରୀକ୍ଷା ପାଇଁ ଅନ୍ୟ ଦେଶକୁ ସହଜରେ ପଠାଯାଇପାରିବ। ଧନିକମାନେ କୋଭିଡ୍ -୧୯ ଟିକାକରଣ ପାଇଁ କହୁଛନ୍ତି। ଏହି ଟିକା ମିଳିବା ଏତେ ସହଜ ନୁହେଁ। ପ୍ରାୟ ୨ ବର୍ଷରୁ ଅଧିକ ସମୟ ଲାଗିପାରେ ବୋଲି ସେ କହିଛନ୍ତି।

# ସାଇବର ଅପରାଧୀଙ୍କ ଟାର୍ଗେଟରେ ସ୍ୱାସ୍ଥ୍ୟକର୍ମୀ

କରୋନା ଭାଇରସ୍ ରୋକିବା ନିମନ୍ତେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ଏବେ ସାଇବର କ୍ରିମିନାଲଙ୍କ ଟାର୍ଗେଟରେ। ସାଇବର ଅପରାଧୀମାନେ ଏବେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଇମେଲ୍ ମାଧ୍ୟମରେ ଟାର୍ଗେଟ୍ କରୁଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ସଙ୍ଗଠନକୁ ପଠାଯାଇଥିବା ଇମେଲକୁ ତର୍ଜମା କରି ଆଇଟି ବିଶେଷଜ୍ଞମାନେ ଏହା ଜାଣି ପାରିଛନ୍ତି। ସାଇବର ଅପରାଧୀଙ୍କ ଦ୍ୱାରା ପଠାଯାଇଥିବା ଇମେଲରେ ଏକ ନର୍ଦ୍ଦିଷ୍ଟ ବିଷୟବସ୍ତୁ ରହୁଛି। ଏହି ଇମେଲ୍ ମାଧ୍ୟମରେ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଭାଇରସ୍ ନେଇ ହେଉଥିବା ଏକ ସେମିନାରରେ ଯୋଗ ଦେବା ପାଇଁ ରେଜିଷ୍ଟର କରିବା ନିମନ୍ତେ କୁହାଯାଉଛି ଯେଉଁଥିରେ ଏକ ଲିଙ୍କ୍ ରହିଛି। କିନ୍ତୁ ରେଜିଷ୍ଟର କରିବା ପରେ ଏଇ ଲିଙ୍କରେ କ୍ଲିକ୍ କରିବା ମାତ୍ରେ ଅନ୍ୟ ଏକ ୱେବସାଇଟରେ ହ୍ୟାକରମାନଙ୍କ ପାଖକୁ ସମସ୍ତ ତଥ୍ୟ ଚାଲି ଯାଉଛି। ତେଣୁ ଅପରାଧୀମାନେ ସହଜରେ ସମସ୍ତ ତଥ୍ୟ ହାସଲ କରି ଫାଇଦା ଉଠାଇ ପାରିବେ। ଗତ ସପ୍ତାହରେ ନ୍ୟାଶନାଲ୍ ଫ୍ରଡ ଇଣ୍ଟେଲିଜେନ୍ସ ବ୍ୟୁରୋ (ଏନଏଫଆଇବି) ଏଭଳି ୨୧ଟି ଫ୍ରଡ ଇମେଲ୍ ସମ୍ପର୍କରେ ଜାଣିବା ପରେ ଏକ ସତର୍କ ସୂଚନା ଜାରି କରିଛି। ସାଇବର ବିଶେଷଜ୍ଞମାନେ ମଧ ଲୋକଙ୍କୁ ଏନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।



# ବିଶ୍ୱକୁ 'ନମସ୍କାର'ର ବାର୍ତ୍ତା ଦେଲେ ପ୍ରିୟଙ୍କା

**ନୂଆଦିଲ୍ଲୀ:** ସାରା ବିଶ୍ୱରେ କରୋନା ଭାଇରସ କାୟାବିସ୍ତାର କରିବାରେ ଲାଗିଛି। ଫିଲ୍ମ ଇଣ୍ଡଷ୍ଟ୍ରିରୁ ଆରମ୍ଭକରି କ୍ରୀଡ଼ାଜଗତ ପର୍ଯ୍ୟନ୍ତ ସବୁଆଡ଼େ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳୁଛି। କରୋନା ଯୋଗୁ ବଡ଼ ବଡ଼ କ୍ରୀଡ଼ା, ବିଭିନ୍ନ କାର୍ଯ୍ୟକ୍ରମଠାରୁ ଆରମ୍ଭକରି ଫିଲ୍ମର ରିଲିଜ୍ ଡେଟ୍ ମଧ ପରିବର୍ତ୍ତନ ହେବାରେ ଲାଗିଛି। ଅନ୍ୟପଟେ କଳାକାରମାନେ ଏଥିରୁ ରକ୍ଷା ପାଇବା ପାଇଁ ତାଙ୍କ ପ୍ରଶଂସକଙ୍କୁ ସାବଧାନ ରହିବାର ଉପାୟ ବତାଉଥିବା ଦେଖିବାକୁ ମିଳୁଛି।

ଇତିମଧ୍ୟରେ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନାରୁ ରକ୍ଷା ପାଇବା ପାଇଁ ପ୍ରିୟଙ୍କା ତାଙ୍କ ପ୍ରଶଂସକଙ୍କୁ ଭାରତୀୟ ଶୈଳୀ ଆପଣାଇ ନମସ୍କାର କରିବାକୁ ଉପଦେଶ ଦେଉଛନ୍ତି। ନିଜେ ପ୍ରିୟଙ୍କା ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଭିଡିଓରେ ତାଙ୍କର ଅନେକ ଫଟୋ ରହିଛି; ଯେଉଁଥିରେ ସେ ହାତଯୋଡ଼ି ନମସ୍କାର କରୁଥିବା ଦେଖିବାକୁ ମିଳୁଛି। ଏହି ଫଟୋଗୁଡିକ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ସମୟର। ପ୍ରିୟଙ୍କାଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରାଯାଉଛି। ମେସେଜ୍‌ରେ ପ୍ରିୟଙ୍କା ଲେଖିଛନ୍ତି, ସମଗ୍ର ବିଶ୍ୱରେ ଘଟୁଥିବା ପରିବର୍ତ୍ତନ ମଧ୍ୟରେ ଲୋକଙ୍କୁ ଅଭିବାଦନ କରିବାର ଏକ ପୁରୁଣା କିନ୍ତୁ ନୂଆ ଉପାୟ ହେଉଛି 'ନମସ୍କାର'। ଦୟାକରି ସମସ୍ତେ ସୁରକ୍ଷିତ ରୁହନ୍ତୁ। ପ୍ରିୟଙ୍କାଙ୍କ ଏହି ଭିଡିଓ ଇତିମଧ୍ୟରେ ୨୦ ଲକ୍ଷ ଥର ଦେଖାସରିଛି।

# ପ୍ଲାଷ୍ଟିକ୍ ଖଣ୍ଡରେ ଶିବାଜୀଙ୍କ ପେଣ୍ଟିଂ

**ମୁମ୍ବାଇ:** ମହାରାଷ୍ଟ୍ରର ଜଣେ ଆନିମେଶନ ଆର୍ଟିଷ୍ଟ ୪୬,୦୮୦ ହଜାର ପ୍ଲାଷ୍ଟିକ୍ ଖଣ୍ଡରୁ ଛତ୍ରପତି ଶିବାଜୀ ମହାରାଜଙ୍କ ପେଣ୍ଟିଂ ତିଆରି କରିଛନ୍ତି। ଏଥିରେ ୬ ପ୍ରକାର ରଙ୍ଗ ଦିଆଯାଇଛି। ୧୦ ଦିନରେ ଆର୍ଟିଷ୍ଟ ନୀତୀନ ଦିନେଶ କାମ୍ବଲେ ୧୦ ଫୁଟ ଲମ୍ବ ଏବଂ ୬ ଫୁଟ ଚୌଡ଼ା ଏହି ପେଣ୍ଟିଂ କରି ରେକର୍ଡ କରିଛନ୍ତି। ଭାରତରେ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ କଟକଣା ଜାରି ହୋଇଥିବାବେଳେ ଏଭଳି କରି ଦୀନେଶ ସମାଜକୁ ସଚେତନତା ବାର୍ତ୍ତା ଦେଇଥିବା କହିଛନ୍ତି। ଯୁବବର୍ଗ ପରିବେଶ ସଚେତନତା ପାଇଁ ଏଭଳି କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବା ଉପରେ ସେ ଗୁରୁତ୍ୱାରୋପ ମଧ କରିଛନ୍ତି।



# ଗୋଟିଏ କାନଥିବା କୁକୁର



କୁକୁରର ଦୁଇଟି କାନ ଥିବା ସମସ୍ତେ ଦେଖିଥିବେ। କିନ୍ତୁ ଗୋଟିଏ କାନ ଥିବା ଏକ କୁକୁର ଏବେ ଇନଷ୍ଟାଗ୍ରାମରେ ହଠାତ୍ ଲୋକପ୍ରିୟ ହେବାରେ ଲାଗିଛି। ଆମେରିକାର ଏଇ କୁକୁରଟିର ନାଁ ହେଉଛି ରେ'। ଇନଷ୍ଟାଗ୍ରାମରେ ବେଶି ପସନ୍ଦ ହେବା ପରେ ରେ, ମଧ ଗୋଲ୍ଡେନ୍ ୟୁନିକର୍ଣ୍ଣ ନାଁରେ ପରିଚିତ ହେଉଛି। ପ୍ରକୃତରେ ଏଇ କୁକୁରଟିର ଏବେ ଗୋଟିଏ କାନ ତା ମୁଣ୍ଡର ଠିକ୍ ମଝିରେ ହିଁ ରହିଛି। 'ଗୁଡ୍ ମର୍ନିଂ ଆମେରିକା'ର ଖବର ଅନୁସାରେ ରେ' ଜନ୍ମ ହେବାର ଅଳ୍ପ ଦିନ ପରେ ଏକ ଦୁର୍ଘଟଣାର ଶିକାର ହୋଇଥିଲା। ଫଳରେ ଡାକ୍ତରଖାନାରେ ତାର ଜୀବନ ରକ୍ଷା ନିମନ୍ତେ ଗୋଟିଏ କାନ କାଟି ଦେବାକୁ ପଡ଼ିଥିଲା। ଏହା ପରେ ରେ' ସୁସ୍ଥ ହୋଇଥିଲା କିନ୍ତୁ ତାର ଅନ୍ୟ କାନଟି ଧୀରେ ଧୀରେ ଉପରକୁ ଉଠି ମୁଣ୍ଡର ଠିକ୍ ମଝିଭାଗକୁ ଚାଲି ଆସିଥିଲା। ଏହା ପରେ ତାର ଏକ ଭିନ୍ନ ଲୁକ୍ ଆସିଥିଲା। ଗୋଟିଏ କାନ ପୁଣି ମୁଣ୍ଡର ଠିକ୍ ମଝିରେ ଥିବାରୁ ରେ' ବହୁତ କ୍ୟୁଟ ଦେଖାଯାଇଥିଲା। ସେଥିପାଇଁ ତାର ବିଭିନ୍ନ ପ୍ରକାରର ଫଟୋ ଓ ଭିଡିଓ ସବୁକୁ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ ଏହାର ମାଲିକ ଶ୍ରୀମତୀ ଆର୍ଡେମା। ରେ'ର ଏକ ଭିଡିଓକୁ ସେ ଯେତେବେଳେ ପ୍ରଥମେ ଟିକ୍ ଟକ୍‌ରେ ଶେୟାର କରିଥିଲେ ଖୁବ କମ୍ ଦିନ ଭିତରେ ତାହା ୩.୩ ମିଲିଅନ୍ ଦର୍ଶକଙ୍କୁ ଆକୃଷ୍ଟ କରି ପାରିଥିଲା। ଏହାପରେ ସେ ରେ'ର ବିଭିନ୍ନ ଫଟୋ ଓ ଭିଡିଓ ସବୁକୁ ଭିନ୍ନ ଭିନ୍ନ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ରେ'କୁ ଏବେ ଇନଷ୍ଟାଗ୍ରାମରେ ୨୯,୦୦୦ରୁ ଅଧିକ ଲୋକ ଫଲୋ କରିଥିବାବେଳେ ସୁନ୍ଦର କମେଣ୍ଟ ବି ଦେଇଛନ୍ତି।

## ସଂକ୍ଷେପରେ...

### ଆଧୁନିକୀକରଣ କାମ ପାଇଁ ଟ୍ରେନ ବାତିଲ

ସମ୍ବଲପୁର, ୧୩।୩ (ବ୍ୟୁରୋ)- ସଂପ୍ରତି ସମ୍ବଲପୁର ରେଳ ମଣ୍ଡଳରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନୀକିକରଣ କାର୍ଯ୍ୟ ଚାଲିଛି। ଏହାକୁ ଦୃଷ୍ଟିରେ ରଖି କେତେକ ଟ୍ରେନକୁ ଅସ୍ଥାୟୀ ଭାବେ ବାତିଲ କରାଯାଇଛି। ଏହି କ୍ରମରେ ୫୮୧୩୧/୫୮୧୩୨ ରାଉରକେଲା- ପୁରୀ- ରାଉରକେଲା ପାସେଞ୍ଜର ଚଳିତ ମାସ ୧୪, ୨୧ ଓ ୨୮ ତାରିଖ ୩ଦିନ ଉଭୟ ଦିଗରୁ ବାତିଲ ରହିବ। ସେହିପରି ୫୮୫୨୯ ଦୁର୍ଗା- ବିଶାଖାପାଟଣା ପାସେଞ୍ଜର ୧୪, ୨୧ ଓ ୨୮ ତାରିଖ ବାତିଲ ରହିବ । ୫୮୫୩୦ ବିଶାଖାପାଟଣା- ଦୁର୍ଗ ପାସେଞ୍ଜର ୨୦ ଓ ୨୭ ତାରିଖ ବାତିଲ ରହିବ ବୋଲି ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।

# ଦାଦନ ଖଟିବାକୁ ଯାଇ ଫେରିଲାନି ପୁଅ

- ମୃତଦେହ ଆଣିବାକୁ ବାଧକ ସାଜିଲା ଟଙ୍କା
- ପୁଅର ମୁହଁ ଦେଖି ପାରିଲେନି ମା

ବାମରା,୧୩।୩ (ଡି.ଏନ.ଏ.)

ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ରୋଜଗାର ଅନ୍ୱେଷଣରେ ଯାଇ ଆଉ ଫେରିଲାନି ପୁଅ । ଆର୍ଥିକ ଦୁର୍ବଳତା ଯୋଗୁ ଗାଁକୁ ମୃତଦେହ ଆଣିବା ସମ୍ଭବ ହେଲାନାହିଁ। ମଲା ପୁଅର ମୁହଁ ମଧ ଦେଖି ପାରିଲାନି ମାଆ । ଏପରି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହକୁମା ଗୋବିନ୍ଦପୁରଠାରେ । ଗୋବିନ୍ଦପୁର ମଝିପଡାର ଜିତୁ ମେହେର (୨୩) ରୋଜଗାର ଆଶା ନେଇ ଯାଇଥିଲେ ତାମିଲନାଡୁ ରାଜ୍ୟର ତ୍ରିପୁରକୁ । ହେଲେ ଗତ ବୁଧବାର ଦିନ ତାଙ୍କ ମୃତ୍ୟୁ ଖବର ପହଞ୍ଚିଥିଲା । ଜିତୁ ଜଣେ ଗରିବ ପରିବାରର ହୋଇଥିବା ବେଳେ ତାଙ୍କ ମାଆ ଭାରତୀ ମେହେର ପନିପରିବା ବିକ୍ରି କରି ଘର ଚଳାଉଥିଲେ । ବଡ ପୁଅ ଶିବ ମେହେର ଓ ମଝିଆ ପୁଅ ନବୀନ ମେହେର ବେକାର ଥିବା ବେଳେ ସାନ ପୁଅ ଘରର ଆର୍ଥିକ ପରିସ୍ଥିତିକୁ ଦେଖି ତାମିଲନାଡୁ ତ୍ରିପୁର କେରୁମନାଲୁଠାରେ ଥିବା ଇ-ଲେଣ୍ଡ କପଡା ଫ୍ୟାକ୍ଟ୍ରିରେ ଠିକା ଶ୍ରମିକ ଭାବେ କାମ କରୁଥିଲେ । ସେଠାରେ ହିଁ ଏକ ଘର ଭଡା ନେଇ ରହୁଥିଲେ । ହେଲେ ଗତ ବୁଧବାର ସକାଳେ ଫୋନ ଯୋଗେ ତ୍ରିପୁର ପୋଲିସ ତାଙ୍କ ମୃତ୍ୟୁ ଖବର ପରିବାର ବର୍ଗଙ୍କୁ ଦେଇଥିଲା । ମଙ୍ଗଳବାର ରାତ୍ରିରେ ସେ ରହୁଥିବା ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ତାମିଲନାଡୁ ପୋଲିସ କହିଥିଲା । ଖବର ପାଇ ତାଙ୍କ ଭାଇ ନବୀନ ନିଜ ସାଙ୍ଗ ସହ ସେଠାରେ ପହଞ୍ଚିଥିଲେ । ବାମରାକୁ ମୃତଦେହ ଆଣିବା ପାଇଁ ଗାଡି ଚାଳକ ୭୦ ହଜାର ଟଙ୍କା ନେବାକୁ କହିବା ଦ୍ୱାରା ଆର୍ଥିକ ଦୁର୍ବଳ ପରିବାର ତାଙ୍କ ମୃତଦେହକୁ ସେଠାରେ ହିଁ ସଂସ୍କାର କରିଦେଇଥିଲେ। ଯାହାଦ୍ୱାରା ନିଜର ରୋଜଗାରକ୍ଷମ ପୁଅର ଶେଷ ଦର୍ଶନରୁ ମାଆ ବଞ୍ଚିତ ହୋଇଛନ୍ତି । ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ ପ୍ରେମରେ ପ୍ରତାରିତ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରିଛି । ରାଜ୍ୟରେ ବର୍ତ୍ତମାନ ବେକାରୀ ସମସ୍ୟା ଅସମ୍ଭାଳ ହୋଇଛି । ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ ଯାଇ ଯୁବକ ଯୁବତୀମାନେ ଶୋଷଣର ଶୀକାର ହେଉଛନ୍ତି। ଆଉ କେତେ ବେଳେ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଅଭିଯୋଗ ରହିଛି । ବାମରା ବ୍ଲକ ଓ ସଂଲଗ୍ନ ସୀମାବର୍ତ୍ତି ଜିଲା ଗୁଡିକରୁ ମଧ ବେକାରୀ ଯୁବତୀଯୁବକମାନେ ରୋଜଗାର ଆଶା ନେଇ ଦିଲ୍ଲୀ, ଗୋଆ, ତାମିଲନାଡୁ, ସୁରଟ ଓ ମହାରାଷ୍ଟ୍ରକୁ ଯାଇ ଶୋଷଣର ଶୀକାର ହେଉଥିବାର ମଧ ଅଭିଯୋଗ ରହିଛି ।

## ସ୍କୁଲ ରୋଷେଇ ଘର ପୋଡ଼ିଗଲା

ରେଢାଖୋଲ ୧୪।୩ (ଡି.ଏନ.ଏ.)

ରେଢାଖୋଲ ଚାରମାଲ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଥିବା ରୋଷେଇ ଘରେ ଗୁରୁବାର ରାତିରେ ନିଆଁ ଲାଗି ପୋଡିଯାଇଛି । ମଧ୍ୟାହ୍ନ ଭୋଜନ ରୋଷେଇ ପରେ ଚୁଲି ଉପରେ ରଖାଯାଇଥିବା କାଠକୁ ନିଆଁ ଧରି ନେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା । ସେହିପରି ରେଢାଖୋଲ ସହର ଯଦୁମଣିପାଟଣା ରେ ଶୁକ୍ରବାର ଅପରାହ୍ନ ୪ଟାରେ ସର୍ଟସର୍କିଟ ଯୋଗୁ ଚନ୍ଦ୍ର ବେହେରାଙ୍କ ଘରେ ନିଆଁ ଲାଗିଯାଇଥିଲା। ତାଙ୍କର ଏକ ଚାଳଛପର ଘର ପୋଡିଯିବା ସହ ଘର ଭିତରେ ଥିବା ଏକ ବାଇକ କ୍ଷତିଗ୍ରସ୍ତ ହୋଇଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ବିସ୍ଥାପିତ ଗ୍ରାମବାସୀ

ରେଙ୍ଗାଲି,୧୩।୩ (ଡି.ଏନ.ଏ.)

ଏନଏଲସି କମ୍ପାନୀର ଦାଉରୁ ବିସ୍ଥାପିତ ଗ୍ରାମବାସୀଙ୍କୁ କିଏ ରକ୍ଷା କରିବ । ବିସ୍ଥାପିତଙ୍କ ଦୁଃଖ ଏବେ ଶୁଣିବାକୁ କେହି ନାହାନ୍ତି । ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ବେଳେ କମ୍ପାନୀର ବ୍ଲାଷ୍ଟିଂରେ ଲୋକଙ୍କ ଘର, ଗାଁ ମନ୍ଦିର ସବୁ ଭାଙ୍ଗିବାକୁ ବସିଲାଣି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି ଏବଂ ତା'ର ଠିକା ସଂସ୍ଥା ଆଦାନୀ ପ୍ରଶାସନକୁ ହାତବାରିସି କରି ବେଆଇନ କାମ କରୁଛି । କମ୍ପାନୀ କୋଇଲା ଖନନ ପାଇଁ ଲୋକଙ୍କୁ ବିସ୍ଥାପିତ ନ କରି ହେଭି ବ୍ଲାଷ୍ଟିଂ କରୁଛି । ବିସ୍ଥାପିତମାନେ ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ କେହି ସେମାନଙ୍କ କଥା ଶୁଣୁନାହାନ୍ତି ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଏନଏଲସିର ବେଆଇନ ବ୍ଲାଷ୍ଟିଂ ବିରୋଧରେ ବିଭିନ୍ନ ସଂଗଠନ, ଗ୍ରାମବାସୀ ଜିଲାପାଳ, ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଉକ୍ତ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେଥିପାଇଁ ପୁଣି



ଧାରଣାରେ ବସିଥିବା ବିସ୍ଥାପିତମାନେ ।

- କମ୍ପାନୀର ନିଦ ନ ଭାଙ୍ଗିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

ଶୁକ୍ରବାର ୫ ଦଫା ଦାବି ନେଇ ବିସ୍ଥାପିତ ଗ୍ରାମବାସୀ ଖଣି ଫାଟକ ସମ୍ମୁଖରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରେ ବସିଛନ୍ତି। ବିଶେଷ କରି କମ୍ପାନୀ ବେଆଇନ ବ୍ଲାଷ୍ଟିଂ ବନ୍ଦ କରୁ, ବ୍ଲାଷ୍ଟିଂରେ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ, ଖଣି ପରିସୀମାରେ ଥିବା ପ୍ରତ୍ୟେକ ଘର ପାଇଁ ଶୌଚାଳୟ ନିର୍ମାଣ କରାଯାଉ, ଖଦୁପଡା, ମୁଣ୍ଡାପଡା ଗ୍ରାମବାସୀଙ୍କ ପାଇଁ ଏକ ଶ୍ମଶାନ ନିର୍ମାଣ ହେଉ ଓ ସମାଧି ନିର୍ମାଣ ପାଇଁ କମ୍ପାନୀ ଟଙ୍କା ଦେଉ ଆଦି ଦାବି ନେଇ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ଦାବିଗୁଡିକ ଯେ ପର୍ଯ୍ୟନ୍ତ ପୂରଣ ନ ହେଇଛି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି ।

# କରୋନା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ସମ୍ବଲପୁର,୧୩।୩(ବ୍ୟୁରୋ)

କରୋନାକୁ ନେଇ ଏବେ ସବୁଠି ଭୟର ବାତାବାରଣ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ସଜାଗ ରହିବାକୁ ପ୍ରତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମଧ ଜିଲା ସଦରଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ଏକ ଆଇସୋଲେଶନ ପ୍ରକୋଷ୍ଠର ବ୍ୟବସ୍ଥା କରାଯାଇଛି। ସେଥିରେ ଦୁଇଟି ଶର୍ଯ୍ୟା ରହିଛି । ଏଥିପାଇଁ ସ୍ୱତନ୍ତ୍ର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ରୋଗୀ ଓ ଚିକିତ୍ସା କରୁଥିବା ଡାକ୍ତର ଓ କର୍ମଚାରୀମାନଙ୍କ ପାଇଁ ମାସ୍କ ଓ କଭର ଡ୍ରେସ ଦିଆଯାଇଛି। ପୂର୍ବରୁ ଜିଲାପାଳ ଶୁଭମ ସକସେନାଙ୍କ ଅଧକ୍ଷତାରେ ଏକାଧିକ ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଦି କରୋନା ସନ୍ଦିଗ୍ଧ ଆସନ୍ତି ସେମାନଙ୍କୁ କିଭଳି ଚିକିତ୍ସା କରାଯିବ ସେନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଡାକ୍ତର ଓ ନର୍ସମାନଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ସିଡିଏମ୍‌ଓ ଶଶିଭୂଷଣ ପଟେଲ କହିଛନ୍ତି , ବିଭାଗୀୟ ନିର୍ଦ୍ଦେଶ କ୍ରମ ଜିଲା ସଦର ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୨ ଶର୍ଯ୍ୟା ବିଶିଷ୍ଟ ଆଇସୋଲେଶନ କୋଠରର ବ୍ୟବସ୍ଥା କରାଯାଇଛି। ଡାକ୍ତରୀ ଟିମ ମଧ ପ୍ରସ୍ତୁତ ରହିଛନ୍ତି । ଅନ୍ୟପଟେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ,ସ୍ୱାସ୍ଥକର୍ମୀମାନଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଲିଫ୍‌ଲେଟ ବଣ୍ଟନ ଓ ସୋସିଆଲ ମିଡିଆରେ ମଧ ସଚେତନ କରାଯାଉଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ସମ୍ବଲପୁର ବୁର୍ଲା ଭୀମସାରରେ ମଧ କରୋନା ମୁକାବିଲା ପାଇଁ ବ୍ୟବସ୍ଥା କରାଯାଇଛି । ଏ ପର୍ଯ୍ୟନ୍ତ ସୋନପୁର ଜିଲାରୁ ଜଣେ ଓ ସୁନ୍ଦରଗଡ ଜିଲାରୁ ଜଣେ ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ । ହେଲେ ସେମାନଙ୍କ ରିପୋର୍ଟ ନେଭେଟିଭ ଆସିଥିଲା। ୧୪ ଦିନ ଚିକିତ୍ସା କରିବା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା ।

### ଜିଲା ସଦର ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା




ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ କରୋନା ସନ୍ଦିଗ୍ଧଙ୍କ ପାଇଁ ଆଇସୁଲେଶନ କୋଠରି ।

# ସିଟି ସେଣ୍ଟରରେ ବେଆଇନ ପାର୍କିଂ ଫି



ଶୁକ୍ରବାର ସମ୍ବଲପୁର ଉପଜିଲାପାଳଙ୍କ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ପାର୍କିଂ ଫି ବିଷୟରେ ଆଲୋଚନା କରୁଛନ୍ତି ।

ସମ୍ବଲପୁର, ୧୩।୩ (ବ୍ୟୁରୋ)

ଫାର୍ମ ରୋଡ ସ୍ଥିତ ସିଟି ସେଣ୍ଟରଠାରେ ବେଆଇନ ପାର୍କିଂ ଫି ଆଦାୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶୁକ୍ରବାର ଏନେଇ ସମ୍ବଲପୁର

### ଜନସାଧାରଣ ଜିଲାପାଳଙ୍କ ଦ୍ୱାରସ୍ଥ

ସହରର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାମାନେ ଜିଲାପାଳ ଶୁଭମ ସକସେନାଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଜିଲାପାଳଙ୍କ ସହ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଏହାପରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ସହ ମଧ ଆଲୋଚନା କରିଥିଲେ ।

## ପତଞ୍ଜଳି ଯୋଗକେନ୍ଦ୍ରରେ ସଚେତନତା ଶିବିର

ସମ୍ବଲପୁର, ୧୩।୩ (ବ୍ୟୁରୋ)

କରୋନା ଭାଇରସ ସଚେତନତା ଶିବିର ଶୁକ୍ରବାର ସମ୍ବଲପୁର ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ବହୁ ପରିମାଣରେ ଗୁଲୁଚି ଡାଳ ବ୍ୟବହାର କଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ି ଥାଏ । ଯଦ୍ୱାରା କରୋନା ଭାଇରସରୁ ଜନସାଧାଣ ବର୍ତ୍ତି ପାରିବେ । ତେଣୁ ଗୁଲୁଚି ଡାଳ କିପରି ବ୍ୟବହାର କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା ।

## ଅଜଣାଗାଡ଼ି ଧକ୍କାରେ ଜଣେ ମୃତ

ସମ୍ବଲପୁର,୧୩।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ରେମେଡ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଉମେଶଚନ୍ଦ୍ର ପ୍ରସାଦ ସିଂ (୫୫) । ସ୍ଥାନୀୟ ଲୋକେ ତାଙ୍କୁ ବୁର୍ଲା ଭିମସାର ନେଇଥିଲେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା । ପୁଅ ପ୍ରଭାତ ସିଂଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି । ବାଇକ (ନଂ ଓଆର ୨୩ -ଏ-୪୮୦)ରେ ଉମେଶ ବୁର୍ଲା ଆସୁଥିଲେ । ରେମେଡ ଏକ ହୋଟେଲ ସମ୍ମୁଖରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଚାଲିଯାଇଥିଲା ।

# ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି



ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ ।

### ସଜାଗ ରହିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ

ସମ୍ବଲପୁର,୧୩।୩(ବ୍ୟୁରୋ)

ଜିଲାପାଳ ସମ୍ମିଳନୀ କକ୍ଷରେ ଶୁକ୍ରବାର ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭମ ସକସେନାଙ୍କ ଅଧକ୍ଷତାରେ ହୋଇଥିଲା। ଜିଲାପାଳ ଅଫିସ ସହିତ ପ୍ରତ୍ୟେକ ବ୍ଲକ ହେଡକ୍ୱାର୍ଟରରେ ସୂଚନା ପାଇବା ପାଇଁ କଣ୍ଟ୍ରୋଲ ରୁମ କରାଯିବ । ବ୍ଲକ ଓ ଜିଲା ସ୍ତରୀୟ ଅଧିକାରୀମାନେ ସର୍ତକ ରହିବାକୁ ଜିଲାପାଳ ସକସେନା ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକ ସାଲାଇନ, ଓଆରଏସ, ଔଷଧ ଗଚ୍ଛିତ ରଖିବା ସହ ଏସି ମରାମତି କରିବାକୁ କହିଥିଲେ । ବିଦ୍ୟୁତ ବିଭାଗକୁ ମଧ ବିଦ୍ୟୁତ କାଟ ଉପରେ କୋହଳ କରିବାକୁ କହିଥିଲେ । ସମସ୍ତ ସ୍କୁଲ ଗୁଡିକ ସକାଳ ୬ଟା ୩୦ ରୁ ୧୦ ଟା ୩୦ ପର୍ଯ୍ୟନ୍ତ ଖୋଲିବା ସହ ପାଣି ବ୍ୟବସ୍ଥା କରିବା, ଉନ୍ନୟନ କାମ ଚାଲୁଥିବା ସ୍ଥାନରେ ପୂର୍ବାହ୍ନ ୧୧ ଟାରୁ ସାଢେ ୩ ଟା ପର୍ଯ୍ୟନ୍ତ କାମ ବନ୍ଦ କରିବା ସହ ଶ୍ରମିକ ମାନଙ୍କ ପାଇଁ ଛାଇ ଓ ପାଣି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଏଫଓ ଡ.ସଞ୍ଜିତ କୁମାର, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଏମଓ ଶଶୀଭୁଷଣ ପଟେଲ, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ଉପସ୍ଥିତ ରହିଥିଲେ ।

# ମହିଳା କଲେଜ ସଂସ୍କୃତ ବିଭାଗ କର୍ମଶାଳା

ସମ୍ବଲପୁର, ୧୩।୩ (ବ୍ୟୁରୋ)

ସମ୍ବଲପୁର ମହିଳା କଲେଜ ସଂସ୍କୃତ ବିଭାଗର ବାର୍ଷିକ ଉତ୍ସବ ଓ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଜୟନ୍ତ କରଶର୍ମା ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ସହକାରୀ ପ୍ରଫେସର ଧର୍ମରାଜ ବାଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

## ମୁକ୍ତିଲାଭ କଲା ଶଲାବୁଢ଼ାର ବଦଲା

- ସାଂସ୍କୃତିକ ଶୋଭାଯାତ୍ରାରେ କଳାକାର ସାମିଲ



ଶୁକ୍ରବାର ସମ୍ବଲପୁରରେ ଶଲାବୁଢ଼ାର ବଦଲା ମୁକ୍ତିଲାଭ କାର୍ଯ୍ୟକ୍ରମରେ କଳାକାର ଓ ନିର୍ଦ୍ଦେଶକ ।

ସମ୍ବଲପୁର, ୧୩।୩ (ବ୍ୟୁରୋ)

ସମ୍ବଲପୁରୀ ଚଳଚ୍ଚିତ୍ର ଶଲାବୁଢ଼ାର ବଦଲା ସମ୍ବଲପୁର ସହରରେ ଶୁକ୍ରବାର ଅପରାହ୍ନରେ ମୁକ୍ତିଲାଭ କରିଛି । ଅପରାହ୍ନ ୨ଟାରେ ଇଷ୍ଟଦେବୀ ସମଲେଇ ଓ ପାଟଣେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ଫାର୍ମରୋଡ ସ୍ଥିତ ସିଟି ସେଣ୍ଟରଠାରେ ପହଞ୍ଚିଥିଲା । ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବରିଷ୍ଠ କଳାକାର ଅଟଳବିହାରୀ ପଣ୍ଡା, ଡ. ତପସ୍ୱିନୀ ଗୁରୁଙ୍କ ସମେତ ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାର ଓ ବୈଷୟିକ ଅଧିକାରୀମାନେ ଶୋଭାଯାତ୍ରାରେ ସାମିଲ ଥିଲେ ।

## ଫଟୋରେ ଖବର





ଶୁକ୍ରବାର ସମ୍ବଲପୁର କୁରେଟୋଲା ମହାନଦୀ ବିହାରବାସୀ ରାସ୍ତା ନିର୍ମାଣ ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି (ବାମ) । ମହାନଗର ନିଗମ ବୁର୍ଲା ଭିମସାର ପରିସରରୁ ଭଟଲି କିରିଣ୍ଡାପାଲି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଭରସା ପରିବାର ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୪ ମାର୍ଚ୍ଚ, ୨୦୨୦



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର
ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ

### କରୋନା ୱାର୍ଡରେ ଜଣଙ୍କ ମୃତ୍ୟୁ

**ଥିରୁଭାନନ୍ତପୁରମ୍, ୧୩।୩:** କେରଳର କୋଟ୍ଟାୟାମ ହସ୍ପିଟାଲର କରୋନା ଆଇସୋଲେଶନ ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ୭୨ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେ କୋଟ୍ଟାୟାମରେ କେତେଜଣ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାରୁ ତାଙ୍କୁ ହସ୍ପିଟାଲର ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଥିଲା। ତେବେ ତାଙ୍କଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି। ସେପ୍ଟିସେମିଆରେ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ମେଡିକାଲ ଅଫିସର କହିଛନ୍ତି। କେରଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି।

### ମାସ୍କ, ସାନିଟାଇଜର ଅତ୍ୟାବଶ୍ୟକ ସାମଗ୍ରୀ ଘୋଷିତ

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** କରୋନା ପ୍ରତିକାର ପାଇଁ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର ଅତି ଜରୁରୀ ହୋଇପଡ଼ିଥିବାରୁ ଜୁନ୍ ୩୦ ପର୍ଯ୍ୟନ୍ତ ଏହାକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରେ ସାମିଲ କରାଯାଇଛି। ଖାଉଟୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ଏହାକୁ ଧାର୍ଯ୍ୟ ଏମ୍ଆର୍‌ପି (ଖୁଚୁରା ମୂଲ୍ୟ)ଠାରୁ ଅଧିକ ଦାମ୍‌ରେ ବିକ୍ରି କଲେ କିମ୍ବା ଗଚ୍ଛିତ ରଖିଲେ କର୍ତ୍ତୃପକ୍ଷ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

### ଅଟ୍ଟାରୀ-ୱାଘା ସୀମାରେ ବିଦେଶୀ ପ୍ରବେଶ ବନ୍ଦ

**ଅମୃତସର, ୧୩।୩ (ପି.ଟି.):** ଅଟ୍ଟାରୀ-ୱାଘା ସୀମାଦେଇ ପାକିସ୍ତାନ ପଟୁ ବିଦେଶୀ ନାଗରିକଙ୍କ ପ୍ରବେଶକୁ ବନ୍ଦ କରିଦିଆଯାଇଛି। ଯେଉଁ ଭାରତୀୟ ବାହାରକୁ ଯାଇଥିବେ ଭିଜା ମିଆଦ ପୂରିବା ପୂର୍ବରୁ ସେମାନଙ୍କୁ ଫେରିଆସିବାକୁ ଅନୁମତି ଦିଆଯିବ ବୋଲି ବିଏସ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କର୍ତାରପୁର କରିଡର ଦେଇ ଗୁର୍‌ଦାସପୁରର ଡେରା ବାବା ନାନକରୁ ପାକିସ୍ତାନର ଗୁରୁଦ୍ୱାର ଦରବାର ସାହିବକୁ ତୀର୍ଥଯାତ୍ରୀଙ୍କ ଯାତାୟାତ ଜାରି ରହିବ। କଟକଣା ଯୋଗୁ ଅଟ୍ଟାରୀ-ୱାଘା ସୀମାନ୍ତ ଦେଇ ଆଫଗାନିସ୍ତାନରୁ ମାଲ୍ ପରିବହନ ପ୍ରଭାବିତ ହେବ।

### ଦିଲ୍ଲୀ ବିଧାନସଭାରେ ଏନ୍‌ପିଆର୍ ବିରୋଧୀ ପ୍ରସ୍ତାବ

**ନୂଆଦିଲ୍ଲୀ, ୧୩।୩:** ଦିଲ୍ଲୀ ବିଧାନସଭାରେ ଶୁକ୍ରବାର ଏନ୍‌ପିଆର୍ (ଜାତୀୟ ଜନସଂଖ୍ୟା ପଞ୍ଜୀକରଣ) ବିରୋଧରେ ପ୍ରସ୍ତାବ ଆଗତ କରାଯାଇଛି। ପରିବେଶ ମନ୍ତ୍ରୀ ଗୋପାଲ ରାୟ ଏହାକୁ ଗୃହରେ ଆଗତ କରିଛନ୍ତି। ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ଲାଗୁ କରାଗଲେ ଏହା ଅଧିକାଂଶ ଲୋକଙ୍କ ଉପରେ ପ୍ରଭାବ ପକାଇବ ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ଘଟଣା ବ୍ରିଟିଶ ଅମଳରେ ମଧ ଘଟି ନ ଥିଲା। ଜଣକ ନାଗରିକତ୍ୱ ନେଇ ଏହା ପ୍ରଶ୍ନବାଚୀ ସୃଷ୍ଟିକରୁଥିବା ସେ ମତ ଦେଇଛନ୍ତି। ଦିଲ୍ଲୀରେ ଏନ୍‌ପିଆର୍ ଲାଗୁ କରାଯିବ ନାହିଁ ଏବଂ ଯଦି ଏହାକୁ ଲାଗୁ କରାଯାଏ, ତେବେ ୨୦୧୦ ପ୍ରକ୍ରିୟାକୁ ଗ୍ରହଣ କରାଯିବା ଠିକ୍ ହେବ ବୋଲି ରାୟ କହିଛନ୍ତି।

# ପୁରୀ ହୋଟେଲ ଶିଳ୍ପ ପ୍ରଭାବିତ

## କରୋନା ଭୟ: ବାତିଲ ହେଉଛି କନ୍‌ଫରେନ୍ସ ବୁକିଂ

**ପୁରୀ ଅଫିସ, ୧୩।୩**

ଫନୀ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିଲା ପୁରୀର ହୋଟେଲ ଶିଳ୍ପ। ଦୋହଲି ଯାଇଥିଲା ଭିତ୍ତିଭୂମି। ପୁଣିଥରେ ଅଣ୍ଟା ସଳଖିବାକୁ ସଂଘର୍ଷ କରିଥିଲେ ହୋଟେଲ ମାଲିକ। ପ୍ରାୟ ସବୁ ହୋଟେଲ ପୁଣି ପର୍ଯ୍ୟଟକଙ୍କୁ ଆତିଥେୟତା ଦେବା ଲାଗି ପ୍ରସ୍ତୁତ ହୋଇଯାଇଥିବା ବେଳେ ଏବେ କରୋନାର ପ୍ରଭାବ ଦେଖିବାକୁ ମିଳିଛି। କଟକଣା ଯୋଗୁ ଆସୁନାହାନ୍ତି ବିଦେଶୀ ପର୍ଯ୍ୟଟକ। ଦେଶୀୟ ପର୍ଯ୍ୟଟକ ବି କରୋନାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଫଳରେ ପୁରୀର ହୋଟେଲ ଶିଳ୍ପ ଧୀରେ ଧୀରେ ପ୍ରଭାବିତ ହେବାରେ ଲାଗିଛି।

ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମି ହେଉଛି ହୋଟେଲ। ହୋଟେଲ ଶିଳ୍ପ ଯୋଗୁ ହିଁ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇଥାଏ। ଦେଶ ବିଦେଶର ପର୍ଯ୍ୟଟକ ରାଜ୍ୟକୁ ଆସିଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନେକ ଲୋକ ସ୍ୱାବଲମ୍ବୀ ହୋଇଥାନ୍ତି। ତେବେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର, ବେଳାଭୂମି ସାଙ୍ଗକୁ ଏହାର ଆଖପାଖରେ ବହୁ ଦର୍ଶନୀୟ ସ୍ଥାନ ରହିଛି। ତେଣୁ ପୁରୀରେ ରହିବାକୁ ପର୍ଯ୍ୟଟକମାନେ ସାଧାରଣତଃ ପସନ୍ଦ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ହୋଟେଲ, ଲଜିଂ,




ହଲିଡେ ହୋମ୍ ଆଦି ରହିଛି। ଗତ ଫନୀ ବାତ୍ୟାରେ ଅଧିକାଂଶ ହୋଟେଲ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ସଜାଡ଼ିବା ପାଇଁ ମାସ ମାସ ସମୟ ଲାଗିଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ହୋଟେଲ ପ୍ରସ୍ତୁତ ହୋଇଯାଇଛନ୍ତି। ହେଲେ କରୋନାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ହୋଟେଲ, ହଲିଡେ ହୋମ୍ ଏବଂ ଲଜିଂ ମାଲିକ। ଏବେ ଯେଭଳି ଭାବେ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଲାଣି ଏବଂ ଆଗକୁ ଯଦି ଏଭଳି ସ୍ଥିତି ରହେ ତେବେ ହୋଟେଲ ଶିଳ୍ପ ନିଶ୍ଚିତ ଅଧିକ ମାତ୍ରାରେ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା କରିଛନ୍ତି।

ପୂର୍ବରୁ ସାଧାରଣ ଦିନରେ ପୁରୀରେ ପର୍ଯ୍ୟଟକଙ୍କ ସମାଗମ ଦେଖିବାକୁ ମିଳେ। ବିଶେଷକରି ବିଦେଶୀ ପର୍ଯ୍ୟଟକ ବହୁ ସଂଖ୍ୟାରେ ପୁରୀ ଆସିଥାନ୍ତି। ଏମାନେ ସହରର ବିଭିନ୍ନ ହୋଟେଲରେ ରହିବା ସହିତ ପୁରୀ ଏବଂ କୋଣାର୍କ, ଚନ୍ଦ୍ରଭାଗା, ଚିଲିକା, ସାତପଡ଼ା ପ୍ରଭୃତି ଦର୍ଶନୀୟସ୍ଥଳ ବୁଲି ଯାଇଥାନ୍ତି। ବିଭିନ୍ନ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ଲାଗି ଦେଶ, ଦେଶ ବାହାରୁ ଲୋକ ପୁରୀ ଆସିଥାନ୍ତି। ପ୍ରାୟ ମାସେ ହେବ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ସେମିତି ନାହିଁ। ଏହାର ପ୍ରମୁଖ କାରଣ କରୋନା ବୋଲି କୁହାଯାଉଛି। ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଟକଣା ଥିବାବେଳେ ଦେଶୀୟ ପର୍ଯ୍ୟଟକ ମଧ୍ୟ କରୋନାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି, ଯାହାକି ପୁରୀ ହୋଟେଲ ଶିଳ୍ପ ପାଇଁ ଏକ ଖରାପ ସୂଚନା। ଏ ସମ୍ପର୍କରେ ପୁରୀ ହୋଟେଲ ସଂଘ ସମ୍ପାଦକ ତଥା ହାରୋର ଉପାଧ୍ୟକ୍ଷ ରାଜକିଶୋର ପାତ୍ର କହିଛନ୍ତି, କରୋନାର ପ୍ରଭାବ ଧୀରେ ଧୀରେ ହୋଟେଲ ଶିଳ୍ପ ଉପରେ ପରିଲକ୍ଷିତ ହେଲାଣି। ବିଦେଶୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି। ଏବେ ହାତଗଣତି କେତେଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ଯେଉଁସବୁ ହୋଟେଲରେ କନ୍‌ଫରେନ୍ସ ପାଇଁ ପୂର୍ବରୁ ବୁକିଂ କରାଯାଇଥିଲା ତାହାକୁ ଏବେ ଆୟୋଜକ ବାତିଲ କରୁଛନ୍ତି। ଏହା ବଡ଼ ବଡ଼ ହୋଟେଲ ଉପରେ ଅଧିକ ମାତ୍ରାରେ ପ୍ରଭାବ ପକାଇଛି। ଦେଶୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଯଦିଓ ଏତେଟା ଜଣାପଡ଼ିନାହିଁ, ଆଗକୁ କରୋନା ଭାଇରସ୍ ଯଦି ନିୟନ୍ତ୍ରଣକୁ ନ ଆସେ ତେବେ ନିଶ୍ଚିତ ହୋଟେଲ ମାଲିକମାନେ ମୁଣ୍ଡରେ ହାତ ଦେବେ। ତଥାପି ଏଭଳି ଏକ ବିପଦ ସମୟରେ ସମସ୍ତଙ୍କୁ ଧୈର୍ଯ୍ୟର ସହ ଏହାକୁ ମୁକାବିଲା କରିବାକୁ ପଡ଼ିବ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ବର୍ତ୍ତମାନ ହୋଟେଲ ଶିଳ୍ପ ଉପରେ କରୋନାର ପ୍ରଭାବ ଏତେଟା ପ୍ରତିଫଳିତ ହୋଇନାହିଁ। ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି, କିନ୍ତୁ ଘରୋଇ ପର୍ଯ୍ୟଟକ ଠିକ୍‌ଠାକ ଅଛନ୍ତି। କିନ୍ତୁ ଆଗକୁ ସ୍ଥିତି କ'ଣ ହେବ ଏବେଠୁ କହି ହେଉନାହିଁ।

# ସେନ୍‌ଗାରଙ୍କୁ ୧୦ ବର୍ଷ ଜେଲ୍

**ନୂଆଦିଲ୍ଲୀ, ୧୩।୩ (ପି.ଟି.)**

## ଉନ୍ନାଓ ପୀଡ଼ିତା ବାପାଙ୍କୁ ହାଜତରେ ହତ୍ୟା ମାମଲା



ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ବାପା ହାଜତରେ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଉତ୍ତରପ୍ରଦେଶର ଅଯୋଗ୍ୟ ଘୋଷିତ ବିଧାୟକ କୁଲଦୀପ୍ ସିଂ ସେନ୍‌ଗାରଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ୧୦ ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଛି। ଏଥିସହିତ ତାଙ୍କୁ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇ ସେନ୍‌ଗାର ଏବେ ଜେଲ୍‌ରେ ଅଛନ୍ତି। ସେନ୍‌ଗାରଙ୍କ ଭାଇ ଅତୁଲ ଓ ଅନ୍ୟ ୫ ଜଣ ମଧ ହାଜତ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଥିଲେ। ସେମାନଙ୍କୁ ୧୦ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ଶୁଣାଇଛନ୍ତି ଜିଲା ଜଜ୍ ଧର୍ମେଶ ଶର୍ମା। ପରିବାରର ରୋଜଗାରିଆ ବ୍ୟକ୍ତିଙ୍କୁ ହତ୍ୟା ଘଟଣାରେ ଉଦାରତା ପ୍ରଦାନ କରାଯାଇପାରିବ ନାହିଁ ବୋଲି ବିଚାରପତି କହିଥିଲେ। ଆଇପିସିର ଧାରା ୩୦୪ରେ ଅଭିଯୁକ୍ତମାନଙ୍କୁ ଉଦ୍ଦେଶ୍ୟବିହୀନ ହତ୍ୟା ଲାଗି ଦୋଷୀସାବ୍ୟସ୍ତ କରାଯାଇଛି। ଉନ୍ନାଓ ପୀଡ଼ିତାଙ୍କ ବାପାଙ୍କୁ ୨୦୧୮ ଏପ୍ରିଲ ୩ରେ ସେନ୍‌ଗାରଙ୍କ ଲୋକମାନେ ମାଡ଼ ମାରି ଗୁରୁତର କରିଥିଲେ। ଏଥିସହିତ ମିଥ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇ ହାଜତରେ ରଖାଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତରମାନଙ୍କ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ତଦନ୍ତରୁ ପ୍ରମାଣିତ ହୋଇଛି। ଅବହେଳା ପାଇଁ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କ୍ୟାଟେରିନା ଗ୍ରୀସ୍‌ର ପ୍ରଥମ ମହିଳା ରାଷ୍ଟ୍ରପତି

**ଏଥେନ୍ସ, ୧୩।୩ (ଏ.ପି.)**



ଗ୍ରୀସ୍‌ର ପୂର୍ବତନ ହାଇକୋର୍ଟ ବିଚାରପତି କ୍ୟାଟେରିନା ସାକେଲାରୋପୋଲୋଉ ଶୁକ୍ରବାର ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ଗ୍ରୀସ୍ ପାର୍ଲାମେଣ୍ଟରେ ବିପୁଳ ଭୋଟ ପାଇ ନିର୍ବାଚିତ ହେବାର ପ୍ରାୟ ଦୁଇମାସ ପରେ କ୍ୟାଟେରିନା ଏହି ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ବୃଦ୍ଧିପାଉଥିବାରୁ ପାର୍ଲାମେଣ୍ଟରେ ଖୁବ୍ କମ୍ ସଦସ୍ୟଙ୍କ ଉପସ୍ଥିତିରେ କ୍ୟାଟେରିନାଙ୍କ ଶପଥଗ୍ରହଣ ଉତ୍ସବ ହୋଇଥିଲା। ସେଠାରେ ହାତଗଣତି କେତେଜଣ ଆଇନପ୍ରଣେତା ଓ ଖବରଦାତା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍‌ସୋଟାକିସ୍ ତାଙ୍କୁ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ମନୋନୀତ କରିଥିବାରୁ ସେ ସବୁ ଦଳର ସମର୍ଥନ ପାଇବେ ବୋଲି ଆଶା କରାଯାଉଛି। ଗତ ଜାନୁୟାରୀରେ ସମସ୍ତ ବଡ଼ ଦଳ ତାଙ୍କ ସପକ୍ଷରେ ମତଦାନ କରିଥିଲେ। ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପାଇଁ ୨୦୦ ଭୋଟ ଜରୁରୀ ଥିବାବେଳେ କ୍ୟାଟେରିନାଙ୍କ ସପକ୍ଷରେ ୨୬୧ ଖଣ୍ଡ ଭୋଟ ପଡ଼ିଥିଲା। ତାଙ୍କ ବିପକ୍ଷରେ ୩୩ ସଦସ୍ୟ ଭୋଟ ଦେଇଥିବାବେଳେ ୬ ଆଇନପ୍ରଣେତା ଅନୁପସ୍ଥିତ ଥିଲେ।

# ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ୍, ୧୩।୩**

## ବନ୍ଧୁକ ଦେଖାଇ ଲୁଟ୍ ମାମଲା

ଏକ ଡକାୟତି ମାମଲାର ବିଚାର କରି ଅନୁଗୋଳ ଆସିଷ୍ଟାଣ୍ଟ ସେକସନ୍ ଜଜ୍ କମ୍ ସିଜେଏମ୍ କୋର୍ଟ ଅଭିଯୁକ୍ତ ଜରାସିଂହାର କାଳିଆ ଓରଫ ପ୍ରଦୀପ ବେହେରା(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ସି.ଏଚ. ବାସୁଦେବ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୪ ଅଗଷ୍ଟ ୯ରେ କୁମଣ୍ଡ (ଭଣ୍ଡୁବର) ଗ୍ରାମର ପ୍ରିୟବ୍ରତ ଦେହୁରୀଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଥିଲା। ସନ୍ଧ୍ୟା ୮ଟାରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ପ୍ରିୟବ୍ରତଙ୍କ ବାପା ପ୍ରଶନ୍ନ କୁମାର ଦେହୁରୀଙ୍କୁ ମାଡ଼ ମାରିଥିଲେ। ବିରୋଧ କରିବାରୁ ପ୍ରିୟବ୍ରତଙ୍କ ହାତ ଗୋଡ଼ ବାନ୍ଧି ଦେଇଥିଲେ। ପରେ ତାଙ୍କ ଜେଜେ ମା ଓ ଜେଜେ ବାପାଙ୍କୁ ଗୋଟିଏ ଘରେ ଭର୍ତ୍ତି କରିବା ସହ ମା ଓ ଭଉଣୀଙ୍କୁ ମାଡ଼ ମାରି ଚେନ୍, କାନ ଫୁଲ, ମୁଦି ଓ ଆଲମାରିରେ ଥିବା ୩୦ ହଜାର ଟଙ୍କା, ୫ଟି ମୋବାଇଲ ଏବଂ ଲାପଟପ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରଦୀପ ବେହେରାଙ୍କ ସହ କେତେଜଣଙ୍କୁ କାବୁ କରିଥିଲା। ଇତିମଧ୍ୟରେ ପ୍ରଦୀପଙ୍କ ଶୁଣାଣି ଶେଷ ହୋଇଥିବାବେଳେ ଅନ୍ୟମାନଙ୍କ ବିଚାର ପ୍ରକ୍ରିୟା ଜାରି ରହିଛି ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ଏପିପି ଧ୍ରୁବ ଚରଣ ସାହୁ ମାମଲା ପରିଚାଳନା କରିଥିଲେ।

# ନିର୍ଭୟା ମାମଲାରେ ହାଇକୋର୍ଟ ଗଲେ ବିନୟ ଶର୍ମା

## କ୍ଷମା ଆବେଦନ ଖାରଜରେ ଅନିୟମିତତା ଅଭିଯୋଗ



**ନୂଆଦିଲ୍ଲୀ, ୧୩।୩ (ପି.ଟି.)**

ଫାଶୀ ପାଇବାକୁ ଆଉ ସପ୍ତାହେ ବାକି ଥିବାବେଳେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଅପରାଧୀ ବିନୟ ଶର୍ମା ଶୁକ୍ରବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ରାଜକ୍ଷମା ଆବେଦନ ଖାରଜ କରିବା ଲାଗି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦିଲ୍ଲୀ ସରକାର ସୁପାରିସ କରିବାରେ ପ୍ରକ୍ରିୟାଗତ ତ୍ରୁଟି ଓ ସାମ୍ବିଧାନିକ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। ବିନୟଙ୍କ ତରଫରୁ ଆଇନଜୀବୀ ଏ.ପି. ସିଂ ଏହି ପିଟିଶନ ଦାଏର କରିଛନ୍ତି। ଫେବୃୟାରୀ ୧ରେ ରାଷ୍ଟ୍ରପତି ବିନୟଙ୍କ କ୍ଷମା ଆବେଦନକୁ ଖାରଜ କରିଥିଲେ। ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥିବା ସୁପାରିସ ପତ୍ରରେ ଦିଲ୍ଲୀ ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ସ୍ୱାକ୍ଷର ନ ଥିଲା ବୋଲି ପିଟିଶନରେ ଅଭିଯୋଗ କରାଯାଇଛି।

# ରେଳଷ୍ଟେଶନରେ ଖୋଲିଲା ସ୍ୱତନ୍ତ୍ର କେନ୍ଦ୍ର

**ବ୍ରହ୍ମପୁର ଅଫିସ, ୧୩।୩**

## ବଣ୍ଟାଯିବ ମାସ୍କ, ସାନିଟାଇଜର

କରୋନା ଭାଇରସ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଷ୍ଟେଶନ ପରିଦର୍ଶନ କରିବା ସହ ଷ୍ଟେଶନରେ କରୋନା ଭାଇରସ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ସ୍ୱତନ୍ତ୍ର ଅସ୍ଥାୟୀ ଷ୍ଟଲ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଓ ରୋଟାରୀ କ୍ଲବର ମିଳିତ ସହଯୋଗରେ ସନ୍ଧ୍ୟାରେ ବ୍ରହ୍ମପୁର ଷ୍ଟେଶନ ପ୍ରବେଶ ଓ ପ୍ରସ୍ଥାନ ପଥରେ କରୋନା ସମ୍ପର୍କିତ ସଚେତନତା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଏହାକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ଅଜୟ କୁମାର, ରୋଟାରି ଇଷ୍ଟର ମୁନା ପଣ୍ଡା, ସହକାରୀ ଜିଲାପାଳ ଡି. ମାଲେଶ୍ୱର ପାତ୍ର, ଆରପିଏଫ ଆଇଆଇସି ଦିଲୀପ କୁମାର, ଷ୍ଟେଶନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା, ଚାମ୍ବର ଅଫ କମର୍ସ ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ ରୋଟାରି କ୍ଲବ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଆସନ୍ତା ଏକମାସ ପାଇଁ ଖୋଲିବାକୁ ଥିବା ଏହି କେନ୍ଦ୍ରରେ ସକାଳ ଓ ସନ୍ଧ୍ୟାରେ ରେଳଯାତ୍ରୀଙ୍କୁ କରୋନା ଭାଇରସ୍ ସମ୍ପର୍କରେ ସଚେତନ କରାଯିବା ସହ ମାସ୍କ, ସାନିଟାଇଜର, ଟିସୁ ପେପର ବଣ୍ଟାଯିବା ନେଇ ରୋଟାରି କ୍ଲବ ପକ୍ଷରୁ କୁହାଯାଇଛି।

# ଶ୍ରୀମନ୍ଦିର ଟଙ୍କାକୁ ନେଇ ବିଧାନସଭାରେ ହଟ୍ଟଗୋଳ

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ)**



## ୟେସ୍ ବ୍ୟାଙ୍କ ପ୍ରସଙ୍ଗ ନେଇ ଅଚଳାବସ୍ଥା

## ଗୃହ ମୁଲତବୀ

ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ରଖିବାକୁ ନେଇ ଶୁକ୍ରବାର ବିଧାନସଭାରେ ପୁଣି ହଟ୍ଟଗୋଳ ହୋଇଛି। ଭାଜପା ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଛନ୍ତି। ମହାପ୍ରଭୁଙ୍କ ଟଙ୍କା ସୁରକ୍ଷିତ ଭାବେ ନ ଫେରିଲେ ଆମେ ଗୃହ ଚଳାଇ ଦେବୁନାହୁଁ। ସରକାର ଏ ଦିଗରେ କ'ଣ ପଦକ୍ଷେପ ନେଇଛନ୍ତି ତୁରନ୍ତ ଗୃହକୁ ଜଣାନ୍ତୁ। ମହାପ୍ରଭୁଙ୍କ ଟଙ୍କା ଫେରାଇବା ନେଇ ତୁରନ୍ତ ଗୃହ କମିଟି ଗଠନ କରାଯାଉ। ଏହି ଦାବିରେ ଭାଜପା ସଦସ୍ୟମାନେ ପ୍ରଶ୍ନକାଳକୁ ଅଚଳ କରିଦେଇଥିଲେ। ତେବେ ବିରୋଧୀଙ୍କ ଦାବି ଆଗରେ ସରକାରଙ୍କୁ ନଇଁବାକୁ ପଡ଼ିଛି। ଗୃହ କମିଟି ଗଠନ କରିବାକୁ ସରକାର ବାଧ୍ୟ ହୋଇଛନ୍ତି।

ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଭ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିକ, ବିଷ୍ଣୁଚରଣ ସେଠୀ ଏବଂ ଦଳର ଅନ୍ୟ ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରୁ ତୁରନ୍ତ ଉଠାଇବା ଆମର ଦାବି କହି ସ୍ଲୋଗାନ ଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ବାଚସ୍ପତି ଭାଜପା ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ତେବେ ଏହାର କୌଣସି ପ୍ରଭାବ ଭାଜପା ସଦସ୍ୟଙ୍କ ଉପରେ ପଡ଼ି ନ ଥିଲା। ସେମାନେ ହଟ୍ଟଗୋଳରେ ମାତିଯାଇଥିଲେ। ବାଚସ୍ପତି ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ବାଧ୍ୟହୋଇ ଗୃହକୁ ମାତ୍ର ୧ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୧ରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍ ପରେ ଗୃହକୁ ଆଉ ୧୦ ମିନିଟ୍ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଭାଜପା ସଦସ୍ୟମାନେ ପୁଣି ହଟ୍ଟଗୋଳ ଆରମ୍ଭ କରିଥିଲେ। ୟେସ୍ ବ୍ୟାଙ୍କରୁ ଟଙ୍କା ଉଠିବା ନେଇ ଗୃହ କମିଟି ଗଠନ ସମ୍ପର୍କରେ ବାଚସ୍ପତି ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଗୃହ କମିଟି ଗଠନ ନେଇ ସରକାରୀ ଦଳ ମୁଖ୍ୟ ସଚେତକ ଶୁକ୍ରବାର ବିଧାନସଭା କାର୍ଯ୍ୟ ବନ୍ଦ ହେବା ପୂର୍ବରୁ କମିଟି ସଦସ୍ୟଙ୍କ ନାମ ଘୋଷଣା କରିବେ। ଏହାପରେ ଭାଜପା ସଦସ୍ୟମାନେ ଶାନ୍ତ ହୋଇଯାଇଥିଲେ। ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ଗଢ଼ାହେଲା ଗୃହ କମିଟି

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ):** ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟଙ୍କା ଉଠାଣ ପାଇଁ ଶୁକ୍ରବାର ବିଧାନସଭା ଗୃହ କମିଟି ଗଠନ କରାଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ୧୨ ଜଣ ସଦସ୍ୟଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। କମିଟିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ନରସିଂହ ମିଶ୍ର, ଲକ୍ଷ୍ମଣ ମୁଣ୍ଡା, ତାରା ପ୍ରସାଦ ବାହିନୀପତି, ଅତନୁ ସବ୍ୟସାଚୀ ନାୟକ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମୋହନ ଚରଣ ମାଝି, ପ୍ରତାପ କେଶରୀ ଦେବ ଓ ଦେବୀ ପ୍ରସାଦ ମିଶ୍ର ସଦସ୍ୟ ଅଛନ୍ତି। ଏହି କମିଟି ଟଙ୍କା ଉଠାଣ ପାଇଁ କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବେ। ଏଥିସହିତ ଅନ୍ୟାନ୍ୟ ଦିଗକୁ ଦେଖିବେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

DIRECT JOIN
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

ଆବଶ୍ୟକ
ମହିଳା ଆବାସିକ ଗୃହରେ ପରିଚାଳିକା ଭାବେ କାର୍ଯ୍ୟ କରିବା ପାଇଁ ଏମ୍‌ଏ ପାସ୍ କରିଥିବା ଓ ୨/୩ ବର୍ଷର ଅଭିଜ୍ଞତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ।
ଯୋଗାଯୋଗ : ୯୪୩୮୬୭୪୯୧୦
୯୦୪୦୧୨୩୫୬୫

REQUIRED
Driver, CRM Sales, Floor Supervisor, Telecaller, Admin. Manager, Gen. Manager, Painter, Dentor for a 4 wheeler dealership.
Call: 9040640373 and 0674-6668822/6667709, Email id - edp.bhubaneswar@renault-india.com, siddharth9909@gmail.com

ଆବଶ୍ୟକ
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ଆବଶ୍ୟକ
ସିକ୍ୟୁରିଟି ଗାର୍ଡ
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡ଼ା
M : 8917637741, 8342041401

ବଢ଼େଇ ଦରକାର!!
ମାସିକ ଦରମା ଭିତ୍ତିରେ କାଠ-ତିଆରି ଫର୍ଣ୍ଣିଚର ସ୍ଥାପନ/ଇନ୍‌ଷ୍ଟାଲେସନ୍ ପାଇଁ କାଠ-ମିସ୍ତ୍ରି ଆବଶ୍ୟକ। ନିଜର ଦୁଇ-ଚକିଆ ଯାନ, ଡ୍ରିଲିଂ ମେସିନ୍, ସ୍ପାନର ସେଟ୍ ଥିବା ଜରୁରୀ। ତୁରନ୍ତ ଯୋଗାଯୋଗ କରନ୍ତୁ # 7070408283

RAILWAY JOBS
Petty Repair (ITI) : 14000/-
Bed Roll (10th) : 10000/-
Supervisor (+2/+3) : 15000/-
Storekeeper (+2/+3) : 15000/-
Goods Guard (10th/+2) : 10000/-
JOB LOCATION : Angul, Balangir, Rayagada, Sambalpur, Koraput
CONTACT : 9178912298

Khallikote University, Berhampur
GMAX Building (Transit Campus), Konishi, 761008
No.KUB/PGC/2020/038 Date:13.03.2020
Walk-in-Interview 25th March 2020
Advertisement for Research Associate / Assistant
Applications are invited from the candidates for the position of Research Associate / Assistant in ICSSR funded Major Research Project on "Investigating the Role of Social Media in Addressing Public Health Development Issues in India". The Walk-in-interview is on 25th March 2020 from 10 A.M. onwards. For more details kindly visit : https://kub.ac.in.
Dr. Manoj Kumar Dash, Project Director

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 73.80 (48) | 34,103.48 (▲1325.34) | 9, 955.20 (▲365.05) | 42,600.00 (▼`1097) | 44,130 (▼`1574) |

“ରେଳ ଭିତ୍ତିଭୂମିରେ ୫୦ ଲକ୍ଷ କୋଟି ନିବେଶ ଯୋଜନା ଅନ୍ତର୍ଗତ ଘରୋଇ ନିବେଶ ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି।

– ପୀୟୂଷ ଗୋ ୟଲ, ରେଳମନ୍ତ୍ରୀ



“କରୋନା ଭାଇରସ ଯୋଗୁ ନିବେଶକଙ୍କ ମନରେ ଉପୁଜିଥିବା ଭୟ ଏବଂ ପ୍ରଭାବିତ ମନୋଭାବକୁ ଠିକ୍ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି।

– କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା



# ୟେସ୍ ବ୍ୟାଙ୍କ ପୁନରୁଦ୍ଧାର ଯୋଜନାକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୧୩-୩




- ଶୀଘ୍ର ଉଠିବ ଉଠାଣ କଟକଣା: ଅର୍ଥମନ୍ତ୍ରୀ
- ଆସିବ ବିଜ୍ଞପ୍ତି, ଗଠନ ହେବ ନୂଆ ବୋର୍ଡ
- ନିବେଶ ଲାଗି ଆଗେଇ ଆସିଲେ ପ୍ରମୁଖ ଘରୋଇ ବ୍ୟାଙ୍କ

ୟେସ୍ ବ୍ୟାଙ୍କ ଉପରେ ଲାଗୁ ହୋଇଥିବା ଉଠାଣ କଟକଣା ସମେତ ଅନ୍ୟ ମୋରାଟୋରିୟମ ସର୍ତ୍ତ ଶୀଘ୍ର ଉଠିବାକୁ ଯାଉଛି। କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଏହି କ୍ଷତିଗ୍ରସ୍ତ ବ୍ୟାଙ୍କର ବେଲ୍ଆଉଟ ବା ପୁନରୁଦ୍ଧାର ଯୋଜନାକୁ ଶୁକ୍ରବାର ମଞ୍ଜୁରୀ ମିଳିଛି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ନେତୃତ୍ୱାଧୀନ ଏହି ଯୋଜନା କାର୍ଯ୍ୟକାରୀ ହେବାର ୩ ଦିନ ମଧ୍ୟରେ ବ୍ୟାଙ୍କ ଉପରେ ଲାଗିଥିବା କଟକଣା ଉଠିଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କହିଛନ୍ତି। ଏହି ବ୍ୟାଙ୍କରେ ନିବେଶ କରିବା ଲାଗି ଦେଶର ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ମଧ୍ୟ ଆଗେଇ ଆସିଛନ୍ତି। ଆଇସିଆଇସିଆଇ ବ୍ୟାଙ୍କ ୟେସ୍ ବ୍ୟାଙ୍କରେ ଇକ୍ୱିଟି ପୁଞ୍ଜି ଭାବେ ୧୦୦୦ କୋଟି ଟଙ୍କା ନିବେଶ କରିବ। ଏହାବାଦ ଏଚ୍‌ଡିଏଫ୍‌ସି ୧୦୦୦ କୋଟି ଏବଂ ଆକ୍ସିସ ବ୍ୟାଙ୍କ ୬୦୦ କୋଟି ନିବେଶ କରିବା ନେଇ ସୂଚନା ରହିଛି।

ମାର୍ଚ୍ଚ ୫ ପରଠାରୁ ରିଜର୍ଭ ବ୍ୟାଙ୍କ ୟେସ୍ ବ୍ୟାଙ୍କ ଉପରେ କଟକଣା ଲଗାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାର ଏହି ବ୍ୟାଙ୍କର ସମସ୍ୟାକୁ ବିଚାର କରି ଏହାର ପରିଚାଳନାରେ କିଭଳି ସୁଧାର ଅଣାଯାଇ ପାରିବ ସେ ଉପରେ କାର୍ଯ୍ୟ କରୁଛନ୍ତି ବୋଲି ସୀତାରାମନ ମତପ୍ରକାଶ କରିଛନ୍ତି। ଏହାବାଦ ସରକାର ଅନ୍ୟ ବିତ୍ତୀୟ ପ୍ରତିଷ୍ଠାନଗୁଡ଼ିକ ସହ ମଧ୍ୟ ଆଲୋଚନା କରୁଛନ୍ତି। ଏବେ ବ୍ୟାଙ୍କ ଉପରେ ଉଠାଣ କଟକଣା ଲାଗିବା ଯୋଗୁ କେବଳ ୫୦ ହଜାର ଟଙ୍କା ଉଠାଇବା ସମ୍ଭବ ହୋଇପାରୁଛି। ୟେସ୍ ବ୍ୟାଙ୍କର ପୁନରୁଦ୍ଧାର ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ଯୋଜନା ପ୍ରସ୍ତାବ ଦିଆଯାଇଥିଲା। ଦେଶର ଆର୍ଥିକ ପରିବେଶ, ବ୍ୟାଙ୍କିଙ୍ଗ ସିଷ୍ଟମ, ଜମାକାରୀଙ୍କ ସ୍ୱାର୍ଥ ଏବଂ ୟେସ୍ ବ୍ୟାଙ୍କରେ ସ୍ଥିତାବସ୍ଥା ଆଣିବା ଦିଗରେ କାର୍ଯ୍ୟପନ୍ଥା ଜାରି ରହିଛି ବୋଲି ସୀତାରାମନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ, ଗତ ଗୋଟିଏ ବର୍ଷ ହେବ ବ୍ୟାଙ୍କର ଆର୍ଥିକ ସ୍ଥିତି ଉପରେ ନଜର ରଖାଯାଇଛି। ନୂଆ ପୁନରୁଦ୍ଧାର ଯୋଜନା ଅନ୍ତର୍ଗତ ୟେସ୍ ବ୍ୟାଙ୍କରେ ଇକ୍ୱିଟି ଭାବେ ଏସ୍‌ବିଆଇ ୪୯% ଅଂଶଧନ ନିବେଶ କରିବ। ଅଧିକ ନିବେଶକଙ୍କୁ ଆଣିବା ଲାଗି ଆର୍‌ବିଆଇ ଚେଷ୍ଟା ଜାରି ରଖିଛି। ଯୋଜନା ସମ୍ପର୍କରେ ବିଜ୍ଞପ୍ତି ଆସିବାର ୩ ଦିନରେ ମୋରାଟୋରିୟମ ହଟିଯିବ। ୭ ଦିନ ମଧ୍ୟରେ ନୂଆ ବୋର୍ଡ ଗଠନ କରାଯିବ। ଏଥିଲାଗି ଶୀଘ୍ର ବିଜ୍ଞପ୍ତି ଆସିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ୟେସ୍ ବ୍ୟାଙ୍କର ନୂଆ ବୋର୍ଡରେ ଏସ୍‌ବିଆଇର ୨ ନିର୍ଦ୍ଦେଶକ ରହିବେ। ୭ ଦିନ ମଧ୍ୟରେ ଆଡମିନିଷ୍ଟ୍ରେଟର ଅଫିସ ଛାଡ଼ିବେ, ତା'ପରେ ନୂଆ ବୋର୍ଡ କାର୍ଯ୍ୟ ଆରମ୍ଭ କରିବ ବୋଲି ଜଣାପଡ଼ିଛି।

# ବ୍ରାଣ୍ଡ ଫ୍ୟାକ୍ଟ୍ରିର ‘ୱାନ୍ସ ଏ ଇୟର-ବାଏ ୨ ଗେଟ୍ ୩’ ଅଫର

ମୁମ୍ବାଇ, ୧୩-୩

BRAND FACTORY
BEST BRANDS ▸ SMART PRICES

ଫ୍ୟୁଚର ଗ୍ରୁପର ପ୍ରମୁଖ ଷ୍ଟୋର ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଚଳିତ ବର୍ଷର ମେଗା ଅଫର ଘୋଷଣା କରାଯାଇଛି। ‘ୱାନ୍ସ ଏ ଇୟର-ବାଏ ୨ ଗେଟ୍ ୩’ ମ୍ୟାଜିକାଲ ଅଫର ମାଧ୍ୟମରେ ଗ୍ରାହକମାନେ ଆକର୍ଷଣୀୟ ଡିଲ୍ ଲାଭ କରିବାକୁ ସକ୍ଷମ ହେବେ। ଏହି ଅଫରର ଲାଭ ଗ୍ରାହକମାନେ ଚଳିତ ମାସ ୨୨ ତାରିଖ ଯାଏ ନେଇପାରିବେ। ୨ଟି କିଣି ୩ଟି ଲାଭ କରିବା ସୁବିଧା ଫ୍ୟାଶନ ଲଭରଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ସୂଚନା ଦିଆଯାଇଛି। ଷ୍ଟୋରରେ ଗ୍ରାହକମାନେ ୨୦୦ ଓରିଜିନାଲ ଫ୍ୟାଶନ ବ୍ରାଣ୍ଡ ଲାଭ କରିପାରିବେ। ମହିଳା, ପୁରୁଷ ଏବଂ ଶିଶୁଙ୍କ ବର୍ଗରେ ଫ୍ୟାଶନ ସହ ବ୍ୟାଗ୍ ପ୍ୟାକ୍ସ, ଲଗେଜ, ସନ୍‌ଗ୍ଲାସେସ, ସ୍ପୋର୍ଟସ ସୁ, ଫର୍ମାଲ ସୁ, ଆସେସୋରିଜ ସହ ବିଭିନ୍ନ ସାମଗ୍ରୀ ଗ୍ରାହକ ଏଠାରେ ପାଇପାରିବେ। ୧୧ ଦିନ ବ୍ୟାପୀ ଚାଲୁଥିବା ଏହି ଅଫରରେ ଗ୍ରାହକ କ୍ରୟ ସହ ସଞ୍ଚୟର ଅବସର ପାଇପାରିବେ। ନିକଟସ୍ଥ ବ୍ରାଣ୍ଡ ଫ୍ୟାକ୍ଟ୍ରି ଷ୍ଟୋରକୁ ପରିଦର୍ଶନ କରି ଏହାର ଲାଭ ଉଠାଇବାକୁ ଷ୍ଟୋର ପକ୍ଷରୁ ଗ୍ରାହକଙ୍କୁ ନିବେଦନ କରାଯାଇଛି।

# ରୟାଲ ଏନ୍‌ଫିଲ୍ଡର ନୂଆ ଶୋ'ରୁମ୍

ଭୁବନେଶ୍ୱର, ୧୩-୩



ରୟାଲ ଏନ୍‌ଫିଲ୍ଡର ନୂଆ ଶୋ'ରୁମ୍ ତୃପ୍ତି ଅଟୋୱାର୍ଲଡ ସ୍ଥାନୀୟ ସିଆର୍‌ପି ଛକଠାରେ ଶୁଭାରମ୍ଭ ହୋଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ସଂଗ୍ରାମ ସାହୁ, ବିଶ୍ୱ ରଞ୍ଜନ ଘଡେଇ, ଶୈଳେନ୍ଦ୍ର ଶ୍ରୀବାସ୍ତବ ଉପସ୍ଥିତ ରହି ଶୋ'ରୁମ୍‌କୁ ଶୁଭାରମ୍ଭ କରିଥିଲେ। କମ୍ପାନୀର ଏହି ନୂଆ ଷ୍ଟୁଡିଓ ଆଉଟଲେଟ୍ ଗ୍ରାହକଙ୍କୁ ଉନ୍ନତ ସେଲ୍‌ସ୍ ଏବଂ ସର୍ଭିସ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ରୟାଲ ଏନ୍‌ଫିଲ୍ଡର ସବୁ ମଡେଲ ଗ୍ରାହକ ଏଠାରେ ଲାଭ କରିପାରିବେ। ଏହି ଅବସରରେ ତୃପ୍ତି ଅଟୋୱାର୍ଲଡର ପରିଚାଳନା ପାର୍ଟନର ରୁଦ୍ରନାରାୟଣ ସାମନ୍ତରାୟ କହିଛନ୍ତି ଯେ, ରୟାଲ ଏନ୍‌ଫିଲ୍ଡ ମଡେଲର ଚାହିଦା ଦିନକୁ ଦିନ ବଢୁଛି। ଏହାକୁ ଧ୍ୟାନରେ ରଖି ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ନୂଆ ଶୋ'ରୁମ୍ ଆରମ୍ଭ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ଶୋ'ରୁମ୍‌ରେ ଗ୍ରାହକ ଉନ୍ନତ କ୍ରୟ ଅଭିଜ୍ଞତା ଲାଭ କରିପାରିବେ।

# ତନିଷ୍କର କମ୍ବୋ ଅଫର ଘୋଷଣା

ଭୁବନେଶ୍ୱର, ୧୩-୩




ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ କମ୍ବୋ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିବାହ ଶପିଂକୁ ଅଧିକ ଆକର୍ଷଣୀୟ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ସମୟ ମଧ୍ୟରେ ସୁନା ଗହଣାର ଗଢାମୂଲ୍ୟ ଉପରେ ଗ୍ରାହକ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ହୀରା ଗହଣା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଥିବା ବେଳେ ପୁରୁଣା ସୁନା ବଦଳ ଉପରେ ଗ୍ରାହକ ଶତ ପ୍ରତିଶତ ମୂଲ୍ୟ ପାଇ ପାରିବେ। ଶୋ'ରୁମ୍‌ରେ ବିରାସତ, ସ୍ୱୟମ, ଉତ୍ସବ, ଲାବଣ୍ୟମ, ଗୁଲନାଜ ଏବଂ ଅଭିର ଭଳି କଲେକ୍ସନ ଉପଲବ୍ଧ କରାଯାଇଥିବା ତନିଷ୍କ ପ୍ରକାଶ କରିଛି। କଲେକ୍ସନଗୁଡ଼ିକ ୧୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅବସରରେ ତନିଷ୍କର ଏରିଆ ବିଜ୍‌ନେସ ମ୍ୟାନେଜର ପ୍ରଖର ପୁଲାଓ୍ୱତ କହିଛନ୍ତି ଯେ, ବର୍ତ୍ତମାନ ଗ୍ରାହକମାନେ ବିଭିନ୍ନ ସ୍ୱତନ୍ତ୍ର ଉତ୍ସବ ଲାଗି ସ୍ୱତନ୍ତ୍ର ଗହଣା ଆବଶ୍ୟକ କରୁଛନ୍ତି।

# ବିଓବିର ନୂଆ ଶାଖା

ଭୁବନେଶ୍ୱର, ୧୩-୩

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଏହାର ୧୨୧ତମ ଶାଖା ସ୍ଥାନୀୟ ଭୀମଟାଙ୍ଗିଠାରେ ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା ଓଡ଼ିଶାରେ ବ୍ୟାଙ୍କର ଶାଖା ସଂଖ୍ୟା ୧୯୫ରେ ପହଞ୍ଚିଛି। ପାଟନା ଜୋନ୍‌ର କ୍ଷେତ୍ରୀୟ ମୁଖ୍ୟ ତଥା ମହାପ୍ରବନ୍ଧକ ନିତ୍ୟାନନ୍ଦ ବେହେରା ନୂଆ ଶାଖାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର କ୍ଷେତ୍ର ଉପମହାପ୍ରବନ୍ଧକ ସୋମନାଥ ନନ୍ଦ, ଶାଖା ପ୍ରବନ୍ଧକ, ଭୀମଟାଙ୍ଗି ଶାଖା, ସବ୍ୟସାଚୀ ମହାନ୍ତି, କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ନୂତନ ଶାଖା ଖୋର୍ଦ୍ଧା ଜିଲାର ୨୮ତମ ଶାଖା। ସ୍ଥାନୀୟ ଲୋକଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତା ପୂରଣ ଦିଗରେ ନୂଆ ଶାଖା ସହାୟକ ହେବ ବୋଲି ବେହେରା ମତ ପ୍ରକାଶ କରିଥିଲେ। ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ପରିସରଭୁକ୍ତ କରାଇବା, ବ୍ୟାଙ୍କ ପକ୍ଷରୁ ରିଟେଲ ଉତ୍ପାଦ ଏବଂ ନୂତନ ମିଆଦୀ ଜମା ଯୋଜନା ଉପରେ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗର ଲାଭ ଉଠାଇବାକୁ ସେ କହିଥିଲେ।

# କରୋନା ଯୋଗୁ ୨୦% ଖସିଛି ଭାରତୀୟ ଷ୍ଟକ୍ କାରବାର

ନୂଆଦିଲ୍ଲୀ, ୧୩-୩

କରୋନା ଯୋଗୁ ଦେଶର ପୁଞ୍ଜି ବଜାରରେ ନିବେଶକଙ୍କ ମନୋଭାବ କ୍ଷତିଗ୍ରସ୍ତ ହୋଇଛି। ଗତ ୪୫ ଦିନ ମଧ୍ୟରେ କରୋନା ପ୍ରଭାବରେ ଭାରତୀୟ ଷ୍ଟକ କାରବାର ୨୦% ଖସି ଯାଇଛି। କରୋନା ଯୋଗୁ ବିଶ୍ୱ ସ୍ତରରେ ନିବେଶକଙ୍କ ମନୋଭାବ ପ୍ରଭାବିତ ହୋଇଛି। ୟୁରୋପର ପ୍ରମୁଖ ବଜାର ସହ ଆମେରିକା ଶେୟାର ବଜାରର କାରବାର ଖସି ଯାଇଛି। ସେବି ଡାଟା ମୁତାବକ ଚାଇନାର ସାଂଘାଇ କମ୍ପୋଜାଇଟ୍ ୧.୭୮% ଖସିଛି। ଏସିଆର ଅନ୍ୟ ପ୍ରମୁଖ ବଜାରଗୁଡ଼ିକ ୭ରୁ ୧୫% ହାରରେ ହ୍ରାସ ହୋଇଥିବା ଦେଖାଯାଇଛି। ଜାନୁୟାରୀ ୩୧ରୁ ମାର୍ଚ୍ଚ ୧୨ ମଧ୍ୟରେ ଏହି ଡାଟା ସଂଗ୍ରହ କରାଯାଇଛି। କରୋନା ଯୋଗୁ ବିଶ୍ୱ ସ୍ତରରେ ମାନ୍ଦାବସ୍ଥା ପୁଣି ଥରେ ଫେରିବା ନେଇ ନିବେଶକ ଆଶଙ୍କାରେ ରହିଛନ୍ତି।

ଶୁକ୍ରବାର ସେନ୍‌ସେକ୍ସରେ କାରବାର ସାମାନ୍ୟ ଉନ୍ନତ ସ୍ଥିତିକୁ ଫେରିଛି। ଏହି ସମୟରେ ସୂଚକାଙ୍କ ୧୩୨୫ ପଏଣ୍ଟ ବଢ଼ିଥିବା ବେଳେ ନିଫ୍ଟି କାରବାର ପୁଣିଥରେ ୯୯୦୦ ସ୍ତରକୁ ଫେରିଛି। ଏଭଳି ସ୍ଥିତିରେ ଦେଶର ପୁଞ୍ଜି ବଜାର ଉପରେ ସରକାର ଏବଂ ରିଜର୍ଭ ବ୍ୟାଙ୍କ ନଜର ରଖିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। କରୋନାଜନିତ ଭୟ ଯୋଗୁ ନିବେଶକ ମନୋଭାବ ପ୍ରଭାବିତ ହେବା ଯୋଗୁ ଶେୟାର ବଜାର ଉପରେ ଏହାର ପ୍ରଭାବ ପଡ଼ିଛି।

# ଇଣ୍ଡିଆ ବୁଲ୍‌ସ ଧାନୀର କ୍ରେଡିଟ୍ ଲାଇନ

ମୁମ୍ବାଇ, ୧୩-୩

ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ଲେଣ୍ଡିଂ ପ୍ଲାଟଫର୍ମ ଇଣ୍ଡିଆ ବୁଲ୍‌ସ ଧାନୀ ପକ୍ଷରୁ ନୂଆ ଡିଜିଟାଲ କ୍ରେଡିଟ ଲାଇନ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏମିତି ଏକ କ୍ରେଡିଟ ସୁବିଧା ଯାହା ଗ୍ରାହକଙ୍କୁ କ୍ରୟର ସୁବିଧା ପ୍ରଦାନ କରିବ। ଏହାକୁ ଗ୍ରାହକ ପରେ ସହଜ ଇଏମ୍‌ଆଇ ଦ୍ୱାରା ପ୍ରଦାନ କରିପାରିବେ। ଏହି ସୁବିଧା ଲାଭ ଯେକୌଣସି ଲୋକ ନେଇପାରିବେ। ଧାନୀ ଆପ୍‌କୁ ଯାଇ ମାତ୍ର କିଛି ମିନିଟ ମଧ୍ୟରେ ଏହାର ସୁବିଧା ନେଇ ହେବ। ଏହା ଡିଜିଟାଲ ଏବଂ କାର୍ଡ ଦ୍ୱାରା ଆସୁଥିବା ବେଳେ ଉଭୟ ଅନ୍‌ଲାଇନ ଏବଂ ଅଫଲାଇନରେ ଏହାକୁ ବ୍ୟବହାର କରାଯାଇପାରିବ। ଗ୍ରାହକ ଏହାକୁ ବିଭିନ୍ନ ସାମଗ୍ରୀ କ୍ରୟରେ ବ୍ୟବହାର କରିପାରିବେ। କଫି, ମୋବାଇଲ ଫୋନ ଭଳି ସାମଗ୍ରୀ କିଣି ସହଜ ଇଏମ୍‌ଆଇରେ ଅର୍ଥ ପଇଠ କରିପାରିବେ। କମ୍ପାନୀର ଏହି ପ୍ରଡକ୍ଟ ସମ୍ପୂର୍ଣ୍ଣ ପ୍ୟାକେଜ ସହ ଆସୁଛି। ଏଥିରେ ରିୱାର୍ଡ ପଏଣ୍ଟ, ୨% କ୍ୟାଶବ୍ୟାକ ଏବଂ ଅନ୍ୟ ଆକର୍ଷଣୀୟ ଅଫର ସାମିଲ ରହିଛି।


## PARADIP PORT TRUST
### E-TENDER CALL NOTICE

Name of the work : **"Supply of 01 No. 50 Ton Bollard Pull Tug along with Manning Crew on Hire for Marine Operation at SPM and inside Harbour at Paradip Port ".** Estimated cost : **Rs. 35,63,95,000/-**. Last date & time of submission of bids through on-line bidding is **1600 hours** on **Dt.30.03.2020.** Technical Bids shall be opened at **1630 hours** on **Dt.31.03.2020.** For details, please log on to the Website: **https://eprocure.gov.in/eprocure/app.**

**Dy. Conservator**

**PPT/PR/716/19-20, Dt.13.03.2020**

## PARADIP PORT TRUST
### E-TENDER NOTICE

Name of the work : **"Laying of new D.I. water supply pipe line from Ghanagolia Pump House to different berths". Estimated Cost : Rs. 2,21,52,970/-.** Last date & time of submission of bid up to **30.03.2020 up to 17.00 Hrs.** Refer our website for details **https://eprocure.gov.in/eprocure/app.**

**Executive Engineer, E&CM**

**PPT/PR/713/19-20 Date : 13.03.2020**

## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP /C & P – 09 / 1134 Date: 07.03.2020

**NOTICE INVITING TENDER No. HHEP-09/2020**

No. CAD-1108:- Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed service provider having similar type of work experience during the last three years for the following works as mentioned below.

| Sl. No | Description | Cost of tender paper (Non-refundable) in Rs. | EMD (Refundable) in Rs. |
|---|---|---|---|
| 1. | Major Mechanical repair work of Unit No. 7 of Burla Power House. | Rs. 4,720/- (Rs. 4,000/- + GST @18%) | 7,050/- |

Period of availability of tender at OHPC website : Dt. 16.03.2020 to 29.03.2020 upto 05:00 PM
Last date & Time of receipt of Tender : Dt. 30.03.2020 upto 01:00 PM
Date & Time of opening of Technical bid : Dt. 30.03.2020 at 04:00 PM
Date & Time of opening of price bid will be intimated later to the technically qualified bidders.
For details of the tender documents, terms and conditions please visit our website www.ohpcltd.com

Sd/- C & P Head, HHEP, Burla
OIPR-04007/11/0037/1920

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ - www.oshb.org

ପତ୍ର ସଂଖ୍ୟା.୪୫ ତା.୦୩।୦୩।୨୦୨୦

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତା ତାଙ୍କର ଭାଇଙ୍କୁ ଉକ୍ତ ସମ୍ପତ୍ତିର ଯୁଗ୍ମ ଆବଣ୍ଟନକାରୀ ହିସାବରେ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିପାଇଁ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ପ୍ରଦାନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ। ତତ୍‌ପରେ ଆଇନ୍ ଅନୁଯାୟୀ ତାଙ୍କ ନାମ ଯୁଗ୍ମ ଆବଣ୍ଟନ ଗ୍ରହୀତା ଭାବେ ଦରଜ କରାଯିବ।

| ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଯୁଗ୍ମ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା |
|---|---|---|
| ମାନସ ରଞ୍ଜନ ପାତ୍ର<br>ପି-ଉତ୍ତମ କୁମାର ପାତ୍ର<br>ସା/ପୋ-ସବଳଙ୍ଗ କଣିପଡ଼ା<br>ଥା-ଡେରାବିସ୍<br>ଜି-କେନ୍ଦ୍ରାପଡ଼ା | ଏଲ୍.ଆଇ.ଜି-୨/୫<br>ନନ୍ଦିଘୋଷ ଏନ୍‌କ୍ଲେଭ<br>ରଣସିଂହପୁର<br>ଭୁବନେଶ୍ୱର | ଶ୍ରୀ ପ୍ରୀତିରଞ୍ଜନ ପାତ୍ର<br>ପିତା-ଉତ୍ତମ କୁମାର ପାତ୍ର<br>ସା/ପୋ-ସବଳଙ୍ଗ କଣିପଡ଼ା<br>ଥା-ଡେରାବିସ୍, ଜି-କେନ୍ଦ୍ରାପଡ଼ା |

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ZILLA SWASTHYA SAMITI, KANDHAMAL
Office of the CDM&PHO-cum-District Mission Director, NHM, Kandhamal, Odisha - 762001

Advt. No.: 3418/NHM/20 Dt.:13.03.2020

### Request for Proposal (RFP) for Providing Different Category of Manpower

Sealed proposals as per prescribed RFP document are invited from interested eligible bidders for providing different category of manpower on outsourcing basis under ZSS, Kandhamal. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD & document as per RFP. The bidders have to submit their proposal(s) at the O/o. The CDM&PHO-cum-District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **03.00 P.M. of 06.04.2020** through Regd./Speed Post & Courier and the same will be opened on **07.04.2020 at 11.00 A.M.** The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO-cum-District Mission Director, Kandhamal**

## DISTRICT PROJECT OFFICE, SAMAGRA SHIKSHA, MAYURBHANJ

**No. 746** **Dated: 13.03.2020**

**NOTICE**

The advertisement published vide No. 5923, dated 01.08.2018 for engagement of Part Time Instructors (Physical and Art Education), Accountant-cum-Support Staff and MIS-cum-Planning Coordinator under RTE-SS, Mayurbhanj is hereby cancelled due to unavoidable reasons.

By order of Collector-cum-Chairman
Samagra Shiksha, Mayurbhanj
**Sd./- District Project Coordinator**
**Samagra Shiksha, Mayurbhanj**

## OFFICE OF THE MUNICIPAL COUNCIL, BHAWANIPATNA
### EXPRESSION OF INTEREST

The Executive Officer, Bhawanipatna Municipality, Kalahandi invites sealed Expression of Interest (EOI) from the reputed experienced Painter/Artist for Writing/Wall Painting with arts as per the requirement. The EOI should reach to the undersigned upto 05.00 P.M. on or before dated 25.03.2020 through Registered Post/Speed Post only along with past experience if any and the same will be opened at 3.30 P.M. on dated 26.03.2020 in presence of the bidders or their authorized representatives. The design of the Painting/Writing shall be finalized by the undersigned. The bidder will quote their rate per square feet including all cost conveyance taxes etc. The bidder should use Weather Coat Acrylic Paint with two coats over wall of approved quality. The authority reserves the right to cancel any part of the whole of EOI without assigning any reason thereof.

**Sd./- Executive Officer**
**Bhawanipatna Municipality**

No. 167-mm:-

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH, ODISHA**
Phone No. 0661-2664637, Fax No. 0661-2664638, e mail- dforourkela.od@gov.in

Office Order No. 51 Dt. 12.03.2020

### SHORT QUOTATION CALL NOTICE

Sealed Tenders are invited only from the reputed & experienced manufacturers having the following.
a) Valid Industry Registration Certificate
b) Valid GST Registration Certificate
c) Valid PAN Card.

The copies of the above documents should be furnished with Quotation.

| Sl. No. | Items |
|---|---|
| 1 | FRP – 8 Seater Passenger Boat<br>Length :5.60 Mtrs.<br>Breadth :1.80 Mtrs.<br>Engine :1 no. 25HP Four Stroke Yamaha make Out-Board Engine(Imported).<br>Quantity : 1No. |
| | NB: (Details Specification can be obtained from the Office of the Divisional Forest Officer, Rourkela Forest Division, At/Po-Panposh, Dist-Sundergarh during office hour.) |

The Tenders shall be addressed to the Divisional Forest Officer, Rourkela Forest Divison, At/Po- Panposh, Dist-Sundergarh during office hours. Tender papers will be received through Speed Post / Regd. Post / Courier/ Hand Delivery only. The undersigned will not be responsible for any postal delay. The undersigned reserves the right to reject any or all the quotations without assigning any reason thereof.

The last date of receipt of tender is Dt.25.03.2020 up to 3.00 pm & the tender will be opened on the same day at 4.00 pm in the presence of the tenderers or their authorized agents.

Divisional Forest Officer,
Rourkela Forest Division.
OIPR-08044/11/0002/1920

## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar – 751 001

*Ref. No. OSCB/HRDD/8398/2019-20* *Date : 12.03.2020*

**NOTICE**

Notice is hereby given that **73rd General Body Meeting of the Odisha State Cooperative Bank Ltd.**, Bhubaneswar will be held in the Conference Hall of the Bank in its registered Office at Pandit Jawaharlal Nehru Marg, Bhubaneswar-751001 on **29.03.2020 (Sunday) at 11.30 A.M.** to transact the following business. All eligible members of the General Body of the Bank are requested to attend the meeting.

**AGENDA**

1. To confirm the proceedings of the 72nd General Body Meeting held on 26.06.2019.
2. To discuss on the compliance on the observations in the Statutory Audit Report of the Bank and Audit Certificate for the year ending 31.03.2019.
3. To consider to distribute the net profit of the Bank for the year 2018-19 as recommended by the Managing Committee.
4. To discuss and to consider to approve the Annual Administrative Report of the Bank for the year 2018-19.
5. To consider to approve the Annual Work Programme and Budget Estimate of the Bank for the year 2020-21.
6. Any other with permission of the Chair

By Order of the Managing Committee
Sd/-**Managing Director**

**Memo No. OSCB/HRDD/8399/2019-20 Date: 12.03.2020**

Copy communicated to all eligible members of the General Body with a request to attend the General Body meeting on 29.03.2020 (Sunday) at 11.30 A.M. in the Conference Hall of the Bank. **It may be clarified here that only one authorized representative from each of the Member Society will be accepted.** Detailed agenda notes are being placed in the website of the Bank www.odishascb.com on 23.03.2020.

**Sd/-Managing Director**
OIPR-39012/11/0038/1920

No. LL-47

## DISTRICT EDUCATION OFFICE, PURI
## DISTRICT PROJECT MANAGEMENT UNIT, MDM, PURI
### TENDER CALL NOTICE NO. 141 / DT. 07.03.2020
### ENGAGEMENT OF TRANSPORT AGENTS FOR TRANSPORTATION RICE UNDER MDM PROGRAMME

Sealed tenders are invited from the intending registered Transport Contractors/Agents having valid agent licence for engagement of Transporting Agent under Mid Day Meal Programme for transportation of Rice from OSCSC Ltd. to School points w.r.t. all blocks in Puri district during the year 2020-21. The tender papers for the above purpose containing the terms and conditions, E.M.D. and other statutory requirements can only be downloaded from the district website: **http://puri.nic.in**. The tender paper complete in all respect should reach the O/o. The District Education Officer, Puri, At/Post/Dist.- Puri, PIN - 752001 latest by Dt.27.03.2020 before 3.00 P.M. through Speed Post/Regd. Post only. The tender received beyond the schedule date & time shall not be taken into consideration. The document bid of tender will be opened on Dt.30.03.2020 at 4.00 P.M. & the Pirce Bid will be opened on 31.03.2020 at 4.00 P.M. in the Office Chamber of Collector, Puri in the presence of the tenderers or their authorized representatives. The undersigned reserves the right to reject/cancel/withdraw any or all the tenders without assigning any reason thereof.

By the Order of Collector, Puri
**Sd./- District Education Officer, Puri**



ଅଲିମ୍ପିକ୍ସ ବାତିଲ କରାଯିବା ସମ୍ପର୍କରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ପରାମର୍ଶକୁ ମାନିନେବ ।

–ଥୋମାସ୍ ବ୍ୟାକ୍, ଆଇଓସି ମୁଖ୍ୟ

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ କରୋନା ଭାଇରସକୁ ହାଲ୍‌କା ଭାବେ ନେଇ ଯେପରି ଟୁର୍ନାମେଣ୍ଟ ଆୟୋଜନ କରୁଛି ତାହା ଏକ ପ୍ରକାର ରିସ୍କ ।

–ହାନ୍ସ କ୍ରିଷ୍ଟିଆନ ଭିଟିଙ୍ଗ୍ସ, ଡେନ୍‌ମାର୍କ ବ୍ୟାଡମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଷ୍ଟାଡିୟମରେ ଦର୍ଶକ ନ ଥିବାରୁ ହଇରାଣ ହେଲେ ଫିଲ୍ଡର

ସିଡ୍‌ନୀ, ୧୩।୩- ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ କୌଣସି ପ୍ରଶଂସକଙ୍କୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନ ଥିଲା। ମ୍ୟାଚ୍ ବେଳେ କୌଣସି ଷ୍ଟାଣ୍ଡରେ ଦର୍ଶକ ନ ଥିବାରୁ ଫିଲ୍ଡରଙ୍କୁ ହଇରାଣ ହେବାକୁ ପଡ଼ିଛି। ମ୍ୟାଚ୍‌ର ୧୮ତମ ଓଭରରେ ଇଶ୍ ସୋଧିଙ୍କ ବଲ୍‌କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଆରୋନ ଫିଞ୍ଚ୍ ଏକ ବିରାଟ ଛକା ଲଗାଇଥିଲେ। ବଲ୍ ସିଧା ଷ୍ଟାଣ୍ଡରେ ପଡ଼ିଥିଲା। କିନ୍ତୁ ଷ୍ଟାଣ୍ଡରେ କେହି ନ ଥିବାରୁ ଫିଲ୍ଡର ଲୋକି ଫର୍ଗୁସନଙ୍କୁ ବଲ୍ ଆଣିବାକୁ ପଡ଼ିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଏହି ଘଟଣାରୁ କ୍ରିକେଟରେ ଦର୍ଶକଙ୍କ ଗୁରୁତ୍ୱ ଜଣାପଡ଼ୁଥିବା ବହୁ ପ୍ରଶଂସକ କମେଣ୍ଟ କରିଛନ୍ତି।

### ବାତିଲ ହେଲା ମିଆମି ଓପନ

ମିଆମି, ୧୩।୩(ଏଏଫ୍‌ପି)- ମିଆମି ଡେଡ କାଉଣ୍ଟି ମେୟର କାର୍ଲୋସ ଗିମେନେଜ ଗୁରୁବାର ରାଜ୍ୟରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। କରୋନା ଭାଇରସ ବ୍ୟାପିବାର ସମ୍ଭାବନା ଥିବାରୁ ଏଟିପି ଓ ଡବ୍ଲ୍ୟୁଟିଏ ମିଆମି ଓପନ ଟେନିସ ଟୁର୍ନାମେଣ୍ଟକୁ ବାତିଲ କରିଦିଆଯାଇଛି। ଏହି ଇଭେଣ୍ଟ ଚଳିତ ମାସ ୨୩ ତାରିଖରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଖେଳାଯିବାର ଥିଲା। କରୋନା ଭାଇରସ ଯୋଗୁ ବାତିଲ ହେବାରେ ଏହା ପ୍ରଥମ ଟେନିସ ଇଭେଣ୍ଟ ନୁହେଁ। ଏଥିପୂର୍ବରୁ ଇଣ୍ଡିଆନ ୱେଲ୍ସ, କାଲିଫର୍ନିଆ ଭଳି ଏଟିପି ଓ ଡବ୍ଲ୍ୟୁଟିଏ ଇଭେଣ୍ଟ ବାତିଲ ହୋଇସାରିଛି।

## ରଣଜୀ ଟ୍ରଫି

# ସୌରାଷ୍ଟ୍ରକୁ ପ୍ରଥମ ଟାଇଟଲ

**ରାଜକୋଟ, ୧୩।୩(ପି.ଟି.)**

ଦେଶର ସର୍ବବୃହତ୍ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ସୌରାଷ୍ଟ୍ର ନୂଆ ଚାମ୍ପିୟନ ଭାବେ ଉଭା ହୋଇଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ବେଙ୍ଗଲ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ଚାମ୍ପିୟନ ହୋଇଛି। ଗତ ସଂସ୍କରଣରେ ସୌରାଷ୍ଟ୍ର ଫାଇନାଲ ମ୍ୟାଚ୍‌ରେ ବିଦର୍ଭଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେବେ ଏଥର ତ୍ରୁଟି ସୁଧାରି ବାଜି ମାରିଛି। ପ୍ରଥମ ଇନିଂସରେ ୧୦୬ ରନର ଶତକୀୟ ପାଳି ଖେଳିଥିବା ସୌରାଷ୍ଟ୍ର ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଅର୍ପିତ ଭାସଭଡା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅନ୍ୟପଟେ ୧୯୮୯-୯୦ ପରେ ବେଙ୍ଗଲ ପ୍ରଥମ ରଣଜୀ ଟାଇଟଲ ଜିତିବା ସ୍ୱପ୍ନ ଅଧୁରା ରହିଛି। ୧୩ ବର୍ଷ ପରେ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିଲା।

ଟସ୍ ଜିତି ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୭୧.୫ ଓଭରରେ ୪୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗଲ ୧୬୧ ଓଭରରେ ୩୮୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୪୪ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ସୌରାଷ୍ଟ୍ର ପଞ୍ଚମ ଦିବସ ମ୍ୟାଚ୍ ଶେଷ ସୁଦ୍ଧା ୩୪ ଓଭରରେ ୪ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଟି ଟାଇମ୍‌ରେ ଦୁଇ ଅଧିନାୟକ ହାତ ମିଳାଇଥିଲେ ଓ ମ୍ୟାଚ୍ ଶେଷ କରିବାକୁ ମିଳିତ ଭାବେ ନିଷ୍ପତ୍ତି ନେଇଥିଲେ। ଫଳରେ ମୋଟ ଉପରେ ୬ ଉଇକେଟ ହାତରେ ରଖି ସୌରାଷ୍ଟ୍ର ୧୪୯ ରନର ଅଗ୍ରଣୀ ହାସଲ କରିଥିଲା। ଶେଲଡନ ଜ୍ୟାକ୍‌ସନ ୧୨ ରନ କରି ଅପରାଜିତ ରହିଥିଲେ। ଓପନର ହାର୍ଭିକ ଦେଶାଇ ୨୧, ଉଇକେଟକିପର ତଥା ଓପନର ଅଭି ବାରୋଟ ୩୯, ବିଶ୍ୱରାଜ ଜାଡେଜା ୧୭, ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଭାସଭଡା ୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ବେଙ୍ଗଲ ତରଫରୁ ଶାହବାଜ ଅହମ୍ମଦ ୨, ଆକାଶ ଦୀପ ଓ ସୁଦୀପ ଚାଟାର୍ଜୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ରଣଜୀ ଟ୍ରଫି ସହ ସୌରାଷ୍ଟ୍ର ଦଳର ଖେଳାଳିମାନେ।

ଚତୁର୍ଥ ଦିନରେ ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୪/୬ ରୁ ବେଙ୍ଗଲ ଖେଳି ଆରମ୍ଭ କରି ଅଲଆଉଟ ହୋଇଥିଲା। ହାତରେ ୪ ଉଇକେଟ ରଖି ବେଙ୍ଗଲ ଇନିଂସ ଅଗ୍ରଣୀ ପାଇଁ ଆଉ ୭୨ ରନ ଆବଶ୍ୟକ କରୁଥିଲା। ତେବେ ବେଙ୍ଗଲ ଲକ୍ଷ୍ୟ ହାସଲ କରିପାରି ନ ଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଅନୁଷ୍ଟୁପ ମଜୁମ୍‌ଦାର ୫୮ରୁ ଖେଳ ଆରମ୍ଭ କରି ୬୩ ରନ କରି ଜୟଦେବ ଉନାଡ଼କଟଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୨୮ରୁ ଖେଳ ଆରମ୍ଭ କରି ଅର୍ଣ୍ଣବ ନନ୍ଦୀ ୪୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ତାଙ୍କୁ ଅନ୍ୟମାନେ ସହଯୋଗ କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ଦୀପ ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ ହୋଇଥିବା ବେଳେ ମୁକେଶ କୁମାର ୫ ରନ କରି ଧର୍ମେନ୍ଦ୍ରସିନ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଇଶାନ ପୋରେଲ ୧ ରନ କରିଥିବା ବେଳେ ଉନାଡକଟଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିବା ପରେ ବେଙ୍ଗଲ ଇନିଂସ୍‌ର ପରିସମାପ୍ତି ହୋଇଥିଲା। ବୋଲିଂରେ ଧର୍ମେନ୍ଦ୍ରସିନ ଜାଡେଜା ସର୍ବାଧିକ ୩, ଉନାଡକଟ ଓ ପ୍ରେରକ ମଙ୍କଡ ୨ଟି ଲେଖାଏ, ଚେତନ ସାକାରିୟା ଓ ଚିରାଗ ଜାନୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଉନାଡକଟ ଦମ୍‌ଦାର ବୋଲିଂ ପ୍ରଦର୍ଶନ କରି ଏକା ସୌରାଷ୍ଟ୍ରକୁ ଫାଇନାଲରେ ପହଞ୍ଚାଇଥିଲେ। ଗୁଜରାଟ ବିପକ୍ଷ ସେମିଫାଇନାଲର ଅନ୍ତିମ ଦିବସରେ ସେ ୭ ଉଇକେଟ ହାସଲ କରି ଦଳକୁ ବିଜୟୀ କରାଇଥିଲେ। ଉନାଡକଟ ୧୩.୨୩ ରନ ହାରରେ ୬୭ଟି ଉଇକେଟ ହାସଲ କରି ସର୍ବକାଳୀନ ରେକର୍ଡର ଗୋଟିଏ ପାଦ ଦୂରରେ ରହିଛନ୍ତି। ସକାଳେ ଏକ ଘଣ୍ଟା ୧୦ ମିନିଟ୍‌ର ଖେଳ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ୨୭ ରନରେ ୪ ଉଇକେଟ ହରାଇ ବେଙ୍ଗଲ ଅଲଆଉଟ ହୋଇଥିଲା। ଅନ୍ୟପଟେ ସାରା ସେସନରେ ବେଙ୍ଗଲ ତରଫରୁ ଆକାଶ ଦୀପ , ମୁକେଶ କୁମାର, ଇଶାନ ପୋରେଲ ଓ ଅଭିଜ୍ଞ ବ୍ୟାଟ୍ସମ୍ୟାନ ମନୋଜ ତିୱାରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ସେହିପରି ସୌରାଷ୍ଟ୍ର ତରଫରୁ ଶେଲଡନ ଜ୍ୟାକ୍‌ସନ, ଅର୍ପିତ ଭାସଭଡା ଓ ଅଧିନାୟକ ଉନାଡକଟ ଷ୍ଟାର ପରଫର୍ମର ରହିଥିଲେ। କରୋନା ଭାଇରସ ଆତଙ୍କ ପାଇଁ ଅନ୍ତିମ ଦିବସର ଖେଳ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ- ୧୭୧.୫ ଓଭରରେ ୪୨୫ ଅଲଆଉଟ।

ବେଙ୍ଗଲ ପ୍ରଥମ ଇନିଂସ-୧୬୧ ଓଭରରେ ୩୮୧ ଅଲଆଉଟ (ସୁଦୀପ- ୮୧, ଋଦ୍ଧିମାନ- ୬୪, ମଜୁମ୍‌ଦାର- ୬୩, ନନ୍ଦୀ- ୪୦*, ଜାଡେଜା- ୩/ ୧୧୪, ଉନାଡକଟ- ୨/୯୬, ମଙ୍କଡ-/୪୫)।

ସୌରାଷ୍ଟ୍ର ଦ୍ୱିତୀୟ ଇନିଂସ- ୩୪ ଓଭରରେ ୧୦୫/୪ (ବାରୋଟ- ୩୯, ଦେଶାଇ- ୨୧, ଶାହବାଜ- ୨/୩୨, ଆକାଶ ଦୀପ- ୧/୧୩, ସୁଦୀପ- ୧/ ୦)।

### ଗ୍ରୀସ୍‌ରେ ଅଲିମ୍ପିକ ମଶାଲ ରିଲେ ବାତିଲ

**ଏଥେନ୍ସ, ୧୩।୩ (ଏଏଫ୍‌ପି)**

ଟୋକିଓ ଗେମ୍ସ ୨୦୨୦ ପାଇଁ ଗ୍ରୀସ୍‌ରେ ଅବଶିଷ୍ଟ ଅଲିମ୍ପିକ ମଶାଲ ରିଲେକୁ ବାତିଲ କରାଯାଇଥିବା ଗ୍ରୀକ୍ ଅଲିମ୍ପିକ କମିଟି ଶୁକ୍ରବାର ପ୍ରକାଶ କରିଛି। କରୋନା ଭାଇରସ୍ ଆଶଙ୍କାକୁ ଭ୍ରୂକ୍ଷେପ ନ କରି ମଶାଲ ରିଲେ ଦେଖିବା ଲାଗି ଜନତାଙ୍କ ଭିଡ଼ ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଅଲିମ୍ପିକ ମଶାଲ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୧୯ରେ ଟୋକିଓ ଗେମ୍ସ ଆୟୋଜକଙ୍କୁ ହସ୍ତାନ୍ତର କରାଯିବ ବୋଲି କମିଟି କହିଛି। ଗ୍ରୀସ୍‌ରେ କରୋନା ଭାଇରସ୍ ଦ୍ୱାରା ପୀଡ଼ିତଙ୍କ ସଂଖ୍ୟା ୧୧୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ଜଣେ ୧୦ ଦିନ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ମୃତ୍ୟୁ ବରଣ କରିଛି। ବାରଣ ସତ୍ତ୍ୱେ ସ୍ପାର୍ଟା ସହରରେ ହଲିଉଡ୍ ଅଭିନେତା ଜେରାର୍ଡ ବଟଲରଙ୍କ ଦ୍ୱାରା କଲଡ୍ରନରେ ଅଗ୍ନିସଂଯୋଗ ଦୃଶ୍ୟକୁ ଦେଖିବାଲାଗି ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି କାରଣରୁ ଗ୍ରୀକ୍ ଅଲିମ୍ପିକ କମିଟି ଦେଶରେ ଅବଶିଷ୍ଟ ଅଲିମ୍ପିକ ମଶାଲ ରିଲେକୁ ବାତିଲ କରିବା ଲାଗି ନିଷ୍ପତ୍ତି ନେଇଛି।

### ଇଂଲିଶ ପ୍ରିମିୟର ଲିଗ୍ ସସ୍‌ପେଣ୍ଡ

**ଲଣ୍ଡନ, ୧୩।୩ (ଏଏଫ୍‌ପି)**

ଇଂଲିଶ ପ୍ରିମିୟର ଲିଗ୍ ଏହାର ସମସ୍ତ କାର୍ଯ୍ୟସୂଚୀକୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ସସ୍‌ପେଣ୍ଡ ରଖାଯାଇଛି। ମାରାତ୍ମକ କରୋନା ଭାଇରସ ସଂକ୍ରମଣ ବୃଦ୍ଧିପାଇବାରେ ଲାଗିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଆର୍ସେନାଲ ମ୍ୟାନେଜର ମିକେଲ ଆର୍ଟେଟୋ ଏବଂ ଚେଲସି ୱିଙ୍ଗର କାଲମ ହଡ୍‌ସନ ଓଡୋଇ କରୋନା ଭାଇରସରେ ଆକ୍ରାନ୍ତ ହୋଇଛନ୍ତି। ଟୁର୍ନାମେଣ୍ଟର ପୁଞ୍ଜିନିବେଶକାରୀମାନଙ୍କର ଏକ ବୈଠକ ଏଠାରେ ଶୁକ୍ରବାର ବସିଥିଲା। ଏଥିରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ପ୍ରିମିୟର ଲିଗ୍‌କୁ ଏପ୍ରିଲ ୪ ପର୍ଯ୍ୟନ୍ତ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହା ପୁନର୍ବାର କେବେଠାରୁ ଆରମ୍ଭ ହେବ ସେତେବେଳର ପରିସ୍ଥିତି ଓ ଡାକ୍ତରୀ ପରାମର୍ଶ ଉପରେ ନିର୍ଭର କରେ ବୋଲି ଆୟୋଜକଙ୍କ ତରଫରୁ ସ୍ପଷ୍ଟ କରାଯାଇଛି। ଏଭର୍ଟନ ପକ୍ଷରୁ କୁହାଯାଇଛି ଏହାର ଜଣେ ଖେଳାଳିଙ୍କ ନିକଟରେ କରୋନା ଭାଇରସ ଲକ୍ଷଣ ଦେଖାଦେବାରୁ ଫୁଟବଲ ଟିମ୍‌ର ସମସ୍ତ ସଦସ୍ୟ ଏବଂ କୋଚିଂ ଷ୍ଟାଫ୍‌କୁ ପୃଥକ୍ ରଖାଯାଇ ସେମାନଙ୍କ ଉପରେ ନଜର ରଖାଯାଇଛି। ସେହିପରି ଲିସେଷ୍ଟର ସିଟିର ୩ ଖେଳାଳି ଏବଂ ବୋରେନ୍‌ମାଉଥ ଗୋଲକିପର ଆର୍ଥର ବୋରକ୍ ଏବଂ ୪ ଜଣ ଷ୍ଟାଫ୍‌ଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଅନ୍ୟପକ୍ଷରେ ମିକେଲ ଆର୍ଟେଟୋ ଏବଂ କାଲମ ହଡ୍‌ସନ ଓଡୋଇ ଦ୍ରୁତ ଆରୋଗ୍ୟ ଲାଭ କରୁଥିବା ପ୍ରିମିୟର ଲିଗ୍ କାର୍ଯ୍ୟ ନିର୍ବାହୀ ରିଚାର୍ଡ ମାଷ୍ଟର୍ସ ପ୍ରକାଶ କରିଛନ୍ତି।

# ପ୍ରମୋଦ, ପଞ୍ଚାନନଙ୍କୁ ଓସ୍‌ଜା କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୧୩।୩(କ୍ରୀଡ଼ା ପ୍ରତିନିଧି)- ତାରକା ପାରା ସ୍ପୋର୍ଟ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଆଥଲେଟିକ୍ କୋଚ୍ ପଞ୍ଚାନନ ଗନ୍ତାୟତ ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ ତାରିଖରେ ଆସୋସିଏଶନର ୫ମ ପ୍ରତିଷ୍ଠା ଦିବସ ଅବସରରେ କଟକର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯିବ। ପ୍ରମୋଦଙ୍କୁ ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଶ୍ରେଷ୍ଠ ଖେଳାଳି ଓ ପଞ୍ଚାନନଙ୍କୁ କ୍ରୀଡ଼ାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଲାଗି 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପ୍ରଦାଦ କରାଯିବ। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଏକମାତ୍ର ଅନୁବନ୍ଧିତ ଓଡ଼ିଶା ସଂଘ 'ଓସ୍‌ଜା' ପକ୍ଷରୁ ୨୦୧୮ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଉଛି। ଉଭୟଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ଆସୋସିଏଶନ ପକ୍ଷରୁ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ରାଜ୍ୟର କିମ୍ବଦନ୍ତୀ ବାସ୍କେଟବଲର୍ ଅରୂପାନନ୍ଦ ରାଉତରାୟ ମୁଖ୍ୟ ଅତିଥି, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର୍ ରାଜେନ୍ଦ୍ର ପ୍ରସାଦ ସିଂ ଓ ଓଡ଼ିଶା କ୍ରିକେଟ୍ ଆସୋସିଏଶନର ସଂପାଦକ ସଞ୍ଜୟ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଓସ୍‌ଜା ପୁରସ୍କାରର ପ୍ରଥମ ବିଜେତା ଥିଲେ ହେପ୍ଟାଥଲନ ତାରକା ପୂର୍ଣ୍ଣିମା ହେମ୍ବ୍ରମ୍ ଓ ବର୍ଷିୟାନ ଫୁଟବଲ ଖେଳାଳି ଦେବ ସିଂହ। ସେହିଭଳି ଗତବର୍ଷ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରଜ ଭୂଷଣ ମହାନ୍ତି ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଥିଲେ।


ପ୍ରମୋଦ ଭଗତ


ପଞ୍ଚାନନ ଗନ୍ତାୟତ

ଗତବର୍ଷ ଓଡ଼ିଶାର ଅଷ୍ଟମ ଖେଳାଳି ଭାବେ ଅର୍ଜୁନ ପୁରସ୍କାର ପାଇଥିବା ପ୍ରମୋଦ ଉଭୟ ଏକକ ଓ ଡବଲ୍ସ ବର୍ଗରେ ୪୫ରୁ ଅଧିକ ଅନ୍ତର୍ଜାତୀୟ ପଦକ ଜିତି ସାରିଛନ୍ତି। କେବଳ ୨୦୧୯ରେ ସେ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତିଥିଲେ। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ପଦକ ସହ ସେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବରୱାନ ସ୍ଥାନରେ ମଧ୍ୟ ରହିଛନ୍ତି। ଗତବର୍ଷ ପ୍ରମୋଦ ବିଡବ୍ଲ୍ୟୁଏଫ୍ ଶ୍ରେଷ୍ଠ ଖେଳାଳି ପୁରସ୍କାର ମନୋନୟନ ତାଲିକାରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ନିଜ ସମୟରେ ଜଣେ ବହୁମୁଖୀ କ୍ରୀଡ଼ା ତାରକା ଥିବା ପଞ୍ଚାନନ ଦ୍ୱିତୀୟ ଓଡ଼ିଆ ଭାବେ ଜାତୀୟ ପ୍ରତିଯୋଗିତାର ୧୧୦ ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରଶିକ୍ଷକ ଭାବେ ସେ ମଧ୍ୟ ଅନୁରାଧା ବିଶ୍ୱାଳ ଓ ରଚିତା ମିସ୍ତ୍ରୀଙ୍କ ଭଳି ଅଲିମ୍ପିଆନ୍ ସୃଷ୍ଟି କରିଥିଲେ।

# ପ୍ରଥମ ଦିନିକିଆ ଜିତିଲା ଅଷ୍ଟ୍ରେଲିଆ

**ସିଡ୍‌ନୀ, ୧୩।୩**

ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭୧ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଖାଲି ଷ୍ଟାଡିୟମରେ ଖେଳାଯାଇଥିବା ଏହା ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ମ୍ୟାଚ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ମିଚେଲ ମାର୍ଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ଆୟୋଜକ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଦୁଇ ଦଳ ୧୯୯୯ ବିଶ୍ୱକପ୍ ଜର୍ସିରେ ଖେଳିଥିଲେ, ଯାହାକି ମ୍ୟାଚ୍‌ର ସବୁଠୁ ଉଲ୍ଲେଖନୀ ଘଟଣା ଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଅଷ୍ଟ୍ରେଲିଆ। ଅଧିନାୟକ ଆରୋନ ଫିଞ୍ଚ୍ ଓ ଡେଭିଡ୍ ୱାର୍ନରଙ୍କ ଓପ୍‌ନିଂ ଯୋଡ଼ି ପ୍ରଥମ ଉଇକେଟରେ ୧୨୪ ରନ୍ ଯୋଡ଼ିଥିଲେ। ଦୁହେଁ ଆଉଟ୍ ହେବା ପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। କେବଳ ମାର୍ନସ ଲାବୁସାନେ (୫୬) ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଫଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୭ ରନ୍ କରିପାରିଥିଲା। ଅଧିନାୟକ ଫିଞ୍ଚ୍ ୬୦, ୱାର୍ନର ୬୭ ରନ୍ କରିଥିଲେ। ଜବାବରେ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନ୍ୟୁଜିଲାଣ୍ଡ ୪୧ ଓଭର ଖେଳି ୧୮୭ ରନ୍‌ରେ ସୀମିତ ରହିଥିଲା। କରୋନା ଭାଇରସ୍ ପ୍ରକୋପରୁ ଖେଳାଳିଙ୍କ ସୁରକ୍ଷା ଲାଗି ମ୍ୟାଚ୍‌କୁ ଖାଲି ଷ୍ଟାଡିୟମରେ ଆୟୋଜନ କରାଯାଇଥିଲା। ଖେଳାଳିମାନେ ମ୍ୟାଚ୍ ପରେ ପରସ୍ପର ସହ ହାତ ମିଳାଇ ନ ଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସମାନ ଗ୍ରାଉଣ୍ଡରେ ରବିବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ- ୫୦ ଓଭରରେ ୨୫୮/୭ (ଡେଭିଡ୍ ୱାର୍ନର ୬୭, ଆରୋନ ଫିଞ୍ଚ୍ ୬୦, ମାର୍ନସ ଲାବୁସାନେ ୫୬, ଇଶ୍ ସୋଧି ୩/୫୧, ମିଚେଲ ସାଣ୍ଟନର ୨/୩୪)। ନ୍ୟୁଜିଲାଣ୍ଡ- ୪୧ ଓଭରରେ ୧୮୭/ଅଲଆଉଟ୍ (ମାର୍ଟିନ ଗୁପ୍‌ଟିଲ ୪୦, ଟମ୍ ଲଥାମ ୩୮, କଲିନ ଡି ଗ୍ରାଣ୍ଡହୋମ ୨୫, ପ୍ୟାଟ କୁମିନ୍ସ ୩/୨୫, ମିଚେଲ ମାର୍ଶ ୩/୨୯)।

# ଫାଙ୍କା ଷ୍ଟାଡିୟମରେ ଏଟିକେ-ଚେନ୍ନାଇନ୍ ଫାଇନାଲ ଆଜି

**ମାର୍ଗାଓ, ୧୩।୩(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତର ଏହି ସର୍ବବୃହତ୍ ଫୁଟବଲ ଲିଗ୍ ଷଷ୍ଠ ସଂସ୍କରଣର ଫାଇନାଲ ମ୍ୟାଚ୍‌ରେ ଶନିବାର ଏଟିକେ ଓ ଚେନ୍ନାଇନ୍ ଏଫ୍‌ସି ମୁହାଁମୁହିଁ ହେବେ। ଏହି ଟାଇଟଲ ମୁକାବିଲା ଦର୍ଶକଙ୍କ ଅନୁପସ୍ଥିତିରେ ଫାଙ୍କା ଷ୍ଟାଡିୟମରେ ଖେଳାଯିବ। ବିଶ୍ୱବ୍ୟାପୀ ଦେଖାଦେଇଥିବା କରୋନା ଭାଇରସ ଆତଙ୍କ କାରଣରୁ ରୁଦ୍ଧଦ୍ୱାରରେ ଏହି ମ୍ୟାଚ୍ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଭିନ୍ନ କାରଣ ପାଇଁ ଆଉ ଏକ ଆଇଏସ୍‌ଏଲ ମ୍ୟାଚ୍ ଫାଙ୍କା ଷ୍ଟାଡିୟମ୍‌ରେ ଖେଳାଯିବ। ଏହାପୂର୍ବରୁ ଆସାମରେ ଦେଖାଦେଇଥିବା ନାଗରିକତା ସଂଶୋଧନ ବିଲ (ସିଏଏ) ବିରୋଧରେ ବିକ୍ଷୋଭ କାରଣରୁ ଗୁଆହାଟୀରେ ଅନୁଷ୍ଠିତ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚ୍ ଦର୍ଶକଙ୍କ ଅନୁପସ୍ଥିତିରେ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିଲା।

ବିଭିନ୍ନ ଦୃଷ୍ଟିକୋଣରୁ ଏଥରର ଟୁର୍ନାମେଣ୍ଟ ଗୁରୁତ୍ୱବହନ କରୁଛି। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆଇଏସ୍‌ଏଲକୁ ଏକ ଟପ୍ ଟାୟର ପ୍ରତିଯୋଗିତାରେ ମର୍ଯ୍ୟାଦା ପ୍ରଦାନ କରିବା ଏକ ଉଲ୍ଲେଖନୀୟ ଘଟଣା ସାବ୍ୟସ୍ତ ହୋଇଛି। ଲିଗ୍ ପର୍ଯ୍ୟାୟ ଚାମ୍ପିୟନ ଏଫ୍‌ସି ଗୋଆ ପ୍ରଥମ ଭାରତୀୟ ଦଳ ଭାବେ ଏସିଆର ଶ୍ରେଷ୍ଠ କ୍ଲବ ଲିଗ୍ ଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ ପର୍ଯ୍ୟାୟରେ ସିଧାସଳଖ ଖେଳିବାର ସୁଯୋଗ ପାଇଛି।

ପୂର୍ବରୁ ଏଟିକେ ୨୦୧୪ ଓ ୨୦୧୬ରେ ଏବଂ ଚେନ୍ନାଇନ ୨୦୧୫ ଓ ୨୦୧୭- ୧୮ରେ ଦୁଇଥର ଲେଖାଏ ଆଇଏସ୍‌ଏଲ୍ ଟାଇଟଲ ହାସଲ କରିଥିଲେ। ଯେଉଁ ଦଳ ବି ଚାମ୍ପିୟନ ହେବ ତୃତୀୟ ଥର ପାଇଁ ବାଜି ମାରିବ। ପ୍ଲେ ଅଫ୍‌ରେ ଏହି ଦୁଇ ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏଫ୍‌ସି ଗୋଆକୁ ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲରେ ୬-୫ ଗୋଲରେ ହରାଇ ଚେନ୍ନାଇନ୍ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ବେଙ୍ଗାଲୁରୁ ଏଫ୍‌ସିକୁ ୩-୨ରେ ହରାଇ ଏଟିକେ ଫାଇନାଲ ଟିକେଟ ହାସଲ କରିଥିଲା। ଲିଗ୍ ପର୍ଯ୍ୟାୟରେ ଏଟିକେ ୧୮ ମ୍ୟାଚ୍ ଖେଳି ୧୦ ବିଜୟ, ୪ ଡ୍ର ଓ ୪ ପରାଜୟ ସହ ୩୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ଚେନ୍ନାଇନ୧୮ ମ୍ୟାଚ୍ ଖେଳି ୮ ବିଜୟ, ୫ ଡ୍ର ଓ ୫ ପରାଜୟ ସହ ୨୯ ପଏଣ୍ଟ ପାଇ ତାଲିକାରେ ଚତୁର୍ଥ ସ୍ଥାନରେ ରହିଥିଲା। ଶୀର୍ଷରେ ଥିବା ଗୋଆ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ସାରା ସେସନରେ ଏଟିକେ ସ୍ଥିର ପ୍ରଦର୍ଶନ କରିଥିଲା। ତେବେ ଫାଇନାଲରେ ପହଞ୍ଚିବା ପାଇଁ ଚେନ୍ନାଇନକୁ ଭାଗ୍ୟଦେବୀ ସାମାନ୍ୟ ସହାୟ ହୋଇଥିଲେ।



ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଟିକେ ଓ ଚେନ୍ନାଇନ୍ ଏଫସି ଦଳର କୋଚ୍ ଆଣ୍ଟୋନିଓ ଲୋପେଜ ହାବାସ ଓ ଓଏନ କୋଲେ ଅଧିନାୟକ ରୟ କ୍ରିଷ୍ଣା ଓ ଲୁସିଆନ ଗୋଇଆନଙ୍କ ସହ।

ଫାଇନାଲରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚେନ୍ନାଇନ ଏଫ୍‌ସି ଓୱେନ କୋଏଲ ଆଶା ପ୍ରକାଶ କରିଛନ୍ତି। ଚେନ୍ନାଇନ୍ ଫରୱାର୍ଡ ନେରିଜୁସ ଭାଲସ୍କିଜ ଏପର୍ଯ୍ୟନ୍ତ ୧୪ଟି ଗୋଲ ସ୍କୋର କରି ଟପ୍ ସ୍କୋରର ଦୌଡ଼ରେ ରହିଛନ୍ତି। ମିଡ୍‌ଫିଲ୍ଡର ରାଫାଏଲ କ୍ରିଭେଲାରୋ ଦଳ ପାଇଁ ସୁଯୋଗ ସୃଷ୍ଟି କରିବାରେ ସିଦ୍ଧ ହସ୍ତ। କୋଏଲଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେହିପରି ୱିଙ୍ଗର ଲାଲିଆଞ୍ଜୁଆଲା ଚାଙ୍ଗଟେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ପ୍ଲେ ଅଫ୍‌ର ଦୁଇଟି ଲେଗ୍‌ରେ ଗୋଲ ସ୍କୋର କରିଛନ୍ତି। ଏଟିକେ ଏକ ବଡ଼ ଦଳ ଓ ଏହା ପ୍ରତି ଆମର ସମ୍ମାନ ଅଛି। ନିଜ ଷ୍ଟାଇଲରେ ଆମେ ଖେଳିବୁ। ଦଳ ସାମାନ୍ୟ ଚାପରେ ରହିଛି ବୋଲି କୋଏଲ ସ୍ୱୀକାର କରିଛନ୍ତି।

ଅପରପକ୍ଷରେ ଏଟିକେ ରଏ କ୍ରିଷ୍ଣା ଓ ଡେଭିଡ ୱିଲିୟମ୍ସଙ୍କ ଉପରେ ଆଟାକ ଦୃଷ୍ଟିକୋଣରୁ ଅଧିକ ନିର୍ଭରଶୀଳ ହୋଇପଡିଛି। ଏପର୍ଯ୍ୟନ୍ତ ୧୫ଟି ଗୋଲ ସ୍କୋର କରି କ୍ରିଷ୍ଣା ଗୋଲ୍‌ଡେନ ବୁଟ୍ ଦୌଡ଼ରେ ସାମିଲ ହୋଇଛନ୍ତି। ସେହିପରି ୱିଲିୟମ୍ସ, ଏଡୁ ଗାର୍ସିଆ ଓ ଜାଭିଏର ହର୍ନାଣ୍ଡିଜ୍, ଉଇଙ୍ଗ୍ ବ୍ୟାକ ପ୍ରବୀର ଦାସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଆମେ ଫାଇନାଲ ମ୍ୟାଚ୍‌କୁ ଉପଭୋଗ କରିବୁ ଓ ବିଜୟୀ ହୋଇ ଟାଇଟଲ ଜିତିବାକୁ ଚେଷ୍ଟା କରିବୁ ବୋଲି ଏଟିକେ କୋଚ୍ ଆଣ୍ଟୋନିଓ ହାବାସ କହିଛନ୍ତି। ୨୦୧୪ରେ ସେ ଏଟିକେର ନେତୃତ୍ୱ ନେଇ ଦଳକୁ ଚାମ୍ପିୟନ କରାଇଥିଲେ।

**ଇଣ୍ଡିଆନ ସୁପର ଲିଗ୍**

- ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦
- ସ୍ଥାନ: ମାର୍ଗାଓ (ଫାଟୋର୍ଡା ଷ୍ଟାଡିୟମ)
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତ-ଦକ୍ଷିଣ ଆଫ୍ରିକା ସିରିଜ ବାତିଲ





ମାସ୍କ ପିନ୍ଧି ଲକ୍ଷ୍ନୌ ବିମାନ ବନ୍ଦରରେ ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲ।

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

କରୋନା ଭାଇରସ ଆତଙ୍କ କ୍ରୀଡ଼ା ଜଗତରେ ଏହାର କାୟା ବିସ୍ତାର କରିବାରେ ଲାଗିଛି। ଭାରତୀୟ କ୍ରୀଡ଼ା ମଧ୍ୟ ଏଥିଯୋଗୁ ଗୁରୁତର ପ୍ରଭାବିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହାକୁ ବିଶ୍ୱ ମହାମାରୀ ଘୋଷଣା ପରେ ସବୁଆଡ଼େ ସତର୍କତା ଅବଲମ୍ବନ କରାଯାଉଛି। ଏହାର ଏକ ଅଂଶ ସ୍ୱରୂପ ଚଳିତ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ କ୍ରିକେଟ ସିରିଜର ଲକ୍ଷ୍ନୌ ଓ କୋଲକାତାରେ ହେବାକୁଥିବା ଅବଶିଷ୍ଟ ୨ଟି ମ୍ୟାଚକୁ ବାତିଲ କରାଯାଇଛି। ଭାରତରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଖେଳ ଜାରି ରଖିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଦୁଇଦେଶ ମଧ୍ୟରେ ପ୍ରଥମ ଦିନିକିଆ ବର୍ଷା ଯୋଗୁ ବାତିଲ ହୋଇ ଯାଇଥିଲା। ଦ୍ୱିତୀୟ ଦିନିକିଆ ପାଇଁ ଭ୍ରମଣକାରୀ ଦଳ ଲକ୍ଷ୍ନୌରେ ପହଞ୍ଚି ସାରିଥିଲା। ଦକ୍ଷିଣ ଆଫ୍ରିକା ଦଳ ଦିଲ୍ଲୀ ଆସି ଯଥା ସମ୍ଭବ ଶିଘ୍ର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ସିରିଜର ଶେଷ ୨ଟି ମ୍ୟାଚ ବିନା ଦର୍ଶକରେ ଖେଳାଯିବାକୁ ପୂର୍ବରୁ ନିଷ୍ପତ୍ତି ନିଆ ଯାଇଥିଲା। ଏବେ ଭାରତରେ ୮୦ରୁ ଉର୍ଦ୍ଧ୍ୱ ଏବଂ ବିଶ୍ୱରେ ୧,୩୦,୦୦୦ରୁ ଉର୍ଦ୍ଧ୍ୱ ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ୫୦୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ତିନି ଦଶନ୍ଧିରେ ଦ୍ୱିତୀୟ ଥରପାଇଁ ଭାରତରେ କୌଣସି ଅନ୍ତର୍ଜାତୀୟ ସିରିଜ ଅଧାରୁ ବାତିଲ ହୋଇଛି। ପୂର୍ବରୁ ୨୦୧୪ରେ ପାଉଣା ବିବାଦକୁ କେନ୍ଦ୍ର କରି ୱେଷ୍ଟଇଣ୍ଡିଜ ଦଳ ସିରିଜ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା।

ପରିବର୍ତ୍ତିତ ଘଟଣାକ୍ରମରେ ଏହି ସିରିଜ ପୁନଃ ନିର୍ଦ୍ଧାରିତ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। "କ୍ରିକେଟ ଦକ୍ଷିଣ ଆଫ୍ରିକା ପରେ ଭାରତ ଆସି ୩ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ବିସିସିଆଇ ଓ ସିଏସଏ ମିଳିତଭାବେ ଏହି ସିରିଜ ପାଇଁ ଦିନ ଧାର୍ଯ୍ୟ କରିବେ" ବୋଲି ବୋର୍ଡ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। "ସ୍ୱାସ୍ଥ୍ୟ ସମସ୍ୟାଠାରୁ ଆଉ ବଡ଼ କିଛି ନାହିଁ" ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଲକ୍ଷ୍ନୌରେ ମ୍ୟାଚ ଆୟୋଜନ ପାଇଁ ଉତ୍ତର ପ୍ରଦେଶ ସରକାର ଚିନ୍ତାରେ ରହିଥିଲେ। କାରଣ ଏହି ରାଜ୍ୟରେ ୧୧ ଲୋକ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି। ମ୍ୟାଚକୁ ସ୍ଥଗିତ ରଖା ଯାଉ ବୋଲି ଉତ୍ତର ପ୍ରଦେଶ ସ୍ୱାସ୍ଥ୍ୟମନ୍ତ୍ରୀ ଜୟ ପ୍ରତାପ ସିଂ ଚାହୁଁଥିଲେ। ଲକ୍ଷ୍ନୌ ଜିଲା ପ୍ରଶାସନ ମଧ୍ୟ ଗୋଟିଏ ସ୍ଥାନରେ ବହୁ ସଂଖ୍ୟାରେ ଲୋକ ଏକାଠି ହୁଅନ୍ତୁ ବୋଲି ଚାହୁଁ ନ ଥିଲା। ମାରାତ୍ମକ କରୋନା ଭାଇରସ ଚାଇନା ଓ ଇଟାଲୀରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଥିବାବେଳେ ଭାରତ ମଧ୍ୟ ପ୍ରଭାବିତ ହୋଇଛି। ପ୍ରଥମେ କେରଳ ଏବଂ ପରେ ବେଙ୍ଗାଲୁରୁ, ପୁଣେ, ଦିଲ୍ଲୀ, ଜୟପୁର, ଆଗ୍ରା, ହାଇଦ୍ରାବାଦ, ଜମ୍ମୁ-କଶ୍ମୀର ଆଦି ସହରରେ ଏହି ଭାଇରସରେ ଲୋକମାନେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି।

## ଏପ୍ରିଲ ୧୫ ପର୍ଯ୍ୟନ୍ତ ଆଇପିଏଲ ସ୍ଥଗିତ

IPL 2020

ନୂଆଦିଲ୍ଲୀ, ୧୩।୩(ପି.ଟି.)- ବ୍ୟୟ ବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ଏହା ଚଳିତ ମାସ ୨୯ ତାରିଖରେ ଆରମ୍ଭ ହେବାର ଥିଲା। "କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଆଇପିଏଲକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି" ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଦିଲ୍ଲୀ ଭିତ୍ତିକ ଫ୍ରାଚାଇଜ୍। ମାତ୍ର ଦିଲ୍ଲୀ ସରକାର ଜାତୀୟ ରାଜଧାନରେ ସମସ୍ତ ପ୍ରକାର କ୍ରୀଡ଼ା ଭିତ୍ତିକ କାର୍ଯ୍ୟକୁ ସ୍ଥଗିତ ରଖିବାରୁ ବିସିସିଆଇ ବାଧ୍ୟ ହୋଇ ଏପରି ନିଷ୍ପତ୍ତି ନେଇଛି। ଆଇପିଏଲକୁ ସାମୟିକଭାବେ ବନ୍ଦ ରଖା ଯାଇଛି ସମ୍ପୂର୍ଣ୍ଣ ଭାବେ ନୁହେଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଏହା ଏପ୍ରିଲ ୧୫ରେ ଆରମ୍ଭ ହେବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଯଦି ବି ଆରମ୍ଭ ହୁଏ ତେବେ ବିନା ଦର୍ଶକରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ଶନିବାର ଆଇପିଏଲ ଗଭର୍ଣ୍ଣିଂ କାଉନ୍ସିଲ୍ ବୈଠକରେ ବିସ୍ତୃତଭାବେ ଆଲୋଚନା ହେବ। "ଭାରତ ସରକାର,କେନ୍ଦ୍ର କ୍ରୀଡ଼ା ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଅନ୍ୟ ରାଜ୍ୟ ସରକାରଙ୍କ ସହିତ ବିସିସିଆଇ ସମ୍ପର୍କରେ ଅଛି" ବୋଲି ଶାହା କହିଛନ୍ତି।

ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଗୋଟିଏ ଦିନରେ ସୀମିତ ସଂଖ୍ୟକ ଡବଲ ଆଇପିଏଲ ମ୍ୟାଚ ରହିଥିଲା। ମାତ୍ର ଆଗାମୀ ଦିନରେ ଯଦି ଏହି ଲିଗ୍ ସମ୍ଭବ ହୁଏ ତେବେ ଅଧିକ ଡବଲ ମ୍ୟାଚ ହୋଇପାରେ। ମହାରାଷ୍ଟ୍ର, କର୍ନାଟକ ଓ ଦିଲ୍ଲୀ ଗେମ୍ ପାଇଁ ଅନୁମତି ଦେବାକୁ ମନା କରିଦେବାରୁ ବିସିସିଆଇ ଆଉ ୫ଟି ଭେନ୍ୟୁକୁ ପ୍ରସ୍ତୁତ କରି ରଖିଛି। ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଦେଶୀ ଖେଳାଳିଙ୍କ ଭିସା ଉପରେ କଟକଣା ରହିଛି। ବିନା ବିଦେଶୀ ଖେଳାଳିରେ ଆଇପିଏଲର କିଛି ମାନେ ନାହିଁ ବୋଲି ଫ୍ରାଞ୍ଚାଇଜମାନେ ମତ ପ୍ରକାଶ କରିଛନ୍ତି। ଯଦି ସବୁ ଠିକ୍ ରହେ ଏବଂ ବିସିସିଆଇ ଆଇପିଏଲ ଏପ୍ରିଲ ୧୫ରେ ଆରମ୍ଭ କରେ ତେବେ ଏହା ୪୦ ଦିନ ବିଶିଷ୍ଟ ହେବ।

3rd Birthday Wish

Praneel Dash
Mishrapada, Angul
Present– Fanleaf Drive, Mississakga, Canada
On this auspicious day, we pray Mahaprabhu Sri Jagannath to shower all the Happiness on you.
–:With blessings from:–
Jepa, Jema, Aai, Bapa, Mama, and Brother– Pranshu
D-17138

Birthday Wish

Manisha Sukalyani
Khandagiri Bari, Bhubaneswar
Let's light the candels and celebrate this special day of your life.
Happy Birthday
God bless you and fulfill all your dreams.
D-17107

## ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ସ୍ଥଗିତ

**ଭୁବନେଶ୍ୱର,୧୩।୩(ସ୍ପୋର୍ଟ୍ସ ବ୍ୟୁରୋ)**

କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏଠାରେ ଆସନ୍ତା ୧୯ରୁ ୨୨ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍-୨୦୨୦କୁ ସ୍ଥଗିତ ରଖାଯାଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ ଓଡ଼ିଶା, ଓଡ଼ିଶା ପାରା ବ୍ୟାଡମିଣ୍ଟନ ଆସୋସିଏଶନ, କେ.ସି. ମେମୋରିଆ ଟ୍ରଷ୍ଟ ଓ ଉଡ୍ଡାନ ବ୍ୟାଡମିଣ୍ଟନ ଏକାଡେମୀକୁ ନେଇ ଗଠିତ ଲୋଗାଲ ଅର୍ଗାନାଇଜିଂ କମିଟି ଏହି ଚାମ୍ପିୟନଶିପ୍‌କୁ ସ୍ଥଗତି ରଖିବା ପାଇଁ ନିଷ୍ପତ୍ତି ନେଇଛି। ଓଡ଼ିଶା ସରକାର ଓ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ସହ ଆଲୋଚନା କରିବା ପରେ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି ବୋଲି କମିଟି ତରଫରୁ କୁହାଯାଇଛି। ଆଥଲେଟ, କୋଚ, ମ୍ୟାନେଜର, ଏସ୍କର୍ଟ ଓ ଦର୍ଶକଙ୍କୁ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ଓ ଚାମ୍ପିୟନଶିପ୍‌ର ନୂଆ ତାରିଖ ପରେ ଘୋଷଣା କରାଯିବ।

## ସ୍ଥଗିତ ହେଲା କଳାହାଣ୍ଡି କପ୍

**କଟକ ଅଫିସ,୧୩।୩**



କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ମାସରେ ଆରମ୍ଭ ହେବାକୁ ଥିବା ଓଡ଼ିଶାର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌କୁ ସ୍ଥଗିତ ରଖାଯାଇଛି। ଆସନ୍ତା ଏପ୍ରିଲ ୧ କିମ୍ବା ୧୫ ତାରିଖରୁ ଏହାକୁ ଆରମ୍ଭ କରାଯିବ। ଏ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ମ୍ୟାଚ୍ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟ ଧୀରେନ ପଲାଇ, ନୃସିଂହ ଚୌଧୁରୀ, ଅମିତ ବେହେରା ଓ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ବର୍ଷସୂଚୀ, ଖେଳସୂଚୀ ଓ ଟେକ୍ନିକାଲ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଅନ୍ୟପକ୍ଷରେ ସମ୍ବିଧାନ ଓ ଅନୁବନ୍ଧନ କମିଟି ବୈଠକ ଅନୁଷ୍ଠିତ ହେବା ସହ ଚୟନକର୍ତ୍ତା ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜୁନିୟର ବାଳକ, ସିନିୟର ପୁରୁଷ ଓ ମହିଳା ବର୍ଗରେ ୫ଜଣ ଲେଖାଏ ଚୟନକର୍ତ୍ତା ନିଯୁକ୍ତି ହେବେ। ଖୁବଶୀଘ୍ର ଏ ନେଇ ଓସିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଏହି ବୈଠକରେ ସଭାପତି ପଙ୍କଜଙ୍କ ସମେତ କିଶୋର ମାଣିଆ, ଅଜିତ ଜୟପ୍ରକାଶ, ଚିନ୍ମୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସଞ୍ଜୟ ବେହେରା ସମସ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ।

## କରୋନାରେ ପୀଡ଼ିତ ଚେଲ୍‌ସି ଖେଳାଳି

**ଲଣ୍ଡନ,୧୩।୩**

ପ୍ରିମିୟର ଲିଗ୍ କ୍ଲବ ଚେଲସି ଦଳର ଖେଳାଳି ହଡସନ ଓଡୋଇ କରୋନା ଭାଇରସରେ ଆକ୍ରାନ୍ତ ଥିବା ରିପୋର୍ଟରୁ ଜଣାପଡ଼ିଛି। ଭାଇରସ ସଂସ୍ପର୍ଶରେ ଆସିବାରେ ଓଡୋଇ ପ୍ରିମିୟର ଲିଗ୍‌ର ପ୍ରଥମ ଖେଳାଳି। ତାଙ୍କ ସ୍ୱାବ ରିପୋର୍ଟ ଆସିବା ପରେ ଦଳୀୟ ସଦସ୍ୟ ଓ କୋଚିଂ ଷ୍ଟାଫଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ କ୍ଲବ ପକ୍ଷରୁ ନିର୍ଦ୍ଦେଶ ଦିଆଯିବ। ଏହା ବ୍ୟତୀତ ଆର୍ସେନାଲ ମ୍ୟାନେଜର ମିକେଲ ଆର୍ଟେଟାଙ୍କ ରିପୋର୍ଟ ମଧ୍ୟ ପଜିଟିଭ ଆସିଛି। ଏଥିଯୋଗୁ ଆର୍ସେନାଲ ଖେଳାଳିମାନଙ୍କୁ ଅଲଗା ରଖାଯିବ। ଚେଲସି ପୁରୁଷ ଦଳର ଖେଳାଳି କଲମ ରିପୋର୍ଟ ପଜିଟିଭ ଆସିଛି। ତାଙ୍କ ସମ୍ପର୍କରେ ଥିବା ଖେଳାଳି ଓ ଷ୍ଟାଫଙ୍କୁ ସରକାରଙ୍କ ନିୟମ ଅନୁସାରେ ନିଜ ଆଡୁ ଅଲଗା ରହିବାକୁ ପଡ଼ିବ। ଏଥିରେ ଦଳର ସମସ୍ତ ଖେଳାଳି, କୋଚିଂ ଷ୍ଟାଫ ଓ ବ୍ୟାକରୁମ ଷ୍ଟାଫ ମଧ୍ୟ ସାମିଲ ରହିବେ। ପରବର୍ତ୍ତୀ ମ୍ୟାଚ୍ ସମ୍ପର୍କରେ ପ୍ରିମିୟର ଲିଗ୍ ଅଫିସିଆଲଙ୍କ ସହ ଚେଲସି ପକ୍ଷରୁ ଆଲୋଚନା କରାଯିବ ବୋଲି କୁହାଯାଇଛି। ହଡସନଙ୍କ ନିକଟରେ ପ୍ରଥମେ ଲକ୍ଷଣ ଦେଖାଦେଇଥିଲା। ଏଥିଯୋଗୁ ସେ ସୋମବାରଠାରୁ ଦଳଠୁ ଦୂରେଇ ଥିଲେ। ମଙ୍ଗଳବାର ତାଙ୍କର ସ୍ୱାବ ପରୀକ୍ଷା କରାଯାଇଥିଲା। କରୋନାରେ ଆକ୍ରାନ୍ତ ହେବା ସତ୍ତ୍ୱେ ୧୯ ବର୍ଷୀୟ ଖେଳାଳି ଏବେ ସୁସ୍ଥ ଅଛନ୍ତି।

## ଶ୍ରୀଲଙ୍କା ଟୁର୍ ଅଧାରୁ ଫେରିଲା ଇଂଲଣ୍ଡ

**ଲଣ୍ଡନ, ୧୩।୩ (ପି.ଟି.)**

କରୋନା ଭାଇରସ୍‌ଜନିତ କାରଣରୁ ଶ୍ରୀଲଙ୍କା ଗସ୍ତରେ ଥିବା ଇଂଲଣ୍ଡ କ୍ରିକେଟ ଦଳ ଏହାର ଟୁର୍ ବାତିଲ କରିଛି। ଇଂଲଣ୍ଡ କ୍ରିକେଟ ଦଳ କଲମ୍ବୋଠାରେ ୱାର୍ମଅପ୍ ମ୍ୟାଚ ଖେଳୁଥିଲା। ଶୁକ୍ରବାର ଥିଲା ମ୍ୟାଚର ଦ୍ୱିତୀୟ ଦିବସ। ବିଶ୍ୱ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ଆସନ୍ତା ଗୁରୁବାରଠାରୁ ଦଳ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ଥିଲା। ସମଗ୍ର ବିଶ୍ୱରେ କରୋନା ଭାଇରସର କାୟା କ୍ରମେ ବିସ୍ତାରିତ ହେବାରେ ଲଗିଥିବାରୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲସି) ସହିତ ଆଲୋଚନା ପରେ ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ଆମେଟୁର୍‌କୁ ବାତିଲ କରିବା ଲାଗି ନିଷ୍ପତ୍ତି ନେଇଛୁ ବୋଲି ଇଂଲଣ୍ଡ କ୍ରୀୟକେଟ ବୋର୍ଡ (ଇସିବି) କହିଛି। କରୋନା ଭାଇରସ ଆତଙ୍କ ଯୋଗୁ ଖେଳାଳିଙ୍କ ଉଭୟ ଶାରୀରିକ ଓ ମାନସିକ ସ୍ଥରରେ ଅସ୍ଥିରତା ଥିବ। ସ୍ୱଦେଶ ଫେରିବା ପରେ ସେମାନଙ୍କୁ ତୁରନ୍ତ ସେମାନଙ୍କ ପରିବାର ନିକଟକୁ ପଠାଇ ଦିଆଯିବ।




ଇଂଲଣ୍ଡ କ୍ରିକେଟ ଦଳର ଶ୍ରୀଲଙ୍କା ଟୁର ବାତିଲ ହେବା ପରେ ଅଧିନାୟକ ଜୋ ରୁଟ୍ ଖେଳାଳିଙ୍କ ସହ ଆଲୋଚନା କରୁଛନ୍ତି।

## ପିଏସ୍‌ଏଲରୁ ଓହରିଲେ ୯ ବିଦେଶୀ ଖେଳାଳି

**କରାଚି,୧୩।୩(ପି.ଟି.)**

ତିନି ଇଂଲଣ୍ଡ ଖେଳାଳି ଜାସନ ରୟ, ଆଲେକ୍ସ ହେଲ୍ସ ଓ ଜେମ୍ସ ଭିନ୍ସଙ୍କ ସମେତ ୯ ଜଣ ବିଦେଶୀ ଖେଳାଳି ଚଳିତ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ) ଛାଡ଼ି ଘରକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ଭାଇରସ୍ ବ୍ୟାପୁଥିବାରୁ ସେମାନେ ଏଭଳି କରୁଛନ୍ତି। କିନ୍ତୁ ପିଏସ୍‌ଏଲ ଜାରି ରହିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଛି। ପିଏସ୍‌ଏଲରୁ ଓହରିଥିବା ଖେଳାଳିଙ୍କ ତାଲିକାରେ ଲିଆମ ଡାଓ୍ୱସନ, ଲିଆମ ଲିଭିଙ୍ଗଷ୍ଟୋନ, ଲେଓ୍ୱିସ ଗ୍ରେଗୋରି, ଜେମ୍ସ ଭିନ୍ସ, ୱେଷ୍ଟଇଣ୍ଡିଜର କାର୍ଲୋସ ବ୍ରାଥ୍‌ୱେଟ, ଦକ୍ଷିଣ ଆଫ୍ରିକାର ରିଲେ ରୁସୋ ଓ କୋଚ୍ ଜେମ୍ସ ଫୋଷ୍ଟର ରହିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି ଖେଳାଳି କିମ୍ବା ଅଫିସିଆଲଙ୍କ ରିପୋର୍ଟ ପଜିଟିଭ ଆସିନାହିଁ। ବୋର୍ଡ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ପିଏସ୍‌ଏଲର ମ୍ୟାଚ୍‌ଗୁଡ଼ିକ ଏବେ ରୁଦ୍ଧ ଷ୍ଟାଡିୟମରେ ଖେଳାଯିବ।

## ଅଷ୍ଟ୍ରେଲିଆନ ଫର୍ମୁଲାଓ୍ୱାନ ଗ୍ରାଁପ୍ରି ବାତିଲ

ମେଲବୋର୍ନ, ୧୩।୩ (ଏଏଫ୍‌ପି)- ଶୁକ୍ରବାର ପ୍ରାକ୍ଟିସ ସେସନ ଆରମ୍ଭ ପୂର୍ବରୁ ସିଜନ ଓପନିଂ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରିକୁ ବାତିଲ କରିଦିଆଯାଇଛି। ମ୍ୟାକଲରେନ ଟିମ୍‌ର ଜଣେ ସଦସ୍ୟ କରୋନା ଭାଇରସରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ରେସ୍‌ର ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏପ୍ରିଲରେ ହେବାକୁଥିବା ରେସ୍ ଚାଇନିଜ ଗ୍ରାଁପ୍ରିକୁ ପୂର୍ବରୁ ସ୍ଥଗିତ ରଖାଯାଇ ସାରିଛି। ବାହାରିନଠାରେ ମାର୍ଚ୍ଚ ୨୨ରେ ସିଜନର ଦ୍ୱିତୀୟ ରେସ୍ ବିନା ଦର୍ଶକରେ ହେବ। ବର୍ଷର ଅବଶିଷ୍ଟ ରେସ୍ ଗୁଡିକର ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟକଟି ହୋଇଛି। ଗୁରୁବାର ନିଜ ଟିମ୍‌ର ଜଣେ ସଦସ୍ୟ କରୋନା ଭାଇରସରେ ସଂକ୍ରମିତ ଥିବା ବିଷୟ ଜଣାପଡ଼ିବା ପରେ ମ୍ୟାକଲରେନ ରେସ୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିଲା। କରୋନା ଭାଇରସ୍ ଆତଙ୍କ ସତ୍ତ୍ୱେ କିପରି ରେସ୍ ଆୟୋଜନ କରାଯାଉଛି ସେଥିରେ ମୁଁ ବିସ୍ମିତ ବୋଲି ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ କହିଛନ୍ତି। ମ୍ୟାକଲରେନ ଟିମ୍‌ର ଅନ୍ୟ ୧୪ଜଣ ଏବେ ନଜରରେ ଅଛନ୍ତି।

## ମହିଳା କ୍ରିକେଟ ପ୍ରଭାବିତ

**ମେଲବୋର୍ନ, ୧୩।୩ (ପି.ଟି.)**

ଚଳିତ ମାସ ୨୨ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ସୀମିତ ଓଭର ବିଶିଷ୍ଟ ଟୁର୍‌କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ବିଶ୍ୱବ୍ୟାପୀ କରୋନା ଭାଇରସ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଏହି ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ମହିଳା ଦଳ ଦକ୍ଷିଣ ଆଫ୍ରିକାରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ଥିଲା। ତିନୋଟି ଦିନିକିଆ ମ୍ୟାଚ ଡର୍ବାନ (ମାର୍ଚ୍ଚ ୨୨) ପିଟରମାରିଜବର୍ଗ (ମାର୍ଚ୍ଚ-୨୫) ଓ ଇଷ୍ଟ ଲଣ୍ଡନ (ମାର୍ଚ୍ଚ ୨୮)ଠାରେ ଏବଂ ତିନୋଟି ଟି୨୦ ଇଷ୍ଟ ଲଣ୍ଡନ (ମାର୍ଚ୍ଚ ୩୧) ଓ ବୋନୋନୀ (ଏପ୍ରିଲ ୩ ଓ ୪ ତାରିଖ)ଠାରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ଏହି ସିରିଜ ପାଇଁ ନୂଆ ତାରିଖ ଘୋଷଣା କରାଯିବ।

## ଆକ୍ରାନ୍ତ ନୁହନ୍ତି ରିଚାର୍ଡସନ

**ସିଡ୍‌ନୀ,୧୩।୩**

ଅଷ୍ଟ୍ରେଲିଆନ ଦ୍ରୁତ ବୋଲର କେନ ରିଚାର୍ଡସନ କରୋନା ଭାଇରସରେ ଆକ୍ରାନ୍ତ ନୁହନ୍ତି। ତାଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ଚଳିତ ସପ୍ତାହରେ ଅଷ୍ଟ୍ରେଲିଆ ଦଳ ସହ ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଡାହାଣହାତୀ ପେସର ତଣ୍ଟିରେ ଯନ୍ତ୍ରଣା ଅନୁଭବ କରୁଥିବା ମେଡିକାଲ ଷ୍ଟାଫଙ୍କୁ ଜଣାଇଥିଲେ। ତୁରନ୍ତ ତାଙ୍କର ସ୍ୱାବ ଟେଷ୍ଟ କରାଯାଇଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ତାଙ୍କୁ ହୋଟେଲ ରୁମରୁ ଛଡ଼ାଯାଇଛି। ତାଙ୍କୁ ସେଠାରେ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା। ସ୍ୱାବ ରିପୋର୍ଟ ସହ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ତାଙ୍କ ଖେଳିବା ରାସ୍ତା ପରିଷ୍କାର ହୋଇଛି। ପୂର୍ବରୁ ରିଚାର୍ଡସନଙ୍କ ନିକଟରେ ଲକ୍ଷଣ ଦେଖାଦେଇଥିବା କ୍ରିକେଟ ଅଷ୍ଟ୍ରେଲିଆ ପ୍ରବକ୍ତା ପ୍ରକାଶ କରିଥିଲେ।

## ସମୟୋଚିତ ପଦକ୍ଷେପ

**ଭିଭିଏସ୍ ଲକ୍ଷ୍ମଣ**

ପରିସ୍ଥିତିକୁ ଲକ୍ଷ୍ୟ କଲେ ଭାରତ ଓ ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜର ବାକି ଦୁଇଟି ମ୍ୟାଚ୍ ବାତିଲ ହେବା ଅପରିହାର୍ଯ୍ୟ ହୋଇପଡିଛି। କରୋନା ଭାଇରସ ଏବେ ବିଶ୍ୱ ମହାମାରୀରେ ପରିଣତ ହୋଇଛି। ଏହା ବିଶ୍ୱରେ ଜନଜୀବନକୁ ଏକ ପ୍ରକାର ଠପ୍ କରିଦେଇଛି। ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବାକୁ ଥିବା ଦ୍ୱିତୀ ଓ ତୃତୀୟ ମ୍ୟାଚ୍‌କୁ ପ୍ରଥମେ ରୁଦ୍ଧଦ୍ୱାର ତଥା ଫାଙ୍କା ଷ୍ଟାଡିମରେ ଖେଳାଯିବ ବୋଲି ଘୋଷଣା କରାଯାଇଥିଲା। ତେବେ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ) ମିଳିତ ଭାବେ ମ୍ୟାଚ ଦୁଇଟିକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅବଶ୍ୟ ବର୍ଷା କାରଣରୁ ଧର୍ମଶାଳାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ଧୋଇଯାଇଥିଲା।

ମାର୍ଚ୍ଚ ୨୯ରୁ ଆରମ୍ଭ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ଏପେ ଏପ୍ରିଲ ୧୫ ତାରିଖରୁ ଘଞ୍ଚାଇ ଦିଆଯାଇଛି। ବିଶ୍ୱ ବ୍ୟାପୀ ପ୍ରାୟ ସବୁ ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଗୁଡିକୁ ମଧ୍ୟ ବାତିଲ କରାଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଅନ୍ତର୍ଜାତୀୟସ୍ତରରେ କ୍ରୀଡ଼ା ସମୁଦାୟ ମଧ୍ୟ ଏହି ବିପର୍ଯ୍ୟୟ ବିପକ୍ଷରେ ଏକାଠି ହେବା ଏକ ବଡ଼ କଥା ଓ ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଭାରତୀୟ କ୍ରିକେଟ ପ୍ରଶଂସକମାନେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛନ୍ତି କହିଲେ ଭୁଲ ହେବାନାହିଁ। ଭୟଭୀତ ନ ହୋଇ ସମସ୍ତେ ଅବଶ୍ୟକୀୟ ସାବଧାନତା ଅବଲମ୍ବନ କରିବାକୁ ମୁଁ ନିବେଦନ କରୁଛି। ଏହି ଭାଇରସକୁ ରୋକିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ। ଉତ୍ତମ ସ୍ୱାସ୍ଥ୍ୟର ବିକଳ୍ପ ନାହିଁ। ସାମୁହିକ ଭାବେ ଏହାର ମଧ୍ୟ ଆବଶ୍ୟକତା ରହିଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ହେବା ସହ ଆହୁରି ଅଧିକ ଦୃଢ ହେବାର ଆବଶ୍ୟକତା ରହିଛି। ବିପଦ ହିଁ ମଣିଷ ପାଇଁ ପରୀକ୍ଷାର ଅବକାଶ ସୃଷ୍ଟି କରିଥାଏ। ତେଣୁ ଏହି ପରୀକ୍ଷାରେ ମଣିଷ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ରହିଛି।

କାରୋନା ଭାଇରସ୍ ମୁକାବିଲାରେ ଆମ ସରକାର ଓ ଦେଶର ନାଗରିକଙ୍କ ପ୍ରୟାସ ଓ ଭୂମିକାକୁ ପ୍ରଶଂସା କରୁଛି। ଏହାକୁ ରୋକିବା ପାଇଁ ସରକାର ମଧ୍ୟ ଆଗୁଆ ପଦକ୍ଷେପ ନେଇଛନ୍ତି। କଷ୍ଟକର ପରିସ୍ଥିତିରେ ସରକାରଙ୍କ ଭଳି ବିସିସିଆଇ ମଧ୍ୟ ସମୟୋଚିତ ଉଚିତ୍ ପଦକ୍ଷେପ ନେଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଓ ନିଜକୁ ସୁସ୍ଥ ଓ ନିରାପଦ ରଖିବା ମଧ୍ୟ ଆମର ସବୁଠାରୁ ବଡ଼ ଦାୟିତ୍ୱ। ଆମକୁ ଏହି ଭଳି ସମୟ ଏକାଠି କରିଛି। ଏବେ ଆମ ଜୀବନରେ ଏହାହିଁ ସବୁଠାରୁ ବଡ଼ ବାର୍ତ୍ତା ସଦୃଶ ହୋଇଛି।

(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ମନେ ପଡ଼ନ୍ତି

IN LOVING MEMORY OF

Late R.Jaganmohan Patnaik
Bomikhal, Rasulgarh, Bhubaneswar
Birth: 15.09.1937
Death: 13.03.2012
(Shasthi Tithi)
Fondly Remebered by:
Patnaik Family
D-17136

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମନୋଜ କୁମାର ମହାନ୍ତି
ଆବିର୍ଭାବ: ୦୧।୦୧।୧୯୨୬
ତିରୋଧାନ: ୨୬।୦୩।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ହେଲେ ଲାଗୁଛି ସତେ ଯେମିତି ତମେ ଆମ ଗହଣରେ ବାନ୍ଧି ହୋଇଅଛ। ତୁମର ତ୍ୟାଗ ଓ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ପାଇଁ ଚିରମାର୍ଗ ହୋଇ ରହିବ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ଝିଅ, ବୋହୂ, ନାତି ନାତୁଣୀ ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୭୧୩୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ମାର୍ଚ୍ଚ ୧୪/୨୦୨୦ Sambalpur, Saturday, March 14 / 2020




# ଟିଟିଲାଗଡ଼ରେ କରୋନା ସନ୍ଦିଗ୍ଧଙ୍କୁ ନେଇ ଚର୍ଚ୍ଚା

ବଲାଙ୍ଗୀର ଅଫିସ/ଟିଟିଲାଗଡ,୧୩।୩(ଡି.ଏନ୍.ଏ.): କାନାଡାରୁ ଟିଟିଲାଗଡ ଆସିଥିବା ଯୁବ ଇଞ୍ଜିନିୟର ଦମ୍ପତିଙ୍କୁ କରୋନା ସନ୍ଦେହରେ ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଆଇସୋଲେସନ୍ ୱାର୍ଡରେ ଭର୍ତ୍ତି କରାଯାଇଛି। କରୋନା ସଂକ୍ରମିତ ସନ୍ଦେହରେ ଇଞ୍ଜିନିୟର ଦମ୍ପତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ କରୋନା ସଂକ୍ରମଣକୁ ନେଇ ଏଠାରେ ନାନା ଚର୍ଚ୍ଚା ଓ ଗୁଜବ ଆରମ୍ଭ ହୋଇଛି। ଗତ ୧୦ ତାରିଖ ଦିନ ଟିଟିଲାଗଡର ମୂଳ ନିବାସୀ ତଥା କାନାଡାରେ ଚାକିରି କରୁଥିବା ଇଞ୍ଜିନିୟର ଦମ୍ପତି ନିଜର ଜଣେ କାକାଙ୍କ ମୃତାହ କର୍ମରେ ଯୋଗଦେବା ପାଇଁ ଟିଟିଲାଗଡ ପହଞ୍ଚିଥିଲେ। ଗତ ୪ ଦିନ ହେଲା ସେ ଟିଟିଲାଗଡସ୍ଥିତ ତାଙ୍କ ଘରେ ରହିବା ସହ ପରିବାରବର୍ଗଙ୍କ ସହ ମିଳାମିଶା କରିଥିଲେ। ତେବେ କରୋନା ସଂକ୍ରମଣ ନେଇ କୌଣସି ଅଭିଯୋଗ ହୋଇ ନ ଥିଲା। ମାତ୍ର ବିଦେଶରୁ ଏହି ଦମ୍ପତି ଟିଟିଲାଗଡ ଆସିଥିବା ନେଇ ଜୋରସୋର ଚର୍ଚ୍ଚା ହେବାରୁ ପ୍ରଶାସନ ପକ୍ଷରୁ କାଉନସେଲିଂ କରାଯାଇ ଉଭୟଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶୁକ୍ରବାର ଅପରାହ୍ଣରେ ପ୍ରଥମେ ଟିଟିଲାଗଡ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ଏଠାରେ ସେ ସ୍ୱତନ୍ତ୍ର ନିରୀକ୍ଷଣରେ ରହିବେ ବୋଲି ଡାକ୍ତର ଗିରିଜା ଶଙ୍କର ଉଦ୍‌ଗାତା ଗଣମାଧ୍ୟମକୁ କହିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ। - ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

**ବଲାଙ୍ଗୀର ଅଫିସ, ୧୩।୩ :** ବଲାଙ୍ଗୀର ଜିଲା ସଇଁତଲା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ଅନ୍ତର୍ଗତ ଘଣ୍ଟମାଳ ଗ୍ରାମର ହୃଦା ଭୋଇ (୨୬)। ବାଇକ ନଂ.ଓଆର୧୭ସି୦୫୯୨ରେ ସେ ସଇଁତଲା ପଟୁ ବରଗାଁ ଯାଉଥିବାବେଳେ ଜାତୀୟ ରାଜପଥ ୨୬ର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ବାଇକ ସହ ଛିଟି ପଡ଼ିଥିଲେ। ଖବର ପାଇ ସଇଁତଲା ଅଗ୍ନିଶମ ବିଭାଗ କର୍ମଚାରୀ ହୃଦାଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଇଁତଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଏଏସଆଇ ମହେଶ୍ୱର ଦାସ ସୁନାନୀ କହିଛନ୍ତି।

### ଜଗନ୍ନାଥ, ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଲାଗି ବୈଠକ

**ବିନିକା, ୧୩।୩(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ଲାଗି ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରବି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିନିକା ବ୍ଲକ୍ ଅଧ୍ୟକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ। ଏପ୍ରିଲ ୨୩ ତାରିଖରୁ ୨୬ ତାରିଖ ଯାଏ ନବନିର୍ମିତ ଏହି ଦୁଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୁରୁଖୁରେ ପାଳନ ଲାଗି ୨୦ଜଣିଆ କମିଟି ସର୍ବସମ୍ମତି କ୍ରମେ ଗଠିତ ହୋଇଛି। ପବିତ୍ର କୁମାର ଶର୍ମା ସଭାପତି, ନିରାକାର କର୍ଣ୍ଣ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ସୁରେଶ କୁମାର ଦାଶଙ୍କୁ ମନୋନୟନ କରାଯାଇଛି।

### ଗଛରେ ପିଟି ହୋଇ ବୋଲେରୋ ଚୂର୍‌ମାର

**ଦେଓଗାଁ, ୧୩।୩(ଡି.ଏନ.ଏ.):** ବରଗଡ-ବୋରିଗୁମ୍ମା ୨୬ନଂ ଜାତୀୟ ରାଜପଥର ବଲାଙ୍ଗୀର-ଦେଓଗାଁ ରାସ୍ତାର ରତନପୁର ନିକଟରେ ଜୁନାଗଡକୁ ଆସୁଥିବା ଏକ ବୋଲେରୋ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକ ନିମ୍ବଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଜୁନାଗଡରୁ ଏକ ପରିବାରର ୯ ସଦସ୍ୟ ବୋଲେରୋ ନଂ ଓଡି୩୦-୩୫୫୫ରେ ଅତାବିରାରେ ନବବିବାହିତାଙ୍କୁ ଛାଡି ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବସିଥିବା ୯ ଜଣଙ୍କ ମଧ୍ୟରୁ ୮ ଆହତ ହୋଇଛନ୍ତି। ଦେଓଗାଁ ଅଗ୍ନିଶମ ବାହିନୀ ଆହତଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇଥିଲେ। ଦେଓଗାଁ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଜବତ କରିଛି।

# ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ

- ଫେଲ୍ ମାରିଛି ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ
- ସଂସାମୁରା ଗାଁରେ ୪ ନଳକୂପରୁ ୩ ଅଚଳ

**ବିନିକା, ୧୩।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଂସାମୁରା ଗାଁରେ ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ ଦେଖାଦେଲାଣି। ୨ଟି ୱାର୍ଡରେ ବିଶିଷ୍ଟ ଏହି ଗ୍ରାମରେ ୭ଶହରୁ ଊର୍ଦ୍ଧ୍ୱ ଲୋକେ ବାସ କରୁଥିବା ବେଳେ ରହିଛି ୪ଟି ନଳକୂପ। ସ୍କୁଲ ଛକରେ ଥିବା ନଳକୂପ ସଚଳ ଥିବାବେଳେ ଅନ୍ୟ ୩ଟି ଦୀର୍ଘମାସ ହେଲା ଅଚଳ ହୋଇପଡିଛି। ଏହି ପରିସ୍ଥିତିରେ ଗାଁଲୋକେ ପାନୀୟ ଜଳପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩ମାସ ତଳେ ଦେଢଲକ୍ଷ ଟଙ୍କା ବ୍ୟୟରେ ଗାଁରେ ଏକ ସୌରଶକ୍ତି ଚାଳିତ ଜଳଯୋଗାଣ ପ୍ରକଳ୍ପ ନିର୍ମିତ ହୋଇଥିଲ। ହେଲେ ସେଥିରୁ ପାଣି ବାହାରୁ ନାହିଁ। ଅନ୍ୟନୋପାୟ ହୋଇ ଗ୍ରାମର ମହିଳାମାନେ ଗାଁ ସ୍କୁଲ ଛକ ନଳକୂପ ଓ ୨କିମି ଦୂର ସୋନପୁର-ବିନିକା ମୁଖ୍ୟରାସ୍ତାରେ ଥିବା ନଳକୂପର ଜଳ ସଂଗ୍ରହ କରୁଛନ୍ତି। ସେଠାରେ ପାଣି ପାଇଁ ଲମ୍ବାଧାଡି ଲାଗୁଛି। ବହୁ ସମୟରେ ଜଳ ସଂଗ୍ରହ କରିବା ବେଳେ ଗଣ୍ଡଗୋଳ ବି ହେଉଛି। ପାନୀୟ ଜଳ ସମସ୍ୟା ଓ ଅଚଳ ନଳକୂପ ମରାମତି ପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀଙ୍କୁ ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏ ନେଇ ବିଭାଗୀୟ ଯନ୍ତ୍ରୀ ରଞ୍ଜନ ପୁଟେଲଙ୍କୁ ପଚାରିବାରୁ ସଂସାମୁରାରେ ଜଳକଷ୍ଟ ନେଇ ଆମେ କୌଣସି ଅଭିଯୋଗ ଏ ଯାଏ ପାଇନାହୁଁ। ତେବେ ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଅବିଳମ୍ବେ ଏହିସବୁ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂସାମୁରା ଗ୍ରାମର ସୀତା ମହାପାତ୍ର, ସାବିତ୍ରୀରାଣୀ ପାଣ୍ଡେ, ହେମବତୀ ରଣା, ଭୂମିସୁତା ରଣା, ଗୋଲାପୀ ରଣା, ବୈଦେହୀ ସାଥୁଆ, ଜୟ ରାମ ଖମାରୀ, ଧନୁ ରଣା ପ୍ରମୁଖ ଚେତାବନୀ ଦେଇଛନ୍ତି।





ଅଚଳ ନଳକୂପ ସମ୍ମୁଖରେ ମହିଳାମାନେ। କାମ କରୁ ନ ଥିବା ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ।

# ଧାନକିଣାରେ ଅନିୟମିତତା, ତଦନ୍ତ ଜାରି

**ସୋନପୁର, ୧୩।୩(ନି.ପ୍ର.)**

ଚଳିତବର୍ଷ ଖରିଫ ଧାନକିଣାରେ ସୁବର୍ଣ୍ଣପୁର ଜିଲାରେ ବ୍ୟାପକ ଅନିୟମିତତା ହୋଇଛି। ବ୍ୟବସାୟୀ ଧାନବିକ୍ରି କରି ମୁନାଫା ପାଇଛନ୍ତି। ହେଲେ ପ୍ରକୃତ ଚାଷୀ ଟୋକନ ନ ପାଇ ଧାନ ବିକ୍ରି କରି ପାରିନି। କେତେକ ମିଲର୍ସ ବାହାର ଜିଲାର ଧାନକୁ ସ୍ୱଳ୍ପ ମୂଲ୍ୟରେ କିଣି କାଗଜପତ୍ର କରିବାରେ ସକ୍ଷମ ହୋଇଛନ୍ତି। ଚାଷୀ ପଞ୍ଜିକରଣ ସମୟରେ ବେଆଇନ କାର୍ଯ୍ୟ ହୋଇଛି। ଜମି କାଗଜପତ୍ର ଓ ଚାଷୀ କେତେ ଜମିରେ ଚାଷ କରିଥିଲେ ତାହା ଠିକ୍ ଭାବେ ଯାଞ୍ଚ କରାଯାଇନି। ଜଳାଶୟ କିସମ ଓ ପଡିଆ ଜମିରେ ଧାନ ଚାଷ ହୋଇଥିବା ଦର୍ଶାଯାଇଛି। ଚାଷ ଜମି କମ୍ ଥିବା ବେଳେ ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)ସ୍ତରରେ ଚଞ୍ଚକତା କରି ମଧ୍ୟସ୍ଥି ଜରିଆରେ ଅଧିକ ଧାନକିଣା ଯାଇଛି । ଏହି ଘଟଣାରେ ଉଲୁଣ୍ଡା ବ୍ଲକ କଳାପଥର ପ୍ୟାକ୍ସର ଡାଟା ଏଣ୍ଟ୍ରି ଅପରେଟର ମାନସ ରଞ୍ଜନ ପଧାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ସେହିପରି ପ୍ୟାକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଜଗଦୀଶ ରଥଙ୍କୁ ଗୁରୁବାର ନିଲମ୍ବନ କରାଯାଇଛି। ଅନ୍ୟ ପ୍ୟାକ୍ସରେ ମଧ୍ୟ ଏଭଳି ବେଆଇନ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ବୀର ବିକ୍ରମ ଯାଦବ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଗତ ୬ ତାରିଖରେ ଜିଲାର ୨୨ଜଣ ଚାଷୀଙ୍କ ତାଲିକା ପଠାଇଛନ୍ତି । ଏହି ଚାଷୀମାନେ ୨୦୧୯-୨୦ ଖରିଫରେ ସରକାରଙ୍କୁ ୫୦୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରିଥିଲେ । ସମ୍ପୃକ୍ତ ଚାଷୀଙ୍କ ଜମିର ପରିମାଣ ଓ ଖରିଫରେ ପ୍ରକୃତରେ କେତେ ଜମିରେ ଧାନ ଚାଷ କରିଥିଲେ ତାର ବିସ୍ତୃତ ରିପୋର୍ଟ ସଚିବ ଯାଦବ ଜିଲାପାଳଙ୍କୁ ମାଗିଛନ୍ତି । ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା ଘଟଣାର ଅନୁଧ୍ୟାନ ପାଇଁ ସହକାରୀ ଯୋଗାଣ ଅଧିକାରୀ, ସମବାୟ ସମିତି ଉପନିବନ୍ଧକ, ଯୋଗାଣ ନିରୀକ୍ଷକ, ସମ୍ପୃକ୍ତ ସର୍କଲର ରାଜସ୍ୱ ନିରୀକ୍ଷକ ଓ ସ୍ଥାନୀୟ ଗ୍ରାମ କୃଷି କର୍ମଚାରୀଙ୍କୁ ନେଇ ୨ଟି ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ବିନିକା, ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ସମ୍ପୃକ୍ତ ଚାଷୀଙ୍କ କ୍ଷେତକୁ ଯାଇ ଜମିର ପରିମାଣ ଓ ଚାଷ ସମ୍ପର୍କରେ କ୍ଷେତ୍ରୀୟ ତଦନ୍ତ କରୁଛନ୍ତି। ତଦନ୍ତ ସମୟରେ କେତେକ ସ୍ଥାନରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି । ଚାଷ ନ କରି ନକଲି ଚାଷୀ ଧାନ ବିକ୍ରି କରିଛନ୍ତି । ସବିଶେଷ ରିପୋର୍ଟ ମିଳିବା ପରେ ଏହା ସରକାରଙ୍କୁ ପ୍ରଦାନ କରାଯିବ । ଏହ ଜଣାପଡିବା ପରେ ଅସାଧୁ କର୍ମଚାରୀ ଓ ମିଥ୍ୟା କାଗଜାତ ଦେଇ ଧାନ ବିକ୍ରି କରିଥିବା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ‘ପ୍ରୋତ୍ସାହନ ନ ମିଳିଲେ ବୁଡ଼ିଯିବ ଛଉନୃତ୍ୟ’

ସାମରିକ ଏବଂ ଶାରୀରିକ କୌଶଳର ଅଭୂତପୂର୍ବ ଯୁଗଳବନ୍ଦୀ ହୋଇଥିବା ଲୋକନୃତ୍ୟ ଛଉ। ମୟୂରଭଞ୍ଜର ଛଉନୃତ୍ୟ ବିଶ୍ୱରେ ଅନନ୍ୟ । ଏହି କଳାର ଜଣେ ପୁରୁଖା ପୂଜାରୀ ପଦ୍ମଶ୍ରୀ ପଣ୍ଡିତ ଗୁରୁ ଶ୍ୟାମା ଚରଣ ପତି। କଟକ ଅରୁଣୋଦୟ ମାର୍କେଟ ନିକଟସ୍ଥ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ପଣ୍ଡିତ ଶ୍ୟାମା ଚରଣ ଓଡ଼ିଶାରେ ଛଉନୃତ୍ୟର ସ୍ଥିତି ସମ୍ପର୍କରେ କହିଛନ୍ତି।

**କଟକ ଅଫିସ, ୧୩।୩**



ପଦ୍ମଶ୍ରୀ ପଣ୍ଡିତ ଗୁରୁ ଶ୍ୟାମା ଚରଣ ପତି

ଓଡ଼ିଶା ମାଟିର ନିଜସ୍ୱ ଲୋକନୃତ୍ୟ ଛଉ। ମୟୂରଭଞ୍ଜରେ ଏହି କଳାର ଉତ୍ପତ୍ତି। ଭାରତର ସମସ୍ତ ଲୋକନୃତ୍ୟଗୁଡ଼ିକ ଭିତରେ ଛଉନୃତ୍ୟର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। ପଣ୍ଡିତ ଗୁରୁ ଶ୍ୟାମା ଚରଣ ଏଯାବତ୍ ୬୮ଟି ରାଷ୍ଟ୍ରରେ ଛଉନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି। ୨୦୦୬ ମସିହାରେ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା। ହେଲେ ଛଉନୃତ୍ୟ ପ୍ରତି ସେଭଳି ସରକାରୀ ପ୍ରୋତ୍ସାହନ ନ ଥିବାରୁ ଏହି କଳା ବୁଡ଼ିବାକୁ ବସିଲାଣି ବୋଲି ସେ କୁହନ୍ତି।

ଗୁରୁ ଶ୍ୟାମା ଚରଣଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ସଢ଼େଇକଳା ଅଞ୍ଚଳରେ। ପରାଧୀନ ଭାରତରେ ଏହି ସ୍ଥାନ ଉତ୍କଳ ମାଟିରେ ରହିଥିଲା। ସ୍ୱାଧୀନତା ପରେ ଏହି ସ୍ଥାନ ବିହାରର ଅନ୍ତର୍ଭୁକ୍ତ ହେଲା। ପରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବାରୁ ସଢ଼େଇକଳା ଝାଡ଼ଖଣ୍ଡ ମାଟିର ବୋଲି ଗଣନା କରାଯାଉଛି। ହେଲେ ପୂର୍ବପୁରୁଷ ଓଡ଼ିଶାର ହୋଇଥିବାରୁ ଏବେ ବି ଓଡ଼ିଶା ପ୍ରତି ଗଭୀର ଭଲ ପାଇବା ରହିଛି ବୋଲି ଶ୍ୟାମା ଚରଣ କହିଛନ୍ତି। ୧୯୪୦ରେ ଜନ୍ମଗ୍ରହଣ କରିଥିବା ଶ୍ୟାମା ଚରଣ ୬ ବର୍ଷ ବୟସରୁ ଛଉନୃତ୍ୟ ଶିକ୍ଷା କରିଥିଲେ। ପରେ ଏହି ନୃତ୍ୟର ପରାକାଷ୍ଠା ବଳରେ ତାଙ୍କୁ ଉପରାଷ୍ଟ୍ରପତିଙ୍କଠାରୁ ଭାରତୀୟମ୍ ସମ୍ମାନ, ଝାଡଖଣ୍ଡ ରତ୍ନ, ପଦ୍ମଶ୍ରୀ ସମ୍ମାନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି। ହେଲେ ଦିନକୁ ଦିନ ଏହି ନୃତ୍ୟ ପ୍ରତି ଲୋକଙ୍କ ଆଦର କମିବା ସ୍ପଷ୍ଟ ଦେଉଛି ବୋଲି ସେ କହିଛନ୍ତି। ପୂର୍ବରୁ ମୟୂରଭଞ୍ଜ ଓ ବାଲେଶ୍ୱରର ନୀଳଗିରି ସମେତ ଅନ୍ୟ କିଛି ସ୍ଥାନରେ ଏହି ଲୋକନୃତ୍ୟ ଅଧିକ ମାତ୍ରାରେ ହେଉଥିଲା। ଏବେ ନୀଳଗିରି ଏବଂ ଅନ୍ୟାନ୍ୟ ସ୍ଥାନରେ ଏହା ଦେଖିବାକୁ ମିଳୁନି। ବଞ୍ଚିଯାଇଛି କେବଳ ମୟୂରଭଞ୍ଜର କିଛି ଅଞ୍ଚଳ। ଧୀରେ ଧୀରେ ଏହା ବି ବନ୍ଦ ହୋଇଯାଇପାରେ। ଏହି କ୍ଷେତ୍ରକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ବିଭିନ୍ନ ଜିଲାରେ ଛଉନୃତ୍ୟର ପ୍ରଚାର ପ୍ରସାର ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜିଲା ଏବଂ ଜାତୀୟସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା ହେବା ଉଚିତ। ଏହା ଦ୍ୱାରା ଅଧିକ ମାତ୍ରାରେ ଛଉନୃତ୍ୟ ପ୍ରତିଭା ସାମ୍ନାକୁ ଆସିବେ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ ଉପସ୍ଥିତ ରହି ଛଉନୃତ୍ୟ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ, ପଣ୍ଡିତ ଗୁରୁ ଶ୍ୟାମା ଚରଣଙ୍କ ଝିଅ ସୁସ୍ମିତା ପତି ଜଣେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ। ସେ ଇଂଲଣ୍ଡରେ ନିଜର ଏକ ନୃତ୍ୟ ଏକାଡେମୀ କରି ଶିକ୍ଷା ଦେଉଛନ୍ତି।

### ୧୧୧ ଲିଟର ଦେଶୀମଦ ଜବତ, ୬ ଗିରଫ

**ବିନିକା, ୧୩/୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା ୧୧୧ ଲିଟର ଦେଶୀମଦ ଜବତ କରାଯାଇଛି। ମଦ କାରବାର କରୁଥିବା ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଭଣ୍ଡାର ଗ୍ରାମର ଗୌରୀ ଜଗତ ଓ ସନ୍ତୋଷ ବେହେରା, ଗୁଲୁଣ୍ଡାର ନାରାୟଣ ସାହୁ, ଚେରୁପାଲି ରଙ୍ଗିଆଟିକ୍ରାର ଭରତ ସାହୁ, ଚେରୁପାଲିର ଆନନ୍ଦ ଭୋଇ ଓ ବିନିକା ପାତିକାରପଡାର ରାଘବ ଗୁରୁ। ଏହି ଚଢାଉରେ ବିନିକା ଅବକାରୀ ଅଧିକାରୀ ଲକ୍ଷ୍ମଣ ପଣ୍ଡା, ଏଏସ୍‌ଆଇ ଭୈରବ ଧରୁଆ, ବନମାଳୀ ରଣା ପ୍ରମୁଖ ସାମିଲ ଥିଲେ।

### ମଦ ଜବତ, ୨ ଗିରଫ

**ଉଲୁଣ୍ଡା, ୧୩।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବ୍ରାହ୍ମଣିପାଲି ଏବଂ ଜଡଁରାଭଡଁରା ଗ୍ରାମରେ ଶୁକ୍ରବାର ଅବକାରୀ ବିଭାଗ ଚଢାଉ କରି ୧୬ଲିଟର ମଦ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରାହ୍ମଣିପାଲି ଗ୍ରାମର ସାହେବ ଭୁଏ ଏବଂ ଜଡଁରାଭଡଁରା ଗ୍ରାମର ଲାଣ୍ଡୁ ଭୁଏ। ସୂଚନା ଅନୁସାରେ ଅବକାରୀ ବିଭାଗ ଉଲୁଣ୍ଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସାହେବ ଏବଂ ଲାଣ୍ଡୁ ମଦ ଚୋରା ଚାଲାଣ କରୁଥିବା ଖବର ପାଇ ପାଟ୍ରୋଲିଂ ଟିମ୍ ଚଢାଉ କରିଥିଲା। ସାହେବଙ୍କଠାରୁ ୬ ଲିଟର ଏବଂ ଲାଣ୍ଡୁଙ୍କଠାରୁ ୧୦ ଲିଟର ରନ୍ଧା ମଦ ଜବତ କରାଯାଇଥିଲା। ଏନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଅବକାରୀ ଅଧିକାରୀ ରମ୍ଭା ବାଗଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଏଏସଆଇ ପ୍ରଦୀପ କୁମାର ରଥ ଓ ଷ୍ଟାଫ ସାମିଲ ଥିଲେ।

### ଠିକାକାମ ଟଙ୍କାକୁ ନେଇ ମାରପିଟ, ଥାନାରେ ମାମଲା

**ଅମରପାଲି, ୧୩।୩ (ଡି.ଏନ.ଏ.)**

ଠିକାକାମର ଟଙ୍କାକୁ ନେଇ ମାରପିଟ ହୋଇଥିବା ନେଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନାରେ ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ଉଫୁଲା ପଞ୍ଚାୟତର କମଳପୁର ଗ୍ରାମର ଶତ୍ରୁଘନ ମେହେର ନାମକ ଜଣେ ଯୁବକ ଉଫୁଲା ସରପଞ୍ଚଙ୍କ ସ୍ୱାମୀ ପ୍ରିୟବ୍ରତ ବେହେରା ଓ ଜିପିଓ ଗଗନ ବିହାରୀ ନାୟକଙ୍କ ନାମରେ ମାରପିଟ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଜିପିଓ ଗଗନ ବିହାରୀଙ୍କୁ ପଚାରିବାରୁ ଏଥିରେ ମୋର କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ସରପଞ୍ଚଙ୍କ ସ୍ୱାମୀ ପ୍ରିୟବ୍ରତ ମଧ୍ୟ ବୀରମହାରାଜପୁର ଥାନାରେ ଶତ୍ରୁଘନ ମେହେର, ତାଙ୍କ ପୁଅ ଆଶୁତୋଷ ମେହେର ଓ ତାଙ୍କଭାଇ ମୋହନ ମେହେରଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଶତ୍ରୁଘନଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୪୪/୨୦) ଓ ପ୍ରିୟବ୍ରତଙ୍କ ଅଭିଯୋଗକୁ ଭିତ୍ତି କରି ଅନ୍ୟ ଏକ ମାମଲା (ନଂ. ୪୫/୨୦)ବୀରମହାରାଜପୁର ଥାନାରେ ରୁଜୁ ହୋଇଛି । ଏ ନେଇ ଏଏସଆଇ ସୁଦର୍ଶନ ଦେହେରୀଙ୍କୁ ପଚାରିବାରୁ ଉଭୟ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

### କୁଆପଥର ମାଡ଼ରେ ପରିବା ଚାଷନଷ୍ଟ

**ଲୋଇସିଂହା, ୧୩।୩(ଡି.ଏନ.ଏ):** ଆଗଲପୁର ବ୍ଲକରେ ଗତ ୬ତାରିଖ କୁଆପଥର ଓ ଝଡବର୍ଷାରେ ପରିବା ଓ ଅନ୍ୟାନ୍ୟ ଚାଷ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତା ପାଇଁ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଇତିମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇ କ୍ଷୟକ୍ଷତି ଆକଳନ କରାଯାଇଛି।

**DECLARATION**

Due to death of Swapneswar Mishra & retirement of Shyam Sundar Mishra & Tukunu Mishra, The new Partners of Siddhi Binayak Rice Mill At- Apamara, Dist- Bolangir, Odisha - 767029 are

1. Anita Mishra, W/o- Swapneswar Mishra
2. Sitaram Mishra, S/o- Chhala Mishra
3. Sanjay Kumar Mishra, S/o- Lingaraj Mishra

# ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କ ଯୋଡୁଛି
# ଦେଉଳା ହାଟ

- ସାଇତି ରଖିଛି ବ୍ରିଟିଶ୍ ଅମଳର ସ୍ମୃତି
- କୃଷି, ସାମାଜିକ, ସାଂସ୍କୃତିକ ଜୀବନ ସହିତ ଅଞ୍ଚଳର ଅର୍ଥନୀତିକୁ କରିଛି ସୁଦୃଢ଼
- ହାଟପାଳିରେ ବ୍ୟବସାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ
- ହୋଇପାରୁନି ଭିତ୍ତିଭୂମିର ବିକାଶ

**ପ୍ରଦୀପ ଦାସ**
**ଭୋଗରାଇ, ୧୩।୩**

ପଶ୍ଚିମବଙ୍ଗ ସୀମାକୁ ଲାଗି ଥିବା ବାଲେଶ୍ୱର ଜିଲାର ଉପାନ୍ତ ଭୋଗରାଇ ବ୍ଲକ ଅଧୀନ ଦେଉଳା ହାଟ ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କ ଯୋଡ଼ିଆସିଛି। ଦୁଇଶହ ବର୍ଷର ଏହି ପୁରୁଣା ହାଟ ଉପରେ ଉପାନ୍ତ ଅଞ୍ଚଳବାସୀ ଘରକରଣା ଓ କୃଷି ସାମଗ୍ରୀଠାରୁ ଆରମ୍ଭ କରି ବିବାହ, ବ୍ରତ, ମେଳା ଓ ଅନ୍ୟ ସାମାଜିକ କାର୍ଯ୍ୟ ପାଇଁ ସାମଗ୍ରୀ କିଣାବିକା ସକାଶେ ନିର୍ଭର କରିଆସୁଛନ୍ତି। କଂସାବାସନ, ସପମଶିଣା ସମେତ ଆଲୁଦମ୍ ପାଇଁ ହାଟର ପ୍ରସିଦ୍ଧି ରହିଛି। ସପ୍ତାହକୁ ଦୁଇଦିନ ଗୁରୁବାର ଓ ରବିବାର ବସୁଥିବା ଏହି ହାଟ ଉପାନ୍ତବାସୀଙ୍କ ପାଇଁ ଭାବବିନିମୟର କ୍ଷେତ୍ର ପାଲଟିବା ସହ ସାଂସ୍କୃତିକ ଓ ସାମାଜିକ ବନ୍ଧନକୁ ଦୃଢ଼ କରିଆସିଛି।

ଭୋଗରାଇ ବ୍ଲକଠାରୁ ପ୍ରାୟ ୨ କି.ମି. ଦୂରରେ ବସୁଛି ଦେଉଳା ହାଟ। ୫ ଏକର ପରିଧି ଆୟତନରେ ବସୁଥିବା ଏହି ହାଟକୁ ବିଭିନ୍ନ ଅଞ୍ଚଳରୁ ବେପାରୀ ଆସି ସେମାନଙ୍କ ପସରା ମେଲିଛନ୍ତି। ସ୍ଥାନୀୟ ଦେଉଳା ଗାଁର ନାମ ଅନୁଯାୟୀ ହାଟର ନାମକରଣ ହୋଇଛି। ବ୍ରିଟିଶ୍ ଅମଳରେ ବାଲେଶ୍ୱର ଦେଇ ଖୋଳାଯାଇଥିବା କୋଷ୍ଟ କେନାଲରେ ନୌବାଣିଜ୍ୟ କାରବାର ବୃଦ୍ଧି ଉଦ୍ଦେଶ୍ୟରେ ଏହି ହାଟର ପ୍ରତିଷ୍ଠା ହୋଇଥିବା କୁହାଯାଏ। ଓଡ଼ିଶା ସୀମାରେ ଥିବା ଏହି ହାଟ ପୂର୍ବରୁ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ଏଗ୍ରା ନିକଟସ୍ଥ ପଞ୍ଚେଟ ଗଡ଼ ଜମିଦାରଙ୍କ ଦଖଲରେ ରହିଥିଲା। ରାଜସ୍ୱ ଆଦାୟ ବୃଦ୍ଧି ନିମନ୍ତେ ଏଠାରେ ଏକ କଚେରି ନିର୍ମାଣ କରାଯାଇଥିଲା। ପରେ ହାଟ ମଧ୍ୟରେ ଅନନ୍ତ ପୁରୁଷୋତ୍ତମ ନାମରେ ଏକ ଶୈବପୀଠ ପ୍ରତିଷ୍ଠା କରାଯାଇଥିଲା। ସ୍ଥାନୀୟ ପଞ୍ଚାୟତ ୨୫ ହଜାର ଟଙ୍କାରେ ହାଟ ନିଲାମ ଦେଇ ଚଡ଼କମେଳା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା କରିବା ସହ ହାଟର ବିକାଶ ନିମନ୍ତେ ଏହି ଅର୍ଥ ଖର୍ଚ୍ଚ କରିଆସୁଥିଲା। ୧୯୮୫-୮୬ରୁ ଏହା ଆର୍‌ଏମ୍‌ସି ଅଧୀନକୁ ଆସିଛି। ପୁରୁଣା କଚେରି ଜାଗା ସହ ଏକ ବୃହତ୍ ପୋଖରୀକୁ ପୋତାଯାଇ ଦୋକାନୀଙ୍କ ଲାଗି ଉପଯୋଗୀ କରାଯାଇଛି। ସମ୍ପ୍ରତି ହାଟରୁ ମାସକୁ ୩୦ ହଜାର ଟଙ୍କା ରାଜସ୍ୱ ଆଦାୟ କରାଯାଉଛି ବୋଲି ବଜାର ନିୟନ୍ତ୍ରକ କମିଟି ପକ୍ଷରୁ କୁହାଯାଇଛି।

ପାନ-ଗୁଆ-ମାଛ ଲାଗି ପରିଚିତ ଭୋଗରାଇ ଅଞ୍ଚଳର ଅର୍ଥନୀତିକୁ ଉକ୍ତ ହାଟ ସୁଦୃଢ଼ କରିଆସିଛି। ଉତ୍ତର ବାଲେଶ୍ୱରର ବାଲିଆପାଳ, ବସ୍ତା ଓ ଜଳେଶ୍ୱର ଅଞ୍ଚଳରୁ ଲୋକେ ବିବାହ, ବ୍ରତ ଓ ଖାଉଟି ସାମଗ୍ରୀ ଆଦି କିଣିବା ନିମନ୍ତେ ଏଠାକୁ ଆସିଥାନ୍ତି। ସେହିପରି ପଡ଼ୋଶୀ ପଶ୍ଚିମବଙ୍ଗର କାନ୍ଥି, ଏଗ୍ରା, ପାନିପାରୁଲ, ଦେପାଳ, ମହନପୁର, ରାମନଗର, ଦେଉଳି ଅଞ୍ଚଳର ବ୍ୟବସାୟୀମାନେ ହାଟକୁ ଆସି ବିଭିନ୍ନ ସାମଗ୍ରୀ କିଣାବିକା କରିଥାନ୍ତି। ହୋଲ୍‌ସେଲର ବ୍ୟବସାୟୀମାନେ ବସ୍ତ୍ର ସମେତ ତେଜରାତି ଓ ଆଳୁ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରିକରି ଭଲ ରୋଜଗାର କରିଥାନ୍ତି।



ଦେଉଳା ହାଟ ପରିସରରେ ଥିବା ଶିବମନ୍ଦିର ଓ ଦୋକାନ।

ଐତିହ୍ୟସମ୍ପନ୍ନ ଏହି ହାଟ ଉପରେ ଦୁଇ ରାଜ୍ୟର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ଆନୁଷଙ୍ଗିକ ଭିତ୍ତିଭୂମିର ଉପଯୁକ୍ତ ବିକାଶ ହୋଇନାହିଁ। ଶୌଚାଳୟ କି ବିଶ୍ରାମାଗାର ନାହିଁ। ବର୍ଷାଦିନେ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଉଠାଦୋକାନୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ହାଟପାଳି ବ୍ୟତୀତ ଏବେ ଦୈନିକ ଦୋକାନ ବଜାର ଖୋଲା ରହୁଛି। ହାଟପାଳିରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହେଉଥିବାବେଳେ ଆର୍‌ଏମ୍‌ସି ମାସକୁ ମାସ ଅର୍ଥ ଆଦାୟ କରି ହାଟର ବିକାଶ କରୁ ନ ଥିବାରୁ ବଜାର ନିୟନ୍ତ୍ରିତ କମିଟିର ସଭାପତି ଶକ୍ତିପଦ ଦାସ ମହାପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି। କେତେକ ନୂତନ ଗୃହକୁ ଆର୍‌ଏମ୍‌ସି ବଣ୍ଟନ କରିବା ନେଇ ବିବଦମାନ ସ୍ଥିତି ଉପୁଜିଛି। ତେବେ ହାଟରେ କୌଣସି ସମସ୍ୟା ଦେଖାଦେଲେ ବଜାର କମିଟି ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ଏହାର ସମାଧାନ କରିଥାଏ ବୋଲି ସମ୍ପାଦକ ରାଧାଶ୍ୟାମ ଜେନା କହିଛନ୍ତି। ଉକ୍ତ ହାଟ ଅନେକଙ୍କୁ ରୋଜଗାର ଯୋଗାଇ ସ୍ୱାବଲମ୍ବୀ କରିପାରିଛି ବୋଲି ଜଣାଶୁଣା ବ୍ୟବସାୟୀ ଜଗେଶ୍ୱର ପାତ୍ର କହିଛନ୍ତି।

**OFFICE OF THE DISTRICT PROJECT COORDINATOR**
**RTE-SS, SUBARNAPUR**
E-mail : dpcsonepurssa.opepa@nic.in, Ph.- 06654-220551, 06654-220514 (Fax)
ଶିକ୍ଷା ଅଧିକାର
No.537 Date: 12.03.2020

**"TENDER CALL NOTICE FOR PRINTING OF TEACHER'S IDENTITY CARD FOR ALL GOVT. ELEMENTARY TEACHERS OF SUBARNAPUR DISTRICT"**

Sealed tenders are invited in prescribed format from the registered firms having GST and IT clearance certificate for printing and supply of approximately 2827 numbers of teachers identity card for Subarnapur District. Interested printers/traders will be submitted their paper by Registered Post or Speed Post only to District Project Coordinator, RTE-SS, Subarnapur on or before 30.03.2020 by 5.00 P.M. Details terms and conditions can be downloaded from the official website www.subarnapur.nic.in and www.opepa.nic.in

By Order of Collector and Chairman, RTE-SS, Subarnapur
Sd./- District Project Coordinator, RTE-SS, Subarnapur

ନଂ.: ଆଇଟିବିପି/୩୩ତମ ବିଏନ୍/ଇଏସ୍‌ଟିଟି-୨/ସିଟି(ଜିଡି) ବାଲ ଗୋପାଳ ଶବର/୧୯-
**କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ**
**୩୩ତମ ବାଟାଲିୟନ୍, ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ**
**ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)**
ବ୍ଲକ୍-ଏ/୧୪, ୬ଷ୍ଠ ମହଲା, ଗେମ୍ ଭିଲେଜ୍ ଗୁଆହାଟୀ (ଆସାମ)
ଇମେଲ୍-itcell33rdbnitbp.gov.in, ଫାକ୍ସ ନଂ.: ୦୩୬୧୨୩୧୧୩୨୨

**"ନୋଟିସ"**

ଯେହେତୁ, ଆପଣ, ୩୩ତମ ବାଟାଲିୟନ୍ ଆଇଟିବି ପୋଲିସର ନଂ.୧୩୦୫୦୨୦୨୨ ସିଟି(ଜିଡି) ବାଲ ଗୋପାଲ ଶବର, ପିତା ଶ୍ରୀ ସାକିନ ଶବର, ଗ୍ରାମ/ପୋଷ୍ଟ- ସିଲଭା, ତହସିଲ- କୋମନା, ଜିଲ୍ଲା- ନୂଆପଡ଼ା, ରାଜ୍ୟ- ଓଡ଼ିଶା, ପିନ୍-୭୬୬୧୦୫ଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଆପଣ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ବିନା ତା୨୭।୦୯।୧୯ରିଖ (ଅପରାହ୍ନ)ଠାରୁ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଛନ୍ତି । ତାଙ୍କୁ ତା୨୮।୦୯।୧୯ରିଖଠାରୁ ବଳରୁ "ପଳାତକ" ଭାବେ ଘୋଷଣା କରାଯାଇଛି। ତାଙ୍କ ଅଣ ଅଧିକୃତ ଅନୁପସ୍ଥିତି ତାରିଖ ହେଉଛି ତା୨୭।୦୯।୧୯ରିଖ (ଅପରାହ୍ନ)। ଏହି କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୮୨୩ ତାରିଖ ୨୮।୦୨।୨୦୨୦ ଜରିଆରେ ଏବେ ତାଙ୍କୁ ସେବାରୁ ବହିଷ୍କାର କରାଯିବାର ପ୍ରସ୍ତାବ ରହିଛି ।

୨. ତେଣୁ, ନଂ. ୧୩୦୫୦୨୦୨୨ ସିଟି(ଜିଡି) ବାଲ ଗୋପାଲ ଶବର, ପିତା ଶ୍ରୀ ସାକିନ ଶବରଙ୍କୁ ଏହି ନୋଟିସ ମାଧ୍ୟମରେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ବ୍ୟକ୍ତିଗତ ଭାବେ କମାଣ୍ଡାଣ୍ଟ, ୩୩ତମ ବାଟାଲିୟନ୍, ଆଇଟିବି ପୋଲିସଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି ଅନ୍ୟଥା ଏହା ବିବେଚନା କରାଯିବ ଯେ ସେ ଆଇଟିବି ପୋଲିସ ବଳରେ ସେବା କରିବା ଲାଗି ଇଚ୍ଛୁକ ନୁହନ୍ତି ଏବଂ ସେହି ଅନୁଯାୟୀ ଏହି ୟୁନିଟ୍ ଦ୍ୱାରା ତାଙ୍କୁ ସେବାରୁ "ବହିଷ୍କାର" କରାଯିବା ପାଇଁ ଆଦେଶ ଜାରି କରାଯିବ।

davp 19112/11/0472/1920 ସ୍ୱା./- କମାଣ୍ଡାଣ୍ଟ, ୩୩ତମ ବିଏନ୍, ଆଇଟିବି ପୋଲିସ



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ...

### ମୁଣ୍ଡିପଦର ସରପଞ୍ଚ ନିଲମ୍ବିତ

ବୌଦ୍ଧ,୧୩।୩(ସ୍ୱ.ପ୍ର)
ବୌଦ୍ଧ ବ୍ଲକ ମୁଣ୍ଡିପଦର ସରପଞ୍ଚ ଅନ୍ତର୍ଯାମୀ ସାହୁଙ୍କୁ ରାଜ୍ୟ ସରକାର ଶୁକ୍ରବାର ନିଲମ୍ବିତ କରିଛନ୍ତି । ସରପଞ୍ଚ ସାହୁ ଏକ ଫୌଜଦାରୀ ମାମଲାରେ ଭୁବନେଶ୍ୱର ପୋଲିସ ଦ୍ୱାରା ଗିରଫ ହୋଇ ଗତ ତା୩୦।୧୨।୨୦୧୯ରିଖରୁ ଝାରପଡା ଜେଲରେ ଅଛନ୍ତି । ଏ ନେଇ ବୌଦ୍ଧ ଜିଲାପାଳ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ଜଳଯୋଗାଣ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୬୪୨୬ ତା ୧୩।୩।୨୦୨୦ ଅନୁସାରେ ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ସରପଞ୍ଚଙ୍କୁ ତାଙ୍କ ପଦରୁ ନିଲମ୍ବିତ କରାଯାଇଛି ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଅତାବିରା, ୧୩।୩ (ଡି.ଏନ.ଏ)
ଅତାବିରା ବ୍ଲକ କାଦୋବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦ ତାରିଖରୁ ଚାଲିଥିବା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମାଷ୍ଟର ଟ୍ରେନର ସୁଜାତା ଭୁଏ, ରିଙ୍କି ବରିହା, ଅନିତା ଟପ୍ପୋ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଉଦଯାପନୀ ଦିବସରେ ଅଧକ୍ଷ ସୁରେନ୍ଦ୍ର କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧାପକ ଅରବିନ୍ଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଖ୍ୟବକ୍ତା ଦାଶ ଛାତ୍ରୀମାନଙ୍କ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ । ଅଧାପିକା ଦୀପ୍ତିମୟୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।

### କରୋନା ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, ୧୩।୩ (ଡି.ଏନ.ଏ)
ପଦ୍ମପୁର ଯୁକ୍ତ ୨ ରେସିଡେନ୍ସିଆଲ ମହାବିଦ୍ୟାଳୟ ପରିସରରେ କରୋନା ଭାଇରସ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷ ରଜନୀ କୁମାର ମହାନ୍ତି ପୌରହିତ୍ୟ କରି କରୋନା ଭୂତାଣୁ ଜନିତ ରୋଗର ଭୟାବହତା ଓ ଦ୍ରୁତ ସଂକ୍ରମଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ବିକାଶ ପ୍ରଧାନ, ଅଧାପକ କିଶୋର ରଣା, ଅଧାପକ ମନୋଜ ସାହୁ ପରିବେଶର ପରିଷ୍କାର, ପରିଚ୍ଛନ୍ନତା, ଜନଗହଳିଠାରୁ ଦୂରେଇ ସ୍ୱାସ୍ଥ୍ୟପ୍ରଦ ଆହାର ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସୁଧାଂଶୁ ମହାପାତ୍ର, ରମେଶ ମେହେର ଓ ଶ୍ରୀକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପକ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଚିକିତ୍ସାରେ ଅର୍ଥ ବାଧକ

## ୫ବର୍ଷର ଶିଶୁକୁ ରକ୍ତକର୍କଟ

**ବରଗଡ଼ ଅଫିସ୍‌,୧୩।୩**

ନାଁ ତାଙ୍କର ରୋହିତ ଦୀପ । ବୟସ ମାତ୍ର ସାଢ଼େ ୫ ବର୍ଷ । ଗତ ପ୍ରାୟ ବର୍ଷେ ତଳେ ସେ ସ୍କୁଲରେ ପାଦ ଥାପିଛନ୍ତି । ମାତ୍ର ସେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ତାଙ୍କ ପାଠପଢ଼ା ତ ଦୂରର କଥା, ରୋହିତଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୬ ଅଧୀନ ଡ୍ୟାମ କଲୋନୀ (ଗାନ୍ଧୀନଗର) ନିବାସୀ ଅଜୟ ଦୀପ ଓ ପୂଜା ଦୀପଙ୍କ ଏକମାତ୍ର ପୁଅ ରୋହିତ। ପୁଅଟିଏ ପାଇ ପରିବାର ଲୋକେ ବହୁତ ଖୁସି



ରକ୍ତକର୍କଟ ରୋଗରେ ଆକ୍ରାନ୍ତ ଶିଶୁ ।

ଥିଲେ। ମାତ୍ର ସେ ରକ୍ତ କର୍କଟ ରୋଗରେ ପୀଡିତ ହେବା ଜାଣିବା ପରେ ପରିବାର ଉପରେ ଚଡ଼କ ପଡ଼ିଛି। ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ରୋହିତଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ଇତିମଧ୍ୟରେ ସ୍ଥାନୀୟ ଡାକ୍ତରଖାନାରୁ ଆରମ୍ଭ କରି ରାୟପୁରରେ ତାଙ୍କର ଚିକିତ୍ସା କରାଯାଇଥିଲା। ଏବେ ଗତ କିଛିଦିନ ହେଲା ରୋହିତଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଅଜୟଙ୍କ କିଛି ରୋଜଗାର ନ ଥିବାବେଳେ ପୂଜା ଏକ ବିଉଟି ପାର୍ଲରରେ କାମ କରନ୍ତି । ସେଥିରୁ ଯେଉଁ ଦି ପଇସା ମିଳୁଥିଲା, ସେଥିରେ ପରିବାର ଗୁଜୁରାଣ ମେଣ୍ଟୁଥିଲା। ଏବେ ସେମାନଙ୍କୁ ରୋହିତଙ୍କ ଚିକିତ୍ସା ଚିନ୍ତା ଘାରିଛି । ହାତରେ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ନାହିଁ। ଫଳରେ କୁଆଡୁ ଅର୍ଥ ଯୋଗାଡ଼ କରି ପୁଅର ସମ୍ପୂର୍ଣ୍ଣ ଚିକିତ୍ସା କରି ପାରିବେ, ସେ ନେଇ ପରିବାର ଲୋକେ ଚିନ୍ତିତ ଅଛନ୍ତି। ଚିକିତ୍ସା ପାଇଁ ସରକାରୀ ସହାୟତା କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ରୋହିତ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବେ ବୋଲି ପରିବାର ଲୋକେ ଆଶା ରଖିଛନ୍ତି ।

# ଏସ୍‌ପିଙ୍କୁ ଫେରାଦ

## ଘର ଭଙ୍ଗାରୁଜା ଘଟଣା

**ବରଗଡ଼ ଅଫିସ୍‌,୧୩।୩**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେମଣ୍ଡା ନାଗପଡ଼ା ଗ୍ରାମର ୩ଜଣଙ୍କ ୪ ବଖରା ଘରକୁ ଭଙ୍ଗାରୁଜା ସହ ଲୁଟ୍ ଅଭିଯୋଗ ଘଟଣାକୁ ଏକ ସପ୍ତାହ ବିତିଯାଇଛି। ମାତ୍ର ପୋଲିସ ଏହି ଘଟଣା ଉପରେ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଘର ଭଙ୍ଗାରୁଜା, ଲୁଟ୍‌ପାଟ୍‌ର ଶୀକାର ହୋଇଥିବା ପରିବାର ଲୋକେ ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ସେମାନେ ଏସ୍‌ପି ପଦ୍ମିନୀ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ଗତ ୫ ତାରିଖ ସକାଳ ପ୍ରାୟ ୯ଟାରେ ମହୁଲପାଲି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ନାଗପଡ଼ାର ଯଦୁମଣି ଥପା, ଭଗବାନ ଥପା, ଧ୍ରୁବରାଜ ଥପାଙ୍କ ଘରକୁ ଆସି ସେମାନଙ୍କ ୪ ବଖରା ଘର, ଗୋଟିଏ ଧାନପେଷା ମିଲ୍ ଘର ଭାଙ୍ଗିବା ସହିତ ହଳର, ଲୁହା ଏଙ୍ଗଲ ଆଦି ଆସବାବପତ୍ର ନେଇ ଯାଇଥିଲେ। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ସେତେବେଳେ ପୋଲିସ ମୁତୟନ କରାଯାଇଥିଲା। ତେବେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଉକ୍ତ ପରିବାର ଲୋକେ ନିଜ ପିଲାଛୁଆ ଧରି ଏସ୍‌ପି ଅଫିସକୁ ଅଭିଯୋଗ କରିବା ପାଇଁ ଆସିଥିଲେ। ଭେଡେନ ଥାନାଧିକାରୀ ହେମନ୍ତ ରାଓଙ୍କୁ ପଚାରିବାରୁ ଘଟଣାକୁ ନେଇ ୩ଟି ମାମଲା ନଂ.୪୨/୨୦, ୪୩/୨୦ ଓ ୪୪/୨୦) ରୁଜୁ ହୋଇଛି ଏବଂ ଏହାର ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ।





ଏସ୍‌ପିଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ ।

# ଅଜଣା ରୋଗ୍‌ରେ ଦିବ୍ୟାଙ୍ଗ ପାଲଟିଛନ୍ ଭାଇବହେନ୍

- ସାହାଯ୍ ଲାଗି ବାପ୍ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍
- ଦିବ୍ୟାଙ୍ଗ ଝିଁପୁଓର ଚିକିଛା ଲାଗି ଲକ୍ଷାଧିକ ଟଁକା ଦରକାର ପଡୁଛେ
- ଭତାକେ ଛାଡ଼ି ବାକି ସବୁ ସରକାରୀ ସୁବିଧାରୁ ବଁଚିତ୍ ଭାଇବହେନ୍

**କୋମନା, ୧୩।୩ (ଡି.ଏନ୍.ଏ.)**

ରାଏଜ୍ ସରକାର ଅସାହା, ଗରିବ ଦୁଖି, ଭିନ୍ନକ୍ଷମମାନକୁ ଭିନେ ଭିନେ ଯୋଜନାରେ ସୁବିଧା ସୁଯୋଗ ଯୁଗେଇ ଦେଉଛନ୍। ହେଲେ ସରକାରୀ ଅଧିକାରୀ, କରମ୍‌ଚାରୀକଁର ଖାମ୍‌ଖିଆଲି ମନଭାବ ଲାଗି ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ସରକାରକଁର ଇ ମହତ୍ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଁଚେତ୍ କାଲିମାଟି ଗାଁରେ।

ସୂଚନା ଅନ୍‌ସାରେ କାଲିମାଟି ଗାଁର ରଘୁନାଥ ହାତୀ (୬୦)। ପରିବାର କହେଲେ ମାଏକିନା ଲାଲଦେଈ(୫୫), ତିନ୍ ପୁଓ ପୀତାମ୍ବର, କ୍ଷୀରସିନ୍ଧୁ, ଚିତ୍ତରଞ୍ଜନ ଆର ଦୁଇ ଝିଁ ଗୋଲାପୀ(୩୨), ଭାଗ୍ୟବତୀ(୧୫)କୁଁ ନେଇ ସଁସାର। ରଘୁନାଥ ଦୁଖ୍‌ସୁଖ କରି ସବୁ ଝିଁପୁଓକୁଁ ଥାନୀଅ ସ୍କୁଲରେ ପାଠ୍ ପଢ଼ଉଥିଲେ। ହେଲେ ୨୦୦୫-୦୬ ସାଲେ ହଠାତ୍ ବଡ଼ପୁଓ ପୀତାମ୍ବର ଆର ବଡ଼ ଝିଁ ଗୋଲାପୀକଁର ଦିହିପା ଖରାପ ହେଲା। ଦୁଇ ଝିଁପୁଓକେ ରଘୁନାଥ ନୂଆପଡ଼ା ଜିଲା ମୁଖିଆ ଡାକ୍‌ତରଖାନାରେ ଭରତି କରିଥିଲେ। ସେଠାନେ ଡାକ୍‌ତର ଦିନାକେତେ ଚିକିଛା କଲା ଉତାରୁ କଟକ ବଡ଼ ଡାକ୍‌ତରଖାନା ନେବାକେ ପରାମଶ ଦେଇଥିଲେ। କଟକ ବଡ଼ ଡାକ୍‌ତରଖାନାରେ ରଘୁନାଥ ଝିଁପୁଓକେ ରଖି ୨୩ ଦିନ ଧରି ଚିକିଛା କରେଇଥିଲେ। ହେଲେ ତାକର ଦିହିପାରେ କିଛି ଫରକ୍ ନାଇଁ ପଡ଼ଲା। ଇଆଡ଼େ ଟଁକା ପଏସା ଅଭାବୁ ରଘୁନାଥ ଝିଁପୁଓକେ ଧରି ଘରକେ ଫିରି ଆଏଲେ। ସେଦିନ୍‌ଠାନୁ ଦୁଇ ଝିଁପୁଓ ଚିକିଛା ଅଭାବୁ ଘରେ ଭିନ୍ନକ୍ଷମ ଜୀବନ୍ ବିତଉଛନ୍। ଇଆଡ଼େ ଉନିଆଁ ଦୁଇ ପୁଓକଁରନେ ବି ଏନ୍‌ତା ସବୁ ଲକ୍ଷନ ଦେଖା ଦେଉଥିବାରକେ ନେଇ ରଘୁନାଥ ଭାଂଗି ପଡ଼ିଛନ୍। ପୀତାମ୍ବର ଆର ଗୋଲାପୀକଁର ଚିକିଛା ଲାଗି ଲକ୍ଷାଧିକ୍ ଟଁକା ଦରକାର ପଡୁଥିଲାବେଲେ ରଘୁନାଥ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁଁ ଚିଠି ଲେଖି ସାହାଯ୍ ଆଶ୍‌ରେ ରହିଛନ୍। ଇଆଡ଼େ ମା'ବାପ୍ ଦୁଇ ଭିନ୍ନକ୍ଷମ ଝିଁପୁଓର ସେବାଯତନ ଲାଗି କାହିଁ ଯାଇଆସି ନାଇଁପାରବାର। ଏନ୍‌ତା କି ରଘୁନାଥ ନିଜର ୩ ଏକର ଜମିକେ ଚାଷ କରି ନାଇଁପାରବାର। ଦୁଇ ଦିବ୍ୟାଙ୍ଗ ଭାଇବହେନ୍ ମାସିକ ୫ଶହ ଟଁକା ଲେଖେଁ ଭତା ପାଉଥିଲାବେଲେ ବାକି ସବୁ ପରକାର ସରକାରୀ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ୨୦୧୪ ସାଲେ ରଘୁନାଥ ୭୫ ହଜାର ଟଁକାର ଗୁଟେ ଇନ୍ଦିରା ଆବାସ ଘର ପାଇଥିଲେ। ହେଲେ ଟଁକା ପଏସା ଅଭାବୁ ଏହେଦେ ବି ଘରଟା ଦରଖଁଡ଼ିଆ ହେଇ ପଡ଼ିଛେ। ଏନ୍‌ତାଥି ଉପେ ଶୃଇନ୍ ମା'ବାପ୍ ଗଣମାଧମ ଜରିଆରେ ଝିଁପୁଓକେ ଚିକିଛା ସାହାଯ୍ ସଂଗେ ସବୁ ପରକାର ସରକାରୀ ସୁବିଧା ଯୁଗେଇ ଦେବାକେ ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ କୋମନା ବିଡିଓ ଶ୍ୟାମଳ କୁମାର ରୟଙ୍କୁଁ ପଚ୍‌ରାଲାରୁ ମୁଇଁ ୬ ମାସ ଭିତରେ ଦୁଇ ଥର କାଲିମାଟି ଗାଁକେ ଯାଇଛେଁ। ଇ ଭାଇବହେନ୍‌ର ସମସିଆ ପଚାରି ବୁଝିଛେଁ। ସେମାନକୁ ସରକାରୀ ସୁବିଧା ସୁଯୋଗ ଦେବାର ଦିଗେ ପଦକ୍ଷେପ ନିଆଯାଉଛେ ବଲି ସେ କହିଥିଲେ।

# ୩୧ ଯାଏ ଜନ ଅଭିଯୋଗ ଶୁଣାଣି ବାତିଲ

**ବରଗଡ଼ ଅଫିସ୍‌,୧୩।୩**

କରୋନା ଭାଇରସକୁ ପ୍ରତିହତ କରିବା ପାଇଁ ପ୍ରତିଷେଧାତ୍ମକ ବ୍ୟବସ୍ଥା ସ୍ୱରୂପ ଆସନ୍ତା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବରଗଡ଼ ଜିଲା ସଦର ମହକୁମା, ବ୍ଲକ ତଥା ପଞ୍ଚାୟତସ୍ତରରେ ହେବାକୁ ଥିବା ସମସ୍ତ ମିଳିତ ଜନ ଅଭିଯୋଗ ଶୁଣାଣିକୁ ବାତିଲ କରାଯାଇଛି । ଜନସାଧାରଣ ସେମାନଙ୍କ ଅଭିଯୋଗ ଡାକ କିମ୍ବା ଅନଲାଇନରେ ପଠାଇ ପାରିବେ ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଜିଲାରେ ହେବାକୁ ଥିବା ସାଂସ୍କୃତିକ, ଧାର୍ମିକ ଅନୁଷ୍ଠାନର ମହୋତ୍ସବ, ସମାବେଶ ଆଦିକୁ ବନ୍ଦ ରଖିବା ପାଇଁ ଅନୁରୋଧ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

# ମୁଗ, ଚିନାବାଦାମ କ୍ଷେତ୍ର ପରିଦର୍ଶନ କଲେ ଉପ ସଚିବ

**ବରଗଡ଼ ଅଫିସ୍‌,୧୩।୩**

କୃଷି ବିଭାଗର ଡେପୁଟି ସେକ୍ରେଟେରୀ ଗୋବର୍ଦ୍ଧନ ଦେବତା ଗୁରୁବାର ବରଗଡ଼ ଜିଲା ପରିଦର୍ଶନରେ ଆସିଥିଲେ। ସେ ଜିଲାର ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଅଞ୍ଚଳରେ ଥିବା ଡୁମ୍ବେରବାହାଲ ମଧ୍ୟମ ଜଳସେଚନ ପ୍ରକଳ୍ପ ଅଧୀନ ଡୁମ୍ବେରବାହାଲ, କାଂସଡ଼ା ଆଦି ଗ୍ରାମରେ ପ୍ରାୟ ୨୫୦ହେକ୍ଟର ଜମିରେ ବିଶ୍ୱବ୍ୟାଙ୍କ ସହାୟତାରେ ହୋଇଥିବା ଚିନାବାଦାମ ପ୍ରଦର୍ଶନ କ୍ଷେତ୍ର ବୁଲି ଦେଖିଥିଲେ। ଚାଷୀମାନଙ୍କୁ ରିହାତି ମୂଲ୍ୟରେ ଚିନାବାଦାମ ବିହନ, ଅଣୁସାର, ଘାସମରା ଓ ପୋକମରା ଔଷଧ ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ପ୍ରକାଶ କରିଥିଲେ । ଚିନାବାଦାମ ଉତ୍ପାଦନ ପରେ ମାର୍କଫେଡ୍ ଦ୍ୱାରା ସେବା ସମବାୟ ସମିତି ମାଧ୍ୟମରେ



ବୁଡ଼ାପାଲି ଅଞ୍ଚଳରେ କୃଷି ବିଭାଗର ଉପ ସଚିବ କ୍ଷେତ୍ର ପରିଦର୍ଶନ ସହିତ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

ସରକାରୀ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୫୦୯୦ ଟଙ୍କାରେ ତାହା କ୍ରୟ କରାଯିବ ଏବଂ ଏଥିପାଇଁ ଆସନ୍ତା ୩୦ତାରିଖ ସୁଦ୍ଧା ଚାଷୀମାନେ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ପରେ ଡେପୁଟି ସେକ୍ରେଟେରୀ ଦେବତା ବୁଡ଼ାପାଲି ଯାଇ ସେଠାରେ ଆଇପିଏମ-୨-୧୪ କିସମର ମୁଗଚାଷ ବୁଲି ଦେଖିଥିଲେ। ସେହିପରି ଗାଇସିଲେଟ ବ୍ଲକ ଅନ୍ତର୍ଗତ ଚଙ୍ଗରିଆ ଗ୍ରାମରେ ହୋଇଥିବା ଶହେ ହେକ୍ଟର ମୁଗଚାଷ ମଧ୍ୟ ବୁଲି ଦେଖିଥିଲେ । ଏହି ପରିଦର୍ଶନ କାଳରେ ଉପ ସଚିବ ଦେବତା ଚାଷୀଙ୍କ ସହିତ ଆଲୋଚନା କରିଥିଲେ ।

# ୩୧ରୁ ୪ର୍ଥ ବଉଳ ମହୋତ୍ସବ

- ଜଳନ୍ଧର ଦରବାର ଚାଲିବ
- ଏପ୍ରିଲ ୨ ଯାଏ କାର୍ଯ୍ୟକ୍ରମ

**ମନମୁଣ୍ଡା, ୧୩।୩ (ଡି.ଏନ.ଏ)**

ରାଜ୍ୟସ୍ତରୀୟ ବଉଳ ନାଟକ ଓ ଲୋକ ମହୋତ୍ସବ ଆସନ୍ତା ମାର୍ଚ୍ଚ ୩୧ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ବୌଦ୍ଧ ଜିଲା ଖଟଖଟିଆ ଗ୍ରାମପଞ୍ଚାୟତର ବ୍ରାହ୍ମଣୀ ଚାରିଛକରେ ଅନୁଷ୍ଠିତ ହେବ । ଚଳିତ ଥର ଗୋଟିଏ ଦିନ ନାଟକ ସହିତ ଲୋକନୃତ୍ୟ ଅନୁଷ୍ଠିତ ହେବା ସହ ୩ ଦିନ ଜଳନ୍ଧର ଦରବାର କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ସୁକାନ୍ତ ପ୍ରଧାନ ଓ ସମ୍ପାଦକ ନେପାଳ ପଲିଆ ଜଣାଇଛନ୍ତି। ଗୁରୁବାର ଜଳନ୍ଧର ବରଣ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି। ନାଟ୍ୟକାର ହରିହର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାଟ୍ୟକାର ଲକ୍ଷ୍ମଣ ମହାପାତ୍ର, ଭାର୍ଜନ କୁମାର ପ୍ରଧାନ, ଯୁବକବି ରଞ୍ଜୁ ଅମାତ, ନାଏବ ସରପଞ୍ଚ ରାଜକୁମାର ତ୍ରିପାଠୀ, ଗଣେଶ୍ୱର ବସ୍ତିଆ ପ୍ରମୁଖ ଯୋଗଦେଇ ଚଳିତ ଥର ପ୍ରଥମ କରି ଜଳନ୍ଧର ଭାବେ ବରଗଡ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ହୃଷିକେଶ ଭୋଇଙ୍କୁ ବରଣ କରିଥିଲେ। ତାଙ୍କ ସହିତ ମହାମନ୍ତ୍ରୀ ନନ୍ଦିଘୋଷ ମହାପାତ୍ରଙ୍କୁ ମଧ ବରଣ କରାଯାଇଥିଲା। ଜଳନ୍ଧର ଏକ ପୌରାଣିକ ବିଷୟବସ୍ତୁ ଆଧାରିତ ନାଟକ। ଏହା ଜନମାନସରେ ଖୁବ ଆଦୃତ ହେବ ବୋଲି ଜଳନ୍ଧର ଭୂମିକାରେ ଅଂଶଗ୍ରହଣ କରିବାକୁ ଥିବା ହୃଷିକେଶ ଭୋଇ କହିଥିଲେ। ଜଳନ୍ଧର ବରଣ କାର୍ଯ୍ୟକ୍ରମରେ କୁଶ ପ୍ରଧାନ, ଶରତ ପାତ୍ର, ବୃନ୍ଦାବନ ଝାଙ୍କର, ମିଲୁ ପଲିଆ, ରାଧେଶ୍ୟାମ ପଲିଆ, ପ୍ରହଲ୍ଲାଦ ଅମାତ, ସାମନ୍ତ ପ୍ରଧାନ, ମିସର ସିଂ, ବାବୁଲାଲ ପ୍ରଧାନ, ମଧୁ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ମୋବାଇଲ ବଦଳରେ ଆସିଲା ଲକେଟ

## ଅନଲାଇନ ପାର୍ସଲରେ ଠକେଇ

**ମନମୁଣ୍ଡା, ୧୩।୩ (ଡି.ଏନ.ଏ)**

ଅନ୍‌ଲାଇନରେ ମୋବାଇଲ ମଗାଇ ବୌଦ୍ଧ ଜିଲା ମନମୁଣ୍ଡାର ଜଣେ ଗ୍ରାହକ ରଘୁନାଥ ମହାପାତ୍ର ଠକେଇର ଶିକାର ହୋଇଛନ୍ତି। ତାଙ୍କ ପାଖକୁ ମୋବାଇଲ ସେଟ ବଦଳରେ ପାର୍ସଲରେ ଆସିଛି ମହାଲକ୍ଷ୍ମୀ ଫଟୋ, ପାଦଚିହ୍ନ ।

କିଛିଦିନ ତଳେ ରଘୁନାଥଙ୍କ ନାମରେ ଏକ ଉପହାର ଉଠିଛି ବୋଲି ତାଙ୍କ ପାଖକୁ ଦିଲ୍ଲୀ ସ୍ଥିତ ଏକ ସପିଙ୍ଗ କମ୍ପାନୀରୁ ଫୋନ ଆସିଥିଲା । ୧୭ ହଜାର ୫୦୦ ଟଙ୍କାର ମୋବାଇଲ ସେଟକୁ ମାତ୍ର ୪୯୯୯ରେ ତାଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଫଳରେ ରଘୁନାଥ ଅର୍ଡର ଦେଇଥିଲେ । ତଦନୁଯାୟୀ ଶୁକ୍ରବାର ଉକ୍ତ



ରଘୁନାଥ ପାର୍ସଲ୍ ଖୋଲି ଦେଖାଉଛନ୍ତି।

ପାର୍ସଲ ଡାକଘର ଜରିଆରେ ତାଙ୍କ ପାଖକୁ ଆସିଥିଲା। ସେ ଉକ୍ତ ପାର୍ସଲ ମନମୁଣ୍ଡା ଡାକଘରୁ ଗ୍ରହଣ କଲାବେଳେ ଭିଡିଓ ସୁଟିଂ ସହ ଡାକ କର୍ମଚାରୀଙ୍କୁ ପାର୍ସଲ ବାବଦ ଟଙ୍କା ଦେଇ ତାଙ୍କ ଉପସ୍ଥିତିରେ ପାର୍ସଲ ଖୋଲିଥିଲେ। କିନ୍ତୁ ସେଥିରେ ମୋବାଇଲ ସେଟ ବଦଳରେ ୫ଟି ଲକ୍ଷ୍ମୀ ଲକେଟ ଓ ୫ଟି ଲକ୍ଷ୍ମୀ ପାଦ ଲକେଟ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ରଘୁନାଥ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି ।

# ନାଟ୍ୟକାରଙ୍କ ସ୍ମୃତିରେ ସମର୍ପିତ

## ଭେଡ଼େନ ପୁସ୍ତକମେଳା ତୃତୀୟ ସନ୍ଧ୍ୟା

**ଭେଡ଼େନ,୧୩।୩ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବସଷ୍ଟାଣ୍ଡ ପରିସରରେ ଚାଲିଥିବା ପ୍ରଥମ ଭେଡ଼େନ ପୁସ୍ତକମେଳାର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଜାଣ୍ଡୋଲ ଗ୍ରାମର ନାଟ୍ୟକାର, ଚିତ୍ର ଶିଳ୍ପୀ, ଅଭିନେତା ତଥା ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାତ୍ରଙ୍କ ପରଲୋକ ହୋଇଥିବାରୁ ଏହି ସନ୍ଧ୍ୟା ତାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥିଲା। ପୁସ୍ତକମେଳା କମିଟି ଆବାହକ ସାହିତ୍ୟିକ ଉତ୍ପନ୍ନ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଏହି ସ୍ମୃତି ସଭାକୁ ବର୍ଷିୟାନ କବି ଶିବାଙ୍କର ପୂଜାରୀ ଉଦଘାଟନ କରିଥିଲେ। ଅଧାପକ ଅରବିନ୍ଦ ଦାଶ, ସନ୍ତୋଷ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ଜନ୍ମେଜୟ ମିଶ୍ର, ଭେଡ଼େନ ନାଗରିକ କମିଟି ବରିଷ୍ଠ ନାଗରିକ ଦଶରଥ ମେହେର, ସଙ୍ଗଠକ





ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାର ଅତିଥିଗଣ ।

ବିନାୟକ ଦ୍ୱାରି, ସୁବୋଧ ଶତପଥି, ଶିକ୍ଷକ ଗୋପାଳ ଭୋଇ, କ୍ଷିତେଶ୍ୱର ବେହେରା, ଖବରଦାତା ନିର୍ମଳ ମେହେର ପ୍ରମୁଖ ସ୍ୱର୍ଗତ ନାଟ୍ୟକାର ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। କବିଗାୟକ ସୂର୍ଯ୍ୟ କୁମାର ଦେହେରୀ ସ୍ମୃତିସଙ୍ଗୀତ ଗାନ କରିଥିଲେ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି
ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

**ବଲାଙ୍ଗୀର ଅଫିସ, ୧୩।୩ :** ବଲାଙ୍ଗୀର ଜିଲା ସଇଁତଲା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ଅନ୍ତର୍ଗତ ଘଣ୍ଟମାଲ ଗ୍ରାମର ହୃଦା ଭୋଇ (୨୬)। ବାଇକ ନଂ.ଓଆର୧୭ସି୦୫୯୨ରେ ସେ ସଇଁତଲା ପଟୁ ବରଗାଁ ଯାଉଥିବାବେଳେ ଜାତୀୟ ରାଜପଥ ୨୬ର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ବାଇକ ସହ ଛିଟି ପଡିଥିଲେ । ଖବର ପାଇ ସଇଁତଲା ଅଗ୍ନିଶମ ବିଭାଗ କର୍ମଚାରୀ ହୃଦାଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଇଁତଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଏଏସଆଇ ମହେଶ୍ୱର ଦାସ ସୁନାନୀ କହିଛନ୍ତି।

### କୁଆପଥର ମାଡ଼ରେ ପରିବା ଚାଷନଷ୍ଟ, ସହାୟତା ଦାବିକଲେ ଚାଷୀ

**ଲୋଇସିଂହା, ୧୩।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ଗତ ୬ତାରିଖ କୁଆପଥର ଓ ଝଡବର୍ଷାରେ ପରିବା ଓ ଅନ୍ୟାନ୍ୟ ଚାଷ କ୍ଷତିଗ୍ରସ୍ତ ହୋଇଛି। ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ । କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତା ପାଇଁ ନିବେଦନ କରିଥିଲେ । ଜିଲା ପ୍ରଶାସନ ସହ ଆଲୋଚନା କରି ସରକାରୀ ବ୍ୟବସ୍ଥାରେ ସହାୟତା ଯୋଗାଇ ଦେବା ପାଇଁ ଉଦ୍ୟମ କରାଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆଗଲପୁର ବ୍ଲକ ବଡଟିକା, ବେନ୍ଦ୍ରା, ନଅଗାଁ(ଖ)ପଞ୍ଚାୟତ ଅଞ୍ଚଳରେ ବ୍ୟାପକ ମାତ୍ରାରେ ପରିବା ଓ ରବିଚାଷ ଝଡବର୍ଷା ଓ ବ୍ୟାପକ କୁଆପଥର ମାଡରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଇତିମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇ କ୍ଷୟକ୍ଷତି ଆକଳନ କରାଯାଇଛି ।

### ଗଛରେ ପିଟି ହୋଇ ବୋଲେରୋ ଚୂରମାର

**ଦେଓଗାଁ, ୧୩।୩(ଡି.ଏନ.ଏ):** ବରଗଡ-ବୋରିଗୁମ୍ମା ୨୬ନଂ ଜାତୀୟ ରାଜପଥର ବଲାଙ୍ଗୀର-ଦେଓଗାଁ ରାସ୍ତାର ରତନପୁର ନିକଟରେ ଜୁନାଗଡକୁ ଆସୁଥିବା ଏକ ବୋଲେରୋ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକ ନିମ୍ବଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଜୁନାଗଡରୁ ଏକ ପରିବାରର ୯ ସଦସ୍ୟ ବୋଲେରୋ ନଂ ଓଡି୩୦-୩୫୫୫ରେ ଅତାବିରାରେ ନବବିବାହିତାଙ୍କୁ ଛାଡି ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବସିଥିବା ୯ ଜଣଙ୍କ ମଧ୍ୟରୁ ୮ ଆହତ ହୋଇଛନ୍ତି। ଦେଓଗାଁ ଅଗ୍ନିଶମ ବାହିନୀ ଆହତଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇଥିଲେ । ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଜବତ କରିଛି।



### ଭତାରୁ ବଁଚିତ୍ ଫୁଲ

**ଲାଠୋର, ୧୩।୩ (ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ଅଧୀନ ସାନଗୁର୍ଜିଭଟାର ଫୁଲ ନାଗ(୫୬)। ଆପ୍‌ନେ ପୀତବାସ ନାଗ ଦୁଇ ବଛର ତଲେ ଆରପାରକେ ଚାଲିଯାଇଛନ୍। ହେଲେ ଫୁଲ ଆଏଜ୍‌ତକ ବିଧବା ଭତା ପାଏବାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍। ୨୦୧୭ରେ ଆପ୍‌ନେ ପୀତବାସ ନାଗ ପାଇଥିବାର ପ୍ରଧାନମନ୍ତ୍ରୀ ଆବାସରେ ଏହେଦେ ପୁଓବହର ଆଶ୍‌ରେରେ ଫୁଲ ରହିଛନ୍। ଇଆଡ଼େ ବୁରୁଧ୍ ବିଧବା ଫୁଲ ମଧୁମେହ ରୋଗ୍‌ରେ ପୀଡ଼ିତ ଅଛନ୍। ଯେନ୍‌ଥିରଲାଗି ସେ ଭିଡ଼ଭାଡ଼ କାମ୍‌ଧାମ କରି ନାଇଁ ପାରବାର। ସେନ୍‌ତା ପରିବାରଟା ନିହାତି ଗରିବ୍। ଅଭାବ ଅନାଟନ ଲାଗି ଫୁଲ ଅନେକ ସମିଆରେ ଉଷୋକଷା ଘିନି ନାଇଁପାରୁଥିବାର କହିଛନ୍। ସରକାରୀ ସୁବିଧା କହେଲେ ପଁଚେତ୍‌ରୁ ଫିମାସ ୫ କେ.ଜି. ଚାଉଲ ପାଉଛନ୍। ଭତା ପାଏବାର ଲାଗି ଫୁଲ ଅନେକ ଥର ଆବେଦନ କରି ନିରାଶ ହେଇଥିବାର କହିଛନ୍। ଇ ଦିଗେ ଥାନୀଅ ପରଶାସନ ଦୁରୁଷ୍‌ଟି ଦେଇ ବୁରୁଧ୍ ବିଧବା ଫୁଲଙ୍କୁଁ ଭତା ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

# ଆର୍‌ବିଏସ୍‌କେ ଦେଲା ନୂଆଁ ଜୀବନ୍

**ଲାଠୋର, ୧୩।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଁଚେତ୍ ସଦର ଗାଁର ଝନେ ଦିବ୍ୟାଙ୍ଗ ଛାତ୍ରୀ ସୁବିଧା ହଂସ(୧୨) ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାୟ୍‌କରମ(ଆର୍‌ବିଏସ୍‌କେ) ଜରିଆରେ ନୂତନ ଜୀବନ୍ ପାଇଥିବାର କହିଛନ୍।

ସୂଚନା ଅନ୍‌ସାରେ ଟଙ୍କପାଣି ଗାଁର ରାହାସ ହଂସ। ପରିବାର କହେଲେ ମାଏକିନା ଭାନୁମତୀ, ୨ ପୁଓ ବୈବସୁତ, ଲିଙ୍ଗରାଜ ଆର ୨ ଝିଁ ନୃପତୀ, ସୁବିଧାକୁଁ ନେଇ ସଁସାର। ସାନ୍ ଝିଁ ସୁବିଧା ଜନ୍‌ମୁ ଦୁରୁଷ୍‌ଟିହୀନ ଆଏ। ହେଲେ ତାକର ପାଠ୍‌ପଢ଼ାରେ ବହୁତ୍ ମନ୍। ସେଥିରଲାଗି ମା'ବାପ୍ ତାକର ନାଁ ଗାଁ ସ୍କୁଲରେ ଲେଖି ଦେଇଥିଲେ। ଏହେଦେ ସୁବିଧା ଗାଁ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢ଼ୁଛନ୍। ଝିଁର ଆଏଁଖି ନାଇଁ ଦିଶବାର ଲାଗି ମା'ବାପ୍ ତାକର ଭବିଷତ୍ ଚିନ୍‌ତାରେ ହରମେଶା ଘାରି ହେଉଥିଲେ। ଅଭାବ ଅନାଟନ ଲାଗି ତାକର ଉଚ ଚିକିଛା ବି କରେଇ ନାଇଁ ପାରୁଥାଇ। ଇ ସମିଆରେ ସ୍କୁଲକେ ଖପ୍ରାଖୋଲ ମୋବାଇଲ ଡାକ୍‌ତରୀଦଲ ବାଲ୍ ସୁଆସ୍‌ତିଅ କାୟ୍‌କରମରେ ଯାଇଥିଲାବେଳେ ସୁବିଧାକୁଁ ଚିନ୍‌ହଁଟ କରିଥିଲେ। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ତାକର ଆଁଖି ପରୀକ୍ଷା କରାଯାଇଥିଲା। ପଛେ ତାହାକୁ ପରୀକ୍ଷା ଆର ଚିକିଛା ଲାଗି ଭୁବନେଶ୍ୱରର ଏଲ୍‌ଭି ପ୍ରସାଦ ଆଏଁଖି ଡାକ୍‌ତରଖାନାକେ ନିଆଯାଇଥିଲା। ସେଠାନେ ଦୁଇ ଖେପ୍ କରି ତାକର ଆଏଁଖି ଅପରେଶନ କରାଯାଇଥିଲା। ଏହେଦେ ସୁବିଧା ସବୁ ଫଟିକ ଦେଖି ପାରୁଥିଲାବେଳେ ସେ ଗୁଟେ ନୂଆଁ ଜୀବନ୍ ପାଇଥିବାର କହିଛନ୍। ଫିଦିନ ନିଜର ସାଂଗସାଥି ସଂଗେ ସ୍କୁଲ ଯାଉଛନ୍, ଖେଲ୍‌କୁଦ କରୁଛନ୍। ତାକର ଚିକିଛାର ସବୁ ଖରଚ୍ ରାଏଜ୍ ସରକାର ବହନ୍ କରିଛନ୍। ଇଥିରଲାଗି ସୁବିଧାକଁର ମା'ବାପ୍ ଡାକ୍‌ତରୀଦଲ ଆର ରାଏଜ୍ ସରକାରକୁଁ କୁରୁତ୍ କୁରୁତ୍ ହେଇ ଧଏନ୍‌ବାଦ ଦେଇଛନ୍।



ଉପ୍‌କାର ପାଇଥିବାର ଛାତ୍ରୀ ସୁବିଧା ହଂସ।



ମୁଖ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ମାନପତ୍ର ସହ ରିଆକ୍ଟ ପୁସ୍ତକ ପ୍ରଦାନ କରୁଛନ୍ତି।

## ୬୦ଛାତ୍ରୀ ନେଲେ ଆତ୍ମସୁରକ୍ଷା ତାଲିମ

**ଲାଠୋର, ୧୩।୩ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୧୨ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଘାସିରାମ ଅଗ୍ରୱାଲ ଯୋଗାଇ ଦେଇଥିଲେ। ସ୍ଥାନୀୟ ହରିଶଙ୍କର ରୋଡ ଷ୍ଟେଶନ ମାଷ୍ଟର ପଙ୍କଜ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁକ୍ତତିନିରେ ଅଧ୍ୟୟନ କରୁଥିବା ୬୦ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ତାଲିମ ପ୍ରଦାନ କରୁଥିଲେ ସୋନାଲି ସାହୁ ଏବଂ ମିରାବତୀ ମେହେର। ତାଲିମାର୍ଥୀଙ୍କୁ ଅତିଥିମାନେ ମାନପତ୍ର ସହ ରିଆକ୍ଟ ପୁସ୍ତକ ପ୍ରଦାନ କରିଥିଲେ। ଅଧ୍ୟାପକ ଭଗବାନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସୁଶୀଳ ମହାକୁର।

# ପ୍ରକଳ୍ପ ବୁଲି ଦେଖିଲେ ରାଜ୍ୟ ବିଶେଷଜ୍ଞ ଦଳ

## ଏମ୍‌ଜିଏନ୍‌ଆରଇଜିଏସ୍ ଟିମ୍‌ର ଖପ୍ରାଖୋଲ ବ୍ଲକ ଗସ୍ତ

**ଖପ୍ରାଖୋଲ, ୧୩।୩(ଡି.ଏନ.ଏ.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ର ରାଜ୍ୟ ବିଶେଷଜ୍ଞ ଦଳ ଶୁକ୍ରବାର ଖପ୍ରାଖୋଲ ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ ପରାମର୍ଶଦାତା ଜୀବିକା ପିଏମୟୁ ଡ.ସୌଜେନେନ୍ଦ୍ର ସ୍ୱାଇଁ, ପରାମର୍ଶଦାତା ପ୍ରାକୃତିକ ସମ୍ବଳ ପରିଚାଳନା ସରିନ ପଣ୍ଡା, ବଲାଙ୍ଗୀର ଡିଆରଡିଏ ଏମସି ଅଶୋକ କୁମାର ସାହୁ ନାନ୍ଦୁପଲା ପଞ୍ଚାୟତ ଅନ୍ତର୍ଗତ ଡୁଡୁମଦରହା ଗାଁରେ ପହଞ୍ଚି ଏମ୍‌ଜିଏନ୍‌ଆରଇଜିଏସରେ ଚାଲିଥିବା କାମ ବୁଲି ଦେଖିଥିଲେ। ଏଥିସହ ଦାଦନ ନିୟନ୍ତ୍ରଣ ପାଇଁ ୮ ଜଣ ହିତାଧିକାରୀଙ୍କୁ ଦିଆଯାଇଥିବା ଜମି ଉନ୍ନତି କାମ ବୁଲି ଦେଖିଥିଲେ। ଏହି ଅବସରରେ ଶ୍ରମିକଙ୍କ ସହିତ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ପରେ ବ୍ଲକ କାର୍ଯ୍ୟାଳୟ ସଭ ଗୃହଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଦାଦନ ନିୟନ୍ତ୍ରଣ ପାଇଁ ସରକାର ଦାଦନ ପ୍ରବଣ ବ୍ଲକମାନଙ୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛନ୍ତି। ମଜୁରୀ ବୃଦ୍ଧି ସହ ଶ୍ରମ ଦିବସ ୨ ଶହ ଦିନକୁ ବୃଦ୍ଧି କରାଯାଇଛି। ଏହି ପରିସ୍ଥିତିରେ ଶ୍ରମିକମାନେ କିଭଳି କାମ ପାଇ ପାରିବେ ସେ ନେଇ ଆଲୋଚନା ହୋଇଥିଲା । ସେହିପରି ଶ୍ରମିକମାନେ କାମ କରି ଏଫଟିଓ କଲା ପରେ ମଧ୍ୟ ମାସମାସ ଧରି ମଜୁରି ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଏହି ଅବସରରେ ଏପିଓ ସୁଧାଂଶୁ ମେହେର, କନିଷ୍ଠ ଯନ୍ତ୍ରୀ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ ।



ଡୁଡୁମଦରହା ଗାଁରେ ଏମ୍‌ଜିଏନ୍‌ଆରଇଜିଏସରେ ଚାଲିଥିବା କାମ ବୁଲି ଦେଖୁଛନ୍ତି ରାଜ୍ୟ ବିଶେଷଜ୍ଞ ଦଳର ସଦସ୍ୟମାନେ।

# ଭତାରୁ ବଁଚିତ୍ ପକ୍ଷାଘାତ ରୁଗୀ କୌଶଲ୍ୟା

**ଲୋଇସିଂହା, ୧୩।୩ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବାଦିବାହାଲ ଗାଁର କଳାକାର ନାଏକକଁର ମାଏକିନା କୌଶଲ୍ୟା ନାଏକ(୬୧)। ସେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ଚିକିଛାରେ ପାଖାପାଖି ଦେଢ଼ ଲାଖ୍ ଟଁକା ସାରି ସରବ୍‌ସୁଆଁତ ହେଇଛନ୍। ହେଲେ ରୋଗ୍ ଘୁଚ୍‌ବାର ନାଁ ନାଇଁ ଧରବାର। ଏହେଦେ ସେ ଟଁକା ପଏସା ଅଭାବୁ ଚିକିଛା କରେଇ ନାଇଁପାରି କରି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍।

ସୂଚନା ଅନ୍‌ସାରେ ବାଦିବାହାଲ ପଁଚେତ୍ ସଦର ଗାଁର କଳାକାର ନାଏକକଁର ମାଏକିନା କୌଶଲ୍ୟା। ଦୁଇ ଝିଁ ଆର ଗୁଟେବଲି ପୁଓକେ ନେଇ ତାକର ସଁସାର। ଜମିବାଡ଼ି ନାଇଁଥିବାର ଲାଗି ଦମ୍ପତି କୁଲିମଜୁରି କରି ନିଜର ପରିବାର ଚଲଉଥିଲେ। ହେଲେ ଆଏଜ୍‌କେ ୪ ବଛର ତଲେ ୨୦୧୬ ସାଲେ ଖେତ୍‌କେ ପଲ୍‌ହାରୁଇ ଯାଇଥିଲାବେଳେ କୌଶଲ୍ୟା ହିଟିପଡ଼ଲେ। ସେଦିନ୍‌ଠାନୁ ସେ ପକ୍ଷାଘାତ ରୋଗ୍‌ରେ ପଡ଼ିଛନ୍। ପରିବାର ଲୋକ୍ ତାହାକୁ ପଣ୍ଡରାଗୀ, ଡୁଙ୍ଗରିପାଲିକେ ନେଇ ଘରୋଇ ଚିକିଛାରେ ପାଖାପାଖି ଦେଢ଼ଲାଖ୍ ଟଁକା ଖରଚ୍ କରି ସରବ୍‌ସୁଆଁତ ହେଇଛନ୍। ଏତେ ଟଁକା ପଏସା ଖରଚ୍ କଲା ଉତାରୁ ବି ପଡ଼ି ଯାଇଥିବାର ଡେଡ୍‌ରି ଫାଲର ହାତ୍‌ଗୋଡ଼ କାମ୍ ନାଇଁ କରବାର। ଏହେଦେ କୌଶଲ୍ୟା ଅପାରୁ ହେଇ ପରିବାର ଉପରେ ଗୁଟେପରକାର ବୋଝ୍ ପାଲଟିଯାଇଛନ୍। ପରିବାର ଲୋକ୍ କୌଶଲ୍ୟାକଁର ଭତା ଲାଗି ଥାନୀଅ ପରଶାସନକେ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇଆଡ଼େ କୌଶଲ୍ୟା ନିରୁଜ ଥିଲାବେଳେ କେଁନ୍ଦୁପତର ତୁଲି ଫଡି ଘରକେ ଦେଉଥିଲେ। ସରକାରୀ ନିୟମ ହିସାବେ କେଁନ୍ଦୁପତର ରେଞ୍ଜ ତରଫୁ କାମ୍ କଲାବେଳେ ଅପାରୁ ହେଲେ ସରକାରୀ ସାହାଯ୍ ମିଲ୍‌ସି। ସେ ହିସାବେ ପରିବାର ଲୋକ ଫଡିଘର ଦାଇତିଅରେ ଥିବାର ଗାଁର ପ୍ରଫୁଲ୍ଲ ଧରୁଆକୁଁ ସାହାଯ୍ ଯୁଗେଇ ଦେବାକେ ଗୁହାରି କରିଥିଲେ। ହେଲେ କୌଶଲ୍ୟାକୁଁ ୬୦ ବଛର୍‌ରୁ ଅଧିକା ହେଲାନ, ସେଥିରଲାଗି ସରକାରୀ ସାହାଯ୍ ନାଇଁ ମିଲେ ବଲି ସେ ମନା କରିଥିବାର ପରିବାର ଲୋକ କହିଛନ୍। ସେନ୍‌ତା ଇ ବାବ୍‌ଦେ ସରପଁଚ୍ ଉର୍କୁଲୀ ଧରୁଆକୁଁ ପଚ୍‌ରାଲାରୁ ଦରକାରୀ କାଗଜପତର ଦେଲେ ଭତାର ବେବସ୍‌ତା କରାଯିବା ବଲି ସେ କହିଥିଲେ। ହେଲେ ବ୍ଲକ ପରଶାସନ ଆର ସୁଆସ୍‌ତିଅ ବିଭାଗ ଇ ଦିଗେ ଦୁରୁଷ୍‌ଟି ଦେଇ କୌଶଲ୍ୟାକୁଁ ଭତା ଆର ଚିକିଛା ସାହାଯ୍ ଯୁଗେଇ ଦେବାକେ ପରିବାର ଲୋକ ଦାବି କରିଛନ୍।



କୌଶଲ୍ୟା ନାଏକ।

### କୃଷି ଜୀବିକା ବିକାଶ କର୍ମଶାଳା

**ଟିଟିଲାଗଡ଼, ୧୩।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଦେଶିଲସ୍ଥିତ ଆଶା ଅନୁଷ୍ଠାନ ପକ୍ଷରୁ କୃଷି ଜୀବିକା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଞ୍ଜିବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ନାବାର୍ଡ ବଲାଙ୍ଗୀର ଡିଜିଏମ ଭି. ବାଲସୁବ୍ରମଣ୍ୟମ, ଡିଡିଏମ ଲକ୍ଷ୍ମଣ ସାଏ, ଟିଟିଲାଗଡ ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ପ୍ରାଣୀ ଚିକିତ୍ସକ ହରିଶ ମାଥୁର, ବ୍ଲକ ବିଏଓ ଡ. ଲାଲବିହାରି ମଲ୍ଲିକ ଉପସ୍ଥିତ ଥିଲେ। ଟିଟିଲାଗଡ ଉପଖଣ୍ଡ ଉଷ୍ମ, ମରୁଡି ପ୍ରବଣ। ପୁନଶ୍ଚ ଏଠାରେ ଦାଦନ ଚାଲାଣ ବ୍ୟାପକ ହେଉଥିବା ବେଳେ କୃଷି କ୍ଷେତ୍ରର ବିକାଶ ସହ ଜୀବିକା ସୁନିଶ୍ଚିତ କିଭଳି ହେବ ସେ ନେଇ ଅତିଥିବୃନ୍ଦ ଚାଷୀଙ୍କୁ ସଚେତନ କରିଥିଲେ। ବିଶେଷ କରି ସଅଳ ଅମଳ ହେଉଥିବା ଫସଲ ଚାଷ ସହ ଡାଲିମ୍ବ, ଆମ୍ବ, ଫୁଲ, ଛତୁ, ପନିପରିବା, ଗୋପାଳନ, ଛେଳି, କୁକୁଡା ପାଳନ କରି ଲାଭବାନ ହେବାକୁ ଚାଷୀମାନେ ଆଗଭର ହେବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା।

**DECLARATION**

Due to death of Swapneswar Mishra & retirement of Shyam Sundar Mishra & Tukunu Mishra, The new Partners of Siddhi Binayak Rice Mill At- Apamara, Dist- Bolangir, Odisha - 767029 are

1. Anita Mishra, W/o- Swapneswar Mishra
2. Sitaram Mishra, S/o- Chhala Mishra
3. Sanjay Kumar Mishra, S/o- Lingaraj Mishra

# ୨୦୫ ପରିବାରକୁ ମିଳିଛି ୧୦୦ଦିନର କାମ

**ମୁରିବାହାଲ, ୧୩।୩ (ଡି.ଏନ୍.ଏ.)**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏପି)ର ମୁରିବାହାଲ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶୁକ୍ରବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶମ୍ଭୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ ଯୋଗଦେଇ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ଅଧିକ କ୍ରିୟାଶୀଳ କରି ଶ୍ରମଜୀବୀଙ୍କୁ କାମ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପିଓ ସୁଶାନ୍ତ କୁମାର ଦାସଙ୍କ ସଂଯୋଜନାରେ ହୋଇଥିବା ଶିବିରରେ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷ ସୁନ୍ଦରମତି ବାଗ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବଲାଙ୍ଗୀର ବିକାଶ ପରିଷଦର ନିର୍ଦ୍ଦେଶକ ମକୁନ୍ଦ ସାହୁ, ଜନମୁକ୍ତି ଅନୁଷ୍ଠାନର ଜୟସିଂ ବନଛୋର, ସମିତି ସଭ୍ୟ ମଧୁସୂଦନ ମହାନନ୍ଦ, ବିଏସଏ ନରେଶ ବେହେରା, ତହସିଲଦାର ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜବକାର୍ଡଧାରୀମାନେ କିପରି ଅଧିକ କାମ ପାଇପାରିବେ ତାହା ଉପରେ ଅଧିକାରୀମାନେ ଜୋର ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଶ୍ର କହିଥିଲେ ଯେ, ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ ୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରେ ୩ଲକ୍ଷ ୯୨ହଜାର ୬୬୬ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଅବଧି ପର୍ଯ୍ୟନ୍ତ ୨୦୫ ପରିବାର ୧୦୦ଦିନ କାମ ପୂରଣ କରିଛନ୍ତି। ମୋଟ ୯ କୋଟି ୯୧ ଲକ୍ଷ ୩୪୦୦୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ୬୫୧୧ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଗଁରେଇ, ମାଲିସିରା, ହଳଦୀ ଓ ଲେବଡା ପଞ୍ଚାୟତର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇ ଉପସ୍ଥାପନ କରିଥିଲେ ଜନମୁକ୍ତ ଅନୁଷ୍ଠାନର ଜୟସିଂ ବନଛୋର। ନୂତନ ଭାବେ ଗଠିତ ୭ଟି ସ୍ୱୟଂ ସହାୟକ ମହିଳାମାନଙ୍କର ଗ୍ରାମ ସମ୍ବଳ କର୍ମୀ (ଭିଆରପି) ବ୍ଲକ ଅଞ୍ଚଳରେ ନୀରକ୍ଷଣ କରିଥିବା ଉପଲବ୍ଧିକୁ ଜନଶୁଣାଣିରେ ଅବଗତ କରିଥିଲେ। ଲେବଡା, ବିଟାବନ୍ଦ, ମାଲିସିରା ଗ୍ରାମ ପଞ୍ଚାୟତମାନଙ୍କରେ ବୃଦ୍ଧାବୃଦ୍ଧ, ବିଧବା ଭତ୍ତା ପ୍ରଦାନ କ୍ଷେତ୍ରରେ କେତେକ ବ୍ୟତିକ୍ରମ ହୋଇଥିବା ଶିବିରରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି କେତେକ ସ୍ଥାନରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ କରାଯାଉଥିବା ଭିଆରପିମାନେ ଅବଗତ କରାଇଥିଲେ ।

### ମଦ ଜବତ, ଜଣେ ଗିରଫ

**ଲୋଇସିଂହା, ୧୩।୩(ଡି.ଏନ.ଏ):** ଲୋଇସିଂହା ଅବକାରୀ ବିଭାଗ ପକ୍ଷରୁ ନଅଗାଁ(କ) ଗ୍ରାମରେ ଚଢାଉ କରାଯାଇ ଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି । ସେ ହେଲେ ସୁବାଷ ବେହେରା। ତାଙ୍କଠାରୁ ୨ଶହ ଲିଟର ଦେଶୀ ମଦ ସହ ସ୍କୁଟର ଜବତ କରାଯାଇଛି । ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଆରତୀ କିଷାନ କହିଛନ୍ତି।

**OFFICE OF THE DISTRICT PROJECT COORDINATOR**
**RTE-SS, SUBARNAPUR**
E-mail : dpcsonepurssa.opepa@nic.in, Ph.- 06654-220551, 06654-220514 (Fax)
ଶିକ୍ଷା ଅଧିକାର
No.537 Date: 12.03.2020

**"TENDER CALL NOTICE FOR PRINTING OF TEACHER'S IDENTITY CARD FOR ALL GOVT. ELEMENTARY TEACHERS OF SUBARNAPUR DISTRICT"**

Sealed tenders are invited in prescribed format from the registered firms having GST and IT clearance certificate for printing and supply of approximately 2827 numbers of teachers identity card for Subarnapur District. Interested printers/traders will be submitted their paper by Registered Post or Speed Post only to District Project Coordinator, RTE-SS, Subarnapur on or before 30.03.2020 by 5.00 P.M. Details terms and conditions can be downloaded from the official website www.subarnapur.nic.in and www.opepa.nic.in

By Order of Collector and Chairman, RTE-SS, Subarnapur
Sd./- District Project Coordinator, RTE-SS, Subarnapur

# ରାସ୍ତା କାମ କରି ମଜୁରି ପାଇନାହାନ୍ତି ଶ୍ରମିକ

**ଖପ୍ରାଖୋଲ, ୧୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ କର୍ଲାକୁଟୁନା-ବାହାବଲ ରାସ୍ତାର ଉନ୍ନତିକରଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ୭ ଲକ୍ଷ ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ଜାନୁୟାରୀ ମାସରୁ ଶ୍ରମିକମାନେ ଏହି ରାସ୍ତା କାମରେ ନିୟୋଜିତ ହୋଇ ମାଟି କାମ କରିଛନ୍ତି। କାମ କରିବା ଇତିମଧ୍ୟରେ ତିନି ମାସ ବିତିଯାଇଥିଲେ ବି ଶ୍ରମିକମାନଙ୍କୁ ମଜୁରି ମିଳି ନ ଥିବା ଅଭିଯୋଗ ହୋଇଛି। ମାଟି ମାପ ହୋଇଥିବାବେଳେ ମଜୁରି ପାଇଁ ଏମଆର ପୂରଣ ସହ ଏଫଟିଓ ହୋଇ ସାରିଥିଲେ ବି ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ। ବ୍ଲକ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଚାରିଲେ ଏଫଟିଓ ହୋଇଛି, ବ୍ୟାଙ୍କ ଖାତାକୁ ଦେଖ ବୋଲି ଉତ୍ତର ମିଳୁଛି। ହେଲେ ବ୍ୟାଙ୍କରେ ଟଙ୍କା ଜମା ହୋଇ ନ ଥିବାରୁ ଶ୍ରମିକମାନେ ନିରାଶ ହେଉଛନ୍ତି। ଏ ନେଇ ଶୁକ୍ରବାର ଅଭିଯୋଗ କରିବାକୁ କର୍ଲାକୁଟୁନା ଗାଁର ଭାଗିରଥି ବରିହା, ଅନନ୍ତ ମାଝୀ, ବୃନ୍ଦାବନ ବଗର୍ତ୍ତୀ, ଗିରି ବରିହା, ଦାମୋଦର ଭୁଏ, କର୍ଣ୍ଣ ଦୀପ, ଜଗଦୀଶ ବରିହା, ଜୀବର୍ଦ୍ଧନ ବଗର୍ତ୍ତୀ, ପବନ ଭୁଏ, ନିରାକାର ଭୁଏ ପ୍ରମୁଖ ବିଡିଓଙ୍କୁ ଭେଟିବାକୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ବିଡିଓ ଛୁଟିରେ ଥିବାରୁ ସେମାନେ ଫେରି ଯାଇଥିଲେ । ସରକାର ଆମକୁ ଦାଦନ ଯିବାରକେ ମନା କରୁଥିବାର ବେଳକେ କାମ କଲେ ବି ତିନ ମାସ ହେଲା ପଏସା ନି ପାଏବାର, କୁଟୁମ କେନ୍ତାକରି ଚଲାମୁ ବୋଲି ଶ୍ରମିକମାନେ କହିଥିଲେ । ଏ ନେଇ ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକ ଏପିଓ ସୁଧାଂଶୁ ମେହେରଙ୍କୁ ପଚାରିବାରୁ ଶ୍ରମିକମାନଙ୍କ ଏଫଟିଓ ହୋଇଛି, ହେଲେ ବ୍ୟାଙ୍କ ଖାତାରେ ଟଙ୍କା ପଡିନି। ଏ ସମସ୍ୟା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ ବୋଲି ପ୍ରକାଶ କରିଛନ୍ତି।



ବ୍ଲକ ଅଫିସ ଆସିଥିବା ମଜୁରି ପାଇବା ନ ଥିବା ଶ୍ରମିକମାନେ ।

ନଂ.: ଆଇଟିବିପି/୩୩ତମ ବିଏନ୍/ଇଏସ୍‌ଟିଟି-୨/ସିଟି(ଜିଡି) ବାଲ ଗୋପାଲ ଶବର/୧୯-
**କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ**
**୩୩ତମ ବାଟାଲିୟନ୍, ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ**
**ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)**
ବ୍ଲକ୍-ଏ/୧୪, ୬ଷ୍ଠ ମହଲା, ଗେମ୍ ଭିଲେଜ୍ ଗୁଆହାଟୀ (ଆସାମ)
ଇମେଲ୍-itcell33rdbnitbp.gov.in, ଫାକ୍ସ ନଂ.: ୦୩୬୧୨୩୧୧୩୨୨

**"ନୋଟିସ"**

ଯେହେତୁ, ଆପଣ, ୩୩ତମ ବାଟାଲିୟନ୍ ଆଇଟିବି ପୋଲିସର ନଂ.୧୩୦୫୦୨୦୨୨ ସିଟି(ଜିଡି) ବାଲ ଗୋପାଲ ଶବର, ପିତା ଶ୍ରୀ ସାକିନ ଶବର, ଗ୍ରାମ/ପୋଷ୍ଟ- ସିଲଭା, ତହସିଲ- କୋମନା, ଜିଲ୍ଲା- ନୂଆପଡ଼ା, ରାଜ୍ୟ- ଓଡ଼ିଶା, ପିନ୍-୭୬୬୧୦୫ଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଆପଣ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ବିନା ତା୨୭।୦୯।୧୯ରିଖ (ଅପରାହ୍ନ)ଠାରୁ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଛନ୍ତି । ତାଙ୍କୁ ତା୨୮।୦୯।୧୯ରିଖଠାରୁ ବଳରୁ "ପଳାତକ" ଭାବେ ଘୋଷଣା କରାଯାଇଛି। ତାଙ୍କ ଅଣ ଅଧିକୃତ ଅନୁପସ୍ଥିତି ତାରିଖ ହେଉଛି ତା୨୭।୦୯।୧୯ରିଖ (ଅପରାହ୍ନ)। ଏହି କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୮୨୩ ତାରିଖ ୨୮।୦୨।୨୦୨୦ ଜରିଆରେ ଏବେ ତାଙ୍କୁ ସେବାରୁ ବହିଷ୍କାର କରାଯିବାର ପ୍ରସ୍ତାବ ରହିଛି ।

୨. ତେଣୁ, ନଂ. ୧୩୦୫୦୨୦୨୨ ସିଟି(ଜିଡି) ବାଲ ଗୋପାଲ ଶବର, ପିତା ଶ୍ରୀ ସାକିନ ଶବରଙ୍କୁ ଏହି ନୋଟିସ ମାଧ୍ୟମରେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ବ୍ୟକ୍ତିଗତ ଭାବେ କମାଣ୍ଡାଣ୍ଟ, ୩୩ତମ ବାଟାଲିୟନ୍, ଆଇଟିବି ପୋଲିସଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି ଅନ୍ୟଥା ଏହା ବିବେଚନା କରାଯିବ ଯେ ସେ ଆଇଟିବି ପୋଲିସ ବଳରେ ସେବା କରିବା ଲାଗି ଇଚ୍ଛୁକ ନୁହନ୍ତି ଏବଂ ସେହି ଅନୁଯାୟୀ ଏହି ୟୁନିଟ୍ ଦ୍ୱାରା ତାଙ୍କୁ ସେବାରୁ "ବହିଷ୍କାର" କରାଯିବା ପାଇଁ ଆଦେଶ ଜାରି କରାଯିବ।

davp 19112/11/0472/1920 ସ୍ୱା./- କମାଣ୍ଡାଣ୍ଟ, ୩୩ତମ ବିଏନ୍, ଆଇଟିବି ପୋଲିସ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୪ ମାର୍ଚ୍ଚ, ୨୦୨୦



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ୪ ଜଣଙ୍କୁ ଲିଖିତ ଉତ୍ତର ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

**ଭବାନୀପାଟଣା,୧୩।୩ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ବନ ବିଭାଗର ନର୍ଲା ସେକ୍ସନରେ କାମ୍ପା ଯୋଜନାରେ ୨୦୧୫-୨୦୧୬, ୨୦୧୬-୨୦୧୭ ଆର୍ଥିକ ବର୍ଷରେ ୧୪୫୦ ହେକ୍ଟର ଗ୍ୟାସ ପ୍ଲାଣ୍ଟେଶନ୍ ନାମରେ ୨ କୋଟି ୨୧ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଗ୍ରହଣ କରି ଲୋକାୟୁକ୍ତ କଳାହାଣ୍ଡି ଉତ୍ତର ବନଖଣ୍ଡର ନର୍ଲାର ତତ୍କାଳୀନ ଫରେଷ୍ଟର ସମ୍ପଦ କୁମାର, ଅବସରପ୍ରାପ୍ତ ରେଞ୍ଜର ଅନ୍ତର୍ଯ୍ୟାମୀ ଦାସ, ତତ୍କାଳୀନ ଏସିଏଫ୍‌ଓ ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଡିଏଫ୍‌ଓ ସୁଶାନ୍ତ କୁମାର ସାମନ୍ତରାଏ, ତତ୍କାଳୀନ ଡିଏଫ୍‌ଓ ଲଳିତେନ୍ଦୁ ଜେନାଙ୍କୁ ହାଜର ହେବାକୁ ନୋଟିସ୍ ଜାରି କରିଛନ୍ତି। ସୂଚନାଯୋଗ୍ୟ, ସୂଚନା ଅଧିକାର କର୍ମୀ ବିନ୍ଦୁ ନାଏକ କଳାହାଣ୍ଡି ଜିଲା ବନ ବିଭାଗର ନର୍ଲା ସେକ୍ସନରେ କାମ୍ପା ଯୋଜନାରେ ୨୦୧୫-୨୦୧୬, ୨୦୧୬-୨୦୧୭ ଆର୍ଥିକ ବର୍ଷରେ ହୋଇଥିବା କାମ ସମ୍ପର୍କରେ ସୂଚନା ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ। ଏଥିରେ ଦୁର୍ନୀତି ହୋଇଥିବା ଜାଣି ୨୦୨୦ ଜାନୁୟାରୀ ୨୪ ତାରିଖରେ ସୂଚନା ଅଧିକାର କର୍ମୀ ନାଏକ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକଯୁକ୍ତ ଅଭିଯୋଗକୁ ଗ୍ରହଣ କରି ଗତ ମାର୍ଚ୍ଚ ୧୨ ତାରିଖରେ ୪ଜଣ ବନ ଅଧିକାରୀଙ୍କୁ ପକ୍ଷ ରଖିବା ନେଇ ନୋଟିସ ଜାରି କରିଥିଲେ। ଏନେଇ ୪ ଜଣ ଅଧିକାରୀ ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇ ବିଳମ୍ବରେ ନୋଟିସ ପାଇଥିବାରୁ ଲିଖିତ ଉତ୍ତର ଦେଇପାରି ନ ଥିବା ଜଣାଇଥିଲେ। ତେଣୁ ତାଙ୍କୁ ଲିଖିତ ଉତ୍ତର ଦେବା ପାଇଁ ଏକ ମାସ ସମୟ ଦେବାକୁ ନିବେଦନ କରିଥିଲେ। ଲୋକାୟୁକ୍ତ ଦରଖାସ୍ତକୁ ଗ୍ରହଣ କରି ଅଧିକାରୀଙ୍କୁ ଏକ ମାସ ସମୟ ଦେବା ସହିତ ଆସନ୍ତା ଏପ୍ରିଲ ୨୧ ତାରିଖରେ ଲିଖିତ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

**କାମ୍ପା ଯୋଜନାରେ ଟଙ୍କା ଦୁର୍ନୀତି ଅଭିଯୋଗ**

### କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଜମି ଯୋଗାଇ ଦେବାକୁ ଦାବି

**ଭବାନୀପାଟଣା,୧୩।୩ (ଡି.ଏନ୍.ଏ.):** ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିଲାର ବୁଦ୍ଧିଜୀବୀ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ, କଳାହାଣ୍ଡି ଜିଲା ସାମ୍ବାଦିକ ସଂଘ, ସାଇନିଂ କଳାହାଣ୍ଡି, କଳାହାଣ୍ଡି ସିଟିଜନ୍ ଫୋରମ, କଳାହାଣ୍ଡି ଓକିଲ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ୨୦୨୦-୨୦୨୧ ଶିକ୍ଷା ବର୍ଷରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ଏବଂ ଅନ୍ୟାନ୍ୟ ଅଧିକାରୀ ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ସହ ୨୦୦ ଏକର ଜମି ଯୋଗାଇ ଦେବାକୁ ସାଇନିଂ କଳାହାଣ୍ଡି ଅଧକ୍ଷ ଭବାନୀଶଙ୍କର ନିଆଲ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପଠାଇଛନ୍ତି।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ଜୁନାଗଡ଼,୧୩।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସଂକ୍ରିଗୁଡା ଚାରିଛକ-ସୋରିଷମାଲ ଅଢେଇ କି.ମି. ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ହୋଇ ପଡିଛି। ହେଲେ ବିଭାଗ ପକ୍ଷରୁ ରାସ୍ତା ମରାମତି ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଫଳରେ ସ୍ଥାନୀୟ ଲୋକେ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ନେଇ ସୋରିଶମାଲ ଗ୍ରାମବାସୀ ବିଭିନ୍ନ ସମୟରେ ଇନ୍ଦ୍ରାବତୀ ଦକ୍ଷିଣ କେନାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ବାଧ ହୋଇ ଗ୍ରାମବାସୀ ରାସ୍ତା ମରାମତି କରିବାକୁ ଅଣ୍ଟା ଭିଡିଛନ୍ତି। ଆସନ୍ତା ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ଗ୍ରାମରେ ନାମଯଜ୍ଞ କାର୍ଯ୍ୟକ୍ରମ ରହିଛି। ଫଳରେ ଲୋକେ ଯିବା ଆସିବାରେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେନେଇ ଗ୍ରାମବାସୀ ଆଗେଇ ଆସିଛନ୍ତି। ରାସ୍ତାର ମରାମତି ନେଇ ଶୁକ୍ରବାର ସକାଳୁ ଗ୍ରାମବାସୀ ବିଭିନ୍ନ ସରଞ୍ଜାମ ଧରି ରାସ୍ତା ମରାମତି କାମରେ ଲାଗି ପଡିଥିଲେ। ଏଥିରେ ଗ୍ରାମର ବିଭିନ୍ନ ବର୍ଗର ଲୋକଙ୍କ ସହ ଛୋଟରୁ ବଡ ପର୍ଯ୍ୟନ୍ତ ମହିଳା ପୁରୁଷ ସାମିଲ ହୋଇ ମୋରମ ପକାଇ ରାସ୍ତାକୁ ସମତୁଲ କରୁଛନ୍ତି। ଏପରି କି ରାସ୍ତା ମରାମତି ନେଇ ଗ୍ରାମବାସୀ ଟଙ୍କା ସଂଗ୍ରହ କରି ଜେସିବି ମେଶିନ ସହ ଟ୍ରାକ୍ଟର ମଧ୍ୟ ନିୟୋଜିତ କରିଛନ୍ତି। ଗ୍ରାମବାସୀଙ୍କ ସହ ସ୍ଥାନୀୟ ଚୈତନ୍ୟ ଦେବ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଛନ୍ତି। ଅନ୍ୟପକ୍ଷେ ପ୍ରତିବର୍ଷ କେନାଲ ରାସ୍ତା ମରାମତି କରିବା ନାମରେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଯେଉଁଠି ଆବଶ୍ୟକ ସେହି ସ୍ଥାନରେ ରାସ୍ତା ମରାମତି ନ କରି ଠିକାଦାରଙ୍କୁ ସୁହାଇଲା ଭଳି ସ୍ଥାନରେ କାମ କରାଯାଉଥିବା ଅଭିଯୋଗ ହୋଇଛି।



ସୋରିଶମାଲ ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

**ଶୁଣିଲେନି ଇନ୍ଦ୍ରାବତୀ କର୍ତ୍ତୃପକ୍ଷ**

# ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ଆକ୍ରମଣର ଶିକାର ପୋଲିସ କର୍ମଚାରୀ, ୪ ଗିରଫ

**କୋକସରା,୧୩।୩, (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ପୋଲିସର ଏକ ଟିମ୍ ଶୁକ୍ରବାର ଗିରଫ ପରୱାନା(ୱାରେଣ୍ଟ) ଜାରି ହୋଇଥିବା ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିଲା। ସେତିକିବେଳେ ପୋଲିସ କର୍ମଚାରୀମାନେ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ପୋଲିସ ଅଧିକାରୀମାନେ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି କୋକସରା ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି।

ମିଳିଥିବା ସୂଚନା ମୁତାବକ, କୋକସରା ବଡପଡ଼ାରରେ ରହୁଥିବା ବସନ୍ତ ଖମାରୀ ଓରଫ ଗଙ୍ଗାଙ୍କ ନାମରେ କୋର୍ଟ ପକ୍ଷରୁ ଗିରଫ ପରୱାନା ଜାରି କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ବସନ୍ତ ଘରେ ଥିବା ପୋଲିସକୁ ଖବର ମିଳିଥିଲା। ଏନେଇ କୋକସରା ପୋଲିସର ଏକ ଟିମ୍ ବଡପଡ଼ାରେ ଚଡାଉ କରିଥିଲା। ସେତିକିବେଳେ ବସନ୍ତଙ୍କ ସ୍ତ୍ରୀ ପୋଲିସ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଘରେ ଥିବା କିରୋସିନ ଆଣି ପୋଲିସ କର୍ମଚାରୀମାନଙ୍କ ଉପରେ ଢାଳିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ସୂଚନା ଯୋଗ୍ୟ, ସ୍ୱାମୀ ବସନ୍ତ ନିର୍ଯାତନା ଦେଉଥିବା ନେଇ ତାଙ୍କ ସ୍ତ୍ରୀ ୨୦୧୯ରେ ଥାନାରେ ଏକ ଅଭିଯୋଗ କରିଥିଲେ। ଉକ୍ତ ମାମଲାରେ ବସନ୍ତ ହାଜର ନ ହେବାରୁ କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ଶୁକ୍ରବାର ପୋଲିସ ଅଧିକାରୀମାନେ ବସନ୍ତଙ୍କୁ ଗିରଫ କରିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ପୋଲିସ କର୍ମଚାରୀମାନେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ କୋକସରା ଥାନା ପୋଲିସ ଦଫା ୩୪୧, ୨୯୪, ୩୫୩, ୧୮୬, ୩୦୭, ୫୦୬, ୩୪ରେ ଏକ ମାମଲା(ନଂ.୪୯/୨୦୨୦) ରୁଜୁକରି ଅଭିଯୁକ୍ତ ଫୁଲତୋଲା ଖମାରୀ ତାଙ୍କ ସ୍ୱାମୀ ଗଙ୍ଗାରାମ ଖମାରୀ, ସମ୍ପର୍କୀୟ ଭାଇ ଗୁଣନିଧି ବାଗ, ପୁଅ ଶୁଭମ ଖମାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି।

# ଛଞ୍ଚାଣବାହାଲି ଡାକ୍ତରଖାନା କୁଠା ଉଦ୍‌ଘାଟିତ

**ପର୍ଲା, ୧୩।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ଗାଁରେ ଥିବାର ହୋମିଓପାଥି ଡାକ୍ତରଖାନାର ନୂତନ କୁଠା ଶୁକୁରବାର ଉଦ୍‌ଘାଟିତ ହେଇଯାଇଛେ। ଉଦ୍‌ଘାଟନୀ ଉଛବ୍‌ରେ ମୁଖିଆ କୁନୁଆଁ ହିସାବେ ଧର୍ମଗଡ଼ ବ୍ଲକ ଅଧକ୍ଷ ବଳରାମ ପୂଝାରୀ ଯୋଗ ଦେଇ ଫିତା କାଟିଥିଲେ। ଇ ଉଦ୍‌ଘାଟନୀ କାଯ୍‌କରମରେ ଛଞ୍ଚାଣବାହାଲି ପଁଚେତ୍‌ର ନାଏବ ସରପଁଚ୍ ଅଞ୍ଜନା ଗୋପାଳ, ୱାର୍ଡ ସଭ୍ୟାସଭ୍ୟ ସମେତ ଡାକ୍ତରଖାନାର ଫିଟିଏସ୍ ଯଦୁମଣି ବାଗ, ଡା.ଯବିୟା ବେଗମ, ଡା.ବନ୍ଦିତା ମିଶ୍ର ଉପସ୍ଥିତ ଥିଲେ। ସୂଚନା ଅନ୍‌ସାରେ ଗଲା ୫ ବଛର ହେଲା ଡାକ୍ତରଖାନାର ନୂତନ କୁଠା ତିଆରି ଚାଲିଥିଲା। ଏନ୍‌ତାଥି ଅଂଚଲବାସୀ ଅନେକ ସମିଆରେ ସୁଆସ୍‌ତିଅ ସେବାରୁ ବଁଚିତ୍ ହେଉଥିବାର ଅଭିଯୋଗ କରୁଥିଲେ। ଇ ବାବ୍‌ଦେ ଶୁକ୍ରୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଭିନେ ଭିନେ ଅଧିକାରୀକର ମତାମତ ସହିତ ଖବର ବାହାରିଥିଲା। ହେଲେ ଖବର ବାହାରବାର ୧୨ ଘଁଟା ନାଇଁପୁରୁନୁ ତରବରିଆ ଭାବେ ଡାକ୍ତରଖାନାର ନୂତନ କୁଠା ଉଦ୍‌ଘାଟନ କରାଯାଇଥିବାର ଅଂଚଲରେ ଚରଚା ହେଉଛେ। କୁଠା ତିଆରି କାମ୍ ପୂରା ନାଇଁ ହେଇଥିଲାବେଲେ ସେଥିରେ ପାଏନ୍ ଆର ବିଦ୍ୟୁତ୍ ସଂଯୋଗ ନାଁଇଁନ। ଏନ୍‌ତା ଅବସ୍‌ତାରେ ନୂତନ କୁଠା ଉଦ୍‌ଘାଟନ କରବାର ଘଟନାଟା ଲୁକ୍‌କୁ ଆଶିରିଯ୍ କରିଛେ। ଇଆଡ଼େ ପିଡବ୍ଲୁଡି ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସ ଇ କଥାକେ ମାନିଥିଲାବେଲେ ଯେତେ ଜଲଦି ହେବା ସବୁ ଜିନିଷର ବେବସ୍‌ତା କରାଯିବା ବଲି ସେ ଆଗରୁ କହିଆସୁଛନ୍। ସେନ୍‌ତା ଡା.ରବିୟା ବେଗମ ବି ଆଗରୁ ନୂତନ କୁଠା ବିଭାଗର ଜିମା ନାଇଁ ଦିଆଯାଇଥିବାର କଥା କହୁଥିଲାବେଲେ ହଠାତ୍ ତରବରିଆ ଭାବେ ଶୁକ୍ରୁବାର ଉଦ୍‌ଘାଟନ କରବାର କଥାଟା ସମକୁ ହଜମ ନାଇଁ ହେବାର। ହେଲେ ଡାକ୍ତରଖାନାର ନୂତନ କୁଠା ଉଦ୍‌ଘାଟନ ପଛେ ଧରିତ୍ରୀ ଖବର କାଗଜର ପରଭାବ ରହିଛେ ବଲି ଅଂଚଲବାସୀ ଚରଚା କରୁଛନ୍।

**ଧରିତ୍ରୀ ପ୍ରଭାବ**



କୁନୁଆଁମାନେ ଡାକ୍ତରଖାନା କୁଠା ଉଦ୍‌ଘାଟନ କରୁଛନ୍।

### ଅନଲାଇନ ପାର୍ସଲରେ ଠକେଇ

**ମନମୁଣ୍ଡା, ୧୩।୩ (ଡି.ଏନ.ଏ)**

ଅନ୍‌ଲାଇନରେ ସାମସଙ୍ଗ ମୋବାଇଲ ମଗାଇ ବୌଦ୍ଧ ଜିଲା ମନମୁଣ୍ଡାର ଜଣେ ଗ୍ରାହକ ରଘୁନାଥ ମହାପାତ୍ର ଠକେଇର ଶିକାର ହୋଇଛନ୍ତି। ତାଙ୍କ ପାଖକୁ ମୋବାଇଲ ସେଟ ବଦଳରେ ପାର୍ସଲରେ ଆସିଛି ମହାଲକ୍ଷ୍ମୀ ଫଟୋ, ପାଦଚିହ୍ନ । କିଛିଦିନ ତଳେ ରଘୁନାଥଙ୍କ ନାମରେ ଏକ ଉପହାର ଉଠିଛି ବୋଲି ତାଙ୍କ ପାଖକୁ ଦିଲ୍ଲୀ ସ୍ଥିତ ଏକ ସପିଙ୍ଗ କମ୍ପାନୀରୁ ଫୋନ ଆସିଥିଲା । ୧୭ ହଜାର ୫୦୦ ଟଙ୍କାର ମୋବାଇଲ ସେଟକୁ ମାତ୍ର ୪୯୯୯ରେ ତାଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଫଳରେ ରଘୁନାଥ ଅର୍ଡର ଦେଇଥିଲେ। ତଦନୁଯାୟୀ ଶୁକ୍ରବାର ଉକ୍ତ ପାର୍ସଲ ଡାକଘର ଜରିଆରେ ତାଙ୍କ ପାଖକୁ ଆସିଥିଲା । ସେ ଉକ୍ତ ପାର୍ସଲ ମନମୁଣ୍ଡା ଡାକଘରୁ ଗ୍ରହଣ କଲାବେଳେ ଭିଡିଓ ସୁଟିଂ ସହ ଡାକ କର୍ମଚାରୀଙ୍କୁ ପାର୍ସଲ ବାବଦ ଟଙ୍କା ଦେଇ ତାଙ୍କ ଉପସ୍ଥିତିରେ ପାର୍ସଲ ଖୋଲିଥିଲେ। କିନ୍ତୁ ସେଥିରେ ମୋବାଇଲ ସେଟ ବଦଳରେ ୫ଟି ଲକ୍ଷ୍ମୀ ଲକେଟ ଓ ୫ଟି ଲକ୍ଷ୍ମୀ ପାଦ ଲକେଟ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ରଘୁନାଥ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି ।



ଦୁଇ ଦିବ୍ୟାଙ୍ଗ ଝିଅପୁଅକେ ମା'ବାପ୍ ଘରୁ ବାହାର କରୁଛନ୍।

# ଅଜନା ରୋଗ୍‌ରେ ଦିବ୍ୟାଙ୍ଗ ପାଲଟିଛନ୍ ଭାଇବହେନ୍

**କୋମନା, ୧୩।୩ (ଡି.ଏନ୍.ଏ.)**

ରାଏଜ୍ ସରକାର ଅସାହା, ଗରିବ ଦୁଖି, ଭିନ୍ନକ୍ଷମମାନକୁ ଭିନେ ଭିନେ ଯୋଜନାରେ ସୁବିଧା ସୁଯୋଗ ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ସରକାରକଁର ଇ ମହତ୍ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଲିଛେ ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଁଚେତ୍ କାଲିମାଟି ଗାଁରେ। ସୂଚନା ଅନ୍‌ସାରେ କାଲିମାଟି ଗାଁର ରଘୁନାଥ ହାତୀ(୬୦)। ପରିବାର କହେଲେ ମାଏକିନା ଲାଲଦେଈ(୫୫), ତିନ୍ ପୁଓ ପୀତାମ୍ବର, କ୍ଷୀରସିନ୍ଧୁ, ଚିତ୍ତରଞ୍ଜନ ଆର ଦୁଇ ଝିଅ ଗୋଲାପୀ(୩୨), ଭାଗ୍ୟବତୀ(୧୫)କୁଁ ନେଇ ସଁସାର। ହେଲେ ୨୦୦୫-୦୬ ସାଲେ ହଠାତ୍ ବଡ଼ପୁଓ ପୀତାମ୍ବର ଆର ବଡ଼ ଝିଅ ଗୋଲାପୀକଁର ଦିହିପା ଖରାପ ହେଲା। ଦୁଇ ଝିଅପୁଓକେ ରଘୁନାଥ ନୂଆପଡ଼ା ଜିଲା ମୁଖିଆ ଡାକ୍ତରଖାନାରୁ କଟକ ବଡ଼ ଡାକ୍ତରଖାନା ତକ୍ ନେଇ ଚିକିତ୍ସା କରେଇଥିଲେ। ଶେଷେ ଟଁକା ପଏସା ଅଭାବୁ ରଘୁନାଥ ଝିଅପୁଓକେ ଧରି ଘରକେ ଫିରି ଆଏଲେ। ସେଦିନ୍‌ଠାନୁ ଦୁଇ ଝିଅପୁଓ ଚିକିତ୍ସା ଅଭାବୁ ଘରେ ଦିବ୍ୟାଙ୍ଗ ଜୀବନ୍ ବିତଉଛନ୍। ଇଆଡ଼େ ଉନିଆଁ ଦୁଇ ପୁଓକଁରନେ ବି ଏନ୍‌ତା ସବୁ ଲକ୍ଷନ ଦେଖା ଦେଉଥିବାରକେ ନେଇ ରଘୁନାଥ ଭାଂଗି ପଡ଼ିଛନ୍। ପୀତାମ୍ବର ଆର ଗୋଲାପୀକଁର ଚିକିତ୍ସା ଲାଗି ଲକ୍ଷାଧିକ୍ ଟଁକା ଦରକାର ପଡୁଥିଲାବେଲେ ରଘୁନାଥ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀକୁଁ ଚିଠି ଲେଖି ସାହାଯ୍ ଆଶ୍‌ରେ ରହିଛନ୍। ଇଆଡ଼େ ମା'ବାପ୍ ଦୁଇ ଭିନ୍ନକ୍ଷମ ଝିଅପୁଓର ସେବାଯତନ ଲାଗି କାହିଁ ଯାଇଆସି ନାଇଁପାରବାର। ଦିବ୍ୟାଙ୍ଗ ଭାଇବହେନ୍ ମାସିକ ୫ଶହ ଟଁକା ଲେଖେଁ ଭତା ପାଉଥିଲାବେଲେ ବାକି ସବୁ ପରକାର ସରକାରୀ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ଉପେ ଶୁଇନ୍ ମା'ବାପ୍ ଗଣମାଧ୍ୟମ ଜରିଆରେ ଝିଅପୁଓକେ ଚିକିତ୍ସା ସାହାଯ୍ ସଂଗେ ସବୁ ପରକାର ସରକାରୀ ସୁବିଧା ଯୁଗେଇ ଦେବାକେ ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ କୋମନା ବିଡିଓ ଶ୍ୟାମଳ କୁମାର ରଥକୁଁ ପଚ୍‌ରାଲାରୁ ମୁଇଁ ୬ ମାସ ଭିତରେ ଦୁଇ ଥର କାଲିମାଟି ଗାଁକେ ଯାଇଛେଁ। ଇ ଭାଇବହେନ୍‌ର ସମସିଆ ପଚାରି ବୁଝିଛେଁ। ସେମାନକୁ ସରକାରୀ ସୁବିଧା ସୁଯୋଗ ଦେବାର ଦିଗେ ପଦକ୍ଷେପ ନିଆଯାଉଛେ ବଲି ସେ କହିଥିଲେ।

ରିପୋର୍ଟ: ନନ୍ଦିଘୋଷ ଖମାରୀ

# ରୋଜଗାର ଦେଇଛି ମାଟି କଣ୍ଢେଇ

**ନୂଆପଡା ଅଫିସ,୧୩।୩**

ଚାକଚକ୍ୟ ସୌଖୀନ ଦୁନିଆଁରେ ଲୋକେ ନାନାଦି ପ୍ଲାଷ୍ଟିକ, ଷ୍ଟିଲ ଆଦି ତିଆରି ସାମଗ୍ରୀକୁ ଆଦର କରୁଥିବାବେଳେ ମାଟି ସହ ଅନ୍ୟାନ୍ୟ କୃଷି ଜାତ ସାମଗ୍ରୀରେ ତିଆରି ଜିନିଷର ଚାହିଦା ଧୀରେଧୀରେ କମିବାରେ ଲାଗିଛି । ଏହି ସଂଘର୍ଷମୟ ସମୟରେ ମାଟି ତିଆରି କଣ୍ଢେଇ ପରିବାର ପ୍ରତିପୋଷଣର ମାଧ୍ୟମ ହୋଇଛି। ତାହା ଜିଲା ସଦର ମହକୁମାର ରାସ୍ତାକଡରେ ମହିଳା ସେବତୀ ବାଈଙ୍କୁ ଦେଖିଲେ ବାସ୍ତବତା ଜଣାପଡିଥାଏ। ସେବତୀ ବାଈ ଏକ ଗରିବ ପରିବାରର ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜମିବାଡି ବୋଲି ତାଙ୍କର କିଛି ନାହିଁ। ସେ ପରିବାରର କୌଳିକ ବୃତ୍ତିକୁ ବଜାୟ ରଖିଆସିଛନ୍ତି। ଘରେ ସ୍ୱାମୀ ଏବଂ ପିଲା ମାଟିର କଣ୍ଢେଇ, ବାସନ ଆଦି ତିଆରି କରିଥାନ୍ତି। ସେସବୁକୁ ସେବତୀ ନୂଆପଡ଼ା ବଜାରକୁ ଆଣି ବିକ୍ରି କରିଥାନ୍ତି। ସେଥିରୁ ତାଙ୍କର ପରିବାର ଚଳିଥାଏ। ବର୍ତ୍ତମାନ ସମୟରେ ଚାହିଦା ମୁତାବକ ମାଟି ମିଳୁ ନ ଥିବାବେଳେ ପ୍ରତିଦିନ ମାଟି ସାମଗ୍ରୀ ବିକ୍ରି କଲେ ମଧ୍ୟ ଠିକ୍ ଭାବେ ମଜୁରି ପଡି ନ ଥାଏ । ତଥାପି ଜୀବନ ସଂଗ୍ରାମରେ ସେ ହାରି ନାହାନ୍ତି। ଗୋଟିଏ ପଟେ ପରିବାରର କୌଳିକ ବୃତ୍ତିକୁ ଆପଣେଇ ଥିବା ବେଳେ ସେଥିରୁ କମ୍ ଟଙ୍କା ପାଇଲେ ମଧ୍ୟ ଶାନ୍ତି ମିଳୁଥିବା କହିଛନ୍ତି। ହେଲେ ତାଙ୍କୁ କୌଣସି ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ଦୁଃଖର ସହ କହିଛନ୍ତି। ସେବତୀଙ୍କ ଭଳି ମହିଳାଙ୍କୁ ସରକାର ପ୍ରୋତ୍ସାହିତ କଲେ ତାଙ୍କ କୌଳିକ ବୃତି ବୃଦ୍ଧିପାଇବା ସହ ବେରୋଜଗାର ଦୂର ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଘର ଭଙ୍ଗାରୁଜା ଘଟଣା: ଏସ୍‌ପିଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୩।୩**

ବରଗଡ଼ ଜିଲା ଭେଡ଼େନ ଥାନା ରେମଣ୍ଡା ନାଗପଡ଼ା ଗ୍ରାମର ୩ଜଣଙ୍କ ୪ ବଖରା ଘରକୁ ଭଙ୍ଗାରୁଜା ସହ ଲୁଟ୍ ଅଭିଯୋଗ ଘଟଣାକୁ ଏକ ସପ୍ତାହ ବିତିଯାଇଛି। ମାତ୍ର ପୋଲିସ ଏହି ଘଟଣା ଉପରେ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଘର ଭଙ୍ଗାରୁଜା, ଲୁଟ୍‌ପାଟ୍‌ର ଶୀକାର ହୋଇଥିବା ପରିବାର ଲୋକେ ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ସେମାନେ ଏସ୍‌ପି ପଦ୍ମିନୀ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ଗତ ୫ ତାରିଖ ସକାଳ ପ୍ରାୟ ୯ଟାରେ ମହୁଲପାଲି ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ନାଗପଡ଼ାର ଯଦୁମଣି ଥପା, ଭଗବାନ ଥପା, ଧୃବରାଜ ଥପାଙ୍କ ଘରକୁ ଆସି ସେମାନଙ୍କ ୪ ବଖରା ଘର, ଗୋଟିଏ ଧାନପେଷା ମିଲ୍ ଘର ଭାଙ୍ଗିବା ସହିତ ହଳର, ଲୁହା ଏଙ୍ଗଲ ଆଦି ଆସବାବପତ୍ର ନେଇ ଯାଇଥିଲେ। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ସେତେବେଳେ ପୋଲିସ ମୁତୟନ କରାଯାଇଥିଲା। ତେବେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଉକ୍ତ ପରିବାର ଲୋକେ ନିଜ ପିଲାଛୁଆ ଧରି ଏସ୍‌ପି ଅଫିସକୁ ଅଭିଯୋଗ କରିବା ପାଇଁ ଆସିଥିଲେ। ଭେଡେନ ଥାନାଧିକାରୀ ହେମନ୍ତ ରାଓଙ୍କୁ ପଚାରିବାରୁ ଘଟଣାକୁ ନେଇ ୩ଟି ମାମଲା ନଂ.୪୨/୨୦, ୪୩/୨୦ ଓ ୪୪/୨୦) ରୁଜୁ ହୋଇଛି ଏବଂ ଏହାର ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ।

# ଧାନ ବିକ୍ରି ନେଇ ଜିଲାପାଳଙ୍କୁ ଭେଟିଲେ ଚାଷୀ

**ନୂଆପଡା ଅଫିସ,୧୩।୩**

ନୂଆପଡ଼ା ଜିଲାରେ ଧାନ କିଣା ସମୟ ଥିବା ପୂର୍ବରୁ ପ୍ରଶାସନ ହଠାତ୍ ମଣ୍ଡିଗୁଡିକୁ ବନ୍ଦ କରିଦେବା ଫଳରେ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଏନେଇ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଜିଲାର ବିଭିନ୍ନ ମଣ୍ଡିରେ ୪୦ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି। ଏନେଇ ଚାଷୀ ମହଲରେ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସାରାବଙ୍ଗ, ଧରମବନ୍ଧା ପ୍ୟାକ୍ସ ଅଧୀନ ବିଭିନ୍ନ ଗ୍ରାମର ଚାଷୀମାନେ ଶୁକ୍ରବାର ନୂଆପଡ଼ା ଆସି ଜିଲାପାଳଙ୍କୁ ଭେଟି ଧାନ କିଣିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଧାନ ବସ୍ତା ଆଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଜିଲା ସରପଞ୍ଚ ସଂଘ ସମ୍ପାଦକ ତଥା ସାରାବଙ୍ଗ ସରପଞ୍ଚ ଭରତଲାଲ ରାଉତ, ଧରମବନ୍ଧା ସରପଞ୍ଚ ଓମପ୍ରକାଶ କଲାର, ରାମସିଂ ମାଝି, କମଳେଶ ଦିକ୍ଷୀତଙ୍କ ନେତୃତ୍ୱରେ ଚାଷୀମାନେ ଶୁକ୍ରବାର ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଧରମବନ୍ଧା ମଣ୍ଡିରେ ଧାନ କିଣା ନ ହୋଇ ଚାଷୀଙ୍କ ୧୨ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିରହିଛି। ଏପରି କି ମଣ୍ଡିରୁ ଧାନ ଉଠାଇ ନେବାକୁ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ଚାପ ପ୍ରୟୋଗ କରାଯାଉଛି। ସେହିପରି ସାରାବଙ୍ଗ ମଣ୍ଡିରେ ଚାଷୀଙ୍କ ୮ହଜାର କୁଇଣ୍ଟାଲ ଧାନ ପଡିରହିଛି । ଚାଷୀ ଟୋକନ ଧରି ମଣ୍ଡିରେ ଦିନ ରାତି ଧାନକୁ ଜଗି ରହୁଛନ୍ତି। ଏପରି କି ଅଦିନିଆ ବର୍ଷାରେ ଧାନ ଭିଜି ନଷ୍ଟ ହେଉଥିବା ବେଳେ ଚାଷୀଙ୍କୁ ସାହାର୍ଯ୍ୟ ନେଇ ମଣ୍ଡିରେ କୌଣସି ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କିଛି ଦିନ ତଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେତିକିବେଳେ ଜିଲା ପ୍ରଶାସନ ପକ୍ଷରୁ ମଣ୍ଡିରୁ ଧାନ ଉଠାଇବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ଚାଷୀ ନେତା ଦାବି କରିଛନ୍ତି। ଜିଲାପାଳ ସାହୁ ଧାନ କିଣା ନେଇ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। କିଛି ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଚାଷୀମାନେ ଆସନ୍ତା ସୋମବାର ସୁଦ୍ଧା କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କହିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

- ମଣ୍ଡିରେ ପଡ଼ିଛି ଶତାଧିକ କୁଇଣ୍ଟାଲ ଧାନ
- ଦାବି ପୂରଣ ନ ହେଲେ ଜିଲାପାଳଙ୍କ ଅଫିସରେ ଧାନ ରଖିବେ ଚାଷୀ



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ୫ ନାବାଳକ ବାଇକ୍ ଚାଳକଙ୍କୁ ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା

**ଝାରସୁଗୁଡ଼ା ଅଫିସ୧୩ା୩:** ଝାରସୁଗୁଡ଼ା ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚ ବେଳେ ୧ଲକ୍ଷ ୭୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ମିଳିଥିବା ସୂଚନା ମୁତାବକ, ଝାରସୁଗୁଡ଼ା ସହର କଙ୍କ କଲୋନୀ ନିକଟରେ ପୋଲିସ ଗାଡ଼ି ଯାଞ୍ଚ କରୁଥିଲା। ସେତିକିବେଳେ ୫ଜଣ ନାବାଳକ ବାଇକ୍ ଚାଳକଙ୍କୁ ଧରିଥିଲା। ସେମାନଙ୍କ କୌଣସି କାଗଜପତ୍ର ନ ଥିବାରୁ ପୋଲିସ ତାଙ୍କଠାରୁ ୧ଲକ୍ଷ ୩୫ ହଜାର ଟଙ୍କା ଫାଇନ କାଟିଥିଲା। ସେହିପରି ପୋଲିସ ସହରର ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରୁ ଗାଡ଼ି ଚାଳନା ବେଳେ ମୋବାଇଲ ଫୋନରେ କଥା ହେଉଥିବା ୪୦ଜଣ ବାଇକ୍ ଚାଳକଙ୍କଠାରୁ ୪୦ ହଜାର ଟଙ୍କା ଫାଇନ କଟାଯାଇଥିବା ଆଇଆଇସି ସାବେତ୍ରୀ ବଳ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଅଫିସରେ ଭୋଜି

**ଝାରସୁଗୁଡ଼ା ଅଫିସ,୧୩ା୩**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। କାର୍ଯ୍ୟାଳୟର ପ୍ରଥମ ମହଲା ପରିସରରେ ଏକାଧିକ ମହିଳା ଓ ପୁରୁଷ ହାତରେ ପ୍ଲେଟ ଧରି ଭିଡ ଜମାଇଥିଲେ। ସେମାନଙ୍କୁ ଦେଖି ବିଭିନ୍ନ କାମରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକେ ମଧ୍ୟ ସେଠାରେ ଭିଡ ଜମାଇଥିଲେ। କିଏ କିଏ ଜିଲାପାଳଙ୍କ ଅଫିସ ପରିସରରେ ଆହାର କେନ୍ଦ୍ର ଖୋଲିଛି ବୋଲି କହିଥିଲେ । ହେଲେ କିଛି ସମୟ ଭିତରେ ସବୁ ଆଲୋଚନା ମିଛ ପ୍ରମାଣିତ ହୋଇଥିଲା। ସେଠାରେ ଖାଦ୍ୟ ପରଷୁଥିବା ବ୍ୟକ୍ତିମାନେ ଏହି ଖାଇବା କେବଳ ସରକାରୀ ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ପରେ ଏ ନେଇ ବୁଝିବାରୁ ଜଣାପଡିଲା ଯେ, ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ତାଲିମ କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ଆସିଥିବା ଅଧିକାରୀମାନଙ୍କ ପାଇଁ ଏହି ଆମିଷ ଭୋଜିର ବ୍ୟବସ୍ଥା ହୋଇଥିଲା। ଆସନ୍ତା ମାସରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ । ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ଏଥିପାଇଁ ତାଲିମ ଦିଆଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଛି। ତେବେ ସେହି ସମ୍ମିଳନୀ କକ୍ଷରେ ଭୋଜି ବ୍ୟବସ୍ଥା କରିବା ପରିବର୍ତ୍ତେ କାର୍ଯ୍ୟାଳୟର ପ୍ରଥମ ମହଲାରେ ଏହି ବ୍ୟବସ୍ଥା କରାଯାଇଥିଲା। ସେହି ରାସ୍ତା ଦେଇ ସାଧାରଣ ଲୋକେ ଯାତାୟାତ କରୁଥିବା ବେଳେ ସମସ୍ତେ ଏପରି ଭୋଜି ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏପରି କି ଜିଲାପାଳଙ୍କ ଅଫିସକୁ ଆସିଥିବା ବିକାଶ ନାଏକ ଏହି କାର୍ଯ୍ୟାଳୟ ପରିସରରେ ଆହାର କେନ୍ଦ୍ର ଖୋଲିଲା ବୋଲି ଭାବି ଖାଦ୍ୟ ପରଷୁଥିବା ବ୍ୟକ୍ତିଙ୍କ ପାଖକୁ ଯାଇ ୫ ଟଙ୍କା ଦେଇ ଖାଦ୍ୟ ମାଗିଥିଲେ। ହେଲେ ସେ ପ୍ରକୃତ କଥା ଜାଣିବା ପରେ ସେଠାରୁ ଫେରିଆସିଥିଲେ। ତେବେ ସରକାରୀ କାର୍ଯ୍ୟାଳୟରେ ଏଭଳି ଭୋଜିକୁ ଜନସାଧାରଣ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ମତାମତ ଲୋଡାଯାଇଥିଲା । ହେଲେ ସେମାନେ କିଛି କହିବାକୁ ସିଧାସଳଖ ମନା କରିଦେଇଥିଲେ।


ସରକାରୀ ଅଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖାଉଛନ୍ତି ।

# ମଙ୍ଗଳ ବଜାର ହସ୍ପିଟାଲକୁ ଅର୍ବାନ ସିଏଚ୍‌ସି ଘୋଷଣା କର

**ଝାରସୁଗୁଡ଼ା ଅଫିସ,୧୩ା୩**

**ଭାଜପା ପକ୍ଷରୁ ଧାରଣା**

ଝାରସୁଗୁଡ଼ା ସହର ମଙ୍ଗଳ ବଜାରସ୍ଥିତ ପୁରୁଣା ହସ୍ପିଟାଲକୁ ଅର୍ବାନ ସିଏଚ୍‌ସି ଘୋଷଣା ଦାବି ନେଇ ଜିଲା ଭାଜପା ପକ୍ଷରୁ ଶୁକ୍ରବାରଠାରୁ ଏହି ହସ୍ପିଟାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଧାରଣା ଆରମ୍ଭ ହୋଇଛି । ଉକ୍ତ ହସ୍‌ପିଟାଲରେ ୫୦ ଶଯ୍ୟା ବ୍ୟବସ୍ଥା, ଅତିରିକ୍ତ ରୋଗୀ ସେବା ଏବଂ ରୋଗୀମାନଙ୍କ ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି ।


ଭାଜପା କାର୍ଯ୍ୟକର୍ତ୍ତା ଧାରଣା ଦେଇଛନ୍ତି ।

# କୃଷି ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ପାଳିତ

**ଲଇକେରା,୧୩ା୩ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କୁଲେମୁରା ପଞ୍ଚାୟତ କୁଲେମୁରା ଗ୍ରାମର ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ଲଇକେରା କୃଷି ବିଭାଗ ତରଫରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ଝରଣା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଝାରସୁଗୁଡ଼ା ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ଶତପଥୀ, ଜିଲା କୃଷି ଅଧିକାରୀ ବଳବୀର ସିଂ, ଝାରସୁଗୁଡ଼ା ବ୍ଲକ କୃଷି ଅଧିକାରୀ ପ୍ରଭାସ ପଟେଲ, ଲଇକେରା ବ୍ଲକ କୃଷି ଅଧିକାରୀ ରାମନାରାୟଣ ନାୟକ, ଲଇକେରା ସହକାରୀ କୃଷି ଅଧିକାରୀ ନୀଳମାଧବ ନାଏକ,କୃଷି ଅଧିଦର୍ଶକ ଧ୍ରୁବଚରଣ ମେହେର, ସହକାରୀ କୃଷି ଅଧିକାରୀ ଲଖନପୁର ସୀମା ଟେଟେ ପ୍ରମୁଖ ଯୋଗଦେଇଥିଲେ। ଧାଡି ଧାନ ବୁଣା, ଧାଡି ଧାନ ରୁଆ ସହିତ କିପରି ଧାନ ଫସଲରେ ସାର, କୀଟନାଶକ ଔଷଧ ବ୍ୟବହାର କରିବାର ପ୍ରଣାଳୀ ଓ ସରକାରଙ୍କ ପକ୍ଷରୁ ଦିଆଯାଉଥିବା କୃଷି ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଚାଷୀମାନେ ଧାନଚାଷ ପରେ ଜମିକୁ ପଡିଆ ନ ପକେଇ ତୈଳବୀଜ ଫସଲ ସହ ପନିପରିବା ଚାଷ କରିବାକୁ କୃଷି ଅଧିକାରୀମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। କୃଷି ଅଧିଦର୍ଶକ ଚୂଡାମଣି ମହାନନ୍ଦିଆ, ଗ୍ରାମ୍ୟ କୃଷି କର୍ମଚାରୀ ଲିପସା ନାଏକ, ସସ୍ମିତା କୁଅଁରଙ୍କ ସମେତ କୃଷକ ସାଥୀ ସରୋଜ ପଟେଲ, ଅଶ୍ୱିନୀ ବୁଦୁଲା, ଲୀଳା ସାଗର ବାଗ ସହଯୋଗ କରିଥିଲେ। କୁଲେମୁରା, ମୁଦ୍ରାଜୋର, ଗମ୍ଭାରୀଗୁଡା, ଗୌରିବୁଡ, ଖୁଣ୍ଟାମାଲ, ସୁଡୁଙ୍ଗ, ସାହାସପୁର ଆଦି ଗ୍ରାମରୁ ଶତାଧିକ ମହିଳା ପୁରୁଷ ଚାଷୀ ଯୋଗଦେଇଥିଲେ।



କ୍ଷେତ୍ର ଦିବସ ସଭାରେ ଯୋଗଦେଇଥିବା କୃଷି ଅଧିକାରୀମାନେ।

# ସିଜିଏମ୍ ଅଫିସ୍ ସମ୍ମୁଖରେ ଶ୍ରମିକଙ୍କ ଆନ୍ଦୋଳନ

**ଲଖନପୁର,୧୩ା୩(ଡି.ଏନ୍.ଏ.)**

**ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରରେ କୋଇଲା ଉତ୍ପାଦନ ପାଇଁ ନିୟୋଜିତ ହୋଇଛି ଭିଏଫ୍‌ପିଏଲ୍ ଜେଭି କମ୍ପାନୀ ନାମକ ଠିକାସଂସ୍ଥା । ଏହି ଠିକାସଂସ୍ଥା କେନ୍ଦ୍ର ସରକାରଙ୍କ ହାଇପାୱାର୍ କମିଟି ଏଗ୍ରୀମେଣ୍ଟ(ଏଚ୍‌ପିସି)ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଶ୍ରମିକଙ୍କୁ ଶୋଷଣ କରି ଚାଲିଛି। ଏନେଇ ଶ୍ରମିକମାନେ ନିଜର ହକ୍‌ପାଇଁ ମୁହଁ ଖୋଲିଲେ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇ ବିଭିନ୍ନ ନିର୍ଯାତନା ଦିଆଯାଉଛି। ଏଭଳି ଅଭିଯୋଗ ଆଣିଛନ୍ତି ଠିକାସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନେ। ଅସନ୍ତୋଷ ଶ୍ରମିକ ଏକତ୍ରିତ ହୋଇ ଠିକା ସଂସ୍ଥା ବିରୋଧରେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଲଖନପୁର ସିଜିଏମ୍ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଏଥିରେ ଶ୍ରମିକନେତା ଅନିତ ଚକ୍ରବର୍ତ୍ତୀ,ରମେଶ ତ୍ରିପାଠୀ, ସଞ୍ଜୟ ମିଶ୍ର, ଜିତେନ୍ଦ୍ର ମହାକୁଡ, ଦେବେନ୍ଦ୍ର ଭୋଇ, ଚିତ୍ରସେନ୍ ଭୋଇ ପ୍ରମୁଖ ଏମ୍‌ସିଏଲ୍ ଓ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ବର୍ଷିଥିଲେ। ଶେଷରେ ପୋଲିସ ଉପସ୍ଥିତିରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କୁ ନେଇ ସିଜିଏମ୍‌ଙ୍କ ଅଫିସ୍‌ରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଆସନ୍ତା ୨୦ତାରିଖ ମଧ୍ୟରେ ଏହି ବିବାଦର ସମାଧାନ କରାଯିବ ବୋଲି ସିଜିଏମ୍ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ସିଜିଏମ୍‌ଙ୍କ ଅଫିସ୍ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ରେଙ୍ଗାଲିରେ ବିଜୁ ଜୟନ୍ତୀ ପାଳିତ**

# ସରକାରୀ ଯୋଜନା,ଦଳୀୟ ସଙ୍ଗଠନକୁ ଗୁରୁତ୍ୱ

**ରେଙ୍ଗାଲି/ସମ୍ବଲପୁର,୧୩ା୩ (ଡି.ଏନ.ଏ./ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ରହିଛି। ସମସ୍ତ ଯୋଜନାର ଲାଭ ଯେଭଳି ଉଚିତ ଲୋକମାନେ ଉଠାଇ ପାରିବେ ସେନେଇ ଦଳୀୟ କର୍ମକର୍ତ୍ତାମାନେ କାମ କରିବାକୁ ହେବ ବୋଲି ଦେବଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନିକାନ୍ତ ପ୍ରଧାନ କହିଛନ୍ତି। ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଶୁକ୍ରବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ରେଙ୍ଗାଲି ଖେଳପଡିଆରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ରମେଶ ପଟୁଆ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଯୁବନେତା ଶୈଳେଶ ଦାନୀ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଭାପତି ଦାସ କହିଥିଲେ, କର୍ମକର୍ତ୍ତାମାନଙ୍କ ମନରେ ଦଳୀୟ ବିରୋଧ ନାହିଁ। କିଛି ଭୁଲ ବୁଝାମଣା ଥାଇ ପାରେ ଯାହା ଏବେ ଦୂର ହୋଇଯାଇଛି। ଯଦି ଆମେ ଏବେଠୁ 'ମୋ ସରକାର' ଭଳି 'ମୋ ଦଳ' ଭାବେ କାମ କରିବା ସଙ୍ଗଠନ ଆହୁରି ମଜଭୁତ ହେବ। ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନକଉଡା ବ୍ଲକ ସଭାପତି ରଜନୀ ସାହୁ, ଗାନ୍ଧୀ ବେହେରା, ଫଣୀନ୍ଦ୍ର ପଟ୍ଟନାୟକ, ପ୍ରକାଶ ପୋଦ୍ଦାର, ଗୋପାଳ ଅଗ୍ରୱାଲ, ଶଶିଭୂଷଣ ସାହୁ, କବିରାଜ ବଢେଇ, ରେଙ୍ଗାଲି ବ୍ଲକ ମହିଳା ବିଜେଡି ସଭାପତି ସନ୍ତୋଷିନୀ ନାଏକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଜୁ ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥିମାନେ।

**DECLARATION**

Due to death of Swapneswar Mishra & retirement of Shyam Sundar Mishra & Tukunu Mishra, The new Partners of Siddhi Binayak Rice Mill At- Apamara, Dist- Bolangir, Odisha - 767029 are
1. Anita Mishra, W/o- Swapneswar Mishra
2. Sitaram Mishra, S/o- Chhala Mishra
3. Sanjay Kumar Mishra, S/o- Lingaraj Mishra

# ଭିସୁଟ୍‌ରେ ତେଜସ୍ ୨.୦ ଉଦ୍‌ଯାପିତ


ଜିଲାପାଳ ଶୁଭମ ସକସେନା ଭିସୁଟରେ ତେଜସ ୨.୦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୧୩ା୩ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ବାର୍ଷିକ ଟେକ୍‌ନିକାଲ ଫେଷ୍ଟ ସମାବେଶ ଓ ଆର୍କିଟେକ୍ଚରାଲ ଏକ୍ସପୋଜନ ତେଜସ୍ ୨.୦ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଶୁଭମ ସକସେନା ଉଦ୍‌ଘାଟନ କରିଥିଲେ। ସମ୍ମାନିୟ ଅତିଥିଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ଯୋଗଦେଇଥିଲେ। ଆର୍କିଟେକଚର୍ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ଘର ଏହି ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଛାତ୍ର କଲ୍ୟାଣ ପ୍ରଫେସର ସୁଧାଂଶୁ ଶେଖର ଦାଶ, ଆର୍କିଟେକ୍‌ଚର୍ ବିଭାଗ ମୁଖ୍ୟ ଡ. ଭାରତୀ ପଣ୍ଡା ଓ ଟେକ୍‌ନିକାଲ ସୋସାଇଟି ଉପସଭାପତି ଡ. ହରିଶ ସାହୁ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବେଙ୍ଗାଲୁରର ପ୍ରସିଦ୍ଧ ଆର୍କିଟେକ୍ଟ କ୍ରିଷ୍ଣାରାଓ ଜୈସିମ୍ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଳା ଓ କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ଛାତ୍ରୀଛାତ୍ର ଡାଲମିଆ ସିମେଣ୍ଟ ଫ୍ୟୁଚର ବୁଢେ ଆୱାର୍ଡରେ ଏହି ଗ୍ରୀନ୍ କୋଠାର କୌଶଳଙ୍କୁ ଛାତ୍ରୀଛାତ୍ର ପ୍ରଦର୍ଶିତ କରିଥିଲେ। ମହାନଦୀ କୋଲଫିଲ୍ଡସ ଲିମିଟେଡ ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ରହିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୪୯ ନମ୍ବର ଜାତୀୟ ରାଜପଥ ଶୋଚନୀୟ

## ନିର୍ମାଣକାରୀ ସଂସ୍ଥା ବିରୋଧରେ କଂଗ୍ରେସର ଏତଲା

**ଦେବଗଡ଼,୧୩ା୩(ଡି.ଏନ.ଏ)**

ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ୪୯ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଦେବଗଡ଼ ଥାନାରେ ଶୁକ୍ରବାର ଏକ ଏତଲା ଦିଆଯାଇଛି। ଅଭିଯୋଗ ମୁତାବକ, ଏନ୍‌ଏଚ୍‌ଏଆଇ ବିଭାଗର ଅବହେଳା ଏବଂ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଦେବଗଡ଼ ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇଛି। ଫଳରେ ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ୪୯ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟରେ ନିୟୋଜିତ ନିର୍ମାଣକାରୀ ସଂସ୍ଥା ନିମ୍ନମାନର କାର୍ଯ୍ୟ କରିବା ସହ ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥର ସଦ୍‌ବିନିଯୋଗ କରି ନ ଥିବା ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ମହିଳା ସଭାନେତ୍ରୀ ମଞ୍ଜୁଲତା ନାୟକ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ସୁଶୀଲ କୁମାର ନାୟକ, ସୁବାସ ଚନ୍ଦ୍ର ଭୋଇ, କ୍ଷୀତିଶ କୁମାର ପ୍ରଧାନ, ବିକାଶ ଖଡିରତ୍ନ, ପଞ୍ଚୁ ବରାଇ, ଶମ୍ଭୁ ଶେଖର ପ୍ରଧାନ, ଯିଶୁ କ୍ରିଷ୍ଣ ସାହୁ, ରାକେଶ ବେହେରା, ଦୀପକ କୁମାର ଦାସ, ଗୀତାଞ୍ଜଳି ସାହୁ, ସବିତା ନାୟକ, ପୁଷ୍ପା ବେହେରା, ଜ୍ୟୋତି ଦେହୁରୀ ପ୍ରମୁଖ ଦେବଗଡ଼ ଥାନାରେ ପହଞ୍ଚି ନିର୍ମାଣକାରୀ ସଂସ୍ଥା ବିରୋଧରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗ ପତ୍ରରେ ନିର୍ମାଣକାରୀ ସଂସ୍ଥା ଉଦ୍ଦେଶ୍ୟମୂଳକ ଭାବେ ରାସ୍ତା ମରାମତି କରୁ ନ ଥିବା ଦର୍ଶାଯାଇଛି। ଦଳ ପକ୍ଷରୁ ଗତ ଡିସେମ୍ବର ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ୭ଦିନ ମଧ୍ୟରେ ଜାତୀୟ ରାଜପଥ ମରାମତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘଟଣାର ୩ ମାସ ପରେ ମଧ୍ୟ ରାସ୍ତା ମରାମତି କାର୍ଯ୍ୟ କରାଯାଇନାହିଁ। ଏଭଳି ସ୍ଥିତିରେ ରାସ୍ତାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଅନ୍ୟପକ୍ଷେ ଗୁରୁବାର ସନ୍ଧ୍ୟାରେ ଉକ୍ତ ରାସ୍ତାରେ ଏକ ଟ୍ରକ ଚାପାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।


ଜିଲା କଂଗ୍ରେସ ପକ୍ଷରୁ ଏତଲା ପ୍ରଦାନ କରିବାକୁ ଆସିଥିବା ନେତା ଓ କର୍ମୀ।

**OFFICE OF THE DISTRICT PROJECT COORDINATOR**
**RTE-SS, SUBARNAPUR**
E-mail : dpcsonepurssa.opepa@nic.in, Ph.- 06654-220551, 06654-220514 (Fax)
ଶିକ୍ଷା ଅଧିକାର
No.537 Date: 12.03.2020
**"TENDER CALL NOTICE FOR PRINTING OF TEACHER'S IDENTITY CARD FOR ALL GOVT. ELEMENTARY TEACHERS OF SUBARNAPUR DISTRICT"**
Sealed tenders are invited in prescribed format from the registered firms having GST and IT clearance certificate for printing and supply of approximately 2827 numbers of teachers identity card for Subarnapur District. Interested printers/traders will be submitted their paper by Registered Post or Speed Post only to District Project Coordinator, RTE-SS, Subarnapur on or before 30.03.2020 by 5.00 P.M. Details terms and conditions can be downloaded from the official website www.subarnapur.nic.in and www.opepa.nic.in
By Order of Collector and Chairman, RTE-SS, Subarnapur
Sd./- District Project Coordinator, RTE-SS, Subarnapur

ନଂ.: ଆଇଟିବିପି/୩୩ତମ ବିଏନ୍/ଇଏସ୍‌ଟିଟି-୨/ସିଟି(ଜିଡି) ବାଳ ଗୋପାଳ ଶବର/୧୯-
**କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ**
**୩୩ତମ ବାଟାଲିୟନ୍, ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ**
**ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)**
ବ୍ଲକ୍-ଏ/୧୪, ୬ଷ୍ଠ ମହଲା, ଗେମ୍ ଭିଲେଜ୍ ଗୁଆହାଟୀ (ଆସାମ)
ଇମେଲ୍-itcell33rdbnitbp.gov.in, ଫାକ୍ସ ନଂ.: ୦୩୬୧୨୩୧୧୩୨୨

**"ନୋଟିସ"**

ଯେହେତୁ, ଆପଣ, ୩୩ତମ ବାଟାଲିୟନ୍ ଆଇଟିବି ପୋଲିସର ନଂ.୧୩୦୫୦୨୦୨୨ ସିଟି(ଜିଡି) ବାଳ ଗୋପାଳ ଶବର, ପିତା ଶ୍ରୀ ସାକିନ ଶବର, ଗ୍ରାମ/ପୋଷ୍ଟ- ସିଲଭା, ତହସିଲ- କୋମନା, ଜିଲ୍ଲା- ନୂଆପଡ଼ା, ରାଜ୍ୟ- ଓଡ଼ିଶା, ପିନ୍-୭୬୬୧୦୫ଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଆପଣ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ବିନା ତା୨୭।୦୯।୧୯ରିଖ (ଅପରାହ୍ନ)ଠାରୁ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଛନ୍ତି । ତାଙ୍କୁ ତା୨୮।୦୯।୧୯ରିଖଠାରୁ ବଳରୁ "ପଳାତକ" ଭାବେ ଘୋଷଣା କରାଯାଇଛି। ତାଙ୍କ ଅଣ ଅଧିକୃତ ଅନୁପସ୍ଥିତି ତାରିଖ ହେଉଛି ତା୨୭।୦୯।୧୯ରିଖ (ଅପରାହ୍ନ)। ଏହି କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୮୨୩ ତାରିଖ ୨୮।୦୨।୨୦୨୦ ଜରିଆରେ ଏବେ ତାଙ୍କୁ ସେବାରୁ ବହିଷ୍କାର କରାଯିବାର ପ୍ରସ୍ତାବ ରହିଛି ।
୨. ତେଣୁ, ନଂ. ୧୩୦୫୦୨୦୨୨ ସିଟି(ଜିଡି) ବାଳ ଗୋପାଳ ଶବର, ପିତା ଶ୍ରୀ ସାକିନ ଶବରଙ୍କୁ ଏହି ନୋଟିସ ମାଧ୍ୟମରେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ବ୍ୟକ୍ତିଗତ ଭାବେ କମାଣ୍ଡାଣ୍ଟ, ୩୩ତମ ବାଟାଲିୟନ୍, ଆଇଟିବି ପୋଲିସଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି ଅନ୍ୟଥା ଏହା ବିବେଚନା କରାଯିବ ଯେ ସେ ଆଇଟିବି ପୋଲିସ ବଳରେ ସେବା କରିବା ଲାଗି ଇଚ୍ଛୁକ ନୁହନ୍ତି ଏବଂ ସେହି ଅନୁଯାୟୀ ଏହି ୟୁନିଟ୍ ଦ୍ୱାରା ତାଙ୍କୁ ସେବାରୁ "ବହିଷ୍କାର" କରାଯିବା ପାଇଁ ଆଦେଶ ଜାରି କରାଯିବ।
davp 19112/11/0472/1920 ସ୍ୱା./- କମାଣ୍ଡାଣ୍ଟ, ୩୩ତମ ବିଏନ୍, ଆଇଟିବି ପୋଲିସ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ବାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ବାମୀ ନିଗମାନନ୍ଦ

**ସଂକ୍ଷେପରେ**

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

**ରାଜଗାଙ୍ଗପୁର,୧୩।୩ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ବିଜୁ ଏକ୍ସପ୍ରେସ ୱେ ଜାମପାଲି ବାଇପାସ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ଏକ ଟ୍ରାକ୍ଟର (ଓଡି ୧୪ ସି- ୫୨୦୫) କୁ ଗୋଟିଏ ଡମ୍ପର (ଓଆର ୧୬ ଡି- ୪୬୭୬) ଧକ୍କା ଦେଇଛି। ଫଳରେ ଟ୍ରାକ୍ଟରର ହେଲପର ଜଗଦୀଶ ତିଗା (୨୭)ଙ୍କ ମୃତ୍ୟୁ ଘଟିଛି। ଟ୍ରାକ୍ଟର ଡ୍ରାଇଭର ପ୍ରତାପ ବିଲୁଙ୍ଗ (୪୦) ଏବଂ ସୁଲେମାନ ତିଗା (୨୪) ଗୁରୁତର ଆହତ ହୋଇଛନ୍ତି। ଏ ଦୁହେଁ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ଏମାନେ ସମସ୍ତେ ମାଲିଡିହି ଖଡିଆଟୋଲିର ବୋଲି ଜଣାପଡିଛି। ରାଜଗାଙ୍ଗପୁର ଥାନା ପୋଲିସ ଟ୍ରାକ୍ଟର ଓ ଡମ୍ପର ଜବତ କରିଛି। ମୃତକ ଜଗଦୀଶଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସୁନ୍ଦରଗଡ଼ ପ୍ରତି ଅବହେଳା କରାଯାଉଛି

**ରାଉରକେଲା ଅଫିସ,୧୩।୩**

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଷ୍ଟିଲସିଟି ରାଉରକେଲା ଅବହେଳାର ଶିକାର ହୋଇଛି। ସୁନ୍ଦରଗଡ ଜଲାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିପୁଳ ରାଜସ୍ୱ ପାଉଛନ୍ତି। ହେଲେ ଜିଲାର ଉନ୍ନତି ନେଇ ଚିନ୍ତା କରୁ ନହାନ୍ତି। ରାଜ୍ୟର ଅନେକ ସ୍ଥାନରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ନେଇ ପଦକ୍ଷେପ ନିଆଯାଉଛି। କିନ୍ତୁ ଏହି ଜିଲା ସର୍ବଦା ଅବହେଳାର ଶିକାର ହେଉଛି। ଏହି ଜିଲା ପ୍ରତି ଦୃଷ୍ଟି ଦେଉ ନାହାନ୍ତି ରାଜ୍ୟ ସରକାର। ଦୀର୍ଘ ଦିନ ହେବ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି ହୋଇ ଆସୁଛି। ଏହାକୁ ସରକାର କର୍ଣ୍ଣପାତ କରୁ ନାହାନ୍ତି। ପାନପୋଷ ସ୍ୱୟଂଶାସିତ ମହାବିଦ୍ୟାୟଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ମିଳିତ ଛାତ୍ର କ୍ରିୟାନୁଷ୍ଠାନ କମିଟି ଦାବି କରି ଆସୁଛି। ଏହାକୁ ନେଇ ଅନେକ ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବି ପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ସମାବେଶ ମାଧ୍ୟମରେ ଛାତ୍ରୀଛାତ୍ର ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତଥାପି ସରକାର ନିଦା ବିଷ୍ଣୁ ସାଜିଛନ୍ତି। ଶୁକ୍ରବାର କଂଗ୍ରେସ ନେତୃମଣ୍ଡଳୀଙ୍କ ସହଯୋଗରେ କ୍ରିୟାନୁଷ୍ଠାନ କମିଟି ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରିଛି। ଏକ ଶୋଭାଯାତ୍ରାରେ ଏମାନେ ଉଦିତନଗରର ସୁବାଶ ପାର୍କ ନିକଟରୁ ବାହାରି ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। କଂଗ୍ରେସ ନେତୃମଣ୍ଡଳୀ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ନେଇ ବର୍ଷି ଥିଲେ। ପାନପୋଷ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତୁରନ୍ତ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦିଆଯାଉ। ଏହାର ନିଜସ୍ୱ ୩୫ ଏକର ଜାଗା ରହିଛି। ଏଠାରେ ୫ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୭ଟି ବିଭାଗରେ ସ୍ନାତୋକୋତର ଶ୍ରେଣୀ ରହିଛି। ୩ଟିରେ ଏମ୍‌ଫିଲ ବ୍ୟବସ୍ଥା ରହିଛି। ଏହାକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଗଲେ ଛାତ୍ରୀଛାତ୍ରଙ୍କୁ ଖର୍ଚ୍ଚାନ୍ତ ହୋଇ ୨ଶହ କି.ମି. ସମ୍ବଲପୁର ଯିବାକୁ ପଡିବ ନାହିଁ। ଛୋଟ ଛୋଟ ମହାବିଦ୍ୟାଳୟକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ କରିବାକୁ ଚାହୁଁଛନ୍ତି। ପାନପୋଷ ସ୍ୱୟଂଶାସିତ ମହାବିଦ୍ୟାଳୟ କେଉଁ ଗୁଣରେ କମ୍ ବୋଲି ପ୍ରଶ୍ନ କରାଯାଇଛି। ସେହିଭଳି ଜିଲାର ଶିକ୍ଷା ଭିତ୍ତିଭୂମି ସୁଦୃଢ ନେଇ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିହାତି ଆବଶ୍ୟକ ବୋଲି ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଯୁକ୍ତି ବାଢିଛନ୍ତି। ଏହା ଦ୍ୱାରା ଦଳିତ ଆଦିବାସୀ ତଥା ଗରିବ ଶ୍ରେଣୀର ବହୁ ଛାତ୍ରୀଛାତ୍ର ଉପକୃତ ହେବେ। ଶିକ୍ଷାର ପ୍ରଗତି ହେଲେ ଜଲାର ସାମଗ୍ରିକ ଉତ୍‌ଥାନ ଘଟିବ। ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ହେବ ବୋଲି କହିଛନ୍ତି। ସୁନ୍ଦରଗଡ ଜିଲାବାସୀଙ୍କ ଅନ୍ୟ ଏକ ଦାବି ହେଉଛି ସୁପର ସ୍ପେସିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ। ଏ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ଯୋସେଫ ତିର୍କୀ, ପ୍ରଶାନ୍ତ ସେଠୀ, ରୋସିତ ବିଲୁଙ୍ଗ, ଅନୀଲ ଗୁରୁଙ୍ଗ, ଅନୀଲ ଖେସ, ସୁବାଶ ଯୋଯୋ, ଦିଲ୍ଲୀପ ତିର୍କୀ, କିରନ ଖାଲକୋ. ଆସବିନ ବାଗେ, ନେହା ବାରା ଓ ପ୍ରିୟଙ୍କା ଭୂମିଜ ପ୍ରମୁଖ ପ୍ରଶାସନକୁ ଏକ ଦାବିପତ୍ର ଦେଇଥିଲେ।



ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶୀଘ୍ର ଲୋଡିଂ ସାଇଡିଂ ଖୋଲ

**ଲହୁଣୀପଡା, ୧୩।୩ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ପଞ୍ଚାୟତ ଗଗନାପୋଷରେ ଜେଏସ୍‌ଡବ୍ଲୁ ପକ୍ଷରୁ ରେଲୱେ ସାଇଡିଂ ଖୋଲିବ। ହେଲେ ଏଥିରେ ବିଳମ୍ବ ନ କରି ଶିଘ୍ର ଖୋଲିବା ସହ ସ୍ଥାନୀୟ ଆଦିବାସୀ ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉ। ଶୁକ୍ରବାର ଏଠାରେ ଅନୁଷ୍ଠିତ ଏକ ବିରାଟ ଜନସଭାରେ ସିଟୁ ନେତା ଏହି ଦାବି କରିଛନ୍ତି। ଯଦି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆ ନ ଯାଏ ତେବେ ଏହା ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷେ ପେଶା ଆଇନ ନାମରେ ଯେପରି ବିଭ୍ରାନ୍ତି ସୃଷ୍ଟି କରାଯାଉଛି ତାହାକୁ ଏହି ସଭାରେ ଦୃଢ଼ ନିନ୍ଦା କରାଯାଇଛି।

ଏହି ଜନସଭାରେ ଚୋରଧରା ପଞ୍ଚାୟତର ସରପଞ୍ଚ ମିଖେଲ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଶ୍ରମିକ ନେତା ସାଥି ଆନନ୍ଦ ମାସି ହର, ଅଭୟ ଚୌଧୁରୀ, ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତ, ସରପଞ୍ଚ ଅନୀଲ ବାର୍ଲା, ସମିତି ସଭ୍ୟ ମନୋଜ ପୂର୍ତ୍ତି, କରମପାଲ ସିଂ, କୋଇଡା ଆଞ୍ଚଳିକ କମିଟି ସମ୍ପାଦକ ଲିଲିମୋହନ ଗୋପ, ଲହୁଣୀପଡା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୁର ମାହାନ୍ତ, ସ୍ଥାନୀୟ ଆଦିବାସୀ ନେତା ସାଥି ସୁଶିଲ ମୁଣ୍ଡା, ପ୍ରଧାନ ମୁଣ୍ଡା, କହ୍ନେଇ ମାହାନ୍ତ, ବାସିଲା ମୁଣ୍ଡା, ଶାନ୍ତି ହାରୋ, ମାଲିନସନ୍ଧ୍ୟା ମୁଣ୍ଡା, ତୁରି ମୁଣ୍ଡା, ନିରାଲ ତିଲୁୟେ ଏବଂ ବେରେଲ ମୁଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।


ସିଟୁ ପକ୍ଷରୁ ଅନୁଷ୍ଠିତ ଜନ ସଭାରେ ଯୋଗ ଦେଇଥିବା ସ୍ଥାନୀୟ ଅଞ୍ଚଳବାସୀ।

## ମଦ କାରବାରରେ ୯ ଗିରଫ

**ରାଉରକେଲା ଅଫିସ,୧୩। ୩**

ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ଓ ରାଉରକେଲା ଅବକାରୀ ପୋଲିସ ମିଳିତ ଭାବେ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ଚୋରା ମଦ ଧରପଗଡ କରିଛି। ସହରର ଚୌଧୁରୀ ପେଟ୍ରୋଲ ପମ୍ପ ଅଞ୍ଚଳର ନିଜୁ ସାହୁ, ଅଙ୍କୁରପାଲ୍ଲୀର ଧନଞ୍ଜୟ ସାହୁ, କାଳିଛପର ଅଞ୍ଚଳରୁ ବିଶାଲ ଓରାମ, ବାଗବୁଡିରୁ ମଣିରାମ ଭୂମିଜ, ଗାନ୍ଧିରୋଡ ଅଞ୍ଚଳର ମହାବୀର ନାୟକଙ୍କ ସମେତ ୯ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ୩୦୮ ଲିଟର ଚୋରା ମହୁଲି ମଦ ସହ ୩ଟି ମୋଟର ସାଇକେଲ ଜବତ କରିଛି। ଏଥିରେ ରାଉରକେଲା ଇନ୍ସପେକ୍ଟର ଶଶିକାନ୍ତ ଦତ୍ତ, ଅବକାରୀ ଗୁଇନ୍ଦା ବିଭାଗ ସମ୍ବଲପୁର ଇନ୍ସପେକ୍ଟର ଶ୍ରୁତିକାନ୍ତ ରାଉତ, ପାନପୋଷ ଅବକାରୀ ସବ୍‌ଇନ୍ସପେକ୍ଟର ଅବନୀ ମହାପାତ୍ର, ପ୍ରମୋଦ ଚୌଧୁରୀ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ହେମଗିରରେ ଅଭିଜ୍ଞ ଡାକ୍ତର, ନର୍ସ ନିଯୁକ୍ତି ଦିଅ

**ସୁନ୍ଦରଗଡ, ୧୩।୩ (ଡି.ଏନ୍.ଏ.)**

ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଜ୍ଞ ଡାକ୍ତର ଓ ନର୍ସ ନିଯୁକ୍ତି ଦାବି କରି ଶୁକ୍ରବାର ହେମଗିର ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ସରୋଜ କୁମାର ମିଶ୍ରଙ୍କୁ ଭେଟିଛନ୍ତି। ମଞ୍ଚ କର୍ମକର୍ତ୍ତା ଅରୁଣ ପ୍ରଧାନ, ସୁବୋଧ କୁମାର ସା, ସରପଞ୍ଚ ଶକୁନ୍ତଳା ମାଝି, ହିମାଂଶୁ ଶେଖର ଷଡଙ୍ଗୀ, ସୁଶାନ୍ତ ପଟ୍ଟନାୟକ, ସୁନୀଲ ମହାନନ୍ଦିଆ, ସନ୍ତୋଷ ସିଂ, ଶ୍ରୀନିବାସ ଶତପଥୀ, ମହେଶ ତନ୍ତୀ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋଇଲା ପାଇଁ ଏହି ବ୍ଲକରୁ ସରକାର ଅଧିକ ରାଜସ୍ୱ ପାଉଛନ୍ତି। ହେଲେ ଏହି ବ୍ଲକର ଅଧିବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬ ଡାକ୍ତର ପଦବୀ ରହିଛି। ଏଥି ମଧ୍ୟରୁ ୪ଜଣ ବିଶେଷଜ୍ଞ ଡାକ୍ତର ରହିବା ନିୟମ ଅଛି। ହେଲେ ଏଠାରେ ଜଣେ ମାତ୍ର ଡାକ୍ତର ରହିଛନ୍ତି, ଫଳରେ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ ବୋଲି ଏମାନେ ସିଡିଏମ୍‌ଓଙ୍କ ଦୃଷ୍ଟିକୁ ଆଣିଛନ୍ତି। ତେବେ ଅଭିଯୋଗ ଓ ଦାବି ଶୁଣିଲା ପରେ ଏ ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି ସିଡିଏମଓ ଏହି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି।


ସିଡିଏମ୍‌ଓଙ୍କ ସହ ଆଲୋଚନା ଚାଲିଛି।

# ସ୍ୱେରେଜ ଲାଇନ କାମ ତ୍ୱରାନ୍ୱିତ କରାଯାଉ

**ରାଉରକେଲା ଅଫିସ, ୧୩। ୩**

ରାଉରକେଲା ସହରରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ପାଇପ୍ ବିଛା କାର୍ଯ୍ୟ ମନ୍ଥରଗତିରେ ଚାଲିଛି। ଏଥିରେ ଦୁର୍ନୀତି କରାଯାଉଛି। ଶୁକ୍ରବାର ଓଡିଶା ଜଳ ଯୋଗାଣ ଓ ସ୍ୱରେଜ ବୋର୍ଡ ସଭ୍ୟ ସଚିବ ଇଞ୍ଜିନିୟର ଦ୍ୱୀପାୟନ ପଟ୍ଟନାୟକଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ପ୍ରତିନିଧି ଦଳ ତାଙ୍କୁ ଭେଟି ଏହି ଅଭିଯୋଗ କରିଛନ୍ତି। କାମ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେବା ଲାଗି ବୀରେନ ସେନାପତି, ରାମାନନ୍ଦ ଶ୍ରୀଚନ୍ଦନ, ବିନୋଦ ରାଉତ, କୀର୍ତ୍ତନ ଦାସ, ବିଜୟ ଆପଟ, ସରୋଜ ମହାନ୍ତି ଓ ରତିକାନ୍ତ ମଲ୍ଲିକ ପ୍ରମୁଖ ପଟ୍ଟନାୟକଙ୍କ ନିକଟରେ ଦାବି କରିଛନ୍ତି।


ସ୍ୱରେଜ ଲାଇନ କାମ ତ୍ୱରାନ୍ୱିତ କରିବାକୁ ଆଲୋଚନା ଚାଲିଛି।

# ମଝାପଡ଼ାକୁ ହରାଇ ବଡ଼ପତ୍ରାପାଲି ଚାମ୍ପିୟନ

**ସୁନ୍ଦରଗଡ,୧୩।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସଦର ବ୍ଲକ ଅଧୀନ ଲେଡିମଙ୍ଗରେ ଏନଏଲଏଫସି କ୍ଲବ୍ ଦ୍ୱାରା ଆୟୋଜିତ ପଞ୍ଚ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମଝାପଡ଼ା ଓ ବନପତ୍ରାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମଝାପଡାକୁ ବନପତ୍ରାପାଲି ହରାଇ ଚାମ୍ପିୟନ ହୋଇଛି। ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯୋଗ ଦେଇଥିଲେ। ଚମ୍ପିୟନ ବଡପତ୍ରାପାଲି ଦଳକୁ ଟ୍ରଫି ସହ ୧୪ହଜାର ଟଙ୍କା ଓ ଉପବିଜେତା ମଝାପଡା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ପଞ୍ଚା ବାର୍ଲା, ସୁନୀଲ ମହାପାତ୍ର, ରଞ୍ଜିତ ରଣା ଓ ଲେଡି ମଙ୍ଗର ପୂର୍ବତନ ସରପଞ୍ଚ ଅନିରୁଦ୍ଧ ଠେମରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


ଅତିଥିଙ୍କ ସହ ଖେଳାଳି।

# ସ୍ୱାଭିମାନୀ ହେଲେ ଭାଷା ବଞ୍ଚିବ

**ରାଉରକେଲା ଅଫିସ, ୧୩।୩**

ସାହିତ୍ୟାନୁଷ୍ଠାନ ପ୍ରଗତି ଉତ୍କଳ ସଂଘ, ଓଡ଼ିଆ ଭାଷା ବିକାଶ ମଞ୍ଚ ମିଳିତ ଆନୁକୂଲ୍ୟରେ ଓଡିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇ ଯାଇଛି। ମଞ୍ଚ ଆବାହକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହର ପ୍ରଶାସନ ବିଭାଗ ମହାପ୍ରବନ୍ଧକ ଅଜୟ ନାୟକ ମୁଖ୍ୟଅତିଥି, ଡିଏଭି ମହିଳା ମହାବିଦ୍ୟାଳୟ ଓଡିଆ ଅଧ୍ୟାପିକା ମହେଶ୍ୱତା ସାହୁ ମୁଖ୍ୟବକ୍ତା, କବି ରାଜୀବ ପାଣି ସମ୍ମାନୀତ ବକ୍ତା ଓ ସମ୍ମାନୀତ ଅତିଥି ଭାବେ ସଂଘ ସଂପାଦକ ରାଧାମୋହନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାପାତ୍ର ଓଡିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନର ତାତ୍ପର୍ଯ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସରକାର ଓଡିଆକୁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଆବଶ୍ୟକ ପଦକ୍ଷେପ ସହ ଦଣ୍ଡ ବିଧାନକୁ କାର୍ଯ୍ୟକ୍ଷମ କରାଯାଇନି। ଏଣୁ ଭାଷାର ବ୍ୟବହାର ବ୍ୟାପକତା ହୋଇ ପାରୁ ନ ଥିବା ସେ କହିଥିଲେ। ମୁଖ୍ୟ ଅତିଥି ନାୟକ କହିଲେ ଭାଷା ବଞ୍ଚାଇବାକୁ ହେଲେ ସ୍ୱାଭିମାନୀ ହେବାକୁ ପଡିବ। କାହା ଉପରେ ଭରସା ନ କରି ନିଜ ପାଖରୁ ଆରମ୍ଭ କଲେ ତାହା ସୁଦୂରପ୍ରସାରୀ ହେବ । ସମସ୍ତଙ୍କୁ ଏଥିପାଇଁ ସହଯୋଗର ହାତ ବଢାଇବାକୁ ନାୟକ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସାହୁ କହିଲେ ଭାଷା ହେଉଛି ବଳିଷ୍ଠ ସଂକେତ। ଯାହାର ଭାଷା ଯେତେ ସମୃଦ୍ଧ, ତାହାର ସଂସ୍କୃତି ସେତେ ସମୃଦ୍ଧ। ଓଡିଆ ଭାଷା ସ୍ୱର, ଧ୍ୱନୀ ଧର୍ମୀ ଭାଷା। ଆମ ଭିତରେ ଭାଷା ପ୍ରୀତିର ଅବକ୍ଷୟ ଘଟୁଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ଭାଷାକୁ ବଞ୍ଚାଇବାକୁ ହେଲେ ଏହାର ବ୍ୟବହାର ସହ ପ୍ରଚଳନ କରାଇବାକୁ ପଡିବ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ପାଣି କହିଥିଲେ ଯେ ଭାଷା ହେଉଛି ପ୍ରବାହମାନ ସ୍ରୋତ। ଏହା ସହ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବା ପାଇଁ କେଉଁ ମାପଦଣ୍ଡ ଅଛି ତାହା ସେ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ନାୟକ କହିଲେ ପରିବାର ଭିତରେ ଭାଷା ପ୍ରତି ପରିବେଶ ସୃଷ୍ଟି କରିବାକୁ ପଡିବ। ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଦରକାର। ଶେଷରେ ଲକ୍ଷ୍ମଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ ବଳ, ପ୍ରଫୁଲ୍ଲ ସାମଲ, ଅରବିନ୍ଦ ପାତ୍ର, କୁଞ୍ଜବିହାରୀ ରାଉତ, ଈଶ୍ୱର ମେହେର, ଅକ୍ଷୟ ଜେନା, ଅଭିରାମ ପ୍ରଧାନ, ବବିତା ମହାପାତ୍ର, ବିଜୟ ରାୟ, ପ୍ରହଲ୍ଲାଦ ଦାସ, ଧନଞ୍ଜୟ ମଲ୍ଲିକ, ବିଭୁ ନାୟକ, ଗୀତାଞ୍ଜଳି ପାତ୍ର ଓ ଭଗବାନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

# ତାଡିଲେ କଣ୍ଟ୍ରୋଲ ଡିଲର

**ରାଉରକେଲା ଅଫିସ, ୧୩।୩**

ସାଧାରଣ ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଷ୍ଟିଲ ସିଟିର ୭୬ଜଣ କଣ୍ଟ୍ରୋଲ ଡିଲରଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ଏମାନଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏହାକୁ ନେଇ ଡିଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଡିଲରମାନେ ଏବେ ଆଇନର ଦ୍ୱାରସ୍ଥ ହେବାକୁ ଧମକ ଦେଇଛନ୍ତି। ଶୁକ୍ରବାର ଏ ନେଇ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଅଭିଯୋଗ ହୋଇଛି ଯେ, ବିନା କାରଣରେ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଦୀର୍ଘ ୩୦/୪୦ବର୍ଷ ଧରି ଏମାନେ ସରକାରଙ୍କ ଖାଉଟି ସାମଗ୍ରୀ ବାଣ୍ଟି ଆସୁଥିଲେ। ହେଲେ ହଠାତ ଏଭଳି ପଦକ୍ଷେପ ସେମାନଙ୍କୁ ଚକିତ କରିଛି। ଅତି ଶୃଙ୍ଖଳିତ ଭାବେ ଯେଉଁମାନେ ରିଟେଲ ସପ ଚଳାଇ ଆସୁଥିଲେ ସେମାନଙ୍କୁ ଅବ୍ୟାହତି ଦେବା ଆଦୌ ଠିକ ହୋଇ ନାହିଁ। ଏବେ ସେମାନଙ୍କ ପରିବାର କେମିତି ଚଳିବେ ତାହା ସେମାନେ ଭାବୁଛନ୍ତି। ନବୀକରଣ ନାଁରେ ସେମାନଙ୍କୁ କାଗଜ ପତ୍ର ମଗା ଗଲା। ଉପଯୁକ୍ତ ଫି ସହ ସେମାନେ ସମସ୍ତ ଡକ୍ୟୁମେଣ୍ଟ ଦେଲେ। କିନ୍ତୁ କିଛି ନ ଜଣାଇ ଗୁରୁବାର ସନ୍ଧ୍ୟାରେ ୭୬ ରିଟେଲସପ ଲାଇସେନ୍ସ ରଦ୍ଦ କରାଯାଇଛି। ଏହା କିଭଳି ପଦକ୍ଷେପ ବୋଲି ପ୍ରଶ୍ନ କରିଛନ୍ତି ଡିଲର। ସ୍ୱୟଂ ସହାୟକ ଗୋଷ୍ଠୀକୁ ଦୋକାନ ହସ୍ତାନ୍ତର କରିବା ନିଶାରେ ସରକାର ସେମାନଙ୍କ ପେଟକୁ ଲାତ ମାରିବା ଠିକ୍ ହୋଇ ନାହିଁ ବୋଲି ସଂଘ ସାଧାରଣ ସଂପାଦକ ଦଉହରି ସାମଲ ଆପତ୍ତି ଉଠାଇଛନ୍ତି।


ଯୋଗାଣ ଅଫିସ ଆଗରେ ଡିଲରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।